# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୨/୨୦୨୦ (୧୬ପୃଷ୍ଠା) | Sambalpur, Friday, October 2/2020 | ★★

୧୬ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ରକୁଲଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ**

ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରୀତ ସିଂହଙ୍କ ଏକ ଡ୍ୟାନ୍ସ ଭିଡିଓ ଭରାଇରାଲ ହେବା ସହ ୧ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ୧୪

୧୬ **ପ୍ଲିସ୍କୋଭାଙ୍କୁ ହରାଇଲେ ଓଷ୍ଟାପେଙ୍କୋ**

ଦ୍ୱିତୀୟ ସିଡ୍ କାରୋଲିନା ପ୍ଲିସ୍କୋଭାଙ୍କୁ ହରାଇ ଜେଲେନା ଓଷ୍ଟାପେଙ୍କୋ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।





ମହାମାନବ ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ଶ୍ରଦ୍ଧାଞ୍ଜଳି।

## ଉପନିର୍ବାଚନ: ୧୦୦ଜଣଙ୍କୁ ନେଇ ସମାବେଶ ଅନୁମତି

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

**ଅକ୍ଟୋବର ପାଇଁ ଗାଇଡ୍‌ଲାଇନ**

- ସାମାଜିକ, ରାଜନୈତିକ, ସାଂସ୍କୃତିକ, ଧାର୍ମିକ ସମାବେଶ ଉପରେ କଟକଣା ବଳବତ୍ତର
- ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ

ରାଜ୍ୟରେ କୋଭିଡ୍ ସଂକ୍ରମଣ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସି ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗୁରୁବାର ଅକ୍ଟୋବର ପାଇଁ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୩୧ ଯାଏ ରାଜ୍ୟରେ ମଠ ମନ୍ଦିର, ସିନେମା ହଲ୍, ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଆସନ୍ତା ନଭେମ୍ବର ୩ ତାରିଖରେ ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ଥିବାରୁ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ସେହି ନିର୍ବାଚନ ମଣ୍ଡଳୀଗୁଡ଼ିକରେ ସର୍ବାଧିକ ୧୦୦ ଜଣଙ୍କୁ ନେଇ ସମାବେଶ କରିବାକୁ ଅନୁମତି ଦିଆଯାଇଛି। ତେବେ ଏହି ସମୟ ମଧ୍ୟରେ ଅନ୍ୟାନ୍ୟ ଅଞ୍ଚଳରେ ସାମାଜିକ, ରାଜନୈତିକ, ଧାର୍ମିକ, ସାଂସ୍କୃତିକ ସମାବେସ ଉପରେ କଟକଣା ବଳବତ୍ତର ରହିଛି।

ସଂକ୍ରମିତ ଅଞ୍ଚଳରେ ☞ପୃଷ୍ଠା-୪

## ଜମି ଲାଗି ଅଟକିଛି ମଡର୍ନ ବସ୍ ପୋର୍ଟ

**ଭୁବନେଶ୍ୱର, ୧।୧୦(ବ୍ୟୁରୋ)**



- ୨୦୧୮ ଡିସେମ୍ବର ୨ରେ କେନ୍ଦ୍ରରୁ ମିଳିଥିଲା ପ୍ରକଳ୍ପ ପାଇଁ ନିର୍ଦ୍ଦେଶ
- ଅଡୁଆ କଲା ଜମି ପରିମାଣ
- ରେଲୱେକୁ ଦିଆଯାଇଛି ଚିହ୍ନଟ ଜମିର ଅଧା ଅଂଶ
- ଫେରାଇବାକୁ ସରକାରଙ୍କୁ ଚିଠି

ଓଡ଼ିଶାରେ ମଡର୍ନ ବସ୍ ପୋର୍ଟ ହେବାରେ ଏବେ ଜମି ଅଧିଗ୍ରହଣ ବାଧକ ସାଜିଛି। କେନ୍ଦ୍ର ସରକାରଙ୍କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୮ ଡିସେମ୍ବର ୨ରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ମଡର୍ନ(ଅତ୍ୟାଧୁନିକ) ବସ୍ ପୋର୍ଟ ନିର୍ମାଣ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ଗାଇଡ୍‌ଲାଇନ ମଧ୍ୟ ଜାରି କରାଯାଇସାରିଛି। ଅତ୍ୟଧିକ ଯାନବାହନ ଚଳାଚଳଜନିତ ପ୍ରଦୂଷଣ ରୋକିବା ଲାଗି ସାଧାରଣ ପରିବହନକୁ ପ୍ରୋତ୍ସାହନ ଦେବା ସକାଶେ କେନ୍ଦ୍ର ସରକାର ଏଭଳି ପ୍ରଚେଷ୍ଟା କରିଥିଲେ। ଏହି ବସ୍ ପୋର୍ଟ ନିର୍ମାଣ ଲାଗି ୪୨ ଏକର ପଡ଼ିଆ କିମ୍ବା ଆଗରୁ କୌଣସି କାର୍ଯ୍ୟରେ ବ୍ୟବହୃତ ଜମି ନେବା ଲାଗି କୁହାଯାଇଥିଲା। ମାତ୍ର ଜମି ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକୁ ଓଡ଼ିଶାରେ ବନ୍ଦ ରଖାଯାଇଛି। ଗୋଟିଏ ଥର ରାଜ୍ୟ ପକ୍ଷରୁ ଜମିର ତଥ୍ୟ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିଲା। ସେଥିରେ ରାଜ୍ୟ ସରକାର ଜମିର ଭୁଲ୍ ତଥ୍ୟ ଦେଇଥିବା କାରଣରୁ ଏହି କାର୍ଯ୍ୟ ଏ ଯାଏ ବନ୍ଦ ରହିଛି। ଏବେ ରାଜ୍ୟ ସରକାର ତୁରନ୍ତ ଜମି ଯୋଗାଡ଼କରି କେନ୍ଦ୍ରକୁ ତଥ୍ୟ ଦେବା ଲାଗି ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ପରିବହନ ମନ୍ତ୍ରଣାଳୟର ପ୍ରସ୍ତାବ ମୁତାବକ କଟକ ଜିଲା ଗୋପାଳପୁରଠାରେ ଏକ ବସ୍ ପୋର୍ଟ(ପଡ଼ିଆ ଜମି) ଗଠନ ହେବା ଲାଗି ସ୍ଥିର କରାଯାଇଛି। ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାର ଜମି ଦେବେ ଏବଂ ଏଥିଲାଗି ଖର୍ଚ୍ଚ ହେବାକୁ ଥିବା ଅଂଶ କେନ୍ଦ୍ର ସରକାର ବହନ କରିବା ବ୍ୟବସ୍ଥା ରହିଛି। ଏଥିପାଇଁ ଆବଶ୍ୟକ ଅର୍ଥ କେତେକ ଘରୋଇ ସଂସ୍ଥା (ଯେଉଁମାନେ ବସ୍ ପୋର୍ଟରେ ବ୍ୟବସାୟ କରିବେ)ଙ୍କ ନିକଟରୁ ଆଦାୟ ହେବାର ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପରେ ଆନୁମାନିକ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣେ ପରିବହନ ଅଧିକାରୀ ସୂଚନା ଦେଇଛନ୍ତି। ଏହାସହ ବହୁ ସୁବିଧା ଏହି ବସ୍ ପୋର୍ଟରେ ରହିବ। ସେଠାରେ ହୋଟେଲ, ଉଚ୍ଚକୋଟିର ଶୌଚାଳୟ, ଯାତ୍ରୀମାନେ ☞ପୃଷ୍ଠା-୪

## ପିଏନ୍‌ବିରେ ୧,୨୦୩ କୋଟିର ଋଣ ଠକେଇ

- ଠକେଇରେ ସିନ୍‌ଟେକ୍ସ ଇଣ୍ଡଷ୍ଟ୍ରିଜ ସାମିଲ
- ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୬ ହଜାର କୋଟି ପ୍ରଭାବ ପଡ଼ିବ

**ନୂଆଦିଲ୍ଲୀ,୧।୧୦:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରେ ୧୨୦୩ କୋଟି ଟଙ୍କାର ଠକେଇ ମାମଲା ସାମ୍ନାକୁ ଆସିଛି। ସିନ୍‌ଟେକ୍ସ ଇଣ୍ଡଷ୍ଟ୍ରିଜ ଏଭଳି ବେଆଇନ କାର୍ଯ୍ୟରେ ସାମିଲ ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାମଲାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପ୍ରାୟ ୬ ହଜାର କୋଟି ଟଙ୍କା କ୍ଷତି ସହିବେ ବୋଲି ଅନ୍ୟ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଅହମ୍ମଦାବାଦସ୍ଥିତ ପିଏନ୍‌ବିର ଜୋନାଲ ଅଫିସ କର୍ପୋରେଟ ଶାଖାରେ ଏଭଳି ଠକେଇ ସାମ୍ନାକୁ ଆସିଛି। ଅନ୍ୟ ଏକ ରିପୋର୍ଟ ମୁତାବକ, ପିଏନ୍‌ବି ବାଦ୍ ବ୍ୟାଙ୍କ ଅଫ୍ ବରୋଦା ସିନ୍‌ଟେକ୍ସକୁ ୬୪୯ କୋଟିର ଋଣ ପ୍ରଦାନ କରିଛି। ସେହିଭଳି ଦେନା ବ୍ୟାଙ୍କ ଏବଂ ☞ପୃଷ୍ଠା-୪

## ୧୧ ପଇସା କମିଲା ଡିଜେଲ



**ଭୁବନେଶ୍ୱର,୧।୧୦:** ଡିଜେଲ ଦରରେ ହ୍ରାସ ଧାରା ଲାଗି ରହିଛି। ଗୁରୁବାର ଭୁବନେଶ୍ୱରରେ ଏହା ୧୧ ପଇସା କମି ଲିଟର ପିଛା ଦର ୭୬.୭୫ ଟଙ୍କାକୁ ଖସିଛି। ଏଠାରେ ଗତ କିଛିଦିନ ହେବ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ମେଟ୍ରୋ ସହରଗୁଡିକରେ ଗୁରୁବାର ଡିଜେଲ ୧୧ ପଇସା କମିଥିବା ନଜରକୁ ଆସିଛି। ନୂଆଦିଲ୍ଲୀରେ ଡିଜେଲ ୭୦.୫୩ ଟଙ୍କା ଥିବା ବେଳେ ଚେନ୍ନାଇରେ ୭୫.୯୯ ଟଙ୍କା, କୋଲକାତାରେ ୭୪.୦୪ ଟଙ୍କା ଏବଂ ମୁମ୍ବାଇରେ ୭୬.୯୩ ଟଙ୍କା ରହିଛି। ସେହିଭଳି ଏହି ସହରଗୁଡିକରେ ପେଟ୍ରୋଲ ଅପରିବର୍ତ୍ତିତ ରହିଥିବା ବେଳେ ଦର ଯଥାକ୍ରମେ ୮୧.୦୬ ଟଙ୍କା, ୮୪.୧୪ ଟଙ୍କା, ୮୨.୫୯ ଟଙ୍କା ଏବଂ ୮୭.୭୪ ଟଙ୍କା ଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଘେରିଲେ ବିରୋଧୀ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**



- ମଧ୍ୟବିତ୍ତ ଶ୍ରେଣୀ ଉପରେ ବୋଝ: କଂଗ୍ରେସ
- ବିତରଣ କମ୍ପାନୀ ଉପରେ ବକେୟା ଥାଇ ଗରିବଙ୍କୁ ଶୋଷଣ: ଭାଜପା
- କେନ୍ଦ୍ର ପେଟ୍ରୋଲ, ଡିଜେଲ ଦର କମ୍ କରୁ: ବିଜେଡି

ବିଧାନସଭା ମୌସୁମୀ ଅଧିବେଶନର ଗୁରୁବାର ତୃତୀୟ ଦିବସରେ ବିଦ୍ୟୁତ୍ ଦର ବୃଦ୍ଧି ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ଗୃହରେ ବିଦ୍ୟୁତ୍ ବିଲ୍ ସମ୍ପର୍କିତ ମୁଲତବୀ ନୋଟିସର ଆଲୋଚନା ବେଳେ ବିରୋଧୀ ରାଜ୍ୟ ସରକାରଙ୍କୁ ଘେରିଥିଲେ। ୟୁନିଟ୍ ପିଛା ୨୦ ପଇସା ଦରବୃଦ୍ଧି ନେଇ ଓଇଆର୍‌ସିର ନିଷ୍ପତ୍ତିକୁ ଉଭୟ ଭାଜପା ଓ କଂଗ୍ରେସ ନିନ୍ଦା କରିବା ସହ କୋଭିଡ୍ ସମୟରେ ଏହା ରାଜ୍ୟବାସୀଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ବୋଲି କହିଥିଲେ। ବିଜୁଳି ଦର ବଢିବା ସପକ୍ଷରେ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଯୁକ୍ତି ରଖୁଥିବାବେଳେ ଭାଜପା ଏହାକୁ ଜନସ୍ୱାର୍ଥ ବିରୋଧୀ ବୋଲି କହିଥିଲା। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

ଶକ୍ତିମନ୍ତ୍ରୀ ନିଜ ବିବୃତିରେ କହିଥିଲେ, ସବୁ କ୍ଷେତ୍ରରେ ବହୁ ତର୍ଜମା ପରେ ଦୀର୍ଘ ୭ବର୍ଷ ପରେ ଦରବୃଦ୍ଧି କରାଯାଇଛି। ୨୦୧୩-୧୪ରେ ଶେଷଥର ପାଇଁ ବିଦ୍ୟୁତ୍ ଦର ବୃଦ୍ଧି ହୋଇଥିଲା। କୃଷକ ଓ ବିପିଏଲ୍ ପରିବାର ପାଇଁ ଏହି ଦରବୃଦ୍ଧି ହୋଇନାହିଁ। ମାସିକ ୫୦ୟୁନିଟରୁ ଅଧିକ ଖର୍ଚ୍ଚ କରୁଥିବା ଉପଭୋକ୍ତାମାନେ ବର୍ଦ୍ଧିତ ଦର ଦେବେ। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ରାଜ୍ୟ ଅପେକ୍ଷା ଆମର ଦର କମ୍ ରହିଛି। ଏହି ଅବସରରେ ମନ୍ତ୍ରୀ କେନ୍ଦ୍ରୀୟ ସଂସ୍ଥା ଏନ୍‌ଟିପିସି, ଏନ୍‌ଏଚ୍‌ପିସି, ପିଜିସିଆଇଏଲ୍ ☞ପୃଷ୍ଠା-୪

## ଓଡ଼ିଶାରେ ଜିଏସ୍‌ଟି ଆଦାୟ ୧୮% ବଢ଼ିଲା

**ନୂଆଦିଲ୍ଲୀ,୧।୧୦**




ଚଳିତ ବର୍ଷ ସେପ୍ଟେମ୍ବରରେ ଓଡ଼ିଶାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ୧୮% ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ବର୍ଷ ସେପ୍ଟେମ୍ବରରେ ରାଜ୍ୟରେ ୨୦୧୫ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ସମାନ ମାସରେ ଏହା ୨୩୮୪ କୋଟି ଟଙ୍କା ରହିଛି। ସେହିଭଳି ସାରା ଦେଶର ଜିଏସ୍‌ଟି ସଂଗ୍ରହ ସେପ୍ଟେମ୍ବର ମାସରେ ୪% ବଢ଼ି ୯୫,୪୮୦ କୋଟି ଟଙ୍କା ରହିଛି। ୨୦୧୯ ସେପ୍ଟେମ୍ବରରେ ୯୧,୯୧୬ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିବାକୁ ସରକାର ସକ୍ଷମ ହୋଇଥିଲେ। ଅର୍ଥ ମନ୍ତ୍ରଣାଳୟ ସୂଚନା ମୁତାବକ, ସେପ୍ଟେମ୍ବରରେ ଆଦାୟ ହୋଇଥିବା ମୋଟ ଜିଏସ୍‌ଟି ମଧ୍ୟରେ ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ବାବଦକୁ ୨୩,୧୧୩ କୋଟି, କେନ୍ଦ୍ର ଜିଏସ୍‌ଟି (ସିଜିଏସ୍‌ଟି)ବାବଦକୁ ୧୭,୭୪୧ କୋଟି ଏବଂ ୪୭,୪୮୪ କୋଟି ସମନ୍ୱିତ ଜିଏସ୍‌ଟି(ଆଇଜିଏସ୍‌ଟି) ଏବଂ ୭,୧୨୪ କୋଟି ଟଙ୍କାର ସେସ୍ ସାମିଲ ରହିଥିବା ଜଣାପଡିଛି। ସରକାର ଏପ୍ରିଲରେ ୩୨,୧୭୨ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିଥିଲେ। ସେହିଭଳି ମେ'ରେ ୬୨,୧୫୧ କୋଟି, ଜୁନରେ ୯୦,୯୧୭ କୋଟି, ଜୁଲାଇରେ ୮୭,୪୨୨ କୋଟି ଏବଂ ଅଗଷ୍ଟରେ ୮୬,୪୪୯ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଛି।

## ଇ-ଫାଇଲିଂ ସହ ଏଣିକି ଅନ୍‌ଲାଇନ୍‌ରେ କୋର୍ଟ ଫି'

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

**ପାରିତ ହେଲା ନ୍ୟାୟାଳୟ ଫି' ବିଲ୍**

କୋଭିଡ୍-୧୯ ମହାମାରୀ ସମୟରେ ନ୍ୟାୟିକ ପ୍ରକ୍ରିୟା ଯେପରି ସୁଚାରୁ ରୂପେ ଚାଲିପାରିବ ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଣିଥିବା ନ୍ୟାୟାଳୟ-ଫି'(ଓଡ଼ିଶା ସଂଶୋଧନ) ବିଧେୟକ ୨୦୨୦ ଗୁରୁବାର ବିଧାନସଭାରେ ପାରିତ ହୋଇଛି। ଗୃହର ବହୁମତରେ ଏହି ବିଲ୍ ପାରିତ ହୋଇଥିଲା। ବର୍ତ୍ତମାନ ସମୟରେ କୋଭିଡ୍-୧୯ ଯୋଗୁ ରାଜ୍ୟର ଉଚ୍ଚ ନ୍ୟାୟାଳୟ ଓ ଅଧସ୍ତନ ନ୍ୟାୟାଳୟଗୁଡ଼ିକରେ କଟକଣା ସହ ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟ କାର୍ଯ୍ୟ ସମ୍ପାଦନ ହେଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଉଥିବା ସାମାଜିକ ଦୂରତ୍ୱ ମାର୍ଗଦର୍ଶିକା ଅନୁସାରେ ଉଚ୍ଚ ନ୍ୟାୟାଳୟରେ ମାମଲାଗୁଡ଼ିକୁ ଇ-ଫାଇଲିଂ ଜରିଆରେ ଦାଏର କରିବା ପାଇଁ ଅନୁମତି ଦେଇଛନ୍ତି। ତେବେ ଇ-ଫାଇଲିଂ ସହ ଇ-ପେମେଣ୍ଟ ମାଧ୍ୟମରେ କୋର୍ଟ ଫି' ପ୍ରଦାନ କରାଯିବା ଜରୁରୀ ହୋଇଥିବାରୁ ଏହି ବିଲ୍ ଅଣାଯାଇଥିବା ଗୃହରେ ବିବୃତି ରଖି ଆଇନ୍ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ।

କୋର୍ଟ ଫି' ଅଧିନିୟମ ୧୮୭୦ର ବ୍ୟବସ୍ଥା ଅନୁସାରେ କେବଳ କୋର୍ଟ ଫି' ଷ୍ଟାମ୍ପ ଦ୍ୱାରା ହିଁ ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲା, ଯାହାକି କରୋନା ସମୟରେ ବିଶେଷ ସମସ୍ୟା ସୃଷ୍ଟି କରୁଥିଲା। ଏହାକୁ ଦୃଷ୍ଟିରେ ରଖି କୋର୍ଟ ଫିସ୍ ଅଧିନିୟମ ୧୮୭୦କୁ ଉପଯୁକ୍ତ ସଂଶୋଧନ କରାଯାଇଛି। ଏହି ସଂଶୋଧନ ଫଳରେ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ମାମଲା ଦାଏର(ଇ-ଫାଇଲିଂ) କରାଯାଇପାରିବ। ସେହିଭଳି ସମ୍ପ୍ରତି ପ୍ରଚଳିତ ଥିବା କୋର୍ଟ ଫି' ଷ୍ଟାମ୍ପ ସହିତ ଇଲେକ୍ଟ୍ରୋନିକ୍ ପଦ୍ଧତି(ଇ-ପେମେଣ୍ଟ) ବା ଅନ୍‌ଲାଇନରେ ମାଧ୍ୟମରେ କୋର୍ଟ ଫି' ପ୍ରଦାନ ଏବଂ ଫେରସ୍ତ ମଧ୍ୟ କରାଯାଇପାରିବ। ଏହାଦ୍ୱାରା ଆଗାମୀଦିନରେ ମାମଲାରେ ସମ୍ପୃକ୍ତ ବ୍ୟକ୍ତିମାନେ ନ୍ୟାୟିକ ପ୍ରକ୍ରିୟାର ସୁଲଭ ଉପଯୋଗ କରିପାରିବେ ବୋଲି ମନ୍ତ୍ରୀ କହିଥିଲେ।

**ଆଜିର ସମ୍ପାଦକୀୟ**

**ପରାଜୟ ମଧ୍ୟରେ ବିଜୟ**

## ୧୩ ଜିଲାରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

**ଲଘୁଚାପ**

- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ଲଗାଣ ବର୍ଷା ଜାରି

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ଗୁରୁବାର ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୬ ତାରିଖ ଯାଏ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଏବଂ କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୩ ତାରିଖରୁ ବର୍ଷା ପରିମାଣ ଆହୁରି ବୃଦ୍ଧି ପାଇବା ସମ୍ଭାବନା ରହିଛି। ୩ ତାରିଖରେ କେନ୍ଦୁଝର, ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ସୁବର୍ଣ୍ଣପୁର, ଢେଙ୍କାନାଳ ଏବଂ କଟକ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିଦିନ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଖୋର୍ଦ୍ଧା ଏବଂ ପୁରୀ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୪ ତାରିଖରେ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ନବରଙ୍ଗପୁର ଓ ରାୟଗଡ଼ା ଏବଂ ୫ ତାରିଖରେ ବରଗଡ଼, ନୂଆପଡ଼ା, ନବରଙ୍ଗପୁର, ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ସବୁ ଜିଲାପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ଖାଲୁଆ ଅଞ୍ଚଳରେ ପାଣି ଜମି ରହିବା ସହିତ କେତେକ ସ୍ଥାନରେ ଯାତାୟାତରେ ବାଧା ଉପୁଜିବା ସମ୍ଭାବନା ରହିଛି।

ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ୫ ତାରିଖ ଯାଏ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ପରିସ୍ଥିତି ଉପରେ ନଜର ରଖିବାକୁ ଜିଲାପାଳମାନଙ୍କୁ ଗୁରୁବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ୬୦.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୧୮.୬, ପାରାଦୀପ ୨୬.୩, ଭୁବନେଶ୍ୱର ୩୧.୬. ଗୋପାଳପୁର ୫୮.୮, ପୁରୀ ୨୮.୬, ଅନୁଗୋଳ ୭୯.୪, ବାରିପଦା ୪୧.୬, ଝାରସୁଗୁଡ଼ା ୧୨.୪. କେନ୍ଦୁଝର ୩୮.୩, ସମ୍ବଲପୁର ୧୩.୭, ହୀରାକୁଦ ୧୩.୨, ତାଳଚେର ୭୩, ଭବାନୀପାଟଣା ୨୬.୨, ବଲାଙ୍ଗୀର ୧୩.୪, ଫୁଲବାଣୀ ୩୭, ସୋନପୁର ୫୦.୪, ଦାରିଙ୍ଗବାଡି ୨୮, ବୌଦ୍ଧ ୪୧ ଏବଂ ଛତ୍ରପୁରରେ ୩୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




**ଭାଜପା ନେତା ଗିରଫ**

ଆସାମରେ ପୋଲିସ ବିଭାଗ ପକ୍ଷରୁ କରାଯାଇଥିବା ଏସ୍ଆଇ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏଥିରେ ଭାଜପା ନେତା ଦିବାନ ଡେକାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ପ୍ରମାଣିତ ହେବାପରେ ତାଙ୍କୁ ଗିରଫ କରାଯାଇଛି। ଦିବାନ ଫେରାର ହୋଇଯାଇଥିଲେ। ତାଙ୍କୁ ଧରାଇଦେଲେ ଏକ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି ଆସାମ ପୋଲିସ ପକ୍ଷରୁ ଘୋଷଣା କରାଯାଇଥିଲା। ରାଜ୍ୟର ଖାଲିଥିବା ୫୮୭ ଏସ୍ଆଇ ପଦବୀ ପାଇଁ ପରୀକ୍ଷା ହେବାର ଥିଲା।


ହାଥ୍ରସ ଯିବା ବାଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ପୋଲିସ ଗିରଫ କରିବା ପ୍ରତିବାଦରେ କଂଗ୍ରେସ କର୍ମକର୍ତ୍ତାମାନେ ନୂଆଦିଲ୍ଲୀରେ ପୋଡ଼ାଜଳା କରୁଛନ୍ତି।


ହାଥ୍ରସ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଲକ୍ଷ୍ନୌରେ ସମାଜବାଦୀ ପାର୍ଟିର କର୍ମକର୍ତ୍ତାମାନେ ବିକ୍ଷୋଭ କରୁଥିବାବେଳେ ପୋଲିସର ଲାଠିଚାର୍ଜ।

# ପୋଲିସ ଠେଲାପେଲାରେ ତଳେ ପଡ଼ିଲେ ରାହୁଲ

- ହାଥ୍ରାସ୍ ଗଣବଳାତ୍କାର ପୀଡ଼ିତାଙ୍କ ପରିବାରକୁ ଭେଟିବାକୁ ସୁଯୋଗ ଦେଲାନାହିଁ ପୋଲିସ
- ଅଧାବାଟରୁ ରାହୁଲ, ପ୍ରିୟଙ୍କାଙ୍କୁ ଫେରାଇଦେଲା
- ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ବିରୋଧୀଙ୍କ ନିନ୍ଦା

**ନୂଆଦିଲ୍ଲୀ, ୧।୧୦**



ଉତ୍ତରପ୍ରଦେଶ ହାଥ୍ରାସରେ ହୋଇଥିବା ଗଣବଳାତ୍କାର ଘଟଣାର ପୀଡ଼ିତାଙ୍କ ପରିବାରକୁ ଭେଟିବାକୁ ଯାଉଥିବା କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ଏବଂ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଅଧାବାଟରେ ଫେରିବାକୁ ପଡ଼ିଛି। ରାହୁଲ୍ ଏବଂ ପ୍ରିୟଙ୍କା ନିଜର ଦଳୀୟ କର୍ମୀଙ୍କ ସହ ଦିଲ୍ଲୀ-ନଏଡ଼ା ମୁଖ୍ୟରାସ୍ତାରେ ହାଥ୍ରାସ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ବଡ଼ ଜନସମାଗମଭଳି ପରିସ୍ଥିତି ସୃଷ୍ଟି କରିବା ଅଭିଯୋଗରେ ପୋଲିସ ଉଭୟଙ୍କୁ ନିଜ ହେପାଜତକୁ ନେଇଥିଲା। ଫଳରେ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଉଭୟ ରାହୁଲ କିମ୍ବା ପ୍ରିୟଙ୍କା ଭେଟି ପାରି ନାହାନ୍ତି। ଅପରପକ୍ଷରେ ପୋଲିସ ଅଟକାଇବା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରି କି ଠେଲାପେଲାରେ ରାହୁଲ ତଳେ ପଡ଼ିଯାଇଥିଲେ। ଉତ୍ତରପ୍ରଦେଶ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ରାହୁଲ୍ଙ୍କୁ ଜାଣିଶୁଣି ଧକ୍କା ମାରି ତଳେ ପକାଇ ଦେଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ରାହୁଲ ଏବଂ ପ୍ରିୟଙ୍କାଙ୍କ ପ୍ରତି ପୋଲିସର ଏଭଳି ବ୍ୟବହାରକୁ ନେଇ ଅନ୍ୟ ବିରୋଧୀଦଳଗୁଡ଼ିକ ମଧ ଯୋଗୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ବିଏସ୍ପି ନେତ୍ରୀ ମାୟାବତୀ ଏବଂ ଟିଏମ୍ସି ନେତ୍ରୀ ମମତା ବାନାର୍ଜୀ ଏଭଳି ଘଟଣାକୁ ତୀବ୍ର ସମାଲୋଚନା କରିଛନ୍ତି।

ଗୁରୁବାର ରାହୁଲ୍ ଏବଂ ତାଙ୍କ ଭଉଣୀ ପ୍ରିୟଙ୍କା ହାଥ୍ରାସ ଯାଉଥିଲେ। ତେବେ ସେଠାରେ କୌଣସି ପ୍ରକାର ଜନସମାଗମ ଏବଂ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ପୋଲିସ ଉଭୟଙ୍କ ଗାଡ଼ିକୁ ଅଧା ବାଟରେ ଅଟକାଇଥିଲା। ପରେ ଉଭୟ ରାହୁଲ୍ ଏବଂ ପ୍ରିୟଙ୍କା ଚାଲିଚାଲି ପୀଡ଼ିତାଙ୍କ ପରିବାରକୁ ଭେଟିବାକୁ ବାହାରିଥିଲେ। ଅଧାବାଟରେ ପୋଲିସ ସେମାନଙ୍କୁ ଅଟକାଇବାରୁ ପୀଡ଼ିତାଙ୍କ ପରିବାରକୁ ସେ ଏକା ଭେଟିବାକୁ ଚାହୁଁଛନ୍ତି ବୋଲି ରାହୁଲ୍ ପୋଲିସକୁ କହିଥିଲେ। ହେଲେ ପୋଲିସ କିଛି ଶୁଣି ନ ଥିଲା। ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଠେଲାପେଲାରେ ରାହୁଲ୍ ତଳେ ପଡ଼ିଯାଇଥିଲେ। ଏପରି କି ପ୍ରିୟଙ୍କାଙ୍କୁ ମଧ୍ୟ ଠେଲାପେଲା କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପୋଲିସ ରାହୁଲ୍ ଏବଂ ପ୍ରିୟଙ୍କାଙ୍କୁ କିଛି ସମୟ ଅଟକ ରଖି ନୂଆଦିଲ୍ଲୀ ଫେରାଇ ଦେଇଥିଲା। କଂଗ୍ରେସ ନେତା ରଣଦୀପ ସୁର୍ଜେଓ୍ୱାଲା ପୋଲିସର ଏଭଳି ଅମାନବୀୟ କାର୍ଯ୍ୟକୁ ନିନ୍ଦା କରିବା ସହ ରାହୁଲ ଏବଂ ପ୍ରିୟଙ୍କା ଏକାକୀ ଚାଲିକି ଯିବାକୁ କହିବା ପରେ ଯୋଗୀ ଆଦିତ୍ୟନାଥ କାହିଁକି ଡରିଗଲେ ବୋଲି ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, ଗତ ୧୪ତାରିଖରେ ଜଣେ ଯୁବତୀ ତାଙ୍କ ମା'ଙ୍କ ସହ ବିଲକୁ ଯାଉଥିବାବେଳେ ୪ଜଣ ଯୁବକ ଉକ୍ତ ଯୁବତୀଙ୍କୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ। ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲ୍ରେ ଭର୍ତ୍ତି କରାଯାଇଥିଲା। ପରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଗତ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ପୀଡ଼ିତାଙ୍କ ମୃତ୍ୟୁ ପରେ ବିଳମ୍ବିତ ରାତିରେ ପୋଲିସ ଯେଉଁଭଳି ତରବରିଆ ଭାବେ ଅନ୍ତିମ ସଂସ୍କାର କରିଲା ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୩ଜଣିଆ ଏସ୍ଆଇଟି ଗଠନ କରିଛନ୍ତି। ଏପରି କି ପୀଡ଼ିତାଙ୍କ ପରିବାର ସହ ଫୋନ ଯୋଗେ ଆଲୋଚନା କରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

## ୧୪୪ ଧାରା ସହ ସୀମା ସିଲ୍

**ଲକ୍ଷ୍ନୌ,୧।୧୦**

ଉତ୍ତରପ୍ରଦେଶର ହାଥ୍ରସ ଅନ୍ତର୍ଗତ ବୁଲଗଡ଼ି ଗ୍ରାମରେ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଗଣବଳାତ୍କାର ଓ ଆକ୍ରମଣର ଶିକାର ହୋଇ ଜଣେ ଦଳିତ ମହିଳା ପ୍ରାଣ ହରାଇବା ପରେ ଏହାକୁ ନେଇ ରାଜନୀତି ତେଜିବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ ପରିସ୍ଥିତିକୁ ଦେଖି ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। କୌଣସି ବାହାର ଲୋକ, ମିଡିଆ ପ୍ରତିନିଧିଙ୍କୁ ମଧ ସେଠାକୁ ଛଡ଼ାଯାଉନାହିଁ।

ଏହି ଘଟଣାର ତଦନ୍ତ ଲାଗି ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଉକ୍ତ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜିଲା ମାଜିଷ୍ଟ୍ରେଟ ପ୍ରବୀଣ ଲକ୍ଷକର କହିଛନ୍ତି। ସେମାନେ ମୃତ ମହିଳାଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ରେକର୍ଡ କରୁଛନ୍ତି। ଏ ସମୟରେ କୌଣସି ବିଶୃଙ୍ଖଳା କରାଯିବା ଠିକ୍ ନୁହେଁ ଓ ତଦନ୍ତ କାର୍ଯ୍ୟ ଭଲରେ ହେବା ଉଚିତ ବୋଲି ସେ ମତ ଦେଇଛନ୍ତି। ତେଣୁ ବାହାର ଲୋକଙ୍କ ଯିବା ଆସିବା ଉପରେ କଟକଣା ଲଗାଯାଇଥିବା ସେ ପ୍ରକାଶ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସେଠାକୁ ଯିବା ଖବର ତାଙ୍କ ପାଖରେ ନ ଥିବା ଜିଲା ମାଜିଷ୍ଟ୍ରେଟ କହିଛନ୍ତି।

## 'ହାଥ୍ରସ ମହିଳାଙ୍କୁ ବଳାତ୍କାର କରାଯାଇନି'

**ଲକ୍ଷ୍ନୌ,୧।୧୦**


ପ୍ରଶାନ୍ତ କୁମାର

ଉତ୍ତରପ୍ରଦେଶର ହାଥ୍ରସ ଅନ୍ତର୍ଗତ ବୁଲଗଡ଼ି ଗ୍ରାମରେ ଗଣବଳାତ୍କାର ଓ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଥିବା ଜଣେ ମହିଳାଙ୍କୁ ନେଇ ରାଜନୀତି ଜୋର୍ ଧରିଥିବାବେଳେ ଉକ୍ତ ମହିଳାଙ୍କୁ ବଳାତ୍କାର କରାଯାଇନାହିଁ ବୋଲି ରାଜ୍ୟ ପୋଲିସର ଜଣେ ବରିଷ୍ଠ ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି। ଫୋରେନ୍ସିକ୍ ରିପୋର୍ଟରେ ତାଙ୍କର ମୃତ୍ୟୁ ଆହତଜନିତ କାରଣରୁ ହୋଇଥିବା କୁହାଯାଇଛି। ତାଙ୍କ ବେକ, ଜିଭ ଓ ଶରୀରର ଅନେକ ଜାଗାରେ ଗୁରୁତର ଆଘାତ ଲାଗିଥିଲା ବୋଲି ଏଡିଜି (ଆଇନଶୃଙ୍ଖଳା) ପ୍ରଶାନ୍ତ କୁମାର ପ୍ରକାଶ କରିଛନ୍ତି। ସାମ୍ପଲ ଟେଷ୍ଟରେ କୌଣସି ଶୁକ୍ରାଣୁ ନ ଥିବା ସ୍ପଷ୍ଟ କରାଯାଇଛି। ତେଣୁ ବଳାତ୍କାର କିମ୍ବା ଗଣବଳାତ୍କାର ଯୋଗୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି କହିବା ସମ୍ପୂର୍ଣ୍ଣ ଭୁଲ୍ କଥା। ଏହାଛଡ଼ା ମହିଳା ଜଣକ ପୋଲିସକୁ ଦେଇଥିବା ମନ୍ତବ୍ୟରେ ବଳାତ୍କାର ସମ୍ପର୍କରେ କିଛି କହି ନ ଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ମିଡିଆରେ ଅତିରଞ୍ଜିତ କରାଯାଉଥିବା କୁମାର ପ୍ରକାଶ କରିଛନ୍ତି।

## ସିବିଆଇ ତଦନ୍ତ ଦାବିକଲେ ପୀଡ଼ିତାଙ୍କ ବାପା

**ଲକ୍ଷ୍ନୌ,୧।୧୦**

ଉତ୍ତରପ୍ରଦେଶର ହାଥ୍ରସରେ ମହିଳା ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ପରିସ୍ଥିତି ଭିନ୍ନମୋଡ଼ ନେଉଥିବାବେଳେ ପୀଡ଼ିତାଙ୍କ ବାପା ଘଟଣାର ସିବିଆଇ ତଦନ୍ତ ଲାଗି ଦାବି କରିଛନ୍ତି। ଘଟଣାକୁ ଚପାଇଦେବା ସହ ମୁହଁ ନ ଖୋଲିବାକୁ ପରିବାର ଉପରେ ଚାପ ପକାଯାଉଥିବା ଏକ ଭିଡ଼ିଓ ମାଧ୍ୟମରେ ସେ ଅଭିଯୋଗ କରିଛନ୍ତି। ଏମିତିକି ମିଡିଆ ସହ କଥା ହେବାକୁ ଅନୁମତି ଦିଆଯାଉ ନ ଥିବା ସେ କହିଛନ୍ତି। ପୋଲିସ ତଦନ୍ତ ଠିକ୍ ଭାବେ କରୁ ନ ଥିବାରୁ ଘଟଣାର ସିବିଆଇ ତଦନ୍ତ କରାଗଲେ ସତ୍ୟ ଲୋକଲୋଚନକୁ ଆସିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଏକ ମିନିଟର ଭିଡିଓଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ପ୍ରକାଶଥାଉ କି, ବିଲକୁ ଘାସ କାଟିବାକୁ ଯାଇଥିବା ଜଣେ ୨୦ ବର୍ଷୀୟ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ଆକ୍ରମଣ କରାଯାଇଥିଲା। ମଙ୍ଗଳବାର ଦିଲ୍ଲୀ ହସ୍ପିଟାଲରେ ତାଙ୍କ ମୃତ୍ୟୁହେବା ଓ ରାତି ଅଧରେ ପରିବାର ଲୋକଙ୍କ ବିନାନୁମତିରେ ପୋଲିସ ପୀଡ଼ିତାଙ୍କ ମରଶରୀରକୁ ପୋଡ଼ିଦେବାକୁ ନେଇ ଏବେ ବିଭିନ୍ନ ଆଡ଼ୁ ସ୍ୱର ଲମ୍ୱିବାରେ ଲାଗିଛି।

## ୩ ଯବାନ ଶହୀଦ

**ଶ୍ରୀନଗର,୧।୧୦:** ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟରେ ଦୁଇଟି ଭିନ୍ନ ଭିନ୍ନ ଘଟଣାରେ ୩ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ସହ ସେଲିଂ ମାଡ଼ ଯୋଗୁ ଏଭଳି ଘଟିଛି। ନୌଗାମ୍ ସେକ୍ଟରରେ ଗୁରୁବାର ୨ ଯବାନ ଶହୀଦ ହୋଇଥିବାବେଳେ ପୁଞ୍ଚ ଜିଲାର କ୍ରିଷ୍ଣାଘାଟି ସେକ୍ଟରରେ ବୁଧବାର ରାତିରେ ଜଣେ ଯବାନ ଶହୀଦ ହୋଇଥିବା ଜଣାପଡ଼ିଛି। ଏଲ୍ଓସିର କୁପ୍ୱାଡ଼ା, ନୌଗାମ୍ ସେକ୍ଟରରେ ପାକିସ୍ତାନ ପଟୁ ଗୁରୁବାର ସକାଳେ ଗୁଳି ଓ ମୋର୍ଟାର ମାଡ଼ କରାଯାଇଥିଲା। ଏଥିରେ ୪ ଯବାନ ଗୁରୁତର ହୋଇଥିବା ଶ୍ରୀନଗରସ୍ଥିତ ପ୍ରତିରକ୍ଷା ମୁଖପାତ୍ର କଲୋନେଲ ରାଜେଶ କାଲିଆ କହିଛନ୍ତି।

## ଗଣବଳାତ୍କାର ପରେ ଆଖି ବୁଜିଲେ ଛାତ୍ରୀ

**ବଳରାମପୁର,୧।୧୦**

- ପୁଣି ୟୁପିରେ ଲଜ୍ଜା
- ୨ ଅଭିଯୁକ୍ତ ଗିରଫ
- ହାଥ୍ରସ ବଳାତ୍କାର ପରେ ବଳରାମପୁର ଚର୍ଚ୍ଚାରେ

ଉତ୍ତରପ୍ରଦେଶ(ୟୁପି)ର ହାଥ୍ରସରେ ଜଣେ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଗମ୍ଭୀର ସ୍ଥିତି ଉପୁଜିଥିବାବେଳେ ରାଜ୍ୟର ବଳାରାମପୁର ଜିଲାରେ ପୁଣି ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ଦଳିତବର୍ଗର କଲେଜ ଛାତ୍ରୀ (୨୨)ଙ୍କୁ ଗଣବଳାତ୍କାର କରାଯିବା ପରେ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏକ ଘରୋଇ କମ୍ପାନୀରେ କାମ କରୁଥିବା ଏହି ଯୁବତୀ ବି. କମ୍ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ମଙ୍ଗଳବାର ଗାଇସାରି ଗ୍ରାମରେ ଏଭଳି ଘଟଣା ଘଟିଥିବାବେଳେ ପୋଲିସ ଏକ ମାମଲା ରୁଜୁକରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଛାତ୍ରୀ ଜଣକ ସନ୍ଧ୍ୟାରେ ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତିତ ହୋଇପଡ଼ିଥିଲେ। ରାତିରେ ଛାତ୍ରୀ ଜଣକ ଅଧା ବେହୋସ୍ ଅବସ୍ଥାରେ ଏକ ରିକ୍ସାରେ ପହଞ୍ଚିଥିଲେ। ଉକ୍ତ ଛାତ୍ରୀଙ୍କୁ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ଗଣବଳାତ୍କାର କରାଯିବା ପୂର୍ବରୁ ଲେଥାଲ ଇଞ୍ଜେକ୍ସନ ଦିଆଯାଇଥିବାରୁ ପରିସ୍ଥିତି ସଙ୍କଟାପନ୍ନ ହୋଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ପ୍ରକାଶ। ହାଥ୍ରସ ଗଣବଳାତ୍କାର ମାମଲା ପରେ ପୁଣି ବଳରାମପୁର ଘଟଣାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।

## ୧୦ ଲକ୍ଷ ଗ୍ରେନେଡ୍ ଲାଗି ୪୦୯ କୋଟିର ଚୁକ୍ତି

**ନୂଆଦିଲ୍ଲୀ,୧।୧୦:** ଭାରତୀୟ ସେନାକୁ ସଶକ୍ତ କରିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଚାଇନା ସହ ସୀମା ବିବାଦ ବଢୁଥିବାରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅତ୍ୟାଧୁନିକ ହ୍ୟାଣ୍ଡ୍ ଗ୍ରେନେଡ୍ ଲାଗି ୪୦୯ କୋଟି ଟଙ୍କାର ଚୁକ୍ତି ଏକ ଭାରତୀୟ କମ୍ପାନୀ ସହ ସ୍ୱାକ୍ଷର କରାଯାଇଛି। ଡିଆର୍ଡିଓର ଟର୍ମିନାଲ ବାଲାଷ୍ଟିକ ରିସର୍ଚ୍ଚ ଲାବରେଟୋରି ଦ୍ୱାରା ଡିଜାଇନ କରାଯାଇଥିବା ହ୍ୟାଣ୍ଡ ଗ୍ରେନେଡ୍ ଚୁକ୍ତି ମୁତାବକ ନାଗପୁରର ଇକୋନୋମିକ ଏକ୍ସପ୍ଲୋସିଭ୍ ଲିମିଟେଡ ଯୋଗାଇବ। ଡିଫେନ୍ସ ଆକ୍ୱିଜେଶନ କାଉନସିଲ ୨୦୧୯ ମାର୍ଚ୍ଚରୁ ଏହାକୁ ସ୍ୱୀକୃତି ଦେଇଥିବାବେଳେ ଗୁରୁବାର ଚୁକ୍ତି କରାଯାଇଛି।

## ଟିକେଟ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧।୧୦**

**ଲକ୍‌ଡାଉନ୍ ସମୟରେ ବିମାନ ଉଡ଼ାଣ ବାତିଲ ଘଟଣା**



ଦେଶରେ କରୋନା ମହାମାରୀ ସଂକ୍ରମଣ ଲାଗି ଲକ୍‌ଡାଉନ୍ ଜାରି କରାଯାଇଥିଲା। ଏହି ସମୟରେ ବିମାନ ଯାତ୍ରାକୁ ବାତିଲ କରାଯାଇଥିଲା। ତେବେ ଯାତ୍ରୀଙ୍କ ଟିକେଟ ବୁକିଂ ଟଙ୍କା ଶୀଘ୍ର ଫେରାଇବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏସମ୍ପର୍କରେ ଏୟାରଲାଇନ୍ସ କମ୍ପାନୀଗୁଡ଼ିକୁ ସୂଚିତ କରାଯାଇଛି। ୩ ସପ୍ତାହ ମଧ୍ୟରେ ଟଙ୍କା ଫେରସ୍ତ ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ଟଙ୍କା ଫେରସ୍ତ ଲାଗି ଏହି ପ୍ରସ୍ତାବ ଉପସ୍ଥାପିତ କରାଯାଇଥିଲା। ଏହାକୁ ସୁପ୍ରିମ୍‌କୋର୍ଟ ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ,ମାର୍ଚ୍ଚ ୨୫ରୁ ମେ ୨୪ ମଧ୍ୟରେ ଯାତ୍ରୀମାନେ ଘରୋଇ ତଥା ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ଟିକେଟ ବୁକିଂ କରିଥିଲେ।

## ୩ରେ ଅଟଳ ଟନେଲ ଲୋକାର୍ପଣ

**ରୋହତଙ୍ଗ, ୧।୧୦**

ଅକ୍ଟୋବର ୩ ପୂର୍ବାହ୍ନ ୧୦ଟାରେ ହିମାଚଳପ୍ରଦେଶର ରୋହତଙ୍ଗଠାରେ ଥିବା ଅଟଳ ଟନେଲର ଲୋକାର୍ପଣ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଲୋକାର୍ପିତ କରିବେ। ଏହି ଟନେଲ୍ ଦ୍ୱାରା ମନାଲିଠାରୁ ଲେହ ମଧ୍ୟରେ ୪୬ କିଲୋମିଟର ଦୂରତା କମିଯିବ ବୋଲି କୁହାଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମ ଅନୁସାରେ ଏହାକୁ ଅଟଳ ରୋହତଙ୍ଗ ଟନେଲ ଭାବେ ନାମିତ କରାଯାଇଛି। ସମୁଦ୍ର ପତ୍ତନଠାରୁ ୧୦ ହଜାର ୧୭୧ ଫୁଟ ଉଚ୍ଚରେ ୯.୨ କିଲୋମିଟର ଲମ୍ବ ଏହି ଟନେଲ ଲଦାଖକୁ ଦେଶର ଅନ୍ୟ ଅଞ୍ଚଳ ସହିତ ବର୍ଷ ସାରା ଯୋଡ଼ିବାକୁ ସକ୍ଷମ ହେବ। ଏହାର ନିର୍ମାଣ କାର୍ଯ୍ୟ ୨୦୧୦ ଜୁନ୍ ୨୮ରୁ ଆରମ୍ଭ ହୋଇଥିଲା। ଏକା ସାଙ୍ଗରେ ଟନେଲରେ ୩ ହଜାର କାର୍ ଏବଂ ୧୫୦୦ ଟ୍ରକ୍ ଯିବା ଆସିବା କରିପାରିବେ। ଏହି ଟନେଲ ନିର୍ମାଣରେ ୪ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଛି।



**ଆର୍ମେନିଆ-ଆଜରବୈଜାନ ଯୁଦ୍ଧ**

## ବିଗୁଡ଼ୁଛି ସ୍ଥିତି, ଚିନ୍ତାରେ ବିଶ୍ୱ ମହାଶକ୍ତି

**ୟେରେବାନ/ବାକୁ, ୧।୧୦**

- ଉଭୟ ପକ୍ଷର ଶତାଧିକ ମୃତାହତ ସୂଚନା
- ଆଜରବୈଜାନ ସମର୍ଥନରେ ଆତଙ୍କବାଦୀ
- ଆର୍ମେନିଆ ସପକ୍ଷରେ ବାହାରିଲା ଫ୍ରାନ୍ସ

ବିବାଦୀୟ କ୍ଷେତ୍ର 'ନାଗୋର୍ନୋ କାରାବାଖ'କୁ କରାୟତ୍ତ କରିବାକୁ ଆର୍ମେନିଆ-ଆଜରବୈଜାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଜାରି ରହିଛି। ରବିବାରଠାରୁ ଦୁଇ ରାଷ୍ଟ୍ର ସାମ୍ନାସାମ୍ନି ହୋଇଥିବାବେଳେ ଉଭୟ ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅନ୍ୟପଟେ ଆଜରବୈଜାନକୁ ତୁର୍କୀ ଖୋଲାଖୋଲି ସମର୍ଥନ କରିବା ପରେ ଆର୍ମେନିଆ ସପକ୍ଷରେ ବାହାରିଛି ଫ୍ରାନ୍ସ। ଏହାପରେ ସ୍ଥିତି ଆହୁରି ବିଗିଡ଼ିବା ଆଶଙ୍କା ସୃଷ୍ଟି ହୋଇଛି, ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ବିଶ୍ୱ ମହାଶକ୍ତି ରୁଷିଆ ଏବଂ ଆମେରିକା।

ଆର୍ମେନିଆ ଏବଂ ଆଜରବୈଜାନ ସୀମାନ୍ତରେ ୪୪୦୦ ବର୍ଗ କିମି ପରିମିତ ଅଞ୍ଚଳର ରହିଛି ବିବାଦୀୟ କ୍ଷେତ୍ର 'ନାଗୋର୍ନୋ କାରାବାଖ'। ଅନ୍ତର୍ଜାତୀୟ ସୀମା ନିୟମ ଅନୁଯାୟୀ ଏହି ଅଞ୍ଚଳ ଉପରେ ଆଜରବୈଜାନର ଅଧିକାର ରହିଛି। ହେଲେ ଏହି ସ୍ଥାନକୁ ଆର୍ମେନିଆର ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦୀର୍ଘବର୍ଷ ହେଲା କବ୍‌ଜା କରି ରଖିଛନ୍ତି। ୧୯୯୧ରେ ଉକ୍ତ ଗୋଷ୍ଠୀ ଆଜରବୈଜାନଠାରୁ ନିଜକୁ ସ୍ୱାଧୀନ ଘୋଷଣା କରିବା ସହ ଉକ୍ତ କ୍ଷେତ୍ରକୁ ଆର୍ମେନିଆ ଅଧିକୃତ ଅଂଶ ବୋଲି କହିଥିଲା। ଏହାକୁ ଆଜରବୈଜାନ ଖାରଜ କରିଦେବା ପରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ଏହାକୁ ନେଇ ଦୁଇଦେଶ ଅନେକ ସମୟରେ ମୁହାଁମୁହିଁ ହୋଇଥିଲେ ମଧ୍ୟ ଚଳିତଥର ସ୍ଥିତି ଭୟଙ୍କର ଭାବେ ବିଗିଡ଼ିଯାଇଛି।

ଯୁଦ୍ଧ ପ୍ରଶମନ ଏବଂ ହିଂସାତ୍ମକ କାର୍ଯ୍ୟରୁ ଦୂରେଇ ରହିବା ଲାଗି ରୁଷିଆ ଉଭୟ ଦେଶକୁ ନିବେଦନ କରିଛି। ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବାକୁ ବିଦେଶ ମନ୍ତ୍ରୀ ସର୍ଗେଇ ଲବରୋଭ ସରକାରୀ ଭାବେ ଅଫର ଦେଇଛନ୍ତି। ଏ ପ୍ରସଙ୍ଗରେ ରୁଷ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ସହିତ କଥାବାର୍ତ୍ତା ହୋଇଛନ୍ତି। ଯୁଦ୍ଧରୁ ନିବୃତ୍ତ ରହି ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବାକୁ ଉଭୟେ ଦୁଇ ଦେଶକୁ ଆହ୍ୱାନ ଦେଇଛନ୍ତି।



ଆଜରବୈଜାନ ଆକ୍ରମଣରେ ଆର୍ମେନିଆର ଏକ ଏସ୍-୩୦୦ ମିଶାଇଲ ସିଷ୍ଟମ ଧ୍ୱଂସ ହୋଇଯାଇଛି। ପ୍ରତିପକ୍ଷ ଦେଶର ୨୭୦୦ ସୈନିକ ମୃତାହତ ହୋଇଛନ୍ତି। ଆର୍ମେନିଆ ସେନା ଯୁଦ୍ଧକ୍ଷେତ୍ର ଛାଡ଼ି ପଳାୟନ କରୁଥିବା ଆଜରବୈଜାନ ସେନା ପକ୍ଷରୁ ଦାବି କରାଯାଇଛି। ଅପରପକ୍ଷେ ସାଧାରଣ ଲୋକଙ୍କ ଉପରେ ଶତ୍ରୁଦେଶ ବୋମାବର୍ଷଣ କରୁଥିବା ଆର୍ମେନିଆ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିପୂର୍ବରୁ ଆର୍ମେନିଆ ପକ୍ଷରୁ ଆଜରବୈଜାନର ଯୁଦ୍ଧ ବିମାନ ସୁଖୋଇ-୨୫, ତୁର୍କୀର ଏଫ୍‌ର ଏଫ୍-୧୬ ଖସାଇ ଦେଇଥିବା ଦାବି କରିଥିଲା, ଯାହାକୁ ଆଜରବୈଜାନ ଖଣ୍ଡନ କରିଥିଲା। ଏବେ ଆର୍ମେନିଆ ନିଜର ଦୁର୍ଘଟଣାଗ୍ରସ୍ତ ବିମାନର ଫଟୋ ଜାରି କରିଛି। ଆଜରବୈଜାନ ଏଫ୍-୧୬ ଏବଂ ବୋମା ବର୍ଷଣକାରୀ ଡ୍ରୋନ୍ ବ୍ୟବହାର କରୁଥିବା ଆର୍ମେନିଆ କହିଛି। ସବୁଠାରୁ ବଡ଼ କଥା, ଆଜରବୈଜାନକୁ ସମର୍ଥନ କରି ସିରିଆ, ତୁର୍କୀ ଏବଂ ପାକିସ୍ତାନର ସକ୍ରିୟ ଆତଙ୍କବାଦୀ ଗୋଷ୍ଠୀ 'ନାଗୋର୍ନୋ କାରାବାଖ' କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ହେଲେ ଏହାକୁ ତୁର୍କୀ ଖଣ୍ଡନ କରିଛି। କୌଣସି ପରିସ୍ଥିତିରେ ତୁର୍କୀର ଏପରି ଯୁଦ୍ଧ ମନୋଭାବକୁ ସହ୍ୟ କରାଯିବ ନାହିଁ। ଆବଶ୍ୟକ ପଡ଼ିଲେ ଏହାର ଜବାବ ଦିଆଯିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ପ୍ରତିକ୍ରିୟା ରଖିଛନ୍ତି। ନାଟୋସେନାର ଦୁଇ ସମର୍ଥକ ଦେଶ ତୁର୍କୀ ଏବଂ ଫ୍ରାନ୍ସ ମଧ୍ୟରେ ଏପରି ବୟାନବାଜି ପରେ ପରିସ୍ଥିତି ଆହୁରି ଗମ୍ଭୀର ହେବା ଆଶଙ୍କା ଦେଖାଦେଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୪୩,୨୧,୦୧୮ | ୧୦,୨୧,୧୧୬ | ୨,୫୫,୩୯,୩୪୮ |
| ଭାରତ | ୬୩,୬୮,୩୬୩ | ୯୯,୨୯୮ | ୫୩,୨୩,୬୬୯ |
| ଓଡ଼ିଶା | ୨,୨୨,୭୩୪ | ୮୫୯(+୫୩) | ୧,୯୦,୦୮୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଯୁକ୍ତ୩ ନାମଲେଖା ଅବଧି ବଢ଼ିଲା

ଭୁବନେଶ୍ୱର, ୧।୧୦(ବ୍ୟୁରୋ): ରାଜ୍ୟରେ ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପାଇଁ ଅବଧିକୁ ବୃଦ୍ଧି କରଯାଇଛି। ଏନେଇ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ଅଧକ୍ଷଙ୍କୁ ଚିଠି ଲେଖାଯାଇଛି। ଯୁକ୍ତ୩ ପ୍ରଥମ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ରମାନେ ଅକ୍ଟୋବର ୬ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ। ପୂର୍ବରୁ ଏହା ୨ ତାରିଖ ପର୍ଯ୍ୟନ୍ତ ଥିଲା। ତେବେ ଏହି ପର୍ଯ୍ୟାୟରେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ୭ ତାରିଖରେ ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ୧୩ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରକାଶ ପାଇବ। ଏହି ପର୍ଯ୍ୟାୟ ପାଇଁ ମନୋନୀତ ଛାତ୍ରୀଛାତ୍ର ୧୩ରୁ ୧୭ ତାରିଖ ଭିତରେ ନାମ ଲେଖାଇପାରିବେ। ତେବେ ୧୩ରୁ ୧୬ତାରିଖ ମଧରେ ନାମଲେଖା ବାବଦରେ ଫି' ଜମା କରିବେ। ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ୧୯ ତାରିଖରେ ଇ-ସ୍ପେସ୍‌ରେ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ବିଦ୍ୟୁତ୍ ଦର ବୃଦ୍ଧି ନେଇ ଭାଜପାର ବିକ୍ଷୋଭ

ଭୁବନେଶ୍ୱର, ୧।୧୦(ବ୍ୟୁରୋ): କୋଭିଡ୍-୧୯ କାରଣରୁ ସମଗ୍ର ରାଜ୍ୟବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ସରକାର ନିଜ ନିଷ୍ପତ୍ତିରେ ତୁରନ୍ତ ପରିବର୍ତ୍ତନ କରି ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର କରିବାକୁ ଭୁବନେଶ୍ୱର ଜିଲା ଭାଜପା ସଭାପତି ବାବୁ ସିଂ ଦାବି କରିଛନ୍ତି। ସରକାରଙ୍କ ଏକପାଖିଆ ନିଷ୍ପତ୍ତି ବୋଲି ଦର୍ଶାଇ ଭାଜପା ଏହା ବିରୋଧରେ ଗୁରୁବାର ୮ ବିଦ୍ୟୁତ୍ ଡିଭିଜନ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରିଛି। କରୋନା ଭଳି ସଙ୍କଟ ସମୟରେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ସରକାର ଗୁରୁବାରରୁ ୟୁନିଟ ପିଛା ୨୦ ପଇସା ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବୋଝ ରାଜ୍ୟବାସୀଙ୍କ ଉପରେ ଲଦିଛନ୍ତି। ଗୋଟିଏ ପଟେ ବଡ କମ୍ପାନୀଗୁଡିକ ଉପରେ ହଜାର ହଜାର କୋଟି ଟଙ୍କାର ଶୁଳ୍କ ବାକି ଆଦାୟ କରିବାରେ ବିଫଳ ହୋଇଥିବା ସରକାର ରାଜ୍ୟବାସୀଙ୍କ ଉପରେ ବୋଝ ଲଦିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଜନସ୍ୱାର୍ଥ ବିରୋଧୀ। ସରକାରଙ୍କ ଏଭଳି ମନମୁଖି ଶାସନ ଏବଂ ନିଷ୍ପତ୍ତି ବିରୋଧରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଏହାକୁ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ବିକ୍ଷୋଭ ଏବଂ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ବାବୁ ସିଂ କହିଛନ୍ତି।

### ନାଏବ ସରପଞ୍ଚ, ୱାର୍ଡମେମ୍ବରଙ୍କୁ ହତ୍ୟା

■ ବର୍ବରତାର ସୀମା ଟପିଲେ ମାଓବାଦୀ

ମାଲକାନଗିରି,୧।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ଗୁରୁବାର ମାଓବାଦୀଙ୍କ ବର୍ବରତା ସୀମା ଟପିଛି। ପୋଲିସ ସୂଚନାଦାତା ସନ୍ଦେହରେ ସେମାନେ ପୂର୍ବତନ ନାଏବ ସରପଞ୍ଚ ଧନିରାମ କୋରସା ଏବଂ ୱାର୍ଡମେମ୍ବର ଗୋପାଳ କୁଡିୟମଙ୍କୁ ହତ୍ୟା କରିଛନ୍ତି। ପୋଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ ଏହି ହତ୍ୟା ଘଟଣା ଘଟାଇଥିବା ବିଜାପୁର ଏସ୍.ପି. କମଲଲୋଚନ କଶ୍ୟପ ସୂଚନା ଦେଇଛନ୍ତି।

# ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ




ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ସର୍ବଦଳୀୟ ବୈଠକ।

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ନିର୍ବାଚନ ପ୍ରଚାର ବେଳେ କୌଣସି ପ୍ରାର୍ଥୀଙ୍କ ବିରୋଧରେ ବ୍ୟକ୍ତିଗତ ଆକ୍ଷେପ କରାଯାଇ ପାରିବ ନାହିଁ। ଭାରତର ମୁଖ୍ୟ ନିର୍ବାଚନ କମିଶନ ଏ ନେଇ କଟକଣା ଜାରି କରିଛନ୍ତି। ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଯଦି କୌଣସି ରାଜନୈତିକ ଦଳ ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିବେ ତେବେ ସମ୍ପୃକ୍ତ ଦଳକୁ କୈଫିୟତ ଦେବାକୁ ପଡ଼ିବ। ଏଥିସହିତ ଲୋକଙ୍କ ଅବଗତି ନିମନ୍ତେ ସମ୍ପୃକ୍ତ ପ୍ରାର୍ଥୀ ଅତି କମ୍‌ରେ ୩ ଥର ଖବରକାଗଜ ଓ ବୈଦ୍ୟୁତିକ ଗଣମାଧମରେ ପ୍ରଚାର ପ୍ରସାର କରାଇବେ। ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ସୂଚନା ଦିଆଯାଇଛି।

ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ପୂର୍ବରୁ ମୁଖ୍ୟ ନିର୍ବାନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ନଭେମ୍ବର ୩ରେ ହେବାକୁ ଥିବା ଉପନିର୍ବାଚନରେ ପ୍ରଥମ ଥର ଲାଗି ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଭୋଟର, ଭିନ୍ନକ୍ଷମ, କୋଭିଡ୍ ଆକ୍ରାନ୍ତ ଏବଂ ସନ୍ଦିଗ୍ଧ କୋଭିଡ୍ ଆକ୍ରନ୍ତ ଭୋଟରଙ୍କୁ ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେବାର ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ କୋଭିଡ୍‌କୁ ଦୃଷ୍ଟିରେ ରଖି ପ୍ରତି ବୁଥ୍‌ରେ ସର୍ବାଧିକ ୧ ହଜାର ଭୋଟର ଭୋଟ ଦେଇପାରିବେ। ଏଥିସହିତ ମତଦାତାଙ୍କ ସୁବିଧା ପାଇଁ ଅତିରିକ୍ତ ବୁଥ୍ ଖୋଲାଯିବ। ନିର୍ବାଚନ ପ୍ରଚାର ବେଳେ ରାଜନୈତିକ ଦଳଗୁଡ଼ିକ କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ କରିବା ବାଧ୍ୟତାମୂଳକ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ନାମାଙ୍କନପତ୍ର ଦାଖଲ ସମୟରେ ସର୍ବାଧିକ ୨ ଜଣ ଯାଇପାରିବେ। ପଦଯାତ୍ରା ଓ ଘରକୁ ଘର ବୁଲି ପ୍ରଚାର କରିବା ସମୟରେ ପ୍ରାର୍ଥୀଙ୍କ ସହ ସର୍ବାଧିକ ୫ ଜଣ ରହିପାରିବେ। ଆସନ୍ତା ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି। ବୈଠକରେ କଂଗ୍ରେସ ପକ୍ଷରୁ ଶିବାନନ୍ଦ ରାୟ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଷ୍ମନ୍ତ କୁମାର ଦାସ, ଭାଜପା ପକ୍ଷରୁ ଜଗନ୍ନାଥ ପ୍ରଧାନ, ବିଜେଡି ପକ୍ଷରୁ ମାନସ ରଞ୍ଜନ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଉକ୍ତ ଦୁଇ ନିର୍ବାଚନମଣ୍ଡଳୀରେ ନଭେମ୍ବର ୩ରେ ଭୋଟଗ୍ରହଣ ଓ ୧୦ ତାରିଖରେ ଭୋଟ ଗଣତି କରାଯିବ। ଅକ୍ଟୋବର ୯ରେ ବିଜ୍ଞପ୍ତି ପ୍ରକାଶ କରାଯିବ। ୧୯ରେ ନାମାଙ୍କନପତ୍ର ଦାଖଲ, ୧୭ରେ ପ୍ରାର୍ଥିପତ୍ର ଯାଞ୍ଚ, ୧୯ରେ ନାମାଙ୍କନ ପତ୍ର ପ୍ରତ୍ୟାହାର କରାଯିବ।

■ ନିର୍ବାଚନ ପ୍ରଚାର ବେଳେ ବ୍ୟକ୍ତି ଆକ୍ଷେପ ଉପରେ କଟକଣା
■ ଅପରାଧ ପୃଷ୍ଠଭୂମି ଥିଲେ କୈଫିୟତ ଦେବେ ରାଜନୈତିକ ଦଳ
■ ପୋଷ୍ଟାଲ ବାଲଟରେ ମତଦାନ କରିବେ ବରିଷ୍ଠ, ଭିନ୍ନକ୍ଷମ, କୋଭିଡ୍ ସଂକ୍ରମିତ

# ୩ ଶିଫ୍ଟରେ ହେବ ଓଜେଇଇ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ଆସନ୍ତା ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଅନୁଷ୍ଠିତ ହେବ। ଏନେଇ ଗୁରୁବାର ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଏଥର ୩ଟି ଶିଫ୍ଟରେ ୨ ଘଣ୍ଟିଆ ଅବଧି ବିଶିଷ୍ଟ ପରୀକ୍ଷା କରାଯିବ। ସକାଳ ୯ରୁ ପୂର୍ବାହ୍ନ ୧୧, ଅପରାହ୍ନ ୧୨ଟା ୩୦ରୁ ୨ଟା ୩୦ ଓ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୩ଟି ଶିଫ୍ଟ କରାଯାଇଛି। ସେହିଭଳି କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ ମୋଡ୍‌ରେ ଓଜେଇଇ ପରୀକ୍ଷା ହେବ। ଛାତ୍ରୀଛାତ୍ରମାନେ ଅକ୍ଟୋବର ୫ରୁ ojee.nic.in ୱେବ୍‌ସାଇଟ୍‌ରେ ଆଇଡି ଓ ପାସ୍‌ୱାର୍ଡ ଦେଇ ଆଡ୍‌ମିଟ କାର୍ଡ ଡାଉନଲୋଡ କରିପାରିବେ। ଏନେଇ ଓଜେଇଇ ଅଧକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇ କହିଛନ୍ତି, ଚଳିତବର୍ଷ ଓଜେଇଇ ପାଇଁ ରେକର୍ଡ ସଂଖ୍ୟକ ୭୯,୮୦୦ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଛନ୍ତି। ୫୩ଟି ସେଣ୍ଟରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ରାଜ୍ୟ ଭିତରେ ୨୧ଟି ସହରରେ ୫୦ଟି ପରୀକ୍ଷା କେନ୍ଦ୍ର ହୋଇଛି। ପ୍ରଥମଥର ପାଇଁ ରାଜ୍ୟ ବାହାରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ରାଞ୍ଚି, କୋଲକାତା ଓ ପାଟନା ସେଣ୍ଟରରେ ଛାତ୍ରୀଛାତ୍ର ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।

# ଦୁର୍ଦ୍ଦାନ୍ତ ମାଓବାଦୀ ଜେମିଲି କାମେଶ ଗିରଫ

ମାଲକାନଗିରି,୧।୧୦ (ଡି.ଏନ୍.ଏ.) (ସ୍ୱ.ପ୍ର.)

ଓଡ଼ିଶା ଓ ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ସର୍ବଦା ଭୟର ବାତାବରଣ ସୃଷ୍ଟି କରୁଥିବା ଦୁର୍ଦ୍ଦାନ୍ତ ମାଓବାଦୀ ନେତା ଜେମିଲି କାମେଶ ଓରଫ ହରିଙ୍କୁ ବୁଧବାର ଆନ୍ଧ୍ର ପୋଲିସ ଗିରଫ କରିଛି। ଗତ ୧୪ ବର୍ଷ ଧରି ଜେମିଲି ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳ ଏବଂ ଆନ୍ଧ୍ରର ବିଶାଖାପାଟଣା ଜିଲାରେ ନିଜ ଆଧିପତ୍ୟ ବିସ୍ତାର କରିଥିଲେ। ଅନେକ ହତ୍ୟା, ବିସ୍ଫୋରଣ, ପୋଲିସ ଉପରକୁ ଗୁଳିଚାଳନା ଭଳି ଶତାଧିକ ମାମଲାରେ ସେ ଜଡ଼ିତ। ବୁଧବାର ଆନ୍ଧ୍ର ପୋଲିସ ତାଙ୍କୁ ଗିରଫ କରିଛି। ତାଙ୍କ ନାମରେ ସରକାର ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଗିରଫ ସମୟରେ ତାଙ୍କଠାରୁ ଗୋଟିଏ ରାଇଫଲ, ୨୦ ରାଉଣ୍ଡ ଗୁଳି ଓ ବିପୁଳ ପରିମାଣର ବିସ୍ଫୋରକ ପୋଲିସ ଜବତ କରିଛି। ତାଙ୍କୁ ମାଲକାନଗିରି ପୋଲିସ ରିମାଣ୍ଡରରେ ଆଣିବ ବୋଲି ଜଣାପଡିଛି।

**ଓଡ଼ିଶା,ଆନ୍ଧ୍ରରେ ବହୁ ହିଂସାରେ ଜଡିତ ଥିଲେ**



ଜେମିଲି କାମେଶ

# ପିସିସି ସଭାପତି, ଯୁବ କଂଗ୍ରେସର ବିରୋଧ



ରାହୁଲ ଗାନ୍ଧୀଙ୍କୁ ଉତ୍ତରପ୍ରଦେଶ ପୋଲିସର ବିରୋଧ ପ୍ରତିବାଦରେ ଭୁବନେଶ୍ୱରରେ ପିସିସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଉତ୍ତରପ୍ରଦେଶର ହାଥରସ୍ ଯୁବତୀ ଗଣବଳାତ୍କାର ଓ ମୃତ୍ୟୁ ଘଟଣା ପରେ ଉକ୍ତ ପରିବାରକୁ ଭେଟିବାକୁ ଯାଉଥିବା ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କୁ ଉତ୍ତରପ୍ରଦେଶ ପୋଲିସ ଆକ୍ରମଣ କରିଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ନିରଞ୍ଜନ କହିଛନ୍ତି ଯେ, ପୋଲିସର ଏପରି ଅଶାଳୀନ ବ୍ୟବହାର ଏବଂ ବର୍ବରୋଚିତ ଆକ୍ରମଣ ଉତ୍ତରପ୍ରଦେଶ ସରକାରଙ୍କ ହୀନ ମାନସିକତାର ଉଦାହରଣ। ଏହା ଦୁଃଖଦାୟକ ଓ ଗଣତନ୍ତ୍ର ବିରୋଧୀ। ଏଥିପାଇଁ ଅବିଳମ୍ବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ସାଧାରଣରେ କ୍ଷମା ପ୍ରାର୍ଥନା ସହ ନିଜ ପଦରୁ ଇସ୍ତଫା ଦିଅନ୍ତୁ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାରା ଦେଶରେ ହେଉ ବା ଉତ୍ତରପ୍ରଦେଶରେ କିପରି ମନୋବୃତ୍ତିରେ ଶାସନ କରିବାକୁ ଚାହୁଁଛି ଏହାକୁ ଜନସାଧାରଣ ଜାଣି ସଚେତନ ହୋଇ ତୀବ୍ର ବିରୋଧ କରିବାର ସମୟ ଆସିଛି ବୋଲି ନିରଞ୍ଜନ କହିଛନ୍ତି। ଅନ୍ୟପଟେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଶହଶହ ଯୁବ କଂଗ୍ରେସ କର୍ମୀ ଏହି ଘଟଣାକୁ ବିରୋଧକରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଯୁବକଂଗ୍ରେସ କର୍ମୀମାନେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ନାରାବାଜି ଦେଇଥିଲେ। ଏହି ସମୟରେ ପୋଲିସ ଏବଂ ଯୁବକଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ କେତେଜଣ କର୍ମୀଙ୍କୁ ଉଠାଇନେଇଥିଲା। ଯୋଗୀ ଆଦିତ୍ୟନାଥ ତୁରନ୍ତ କ୍ଷମାପ୍ରାର୍ଥନା କରିବା ସହିତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଯୁବ କଂଗ୍ରେସ ଦାବି କରିଛି।

**ରାହୁଲ ଗାନ୍ଧୀ-ଉତ୍ତରପ୍ରଦେଶ ପୋଲିସ ମୁହାଁମୁହିଁ ଘଟଣା**

## ଆଜି ଠାରୁ ବିଜେଡିର କୋଭିଡ୍ ଜନସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀଜୟନ୍ତୀ ଠାରୁ ନଭେମ୍ବର ୨ ତାରିଖ ଯାଏ ରାଜ୍ୟବ୍ୟାପୀ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଜେଡି ନେତା ଓ କର୍ମୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ବିଜୁ ଜନତା ଦଳର ସଦସ୍ୟମାନେ ଉତ୍ସର୍ଗୀକୃତ କର୍ମୀ ଭାବରେ ଓଡ଼ିଶାବାସୀଙ୍କ ପାଇଁ ଉତ୍ତରଦାୟିତ୍ୱ ନିର୍ବାହ କରିବା, କରୋନା ସଂକ୍ରମଣକୁ ପ୍ରତିହତ କରିବା ଲାଗି ରାଜ୍ୟବାସୀଙ୍କୁ ସଚେତନ କରିବା, କରୋନା ଯୁଦ୍ଧରେ ଯୋଦ୍ଧା ସାଜିବା, କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ଏହା ବିରୋଧରେ ସଂଗ୍ରାମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଗୁରୁତର କୋଭିଡ୍ ରୋଗୀଙ୍କ ପାଇଁ ପ୍ଲାଜ୍‌ମା ଦାନ, ଜୀବନ ବିନ୍ଦୁ ଅଭିଯାନରେ ରକ୍ତଦାନ ଏବଂ ମୃତକଙ୍କ ଅନ୍ତିମ ସତ୍କାର ପାଇଁ ଓଡ଼ିଶା ମୋ ପରିବାର ନିଷ୍ଠାପର ଉଦ୍ୟମ ଜାରି ରଖିଛି। ନିଜ ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ମୋ ପରିବାର ସହିତ ସାମିଲ ହୋଇ ଏସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଭିଡ୍ ସଂକ୍ରମଣକୁ ରୋକିବା ପାଇଁ ସମଗ୍ର ଦେଶରେ ଟିକା ପ୍ରସ୍ତୁତ ଜୋରସୋରରେ ଚାଲିଛି। ରାଜ୍ୟବାସୀଙ୍କୁ ନିର୍ଦ୍ଧାରିତ ସମୟରେ ଟିକା ଯୋଗାଇବା ପାଇଁ ବିଭିନ୍ନ ଟିକା ପ୍ରସ୍ତୁତକାରୀ କମ୍ପାନୀଙ୍କ ସହ ଯୋଗସୂତ୍ର ରକ୍ଷା କରାଯାଇଛି। ଏଥିରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# କରୋନା ପରିଚାଳନା ନେଇ ମିଛ ତଥ୍ୟ ରଖୁଛନ୍ତି ସରକାର

ଭୁବନେଶ୍ୱର,୧।୧୦(ବ୍ୟୁରୋ)

କରୋନା ପରିଚାଳନାରେ ସରକାର ଯେଉଁ ତଥ୍ୟ ରାଜ୍ୟବାସୀଙ୍କ ସାମ୍ନାରେ ରଖୁଛନ୍ତି ତାହା ମିଥ୍ୟା ଓ ବିଭ୍ରାନ୍ତିକର। ଅସତ୍ୟ ଉପରେ ଆଧାରିତ ତଥ୍ୟ ବଳରେ ଡବ୍ଲ୍ୟୁଏଚ୍‌ଓ ପାଖରୁ ଯେଉଁ ପ୍ରମାଣପତ୍ର ହାସଲ କରିଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ନେତା ସୁଦର୍ଶନ ଦାସ କହିଛନ୍ତି, ସରକାର ମିଥ୍ୟା ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏହି ଅବସରରେ ସେ ବାଲେଶ୍ୱର ଉପକଣ୍ଠର 'ମୁକ୍ତିଦ୍ୱାର' ମଶାଣିରେ ସତ୍କାର ହୋଇଥିବା କରୋନା ମୃତ୍ୟୁର ହିସାବ ଦେଇଛନ୍ତି। ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୧୪ ଭିତରେ ଏହି ମଶାଣିରେ ୮୨ କରୋନା ଜନିତ ମୃତ୍ୟୁର ଶବଦାହ ହୋଇଛି। 'ମୁକ୍ତିଦ୍ୱାର' ପରିଚାଳନା କମିଟି ଏ ବାବଦରେ ମୃତଦେହ ପିଛା ୭୫୦୦ ଟଙ୍କା ହିସାବରେ ୬ ଲକ୍ଷ ୧୫ ହଜାର ଟଙ୍କା ପ୍ରଶାସନ ପାଖରେ ବିଲ୍ ଦାଖଲ କରିଛି। ସେହି ସମୟ ଭିତରେ ୬ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ କରୋନାରେ ମୃତ୍ୟୁ ହୋଇଛି ଯାହା 'ମୁକ୍ତିଦ୍ୱାର' ମଶାଣିକୁ ଆସିନାହିଁ। ବାଲେଶ୍ୱରର ଜ୍ୟୋତି କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ଦୁଇଜଣ କରୋନା ରୋଗୀଙ୍କ ଶବକୁ ମଧ୍ୟ ପରିବାର ଲୋକେ ଜବରଦସ୍ତ ନେଇଯାଇ ନିଜ ଗ୍ରାମରେ ଦାହ କରିଛନ୍ତି। ପୁନଶ୍ଚ ଏହି ସମୟ ଭିତରେ କଟକ ଓ ଭୁବନେଶ୍ୱରରେ ମଧ କରୋନା ରୋଗୀଙ୍କ ମୃତ୍ୟୁ ହୋଇଛି ଯାହା 'ମୁକ୍ତିଦ୍ୱାର'ରେ ଦାହ ନ ହୋଇ ସେମାନଙ୍କ ଗାଁ ମଶାଣିରେ ହୋଇଛି। ହିସାବ ମୁତାବକ ବାଲେଶ୍ୱରରେ କରୋନା ମୃତ୍ୟୁ ଶହେରୁ ଉର୍ଦ୍ଧ୍ୱ ହେବ। ମାତ୍ର ସରକାରଙ୍କ ହିସାବ ମୁତାବକ ଏହି ସମୟ ଭିତରେ ୨୧ ଜଣଙ୍କ କରୋନା ମୃତ୍ୟୁ ହୋଇଛି। ଏଥିରୁ ସରକାର ତଥ୍ୟ ଲୁଚାଉଥିବା ସ୍ପଷ୍ଟ ଜଣାପଡୁଛି ବୋଲି ସୁଦର୍ଶନ ଅଭିଯୋଗ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ସରକାରଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣି କହିଛନ୍ତି, କରୋନା ଚିକିତ୍ସା କ୍ଷେତ୍ରରେ ସରକାରଙ୍କ ଅବହେଳା ଅକ୍ଷମଣୀୟ ଏବଂ ଦୁର୍ଭାଗ୍ୟଜନକ। କରୋନା ରୋଗୀମାନେ ଆଇସିୟୁ ଏବଂ ଭେଣ୍ଟିଲେଟର ନ ପାଇ ଡହଳବିକଳ ହେଉଛନ୍ତି। ପିଏମ୍ କେୟାର ପାଣ୍ଠିରୁ ୫୬୭ ଭେଣ୍ଟିଲେଟର ରାଜ୍ୟ ସରକାରଙ୍କୁ ମିଳିଥିଲା। ଏବେ ସୁଦ୍ଧା ମାତ୍ର ୧୪୭ ଭେଣ୍ଟିଲେଟର ବ୍ୟବହୃତ ହୋଇଛି । ଅନ୍ୟଗୁଡ଼ିକ ଘର ଭିତରେ ପଡ଼ି ରହିଛି। ଏହା ରାଜ୍ୟ ସରକାରଙ୍କ ଅପାରଗତା ଓ ସ୍ଥାଣୁତାର ପରିଚୟ ବୋଲି ପ୍ରଦୀପ କହିଛନ୍ତି।

# ଅକ୍ଟୋବର ୩୧ ଯାଏ ଅଙ୍ଗନୱାଡି କେନ୍ଦ୍ର ବନ୍ଦ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଆସନ୍ତା ୩୧ ଯାଏ ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ। ତେବେ ଏହି ସମୟ ମଧ୍ୟରେ କର୍ମୀମାନେ ପିଲାଙ୍କ ଘରକୁଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରିବେ। ଅକ୍ଟୋବର ପହିଲାରୁ ଶୁଖିଲା ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି। ୩ରୁ ୬ ବର୍ଷ ବୟସର ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଉଥିବା ରନ୍ଧାଖାଦ୍ୟ ବଦଳରେ ଶୁଖିଲା ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଶୁଖିଲା ରାଶନରେ ଛତୁଆ, ବାଦାମ ଲଡୁ, ଚକି, ଅଣ୍ଡା ବଣ୍ଟନ କରାଯାଇଛି। ତେବେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲା ପାଇଁ ହିତାଧିକାରୀମାନଙ୍କୁ ମାଣ୍ଡିଆ ଚୂନା ପ୍ୟାକେଟ୍ ବଣ୍ଟନ କରାଯାଇଛି। ପରିପୂରକ ପୁଷ୍ଟି ସାଧନ କାର୍ଯ୍ୟକ୍ରମରେ ଏହି ଯୋଜନା ଦ୍ୱାରା ରାଜ୍ୟର ୪୧ ଲକ୍ଷ ୨୬ ହଜାର ୫୦ ହିତାଧିକାରୀ ଉପକୃତ ହେଉଛନ୍ତି। ଯେଉଁମାନଙ୍କ ମଧ୍ୟରେ ୬ ମାସରୁ ୩ ବର୍ଷ ମଧ୍ୟରେ ୧୭ ଲକ୍ଷ ୯୩ ହଜାର ୮୯୬ ଶିଶୁ, ୩ରୁ ୬ ବର୍ଷର ୧୬ ଲକ୍ଷ ୧୩ ହଜାର ୭୭୫ ଶିଶୁ ଏବଂ ୭ ଲକ୍ଷ ୧୯ ହଜାର ୩୭୯ ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହେଉଛନ୍ତି। ଏହାଛଡ଼ା ଲକ୍‌ଡାଉନ ସମୟରେ ଓଡ଼ିଶାକୁ ଫେରିଥିବା ପ୍ରବାସୀ ହିତାଧିକାରକୀଙ୍କୁ ମଧ ଏହି ଯୋଜନାରେ ସାମିଲ କରାଯାଇ ଯୋଗ୍ୟତା ଅନୁସାରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି।

■ ଘରକୁ ଯାଇ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରିବେ କର୍ମୀ
■ ଉପକୃତ ହେଉଛନ୍ତି ୪୧,୨୬୦୦୦ ହିତାଧିକାରୀ





**ଆଜିର ମନ୍ତବ୍ୟ**

"ଭାରତର ଲୋକତନ୍ତ୍ର ଅତ୍ୟନ୍ତ ପରିପକ୍ୱ। ଏଠାକାର ସରକାର ଓ ନାଗରିକମାନେ ଅଦାଲତଙ୍କ ରାୟର ସମ୍ମାନ କରନ୍ତି।
– ଅନୁରାଗ ଶ୍ରୀବାସ୍ତବ, ପ୍ରବକ୍ତା, ବହିର୍ବ୍ୟାପାର ମନ୍ତ୍ରଣାଳୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆୟୁଷ
ପରିବାରବର୍ଗ


ସାଗର
ପରିବାରବର୍ଗ


ଆଶୁତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଦ୍ୟୁତ୍ ବଣ୍ଟନରେ କେବିକେ ଅଞ୍ଚଳକୁ ଅବହେଳା

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କେବିକେ ଅଞ୍ଚଳକୁ ବିଦ୍ୟୁତ୍ ବଣ୍ଟନରେ ରାଜ୍ୟ ସରକାର ଅବହେଳା କରୁଥିବା କହିଛନ୍ତି। ଇନ୍ଦ୍ରାବତୀ, କୋଲାବ, ମାଛକୁଣ୍ଡ, ବାଲିମେଳା ଦ୍ୱାରା ୭୬% ଜଳବିଦ୍ୟୁତ୍ କେବିକେ ଅଞ୍ଚଳ ଓଡ଼ିଶାକୁ ଦେଉଥିଲେ ମଧ୍ୟ ସେହି ଅଞ୍ଚଳକୁ ଅବହେଳା କରାଯାଉଛି। ସେଠାରୁ ବିଦ୍ୟୁତ୍ ଆସି ଉପକୂଳରେ ଦିଆଯାଉଛି, ହେଲେ ସେଠାକାର ଲୋକେ ଅନ୍ଧାରରେ ରହୁଛନ୍ତି। ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ହଜାର ହଜାର ଆଦିବାସୀ, ଗରିବ ଘର ହରାଇଥିବା ବେଳେ ସେମାନଙ୍କ ହିସାବ ରାଜ୍ୟ ସରକାରଙ୍କ ପାଖରେ ନାହିଁ। ଗୋଟିଏ ପାହାଡ଼ ବିକ୍ରିକରି ଦକ୍ଷିଣ ଓଡ଼ିଶାକୁ ସୁନା କରିଦେବି ବୋଲି ରାଜ୍ୟ ସରକାର କହିଥିଲେ। ହେଲେ ଏ ସରକାର କିଛି କରିପାରିଲେନି ବୋଲି ଗୃହରେ ତାରା କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପ୍ରତ୍ୟେକ ସମୟରେ ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅଶାନ୍ତି ଅନୁଭବ କରିପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଦୀର୍ଘ ଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**ବୃଷ**
ପରିବାରରେ ଏମିତି କେତେକ କଥା ଘଟିପାରେ, ଯାହା କି ଅନ୍ୟ ସମ୍ମୁଖରେ ମଧ୍ୟ ଆଦୌ କହିପାରିବେ ନାହିଁ। ଈର୍ଷାପରାୟଣ ହୋଇ ଖଳପ୍ରକୃତି ଲୋକମାନେ ବିରୋଧାଚରଣ କରିପାରନ୍ତି। ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ପାରିବାରିକ ସମସ୍ୟା ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ।

**ମିଥୁନ**
ନିଜର ଲୋକମାନେ ଶତ୍ରୁତା କରି କେତେକ କାମ ପାଇଁ ପ୍ରତିବନ୍ଧକ ସାଜିବେ। ଆନୁଷ୍ଠାନିକ କାମ, ସଭାସମିତି, ସଂଗଠନ, ରାଜନୀତିରେ ଆଲୋଚନା ଅସମାପ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଏଜେନ୍ସିପ୍, କଳା, ସାହିତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

**କର୍କଟ**
କର୍ମକ୍ଷେତ୍ରରେ କେତେକ ଆକସ୍ମିକ ଅସୁବିଧା ଦେଖାଦେବା କାରଣରୁ ଆଜି ସହଜରେ କାମ ହାସଲ ହେବା କଷ୍ଟକର ହେବ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ପରିବାରରେ ବ୍ୟସ୍ତତା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବାରେ କୌଣସି ଅସୁବିଧା ହେବନାହିଁ।

**ସିଂହ**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଆର୍ଥିକ ଅନଟନ କାମକୁ କେତେକାଂଶରେ ଅଟକାଇ ଦେଇପାରେ। ନିଜର ଲୋକମାନଙ୍କ ପରୋକ୍ଷ ବିରୋଧାଚରଣ ହେତୁ ସାମୟିକ ଚିନ୍ତିତ ରହିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ପାଇବେ।

**କନ୍ୟା**
ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଗତକାଲିଠାରୁ କଠିନ ଶ୍ରମ ଓ ପରିଶ୍ରମଜନିତ ଦେହ ଭଲ ରହିବ ମାତ୍ର କ୍ଳାନ୍ତିବୋଧ କରିବେ। କର୍ମକ୍ଷେତ୍ରରେ ବହୁତ ଦିନରୁ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**ତୁଳା**
ଆଜିର କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ସଭାସମିତି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଅବଶ୍ୟ ପାରିବାରିକ କ୍ଷେତ୍ରରେ ବିଶେଷ କିଛି ଅପ୍ରୀତିକର ପରିସ୍ଥିତିର ସମ୍ଭାବନା ନାହିଁ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ନିଜର ଲୁକ୍କାୟିତ କୌଣସି ଅପୂରଣୀୟ ଆଶା ମନକୁ ବାରମ୍ବାର ଆଲୋଡିତ କରିବ। ଯାନ ବାହନ, ଗୃହସୀମା, ଦୂର ବନ୍ଧୁ, ସଭାସମିତି, ଜମିଜମା, ନିକଟ ସମ୍ପର୍କୀୟମାନଙ୍କ ସ୍ଥିତି ମଧ୍ୟମ ପ୍ରକାରର ରହିବ, ଯାହାକୁ ବେଶି ବିଶ୍ୱାସ କରୁଛନ୍ତି ସେହି ବ୍ୟକ୍ତି ବିଶେଷଙ୍କ ଦ୍ୱାରା ହିଁ ପ୍ରତାରିତ ହେବାକୁ ପଡ଼ିପାରେ।

**ଧନୁ**
କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଦେଖାଦେବା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରଶଂସିତ ହେବେ।

**ମକର**
ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଭଲ ହେବ, ଅନ୍ୟଥା ମାନସିକ ଦୁଶ୍ଚିନ୍ତାରେ ପଡ଼ିବେ। ଈର୍ଷାପର ଲୋକମାନଙ୍କ ପାଖରୁ ଶୁଭ କାମନା ଆଶା କରିବା ବୃଥା ହେବ। ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବା କଷ୍ଟକର ହୋଇପାରେ। ଆନୁଷ୍ଠାନିକ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ଆକସ୍ମିକ କେତେକ ସମସ୍ୟା ଦେଖାଦେବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଦୀର୍ଘଦିନଧରି ଗୃହକୁ ପ୍ରତ୍ୟାବର୍ତ୍ତନ ନ କରିପାରିବାରୁ ପ୍ରବାସରେ ନିଃସଙ୍ଗତା ବୋଧ କରିପାରନ୍ତି।

**ମୀନ**
ବାରମ୍ବାର ବହୁତ ଚିନ୍ତା କରିବା ପରେ କୌଣସି ପଦକ୍ଷେପ ନେବା ଠିକ୍ ହେବ। ଯାତ୍ରା ସମୟରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ବନ୍ଧୁମାନଙ୍କ ସହାୟତାରେ ସଭାସମିତିରେ ସଫଳତା ହାସଲ କରିବେ ଏବଂ ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

ଶୁକ୍ରବାର ଜାତିରଜନକ ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ, ଅକ୍ଟୋବର ୨ ତାରିଖ, ଅନ୍ତର୍ଜାତୀୟ ଅହିଂସାଦିବସ, ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ (ଅକ୍ଟୋବର ୨ରୁ ୮) ଆଶ୍ୱିନ ମଳ କୃଷ୍ଣପ୍ରତିପଦା ଶୁକ୍ରବାର, ରାଶି ନକ୍ଷତ୍ର-ରେବତୀ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୧ମି.ଗତେ ଘ.୦୬.୨୮ମି. ମଧ୍ୟେ, ଘ.୦୭.୧୫ମି. ଗତେ ଘ.୦୯.୩୭ମି. ମଧ୍ୟେ, ଦିବା ଘ.୧୧.୫୯ମି.ଗତେ ଘ.୦୩.୦୮ମି. ମଧ୍ୟେ ଘ.୦୩.୫୫ ମି.ଗତେ ଘ. ୦୫.୩୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୯ମି.ଗତେ ଘ.୦୯.୩୪ମି. ମଧ୍ୟେ, ରାତ୍ରିଘ.୧୨.୦୦ମି. ଗତେ ଘ.୦୧.୩୭ମି. ମଧ୍ୟେ, ଘ.୦୨.୨୬ମି. ଗତେ ଘ.୦୪.୦୪ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ. ୧୦.୦୭ମି. ଗତେ ଘ.୧୧.୩୫ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଜମି ଲାଗି ଅଟକିଛି...

ବିଶ୍ରାମନେବା ଲାଗି ବ୍ୟବସ୍ଥା ରହିବ। ଡ୍ରାଇଭରମାନଙ୍କ ଲାଗି ବିଶ୍ରାମକକ୍ଷ, ସିଏନ୍‌ଜି ଷ୍ଟେଶନ, ବିଦ୍ୟୁତ୍‌ଚାଳିତ ଗାଡ଼ି ଚାର୍ଜ କରିବା ପାଇଁ ଭିତ୍ତିଭୂମି ବିକଶିତ କରାଯିବ। ଗୁଜରାଟର ଭଦୋଦରାଠାରେ ରହିଥିବା ବସ୍ ପୋର୍ଟ ଢାଞ୍ଚାରେ ଏହା କରାଯିବା ପାଇଁ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ ୨୦୧୭ରେ ସବୁ ରାଜ୍ୟର ପରିବହନ ମନ୍ତ୍ରୀଙ୍କ ସହ କରିଥିବା ଏକ ବୈଠକରେ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ସବୁ ରାଜ୍ୟ ପକ୍ଷରୁ ଗ୍ରହଣ କରାଯିବା ପରେ ଏଥିପାଇଁ ନିର୍ଦ୍ଦେଶନାମା ବାହାରିଥିଲା।

ସୂଚନାଥାଉ କି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପ୍ରବଳ ଭିଡ଼ ହେଉଥିବା ଯୋଗୁ ଗୋପାଳପୁରକୁ ଏହି ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ଲାଗି ରାଜ୍ୟ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିପାଇଁ ଗୋପାଳପୁର ମୌଜା ପ୍ଲଟ୍ ନମ୍ବର ୮୪୩, ଖାତା ନମ୍ବର ୧୦୪୬ ଜମି ସରକାର ୨୦୧୩ ଫେବୃୟାରୀରୁ ଚିହ୍ନଟ କରିଥିଲେ। ଉକ୍ତ ଜମି ରାଜ୍ୟ ପରିବହନ ବିଭାଗକୁ ୨୦୧୫ ଜୁଲାଇରେ ହସ୍ତାନ୍ତର କରାଗଲା। ଏହାପରେ ରାଜସ୍ୱ ବିଭାଗ ପକ୍ଷରୁ ଗୋପାଳପୁର ବସ୍‌ଷ୍ଟାଣ୍ଡ ପାଇଁ ଫିଜିକାଲ ପୋଜେସନ ମିଳିଥିଲା। ପରବର୍ତ୍ତୀ ସମୟରେ ମଡର୍ନ ବସ୍ ପୋର୍ଟ କରିବା ପ୍ରସ୍ତାବ କେନ୍ଦ୍ରରୁ ଆସିବାପରେ ଉକ୍ତ ଜମି ବ୍ୟବହାର ପାଇଁ ରାଜ୍ୟ ପକ୍ଷରୁ ସ୍ଥିର ହେଲା। ମାତ୍ର ଏ ସମ୍ପର୍କିତ ଫାଇଲ କେନ୍ଦ୍ରରୁ ପ୍ରଦାନ କରାଯିବା ପରେ ଏହି ଜମି ୪୨ ଏକର ଥିବା ଉଲ୍ଲେଖ ଥିଲେ ମଧ୍ୟ ତାହା ଭୁଲ୍ ତଥ୍ୟ ବୋଲି ଜଣାପଡିଥିଲା। ବର୍ତ୍ତମାନର ରାଜ୍ୟ ଗଣଶିକ୍ଷା ବିଭାଗ ସଚିବ ଥିବା ସତ୍ୟବ୍ରତ ସାହୁ କେନ୍ଦ୍ରୀୟ ଡେପୁଟେଶନରେ ଥିବାବେଳେ ଏହି ଫାଇଲ ଫେରାଇ ଦେଇଥିବା ଜଣାପଡିଛି। କେନ୍ଦ୍ରୀୟ ଟିମ୍ ଆସି ଯେତେବେଳେ ଜମି ମାପଚୁପ କରିଥିଲେ ତାହା ୨୩ ଏକର ବୋଲି ଜଣାପଡ଼ିଥିଲା। ଯେତେବେଳେ ପୁନର୍ବାର ରାଜ୍ୟ ସରକାର ଜମିର ତଥ୍ୟ ଯାଞ୍ଚ କଲେ ଜଣାପଡ଼ିଥିଲା ଯେ, ତାହା ୨୩ ଏକର ଠାରୁ ସାମାନ୍ୟ ଅଧିକ। ଏହାପରେ ଉକ୍ତ ଜମିରେ ବାଉଣ୍ଡରି ୱାଲ୍ କରିବା ପାଇଁ ରାଜ୍ୟ ପୋଲିସ ହାଉସିଂ କର୍ପୋରେଶନକୁ ଦାୟିତ୍ୱ ମିଳିଥିଲା। ବାଉଣ୍ଡରି ୱାଲ୍ କରିବା ସମୟରେ ମଧ୍ୟ ସରକାରଙ୍କ ପାଖରେ ୨୩ ଏକର ଜମି ଥିବା ଜଣାପଡିଥିଲା। ପରବର୍ତ୍ତୀ ସମୟରେ ସରକାର ଘନଘନ ବୈଠକ କରିବାପରେ ଜଣାପଡିଲା ଯେ, ବାକି ୧୯.୩୨ ଜମି ପୂର୍ବତଟ ରେଲୱେ ହାତକୁ ପୂର୍ବରୁ ଟେକି ଦିଆଯାଇଛି। ମାତ୍ର ରେଲୱେ ସେହି ଜମିକୁ ବ୍ୟବହାର କରିନାହିଁ।

୨୦୨୦ ଜୁନ୍ ୪ରେ ବସ୍ ପୋର୍ଟ ପାଇଁ ଆବଶ୍ୟକ ଥିବା ଜମି ସମ୍ପର୍କରେ ପରିବହନ ବିଭାଗ ସଚିବ, କଟକ ଜିଲାପାଳ, ଆର୍‌ଟିଓ କଟକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଗତ ମାସ ୧୭ ତାରିଖରେ ପରିବହନ ସଚିବ ପୂର୍ବତଟ ରେଲୱେ ଏମ୍‌ଡିଙ୍କୁ ଏକ ଚିଠି ଲେଖି କାମରେ ଲାଗି ନ ଥିବା ଉକ୍ତ ୧୯.୩୨ ଏକର ଜମି ଯଥାଶୀଘ୍ର ରାଜ୍ୟ ସରକାରଙ୍କୁ ଫେରାଇଦେବା ପାଇଁ କହିଛନ୍ତି।

ଏହାସହ ସରକାରଙ୍କ ନାମରେ ଏନ୍‌ଓସି (ନୋ ଅବଜେକ୍ସନ ସାର୍ଟିଫିକେଟ) ଦେବା ଲାଗି ମଧ୍ୟ କହିଛନ୍ତି। ତେବେ ଜଣେ ସରକାରୀ ଅଧିକାରୀଙ୍କ ନିକଟରୁ ମିଳିଥିବା ସୂଚନା ମୁତାବକ, ସେହି ଜମି ଉପରେ ଅନେକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏହାର ଶୁଣାଣି ମଧ୍ୟ ପ୍ରକଳ୍ପ ବିଳମ୍ବର ଅନ୍ୟତମ କାରଣ। ଏହି ବସ୍‌ଷ୍ଟାଣ୍ଡ ହେବା ଦ୍ୱାରା ଆନ୍ତଃରାଜ୍ୟ ପରିବହନଠାରୁ ଅନେକ ସୁବିଧା ସରକାର ପାଇବା ସହିତ ଲୋକମାନେ କାରରେ ଅଧିକ ଦୂର ସ୍ଥାନ ଯିବା କମିଯିବ ବୋଲି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଏହି ପ୍ରକଳ୍ପ କେବେ ସରିବ ତାକୁ ନେଇ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କ ଉପରେ ଅସନ୍ତୁଷ୍ଟ ହୋଇଥିବା ମଧ୍ୟ ଜଣାପଡିଛି। ପରିବହନ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ଯୋଜନା ଜମି ପାଇଁ ଅଟକି ରହିଛି। ଖୁବ୍‌ଶୀଘ୍ର ଜମି ସମସ୍ୟା ଦୂରହୋଇ ଏହି କାମ ଆରମ୍ଭ ହେବ। ପୋଲିସ ହାଉସିଂ କର୍ପୋରେଶନ ଅଧା ପାଚେରି କାର୍ଯ୍ୟ ସାରିଛି ବୋଲି ସେ କହିଛନ୍ତି।

## ବିଦ୍ୟୁତ୍ ଦର ବୃଦ୍ଧି...

ଗତ ୪ବର୍ଷ ମଧ୍ୟରେ ବୃଦ୍ଧି କରିଥିବା ବିଜୁଳି ଦରର ଉଦାହରଣ ଦେଇଥିଲେ। କୋଭିଡ୍ ଲକ୍‌ଡାଉନ୍ ଯୋଗୁ ଶକ୍ତି କ୍ଷେତ୍ରରେ ଆର୍ଥିକ ଦୁଃସ୍ଥିତି ଦେଖାଦେଇଛି। ଗ୍ରୀଡ୍‌କୋର ଆର୍ଥିକ ନିଅଣ୍ଟ ଭରଣା ଉଦ୍ଦେଶ୍ୟରେ ବିଦ୍ୟୁତ୍ ଶୁଳ୍କକୁ ୪% ବୃଦ୍ଧି କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ଭାଜପା ବିଧାୟକ ମୋହନ ଚରଣ ମାଝି କହିଥିଲେ, ସରକାର ନିଜକୁ ବଞ୍ଚାଇବାକୁ ଗରିବଙ୍କ ତଣ୍ଟିଚିପି ମାରିଦେବାକୁ ଚାହୁଁଛନ୍ତି। କୋଭିଡ୍ ସମୟରେ ଲୋକେ ଜୀବନ ଜୀବିକା ହରାଇଥିବାବେଳେ ସରକାର କଟା ଘା'ରେ ଚୂନ ଦେଉଛନ୍ତି। କୌଣସି କାରଣ ଓ ଆବଶ୍ୟକତା ନ ଥାଇ ସରକାର ଦେୟ ବଢାଇବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ରାଜ୍ୟର ୪ଟି ବିଦ୍ୟୁତ୍ ବିତରଣ କମ୍ପାନୀ ଉପରେ ସରକାରଙ୍କ ୫୯୬୩ କୋଟି ୨୧ ଲକ୍ଷ ଟଙ୍କା ବକେୟା ଅଛି। ସେହିଭଳି ରାଜ୍ୟର ବଡ଼ ବଡ଼ ୨୬ଟି ଶିଳ୍ପ ସଂସ୍ଥା ଉପରେ ୨,୯୪୯ କୋଟି ୬୬ଲକ୍ଷ ଟଙ୍କାର ଦେୟ ବାକିପଡ଼ିଛି। ହେଲେ ସରକାର ସେମାନଙ୍କଠାରୁ ଅର୍ଥ ଆଦାୟ ନ କରି ଗରିବ ଲୋକଙ୍କୁ ଲୁଟିବାକୁ ଚାହୁଁଛନ୍ତି। ଏହାବାଦ୍ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକୁ ୮୪ କୋଟି ଟଙ୍କାର ରିହାତି ଦିଆଯାଇଛି। ଏହାପରେ ବି ସରକାର ଦେୟ ବଢାଉଛନ୍ତି। ଗୋଟିଏପଟେ ନିଜକୁ ବିଦ୍ୟୁତ୍ ବଳକା ରାଜ୍ୟ କହି ଅନ୍ୟ ରାଜ୍ୟକୁ ବିଦ୍ୟୁତ୍ ବିକ୍ରି କରୁଛନ୍ତି। ୩ ଟଙ୍କା ୨୧ପଇସାରେ ଅନ୍ୟ ରାଜ୍ୟକୁ ବିକ୍ରିକରି ଆବଶ୍ୟକ ସମୟରେ କିଣିବାବେଳେ ୩ଟଙ୍କା ୮୧ ପଇସାରେ କିଣୁଛନ୍ତି। ଶସ୍ତାରେ ବିକ୍ରିକରି ମହଙ୍ଗାରେ କିଣିବାର ଅର୍ଥ କ'ଣ ବୋଲି ସେ ପଚାରିଥିଲେ। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଓଡ଼ିଶା ଉଚ୍ଚା ଦରରେ ଏନ୍‌ଟିପିସି ଓ ଅନ୍ୟ ରାଜ୍ୟଠାରୁ କ'ଣପାଇଁ ବିଦ୍ୟୁତ୍ କିଣୁଛି ବୋଲି ପ୍ରଶ୍ନ କରିଥିଲେ। ରାଜ୍ୟ ସରକାର ମାତ୍ର ୩ଟି ରାଜ୍ୟର ଉଦାହରଣ ଦେଇ ସେମାନଙ୍କଠାରୁ ଆମର ବିଦ୍ୟୁତ ଦର କମ୍ ବୋଲି କହୁଛନ୍ତି। ହେଲେ ବାକି ୨୬ଟି ରାଜ୍ୟ କଥା ସରକାର କୁହନ୍ତୁ ବୋଲି ସାଲୁଜା କହିଥିଲେ।

ଭାଜପା ବିଧାୟକ ନିତ୍ୟାନନ୍ଦ ଗଣ୍ଡ କରୋନା ମହାମାରୀ ସମୟରେ ବିଦ୍ୟୁତ ଦେୟ ବଢିବା ନିନ୍ଦନୀୟ ବୋଲି କହିଥିଲେ। ରାଜ୍ୟ ସରକାର ଏଠି ଝିଣ୍ଟିକା ମାରି ବଣି ପୋଷିବା ନୀତି ଅବଲମ୍ବନ କରୁଛନ୍ତି। ଭିତ୍ତିଭୂମି ନ ସଜାଡ଼ି ବାରମ୍ବାର ଦର ବୃଦ୍ଧି କରାଯାଉଥିବା ସେ ଅଭିଯୋଗ ଆଣିଥିଲେ। ସେହିଭଳି ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ କହିଥିଲେ, ବିପିଏଲ୍ ଏବଂ ଚାଷୀମାନଙ୍କ ପାଇଁ ଏହି ଦେୟ ବୃଦ୍ଧି ହୋଇ ନ ଥିବା ରାଜ୍ୟ ସରକାର କହୁଛନ୍ତି। ଓଡ଼ିଶାରେ ୯୩ଲକ୍ଷ ବିପିଏଲ୍ ପରିବାର ଥିବାବେଳେ ଅଧିକାଂଶ ମଧ୍ୟବିତ୍ତ ପରିବାର। ଏହି ଦର ବୃଦ୍ଧି ମଧ୍ୟବିତ ଶ୍ରେଣୀ ଉପରେ ବୋଝ ବୋଲି ସେ କହିଥିଲେ। ବିଦ୍ୟୁତ ଶୁଳ୍କ ବଢାଇ ରାଜ୍ୟ ସରକାର ମଧ୍ୟବିତ୍ତ ପରିବାର ଓ ବ୍ୟବସାୟୀଙ୍କ ଉପରେ ଚାବୁକ ମାଡ଼ କରିଛନ୍ତି ବୋଲି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ। ଅନ୍ୟପକ୍ଷରେ ଦୃଷ୍ଟି ଆକର୍ଷଣ ନୋଟିସରେ ପୂର୍ବତନ ଶକ୍ତିମନ୍ତ୍ରୀ ତଥା ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକ ଦରବୃଦ୍ଧି ସପକ୍ଷରେ ଯୁକ୍ତି ବାଢିବା ସହ ଗତ ୨୦ବର୍ଷ ମଧ୍ୟରେ ରାଜ୍ୟରେ ବିଦ୍ୟୁତ ଭିତ୍ତିଭୂମି ପୂର୍ବାପେକ୍ଷା ବହୁ ଉନ୍ନତ ହୋଇଥିବା କହିଥିଲେ। ଅମ୍ଫନ ଓ ଫନୀ ବାତ୍ୟା ପରେ ଓଡ଼ିଶାରେ ୪ଦିନ ଭିତରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବାବେଳେ ପଶ୍ଚିମବଙ୍ଗରେ ବାତ୍ୟାର ୩୦ଦିନ ପରେ ବି ଲୋକେ ଅନ୍ଧାରରେ ରହିଥିଲେ ବୋଲି ସେ କହିଥିଲେ। ବିଜେଡି ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ କହିଥିଲେ, ଯେଉଁ ଦରବୃଦ୍ଧି ହୋଇଛି ତାହା ରାଜକୋଷକୁ ଆସିବନି। ୪ଟି ବିତରଣ କମ୍ପାନୀର ହ୍ୱିଲିଂ ଚାର୍ଜ ବା ଅପରେସନ୍ସ ଓ ମେଣ୍ଟେନାନ୍ସ ଚାର୍ଜ ଭାବେ ଏହି ଶୁଳ୍କ ନେବେ। ବିରୋଧୀମାନେ ନିଜେ ବାଉଳା ହେଉଥିବା ଘଡ଼େଇ କହିଥିଲେ। ବିଦ୍ୟୁତ୍ ଭଳି ପେଟ୍ରୋଲ, ଡିଜେଲ୍ ବି ଲୋକଙ୍କ ପାଇଁ ସେତିକି ଜରୁରୀ। ହେଲେ ଗତ ୬ମାସ ମଧ୍ୟ ପେଟ୍ରୋଲ, ଡିଜେଲ ଦର ୧୬% ବଢିଛି। ଏହା ଉପରେ କେନ୍ଦ୍ର ସରକାର ପ୍ରଥମେ ଧ୍ୟାନ ଦିଅନ୍ତୁ ବୋଲି ବିଧାୟକ ଚନ୍ଦ୍ର ସାରଥୀ ବେହେରା କହିଥିଲେ।

## ପିଏନ୍‌ବିରେ ୧୨୦୩...

ବିଜୟା ବ୍ୟାଙ୍କ ୯୪୯ କୋଟି, ୟୁନିୟନ ବ୍ୟାଙ୍କ ୩୭୧ କୋଟି, ବ୍ୟାଙ୍କ ଅଫ୍ ଇଣ୍ଡିଆ ୬୧୪ କୋଟି, କାନାରା ବ୍ୟାଙ୍କ ୪୭୨ କୋଟି, ଏକ୍ସିମ ବ୍ୟାଙ୍କ ୪୧୬ କୋଟି, ପଞ୍ଜାବ ଏବଂ ସିନ୍ଧ୍ ବ୍ୟାଙ୍କ ୩୩୩ କୋଟି, ସେଣ୍ଟ୍ରାଲ ବ୍ୟାଙ୍କ ୩୧୫ କୋଟି,ଓରିଏଣ୍ଟ ବ୍ୟାଙ୍କ ୩୦୦ କୋଟି, ଆନ୍ଧ୍ର ବ୍ୟାଙ୍କ ୨୫୦ କୋଟି ଏବଂ ଏସ୍‌ବିଆଇ ୧୫୦ କୋଟି ଋଣ ଏହି କମ୍ପାନୀ ନେଇଛି। ଏହାବାଦ ଘରୋଇ କ୍ଷେତ୍ରର ସାଉଥ ଇଣ୍ଡିଆନ ବ୍ୟାଙ୍କ ୨୫୦ କୋଟି ଏବଂ କର୍ନାଟକ ଅଫ୍ ବ୍ୟାଙ୍କ ୧୦୦ କୋଟି ଏହି କମ୍ପାନୀଙ୍କୁ ଋଣ ଭାବେ ପ୍ରଦାନ କରିଛନ୍ତି। ଏହିସବୁ ବ୍ୟାଙ୍କର ଋଣ ବର୍ତ୍ତମାନ ଫେରିବା ଉପରେ ସମସ୍ୟା ଉପୁଜିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

## ଉପନିର୍ବାଚନ: ୧୦୦ଜଣଙ୍କୁ...

ପୂର୍ବଭଳି ଲକ୍‌ଡାଉନ ଜାରି ରହିବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗାଇଡ୍‌ଲାଇନ ଅନୁଯାୟୀ ସ୍ଥାନୀୟ ଅଧିକାରୀମାନେ ସଂକ୍ରମିତ ଜୋନ୍ ଚିହ୍ନଟ କରିବେ। ସେହି ସବୁ ଅଞ୍ଚଳରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଯାତାୟାତକୁ ବାରଣ କରାଯାଇଛି। ଘରକୁ ଘର ବୁଲି ସଂକ୍ରମିତଙ୍କ ପର୍ଯ୍ୟବେକ୍ଷଣ କାର୍ଯ୍ୟ ଜାରି ରହିବ। ସଂକ୍ରମିତ ଅଞ୍ଚଳ ବାହାରେ କୌଣସି ପ୍ରଶାସନ ଲକ୍‌ଡାଉନ ଘୋଷଣା କରି ପାରିବେ ନାହିଁ।

ସଂକ୍ରମିତ ଅଞ୍ଚଳ ବାହାରେ ଆସନ୍ତା ୩୧ ତାରିଖ ଯାଏ ଧାର୍ମିକ ଅନୁଷ୍ଠାନ, ସ୍କୁଲ କଲେଜ, ବିଶ୍ୱବିଦ୍ୟାଳୟ, କୋଚିଂ ସେଣ୍ଟର, ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ। ଅନଲାଇନ ପାଠପଢା ଜାରି ରହିବ। ସ୍କୁଲ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଅନ୍‌ଲାଇନ କ୍ଲାସ, ଟେଲି କାଉନ୍‌ସେଲିଂ କାର୍ଯ୍ୟ ପାଇଁ ଅନୁମତି ଦେଇପାରିବେ। ଯଦି କୌଣସି ଅଡିଟୋରିୟମ କିମ୍ବା ସମ୍ମିଳନୀ କକ୍ଷରେ ସମାବେଶ କରାଯିବ ତେବେ ସମୁଦାୟ ଆସନ ସଂଖ୍ୟାର ୫୦ ପ୍ରତିଶତ ଅର୍ଥାତ୍ ସର୍ବାଧିକ ୧୦୦ଜଣଙ୍କୁ ଅନୁମତି ଦିଆଯିବ। ଖୋଲା ସ୍ଥାନରେ ଆୟତନ ଅନୁଯାୟୀ ୧୦୦ ଜଣରୁ ଅଧିକ ଲୋକଙ୍କୁ ଏକାଠି ହେବାକୁ ଦିଆଯିବ ନାହିଁ। ଉପନିର୍ବଚନ ବେଳେ ସମ୍ପୃକ୍ତ ଜିଲାର ଜିଲାପାଳ ରାଜନୈତିକ ସମାବେଶକୁ ନେଇ କଟକଣା ଜାରି କରିପାରିବେ। ସୁଇମିଂପୁଲ୍, ଥିଏଟର, ଆସେମ୍ବ୍ଲି , ଅଡିଟୋରିୟମ ଇତ୍ୟାଦି ଅକ୍ଟୋବର ୩୧ ତାରିଖ ଯାଏ ବନ୍ଦ ରହିବ। ଅକ୍ଟୋବର ୧୫ ପରେ କେତେକ କାର୍ଯ୍ୟକଳାପ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗାଇଡ୍‌ଲାଇନ ଜାରି କରିବେ। ଏହା ପରେ ରାଜ୍ୟ ସରକାର ନିୟମାବଳୀ ଜାରି କରିବେ। ଏଥିସହିତ ସାମାଜିକ ଦୂରତା, ମାସ୍କ ପିନ୍ଧିବାକୁ କଡାକଡି କରିବା ସହ ସର୍ବସାଧାରଣ ସ୍ଥାନରେ ପାନ, ଗୁଟ୍‌ଖା ଛେପ ପକାଇବା ଉପରେ କଟକଣା ଜାରି କରାଯାଇଛି।

# ଶୁକ୍ରବାର ବିଧାନସଭା ବନ୍ଦ

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପାଇଁ ଶୁକ୍ରବାର ବିଧାନସଭା ବନ୍ଦ ରହିବ। ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବିଧାନସଭା ଆରମ୍ଭ ହେବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। ତେବେ ଆସନ୍ତା ରବିବାର ଛୁଟି ସତ୍ତ୍ୱେ ବିଧାନସଭା କାର୍ଯ୍ୟ ଚାଲୁ ରହିବ। ଚଳିତ ମୌସୁମୀ ଅଧିବେଶନ ମାତ୍ର ୮ ଦିନ ପାଇଁ ବସୁଥିବାରୁ ରବିବାର ବିଧାନସଭା ଚଳାଇବା ପାଇଁ ନିଷ୍ପତ୍ତି ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭେକ ଥିଲେ**
**ଭିକ ମିଳେ।**
ପୋଷାକ ହିଁ ବ୍ୟକ୍ତିତ୍ୱର ପରିପ୍ରକାଶ କରାଇଥାଏ। ବେଶ ଭୂଷାରୁ ବ୍ୟକ୍ତି ବିଷୟରେ ସ୍ୱତଃ ସମ୍ୟକ ଧାରଣା ସୃଷ୍ଟି ହୋଇଥାଏ। ପରୋକ୍ଷରେ ଯୋଗ୍ୟତା ଥିଲେ କାମର ଅଭାବ ରହୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭୂତ ହୋଇ ଲାଗିବା,**
**ଗୁଣିଆଁ ହୋଇ ଝାଡ଼ିବା।**
କିଛି ବ୍ୟକ୍ତି ଏ ପାଖରେ କ୍ଷତି କରି ସେ ପାଖରେ ସମାଧାନ ବା ତାର ପ୍ରତିକାର ବାହାର କରୁଥିବାର ଦେଖିବାକୁ ମିଳିଥାଏ। ଏପରି ଦୁଇ ପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# classifieds Everyday
0674-2580101, 2549302

**automobile**

**SALE**

Hyundai i20, Indica, Elentra 2005, Bolero-2011, Bolero-2018. Contact: 8249459742, 7381091234. D-69175

**real estate**

**SALE**

Infosis II ପାଖରେ layout approved plot 680/- Patia, Pahala, Arugul, Jharpadaରେ plot available. 7978124465. D-69552

CV Raman College ପାଖରେ 2400sqft. plot ବିକ୍ରିହେବ। Contact: 9778928492. D-68382

ଘରବାରି ବାଉଣ୍ଡରୀ ଚାଲୁଥିବା କୁକୁଡ଼ା ଫାର୍ମ 30,000 ସମସ୍ତ ଫାର୍ମ ସରଞ୍ଜାମ ଅଫିସ ଦୁଇ ମହଲା ଘର ୩୦୦୦ବର୍ଗ ଫୁଟ ଲେବର କଲୋନୀ, ବୋରୱେଲ, କୂଅ, ଦାନାମିଲ ଇତ୍ୟାଦି ବିକ୍ରିହେବ। ରେଲୱେ ଷ୍ଟେସନ ୬ କି.ମି। ନୟାଗଡ଼ ୩ କିମି। ମୂଲ୍ୟ– ୩୯୫୦୦୦୦୦। Mob: 7008554016, 6370200298. D-18447

CV Raman College ପାଖରେ 35 guntha plot ବିକ୍ରିହେବ। Contact: 9778928492. D-68381

ଡମଣା ଶ୍ରୀବିହାର କଲୋନୀରେ sqft- 2200/-ରେ ବାସଉପଯୋଗୀ plot କିଣନ୍ତୁ। immediate ଘର କରନ୍ତୁ। 9337530382, 9776846520. D-69178

ଭୁବନେଶ୍ୱର ଏୟାରପୋର୍ଟ DAV ପୋଖରୀପୁଟରୁ 5k.m. କୁହା ମୌଜାରେ ଘରବାରି plot 1500sqft. 14,25,000/-, 6370476317. D-69172

ଭୁବନେଶ୍ୱର ସୁନ୍ଦରପଦା **Xavier University** ନିକଟରେ **sqft-199/- plot** ବିକ୍ରିହେବ। **9337285332, 6372047313.** D-69176

Residential/Commercial plot for sale near Pitapalli, Baranga bypass infront of Mahavir College. 9438412339. D-18384

**Plot sale near AIIMS Hospital, Bhubaneswar with 30' road, 9439206202.** D-69174

3BHK Duplex booking open Paniora near Chhatabar. Price 49lakhs in front of Mahavir College. M: 7681000111. D-18383

**GENERAL**

**SALE**

**Require 15 acres land within 7kilometers from Khurda Collectorate preferably Blacktop Roadside. 7008563697.** D.-18443

**to-let**

2 Rooms 2nd Floor house rent 7,000/- near Reliance Fresh, Ruchikamarket, Bhubaneswar, 8917512423. D-69443

To-Let at Goutam Nagar, Kharvel Nagar, Bomikhal, Cuttack-road, Janpath near UCO Bank. Please Contact: 9437033691. D-68380

3BHK ready to move with covered garage Power backup at Damyanti Apartment, Nayapalli to rent, contact- 8908458351. D-53658

**healthcare**

Get good massage for your health the best therapy SPA Station. 7655024727, 8118079281. D-69555

Rejuvenate and Ayurvedic full body massage by smart therapist. 9348123330. D-69771

Newly open full body massage SPA in Bhubaneswar. Contact: 7205058838. D-69770

Herbal full body massage smart lady therapist- 9437453813. D-69923

Newly open SPA centre smart therapist full body massage: 8114970372. D-59964

Newly open SPA centre smart therapist full body massage: 7205187702. D-59963

Newly open SPA centre smart therapist full body massage: 7846814019. D-59962

Refresh your mind and soul with best therapy at Orchid Salon/ Spa, 9937287222. D-69550

Thailand Massage Refreshments Bhubaneswar, Cuttack, Puri. 9853999966, 9853999966, Homeser vices 9853999966@gmail.com. D-18258

Herbal full body massage by smart / expert therapist. Contact: 8338067247. D-69765

Get refreshment body massage by expert therapist contact for. 9556978408. D-69766

Swarna SPA newly open positively health benefits with expert therapist. 7873794731. D-69767

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69768


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସଙ୍କଟରେ ବନ୍ୟପ୍ରାଣୀ



**ଅକ୍ଟୋବର ୨ ରୁ ୯ ପର୍ଯ୍ୟନ୍ତ ପାଳନ ହେଉଛି 'ବନ୍ୟପ୍ରାଣୀ ସପ୍ତାହ'। ଏହି ସପ୍ତାହରେ ପ୍ରତିବର୍ଷ ବନ୍ୟପ୍ରାଣୀଙ୍କ ପାଇଁ ଅନେକ ଚିନ୍ତା ଅନୁଚିନ୍ତା କରାଯାଇଥାଏ। ବିଭିନ୍ନ କାର୍ଯ୍ୟକ୍ରମ ସହ ସଚେତନତା ମାଧ୍ୟମରେ ନୂଆ ବାର୍ତ୍ତା ଦିଆଯାଇଥାଏ। ହେଲେ ବାସ୍ତବ ସ୍ଥିତିକୁ ତର୍ଜମା କଲେ ପ୍ରକୃତି ସହ ବଞ୍ଚୁଥିବା ବନ୍ୟାପ୍ରାଣୀମାନେ ଏକ ସଂକଟଜନକ ପରିବେଶ ଓ ପରିସ୍ଥିତି ଦେଇ ଗତି କରୁଛନ୍ତି। ଦିନକୁ ଦିନ ସେମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ବାସସ୍ଥାନ ଅଭାବ, ଶିକାର, ପ୍ରତିଦ୍ୱନ୍ଦ୍ୱିତା, ମଣିଷ-ବନ୍ୟପ୍ରାଣୀ ସଂଘର୍ଷ ଭିତରେ ସେମାନେ ଟଳି ପଡୁଛନ୍ତି। କେଉଁଠି ଶିକାର ହେଉଛନ୍ତି ତ ଆଉ କେଉଁଠି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବନ ବିଭାଗ ଆବଶ୍ୟକ ପଦକ୍ଷେପ ନେଇ ପାରୁ ନ ଥିବାରୁ ଏମାନଙ୍କ ଜୀବନ ବିପଦକୁ ଚାଲିଯିବା ସହିତ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି। ଏହାକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା...**

## ଆଜିଠୁ 'ବନ୍ୟପ୍ରାଣୀ ସପ୍ତାହ'

## ବଜ୍ରକାପ୍ତାର ସର୍ବାଧିକ ଚୋରା ଚାଲାଣ

ସାରା ପୃଥିବୀରେ ଅଧିକ ଶିକାର ଓ ଚୋରା ଚାଲାଣ ହେଉଥିବା ବନ୍ୟପ୍ରାଣୀ ହେଉଛି ବଜ୍ରକାପ୍ତା। ଏହି ପ୍ରାଣୀକୁ ପୋଷା ମନାଇବା କଷ୍ଟକର। କାରଣ ଏମାନଙ୍କୁ ଘରେ ରଖିବାକୁ ହେଲେ ଖାଦ୍ୟ ଯୋଗାଡ଼ କରିବା ସମ୍ଭବପର ନୁହେଁ। ଶିକାରୀମାନେ ବଜ୍ରକାପ୍ତା ଧରିବା ପରେ ବଞ୍ଚିଥିବା ଅବସ୍ଥାରେ ଓଜନ ଅନୁସାରେ ବିକ୍ରି କରିଥାନ୍ତି। କିନ୍ତୁ ପରେ ଖାଦ୍ୟାଭାବରୁ ଓଜନ ହ୍ରାସ ପାଇବା ସହ ତା'ର ମୃତ୍ୟୁ ଘଟିଥାଏ। ହେଲେ ଏହା ପୂର୍ବରୁ ଶିକାରୀମାନେ ତାକୁ ମାରି ମାଂସ ଖାଇ ଦିଅନ୍ତି। ତା'ର କାତିକୁ ଅଲଗା ଦରରେ ବିକ୍ରି ପାଇଁ ରଖନ୍ତି। ବିଶ୍ୱର ବିଭିନ୍ନ ଦେଶକୁ ଏହାର କାତି ଚୋରା ଚାଲାଣ ହେଉଥିଲେ ମଧ୍ୟ ଏହାର ବଡ଼ ବଜାର ହେଉଛି ଚାଇନା। ଚାଇନାରେ ବର୍ତ୍ତମାନ ବଜ୍ରକାପ୍ତା ଆମଦାନୀ, ରପ୍ତାନି ଓ ଔଷଧୀୟ ବ୍ୟବହାର ନିଷେଧ କରାଯାଇଥିବାରୁ ମାଫିଆମାନେ ଚୋରାରେ ଆମଦାନୀ କରିଥାନ୍ତି। ଭାରତ ବିଶେଷକରି ଓଡ଼ିଶାର ବଜ୍ରକାପ୍ତାର ଚାହିଦା ସର୍ବାଧିକ ରହୁଥିବାରୁ ଏଠାରେ ଏହାର ଅନ୍ତର୍ଜାତୀୟ ର୍‍ୟାକେଟ ସକ୍ରିୟ ରହୁଛି। ପ୍ରତିବର୍ଷ କ୍ରାଇମବ୍ରାଞ୍ଚ, ଏସ୍‌ଟିଏଫ୍ ଓ ପୋଲିସ ହାତରେ ଜୀବନ୍ତ ବଜ୍ରକାପ୍ତା, କାତି ସହ ଶିକାରୀ ଓ ଚୋରା ଚାଲାଣକାରୀ ଧରାପଡୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ରୋକାଯାଇପାରୁନି।

# ଭିତରକନିକାରେ କୁମ୍ଭୀର ସଂରକ୍ଷଣ

"ଓଡ଼ିଶାର ଭିତରକନିକା ଅଭୟାରଣ୍ୟ ତଥା ଜାତୀୟ ଉଦ୍ୟାନର ଜୁଆରିଆ ନଦୀ ନାଳରେ ଛୋଟ ବଡ ବଉଳା କୁମ୍ଭୀର ସଂଖ୍ୟା ୧୯୭୫-୭୬ ମସିହା ତୁଳନାରେ ୨୦୨୦ ସୁଦ୍ଧା ୧୭ ଗୁଣ ଏବଂ କୁମ୍ଭୀର ବସା ସଂଖ୍ୟା ୧୬ଗୁଣ ବୃଦ୍ଧିପାଇଛି। ବଉଳା କୁମ୍ଭୀର ସଂରକ୍ଷଣ ସହିତ ଭିତରକନିକା ଲୁଣା ଜଙ୍ଗଲର ପରିବେଶ ଏବଂ ଜୈବ ବିବିଧତା ମଧ୍ୟ ଏହା ମଧ୍ୟରେ ବେଶ୍ ସମୃଦ୍ଧ ହୋଇପାରିଛି।

୧୯୭୫ ମସିହା ମଧ୍ୟ ଭାଗରେ ଭାରତ ସରକାରଙ୍କ ଆର୍ଥିକ ସହାୟତା ଏବଂ ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ବୈଷୟିକ ଜ୍ଞାନକୌଶଳରେ ଓଡ଼ିଶା ବନ ବିଭାଗ ଦ୍ୱାରା ବଉଳା ବା ଲୁଣା କୁମ୍ଭୀର ସହିତ ଅନ୍ୟ ଦୁଇ ଜାତୀୟ କୁମ୍ଭୀର ଯଥା- ଘଡ଼ିଆଳ ବା ଥଣ୍ଟିଆ ଏବଂ ମଗର ବା ଗୋମୁହାଁ କୁମ୍ଭୀରମାନଙ୍କର ବଂଶରକ୍ଷା ବଂଶବୃଦ୍ଧି ଏବଂ ଏମାନଙ୍କ ଜୀବନ ଶୈଳୀ ଉପରେ ଗବେଷଣା ପାଇଁ ଏକ ଯୋଜନା କାର୍ଯ୍ୟକାରୀ ହେଲା। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା:(୧) କୁମ୍ଭୀରମାନଙ୍କର ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇ ଯାଉଥିବାରୁ ପ୍ରଥମେ ସେମାନଙ୍କର ବଂଶ ରକ୍ଷା କରିବା। (୨) ସେମାନେ ରହୁଥିବା ଆବାସସ୍ଥଳୀ ବା ପରିବେଶ (ନଦୀ-ନାଳ, ଜଳାଶୟ, ଆର୍ଦ୍ର ଅଞ୍ଚଳ ଇତ୍ୟାଦି)କୁ ସୁରକ୍ଷା ଦେବା ଏବଂ(୩) କୁମ୍ଭୀରମାନଙ୍କର ଜୀବନ ଶୈଳୀ ଓ ପରିବେଶ ଉପରେ ଗବେଷଣା କରି ଲବ୍ଧ ଜ୍ଞାନକୌଶଳକୁ ସେମାନଙ୍କର ବଂଶରକ୍ଷା ଓ ବଂଶବୃଦ୍ଧି ପାଇଁ ବିନିଯୋଗ କରିବା। ଭିତରକନିକା ଅଭୟାରଣ୍ୟ (ବର୍ତ୍ତମାନ ଏହା ଏକ ଜାତୀୟ ଉଦ୍ୟାନ)ର ଡାଙ୍ଗମାଳଠାରେ ବଉଳା ବା ଲୁଣା କୁମ୍ଭୀର ସଂରକ୍ଷଣ ଓ ଗବେଷଣା ପାଇଁ ୧୯୭୫ ମସିହା ଜୁଲାଇରୁ ଏକ ପ୍ରକଳ୍ପ କାର୍ଯ୍ୟକାରୀ ହେଲା। ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ଥିଲା ବଉଳା କୁମ୍ଭୀରମାନଙ୍କର ବଂଶରକ୍ଷା ଓ ବଂଶବୃଦ୍ଧି। ଭିତରକନିକାର ହେନ୍ତାଳ ଜଙ୍ଗଲ ମଧ୍ୟରେ ମିଳୁଥିବା ଅଳ୍ପ କେତୋଟି କୁମ୍ଭୀର ବସାକୁ ଠାବ କରିବା ଓ ସେଥିରୁ ଅଣ୍ଡା ସଂଗ୍ରହ କରିବା, ଅଣ୍ଡାଗୁଡିକୁ ଡାଙ୍ଗମାଳ କୁମ୍ଭୀର ପ୍ରକଳ୍ପରେ ଥିବା "ଅଣ୍ଡାଶୟ'ରେ ଉଷୁମରେ ବସାଇ ସେଥିରୁ ଯେତିକି ଛୁଆ ଜନ୍ମ ହେବେ ସେଗୁଡିକୁ କୁଣ୍ଡ ମଧ୍ୟରେ ଯତ୍ନ ସହକାରେ ଲାଳନ-ପାଳନ କରିବା ଏବଂ ଛୁଆଗୁଡିକ ତିନିଫୁଟ ଉର୍ଦ୍ଧ୍ୱ ଲମ୍ବ ହେଲେ ଭିତରକନିକାର ସୁରକ୍ଷିତ ନଦୀ-ନାଳରେ ଛଡାଯାଇ ସେମାନଙ୍କ ଉପରେ ଗବେଷଣା କାର୍ଯ୍ୟ ଚାଲୁରଖିବା।

କୁମ୍ଭୀର ପ୍ରକଳ୍ପ ଆରମ୍ଭ ହେବା ବେଳକୁ ଭିତରକନିକା ନଦୀ-ନାଳରେ ରହୁଥିବା କୁମ୍ଭୀରମାନଙ୍କ ସଂଖ୍ୟା ଠିକ୍ ଆକଳନ କରାଯାଇ ନ ଥିଲା। ସର୍ବ ପ୍ରଥମେ ୧୯୭୫-୭୬ ମସିହା ଶୀତଦିନେ (ଡିସେମ୍ବର-ଜାନୁୟାରୀ) ଭିତରକନିକାର ସମସ୍ତ ନଦୀ-ନାଳରେ ଉଭୟ ଦିନ ଓ ରାତିରେ କୁମ୍ଭୀର ଗଣନା କରାଯାଇଥିଲା। ଭିତରକନିକାର ନଦୀ-ନାଳ ଏବଂ ଏଥିସହିତ ସଂଲଗ୍ନ ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା, ମନ୍ତେଇ ଆଦି ନଦୀରେ ମାତ୍ର ୯୬ ଗୋଟି ଛୋଟ ବଡ କୁମ୍ଭୀର ଥିବାର ଆକଳନ କରାଯାଇଥିଲା। ପ୍ରଥମ ବର୍ଷ (୧୯୭୫ ମସିହା ଜୁଲାଇ) ଭିତରକନିକା ଲୁଣା ଜଙ୍ଗଲ ମଧ୍ୟରେ କୁମ୍ଭୀର ବସା ଠାବ କରାଯାଇଥିଲା। କାଳି ଭଞ୍ଜଡିହାଁ ଜଙ୍ଗଲ (ବୈତରଣୀ-ଧାମରା ନଦୀ ପରିବେଷ୍ଟିତ ଏକ ଛୋଟ ଦ୍ୱୀପାଞ୍ଚଳ)ର ଏକମାତ୍ର ବସାରୁ ମିଳିଥିବା ୪୮ଟି ଅଣ୍ଡା, ଭିତରକନିକା ବଉଳା କୁମ୍ଭୀର ପ୍ରକଳ୍ପର ଶୁଭାରମ୍ଭ ସହିତ ଏହାର ସଫଳ ପାଇଁ ଆଶା ସଞ୍ଚାର କରିଥିଲା।

୧୯୭୬ ମସିହାଠାରୁ ପ୍ରତିବର୍ଷ ୫-୬ ଗୋଟି କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ (୨୦୦-୨୫୦ଟି ଅଣ୍ଡା) କରାଯାଇ ଅଣ୍ଡାଗୁଡିକୁ ଅଣ୍ଡାଶୟ ମଧ୍ୟରେ ଉଷୁମରେ ବସାଯାଇ ଜନ୍ମିତ ଛୁଆଗୁଡିକୁ ବିଭିନ୍ନ କୁଣ୍ଡରେ ରଖାଯିବା ସହ ସେମାନଙ୍କର ଲାଳନ ପାଳନ କରାଯାଇଥାଏ। ପ୍ରଥମେ ୩ ଫୁଟରୁ ଉର୍ଦ୍ଧ୍ୱ ୧୫ଟି କୁମ୍ଭୀର ଛୁଆଙ୍କୁ ଭିତରକନିକାର ସୁରକ୍ଷିତ ବାଲିଯୋରରେ ଛଡାଯାଇ ସେମାନଙ୍କର ଗତିବିଧି ଉପରେ ଲକ୍ଷ୍ୟ ରଖାଗଲା। ପର୍ଯ୍ୟାୟ କ୍ରମେ କୁମ୍ଭୀର ଛୁଆମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଛୋଟ ବଡ ସୁରକ୍ଷିତ ନାଳରେ ଛଡାଯାଇଛି। ଏମାନଙ୍କ ମଧ୍ୟରୁ କେତେକ ମାଈ କୁମ୍ଭୀର ପ୍ରାପ୍ତ ବୟସ୍କରେ ପହଞ୍ଚିବା ସହିତ ଅଣ୍ଡା ଦେବା ଆରମ୍ଭ କଲେଣି। ସତୁରି ଦଶକ ମଧ୍ୟଭାଗରୁ ୧୯୯୦ ମସିହା ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନର ସମସ୍ତ ଜଙ୍ଗଲ ଅଞ୍ଚଳ ତନ୍ନ ତନ୍ନ କରି ଖୋଜି ୫-୬ ଗୋଟି ବସା ଠାବ କରିବା ଖୁବ୍ କଷ୍ଟସାଧ୍ୟ ହେଉଥିଲା। କିନ୍ତୁ ବର୍ତ୍ତମାନ ୧୦୦ଟିରୁ ଉର୍ଦ୍ଧ୍ୱ ବସା ଠାବ କରିବା ସମ୍ଭବ ହୋଇପାରୁଛି। ବିଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ପ୍ରାକୃତିକ ପରିବେଶରୁ କୁମ୍ଭୀର ଅଣ୍ଡା ସଂଗ୍ରହ ବନ୍ଦ କରାଯାଇଛି। ବିଗତ ୪ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ଆବଦ୍ଧ ପରିବେଶରେ ଲାଳିତ ପାଳିତ ହେଉଥିବା କୁମ୍ଭୀରମାନଙ୍କ ଉପରେ ଗବେଷଣା ଲବ୍ଧ ଜ୍ଞାନ କୌଶଳକୁ ବଞ୍ଚାଇ ରଖିବା ପାଇଁ ଗୋଟିଏ କିମ୍ବା ୨ଟି ବସାରୁ ଅଣ୍ଡା ସଂଗ୍ରହ କରି ଅଣ୍ଡାଶୟରେ ଉଷୁମରେ ବସାଯାଉଛି। ପୂର୍ବଭଳି ଭିତରକନିକାର ନଦୀନାଳରେ କୁମ୍ଭୀର ଛାଡିବା ପ୍ରାୟ ବନ୍ଦ ହୋଇଯାଇଛି।

ଭିତରକନିକାରେ କୁମ୍ଭୀର ସଂଖ୍ୟା ବହୁତ ବଢିଯାଇଛି ଭାବିବା ଠିକ୍ ନୁହେଁ। ଏହା ସତ୍ୟ ଯେ, ୧୯୭୫-୭୬ ମସିହା ତୁଳନାରେ ଏହି ୪୫ ବର୍ଷ ମଧ୍ୟରେ ଭିତରକନିକାର ନଦୀନାଳରେ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇ ୧୭୦୦ରୁ ଉର୍ଦ୍ଧ୍ୱରେ ପହଞ୍ଚିଛି। କିନ୍ତୁ ଏମାନଙ୍କ ମଧ୍ୟରେ ପ୍ରାପ୍ତ ବୟସ୍କ ମାଈ ଓ ଅଣ୍ଡିରା କୁମ୍ଭୀର ମାତ୍ର ୩୦୦ଟି। ଏପର୍ଯ୍ୟନ୍ତ ଡାଙ୍ଗମାଳ ଗବେଷଣା କେନ୍ଦ୍ରରେ ଆବଦ୍ଧ ପରିବେଶରେ ଲାଳିତ ପାଳିତ ହେଉଥିବା ୩୦୦୦ଟି ୩ ଫୁଟ ଲମ୍ବରୁ ଉର୍ଦ୍ଧ୍ୱ କୁମ୍ଭୀର ଛୁଆଙ୍କୁ ଭିତରକନିକାର ନଦୀନାଳରେ ଛଡ଼ାଯାଇଅଛି। ଏଥି ସହିତ ପ୍ରତିବର୍ଷ ଭିତରକନିକାର ପ୍ରାକୃତିକ ପରିବେଶରେ ମା' କୁମ୍ଭୀରମାନେ ଅଣ୍ଡା ଦେଉଛନ୍ତି ଏବଂ ସେଥିରୁ କିଛି ଛୁଆ ମଧ୍ୟ ଜନ୍ମ ହେଉଛନ୍ତି। ଏହା ସତ୍ତ୍ୱେ କୁମ୍ଭୀର ସଂଖ୍ୟା ବିଶେଷ ବଢିନାହିଁ। ଏଠାରେ ସୁଚାଇ ଦିଆଯାଉଛି ଯେ, ପ୍ରାକୃତିକ ପରିବେଶରେ ୧୦୦୦ କୁମ୍ଭୀର ଅଣ୍ଡାରୁ ମାତ୍ର ଯୋଡିଏ କୁମ୍ଭୀର (ମାଈ ଓ ଅଣ୍ଡିରା) ପ୍ରାପ୍ତ ବୟସରେ ପହଞ୍ଚିଥାନ୍ତି।

ଭିତରକନିକାର ଲୁଣା ଜଙ୍ଗଲ ଓ ଏହାର ଜୈବବିବିଧତା ଯେପର୍ଯ୍ୟନ୍ତ ସୁରକ୍ଷିତ ଥିବ, ସେତେଦିନ ପର୍ଯ୍ୟନ୍ତ ବଉଳା କୁମ୍ଭୀରମାନଙ୍କର ବଂଶରକ୍ଷା ସହିତ ବଂଶବୃଦ୍ଧି ହେଉଥିବ। ଲୁଣା ଜଙ୍ଗଲ ଏହାର ପରିବେଶ ତଥା ଜୈବବିବିଧତାର ଅବକ୍ଷୟ ହେଲେ ବଉଳା ବା ଲୁଣା କୁମ୍ଭୀର ବଂଶ ଲୋପପାଇଯିବ। ବଉଳା କୁମ୍ଭୀରମାନଙ୍କର ଜୀବନ ଶୈଳୀ, ଜୀବନ ପ୍ରଣାଳୀ, ମଣିଷ କୁମ୍ଭୀର ବିବାଦ ଏବଂ ଏମାନଙ୍କର ପରିବେଶ ଉପରେ ଗବେଷଣା କାର୍ଯ୍ୟକୁ ଚାଲୁ ରଖିବା ସହିତ ଅଧିକ ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ଅଛି।

**- ଡ. ସୁଧାକର କର**
ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ
ଓଡ଼ିଶା ବନ ବିଭାଗ, ଭୁବନେଶ୍ୱର,
ମୋ: ୯୪୩୮୦୫୪୬୧୪



## ବନ୍ୟପ୍ରାଣୀ ମୃତ୍ୟୁର ପ୍ରକୃତ କାରଣ ଖୋଜାଯାଉନି

ବନ୍ୟପ୍ରାଣୀଙ୍କ ମୃତ୍ୟୁ ସ୍ୱାଭାବିକ, ଶିକାର ଓ ଦୁର୍ଘଟଣାବଶତଃ ହୋଇଥାଏ। କିନ୍ତୁ ଅନେକ କ୍ଷେତ୍ରରେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଯାଉଛି। ସାଧାରଣତଃ ସାମୁହିକ ମୃତ୍ୟୁ ହେଲେ ରୋଗ ବୋଲି କୁହାଯାଉଥିଲେ ମଧ୍ୟ ନିରାକରଣରେ ସେପରି ଦୃଢ଼ ପଦକ୍ଷେପ ନିଆଯାଇପାରୁନି। ବୋତସ୍ୱାନାରେ ମାର୍ଚ୍ଚଠାରୁ ପ୍ରାୟ ୩୦୦ ଆଫ୍ରିକୀୟ ହାତୀଙ୍କ ମୃତ୍ୟୁ ଘଟିଲାଣି। ଏହି ଗଣ ମୃତ୍ୟୁ ଏକ ଅଜଣା ବେମାରୀ କାରଣରୁ ହୋଇଥିବା ପ୍ରମାଣ ମିଳିଛି। ଏବେ ମଧ୍ୟ ସେହି ବେମାରୀକୁ ପ୍ରତିହତ କରି ହାତୀଙ୍କ ଜୀବନ ବଞ୍ଚାଇବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ହାତୀ ମୃତ୍ୟୁ ମଧ୍ୟ ଗୁରୁତ୍ୱ ବହନ କରେ। ଓଡ଼ିଶାରେ କିନ୍ତୁ ସେପରି ଉଦ୍ୟମ ହେଉନି। ବନ ବିଭାଗ ଯେଉଁସବୁ ହାତୀଙ୍କୁ ଆନ୍ଥ୍ରାକ୍ସ ରୋଗରେ ମରିଥିବା ଦର୍ଶାଇ ଫାଇଲ ଚାପି ଦେଇଥିଲା, ପରବର୍ତ୍ତୀ ସେସବୁ ଘଟଣାର ୯୦ % ରିପୋର୍ଟ ନେଗେଟିଭ ହିଁ ଆସିଲା। ତେବେ ଯଦି ଏସବୁ ହାତୀ ଆନ୍ଥ୍ରାକ୍ସରେ ମରି ନ ଥିଲେ, ତାହାହେଲେ ଶିକାର ନା ଅନ୍ୟ କୌଣସି ରୋଗରେ ମରିଥିଲେ ତାହା ଜଣାପଡ଼ିଲା ନାହିଁ।

ସେହିପରି ଗୁଜରାଟରେ ଗତ ୩ ବର୍ଷ ମଧ୍ୟରେ ୩୦୦ରୁ ଅଧିକ ସିଂହଙ୍କର ମୃତ୍ୟୁ ଘଟିଛି। କିନ୍ତୁ ଏସବୁ ଲୋକ ଲୋଚନକୁ ଆସିପାରି ନ ଥିବାବେଳେ ଏଥିପାଇଁ କାନାଇନ୍ ଡିଷ୍ଟେମ୍ପର ଭାଇରସ ସହ ଅନ୍ୟ ଏକ ଭୁତାଣୁକୁ ଦାୟୀ କରାଯାଉଛି। କିନ୍ତୁ ଓଡ଼ିଶାରେ ଏ ପରିସ୍ଥିତି ସୃଷ୍ଟି ପୂର୍ବରୁ ଏବେଠୁ ବନ ବିଭାଗ ସତର୍କ ହେବା ଜରୁରୀ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି।



## ବିପଦରେ ଶୁଆ, କଇଁଛ



ଶୁଆ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ, ସିଡ୍ୟୁଲ-୪ ପ୍ରାଣୀ ହୋଇଥିବାବେଳେ କଇଁଛ ସିଡ୍ୟୁଲ-୧ ଓ ୪ ପ୍ରାଣୀ। ଏମାନଙ୍କୁ ବନ୍ଦୀ କରି ରଖିବା ଜାମିନବିହୀନ ଅପରାଧ। ବହୁ ଲୋକ ସଉକ ପାଇଁ ଶୁଆକୁ ଘରେ ରଖୁଛନ୍ତି। ଶୁଆର ଚାହିଦା ରହୁଥିବାରୁ ଏହାର ବେଆଇନ କିଣାବିକା ଚାଲୁଛି। ପିପିଲି ବାଇ ପାସ୍ ଭଳି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖୋଲାଖୋଲି ଭାବେ ଶୁଆ ବିକ୍ରି ହେଉଥିଲେ ମଧ୍ୟ ବନ ବିଭାଗ ସେପରି ପଦକ୍ଷେପ ନେଉନାହିଁ। ସେହିପରି ବାସ୍ତୁ ବିଶ୍ୱାସକୁ ନେଇ ଲୋକେ କଇଁଛକୁ ଘରେ ରଖୁଛନ୍ତି। ଉଭୟ ଶୁଆ ଏବଂ କଇଁଛ ରଖିଲେ ଜେଲ ଯିବା ସୁନିଶ୍ଚିତ। ତେବେ ବନ ବିଭାଗର ନିଷ୍କ୍ରିୟତା ବନ୍ୟପ୍ରାଣୀଙ୍କୁ ସଙ୍କଟ ମୁହଁକୁ ଠେଲି ଦେଉଛି।

## ଲଜ୍ଜିତ ହେଲା ଓଡ଼ିଶା

ମହାବଳ ବାଘ। ଯାହାକି ଦିନେ ଓଡ଼ିଶାର ଗର୍ବ ଥିଲା, ତାହା ଏବେ ଓଡ଼ିଶାର ଜାତୀୟ ଲଜ୍ଜା ପାଲଟି ସାରିଲାଣି। ବନ ବିଭାଗର ଅପାରଗତା ଏବଂ ଅଦୂରଦର୍ଶିତା ଯୋଗୁଁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ମହାବୀର ବାଘକୁ ହତ୍ୟା କରାଗଲା। କେବଳ ସେତିକି ନୁହେଁ, ବାଘୁଣୀ ସୁନ୍ଦରୀ ମଧ୍ୟ ପ୍ରାୟ ବର୍ଷେରୁ ଅଧିକ ସମୟ ବନ୍ଦୀ ହୋଇ ରହିଛି। ବନ୍ୟପ୍ରାଣୀଙ୍କ ପାଇଁ ଅବହେଳା ସେତେବେଳେ ଚରମ ସୀମାରେ ପହଞ୍ଚିଲା ଯେତେବେଳେ ଏନ୍‌ଟିସିଏ ପକ୍ଷରୁ ବ୍ୟାଘ୍ର ସଂରକ୍ଷଣ ପାଇଁ ଆସିଥିବା ଅର୍ଥକୁ ବଡ଼ ବଡ଼ ଅଧିକାରୀମାନେ



ଅନ୍ୟତ୍ର ଖର୍ଚ୍ଚ କରିଛନ୍ତି ବୋଲି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଗଲା। ଖାସ୍ ସେଥିପାଇଁ ଚଳିତ ବଜେଟରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସହାୟତା ରାଶି କମାଇ ଦିଆଯାଇଛି। ସେହିପରି କଲରାପତରିଆ ବାଘ ମଧ୍ୟ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ରଖୁଥିଲେ। କିନ୍ତୁ ଅନେକ ଥର ଚମଡ଼ା ସହ ଚୋରା ବେପାରୀ ଧରା ପଡ଼ିବା ଫଳରେ ଓଡ଼ିଶାରେ କଲରାପତରିଆ ବାଘ ଯେ ସଙ୍କଟରେ ତାହା ବାରମ୍ବାର ପ୍ରମାଣିତ କରୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅନେକ କ୍ଷେତ୍ରରେ ନା ଶିକାରୀ ଧରା ପଡୁଛନ୍ତି ନା ବନ୍ଧୁକ ଜବତ ହେଉଛି।

- ରିପୋର୍ଟ: **ଅସମାପିକା ସାହୁ**, ଭୁବନେଶ୍ୱର

DSPL - 68



୬୬ତମ ବନ୍ୟପ୍ରାଣୀ ସପ୍ତାହ, ୨୦୨୦
ପାଳନ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ
ବାର୍ତ୍ତା

ବନ୍ୟପ୍ରାଣୀ ଏବଂ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୧୯୫୨ ମସିହାରୁ ଓଡ଼ିଶା ସମେତ ସାରା ଦେଶ ଅକ୍ଟୋବର ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ କରିଆସୁଅଛି।

ଜୀବଜନ୍ତୁ ଏବଂ ପରିବେଶ ଆମ ଜୈବବିବିଧତାର ଅଂଶବିଶେଷ। ସନ୍ତୁଳିତ ପରିବେଶ ନିମନ୍ତେ ଜୀବଜଗତରେ ବନ୍ୟପ୍ରାଣୀମାନଙ୍କର ବିଶେଷ ଗୁରୁତ୍ୱ ରହିଛି। ବନ୍ୟଜନ୍ତୁମାନଙ୍କର ସୁରକ୍ଷା ଓ ଅଭିବୃଦ୍ଧି ସହିତ ବିଲୁପ୍ତପ୍ରାୟ ଜୀବଜନ୍ତୁଙ୍କ ସଂରକ୍ଷଣ ନିମନ୍ତେ ଆମ ରାଜ୍ୟରେ ଜାତୀୟ ଉଦ୍ୟାନ, ପ୍ରାଣୀ ଉଦ୍ୟାନ ଓ ଅଭୟାରଣ୍ୟମାନ ପ୍ରତିଷ୍ଠା କରାଯାଇଅଛି।

ବନ୍ୟପ୍ରାଣୀ ଓ ମନୁଷ୍ୟ ପରସ୍ପରର ପରିପୂରକ। ମାନବ ସମାଜର ବିକାଶ ତଥା ପରିବେଶ ସନ୍ତୁଳନ ପାଇଁ ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ଏବଂ ଅଭିବୃଦ୍ଧି ନିତାନ୍ତ ଆବଶ୍ୟକ। ବନ୍ୟପ୍ରାଣୀ ଓ ସେମାନଙ୍କର ଆବାସସ୍ଥଳୀର ସଂରକ୍ଷଣ ନିମନ୍ତେ ଜନସାଧାରଣଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନଙ୍କ ପ୍ରତି ଅହିଂସା ଆଚରଣ ପ୍ରଦର୍ଶନ କରିବା ଆମର ପରମ କର୍ତ୍ତବ୍ୟ। ଜୀବେ ଦୟା ଆମର ଆଦର୍ଶ ହେବା ଉଚିତ।

୬୬ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବନ୍ୟପ୍ରାଣୀ ଏବଂ ସେମାନଙ୍କର ସୁରକ୍ଷା ଦିଗରେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଅଧିକ ଫଳପ୍ରସୂ କରିବା ପାଇଁ ମୁଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରୁଛି।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



୬୬ତମ ବନ୍ୟପ୍ରାଣୀ ସପ୍ତାହ ୨୦୨୦
ପାଳନ ଉପଲକ୍ଷେ ଜଙ୍ଗଲ ଓ ପରିବେଶ,
ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ
ବାର୍ତ୍ତା

ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ୨ ତାରିଖରୁ ବନ୍ୟପ୍ରାଣୀ ସପ୍ତାହ ସମଗ୍ର ଦେଶରେ ପାଳନ କରାଯାଇଥାଏ। ବନ୍ୟପ୍ରାଣୀମାନଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଓଡ଼ିଶାର ଭୌଗୋଳିକ ଆୟତନର ୩୩.୧୫ ପ୍ରତିଶତ ବନାଞ୍ଚଳ ଦ୍ୱାରା ଆଚ୍ଛାଦିତ ଯାହା ଜାତୀୟ ହାର ୨୪ ପ୍ରତିଶତଠାରୁ ଯଥେଷ୍ଟ ଅଧିକ। ଆମ ରାଜ୍ୟର ବିଶାଳ ଜୈବବିବିଧତା ସମଗ୍ର ବିଶ୍ୱରେ ଅଦ୍ୱିତୀୟ। ଆମର ବନାନୀ ବହୁବିଧ ବନ୍ୟପ୍ରାଣୀ ଓ ଜୈବବିବିଧତାରେ ପରିପୂର୍ଣ୍ଣ। ୩୦୦୦ରୁ ଅଧିକ ପ୍ରଜାତିର ଉଦ୍ଭିଦ ସହ ୧୧୪ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୫୩୭ ପ୍ରଜାତିର ପକ୍ଷୀ, ୨୯ ପ୍ରଜାତିର ଉଭୟଚର ପ୍ରାଣୀ ଏବଂ ୧୨୯ ପ୍ରକାରର ସରୀସୃପ ଆମ ରାଜ୍ୟରେ ଦେଖାଯାଇଥାନ୍ତି। ଚିଲିକା ହ୍ରଦ, ଭିତରକନିକା, ଶିମିଳିପାଳ ଜାତୀୟ ଉଦ୍ୟାନ ଏବଂ ସଂରକ୍ଷିତ ବନାଞ୍ଚଳଗୁଡ଼ିକ ବିଭିନ୍ନ ଲୁପ୍ତପ୍ରାୟ ପ୍ରଜାତିର ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରିଆସୁଛି। ବିଭିନ୍ନ ବନ୍ୟପ୍ରାଣୀ ଏବଂ ଲୁପ୍ତପ୍ରାୟ ପ୍ରଜାତିମାନଙ୍କୁ ସେମାନଙ୍କ ଆବାସସ୍ଥଳୀ ବାହାରେ ସଂରକ୍ଷଣ ନିମନ୍ତେ ୧୯ଟି ଅଭୟାରଣ୍ୟ, ୨ଟି ବ୍ୟାଘ୍ର ପ୍ରକଳ୍ପ, ୩ଟି ହସ୍ତୀ ପ୍ରକଳ୍ପ ଏବଂ ଗୋଟିଏ ଜାତୀୟ ଉଦ୍ୟାନ ସ୍ଥାପନ କରାଯାଇଛି। ନିକଟ ଅତୀତରେ ବନ୍ୟଜନ୍ତୁମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ଅନୁକମ୍ପାମୂଳକ ସାହାଯ୍ୟର ବ୍ୟବସ୍ଥା କରାଯାଇଛି। ଏହାଛଡା କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଦାନ କରାଯାଇଥିବା ଅନୁକମ୍ପାମୂଳକ ରାଶିରେ ବୃଦ୍ଧି କରାଯାଇଛି।

ମନୁଷ୍ୟ ସମାଜର ସ୍ଥିତି ତଥା ବିକାଶ ପାଇଁ ବନ୍ୟପ୍ରାଣୀଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ନିତାନ୍ତ ଜରୁରୀ। ଜନସାଧାରଣଙ୍କ ସକ୍ରିୟ ସହଯୋଗ ବିନା ସରକାରଙ୍କ ଯୋଜନାର ସଫଳତା ସମ୍ଭବ ନୁହେଁ।

୬୬ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବନ୍ୟପ୍ରାଣୀ ଏବଂ ସେମାନଙ୍କର ଆବାସସ୍ଥଳୀର ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ଉଦ୍ଦେଶ୍ୟରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ମୁଁ ରାଜ୍ୟବାସୀଙ୍କ ସକ୍ରିୟ ସହଯୋଗ କାମନା କରୁଛି।

(ବିକ୍ରମ କେଶରୀ ଆରୁଖ)

OIPR-08002/13/0008/2021

ଧରିତ୍ରୀ
DHARITRI

ଶୁକ୍ରବାର, ୨ ଅକ୍ଟୋବର, ୨୦୨୦

ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା



# ପରାଜୟ ମଧ୍ୟରେ ବିଜୟ

ଭୋଡାଫୋନ କେସ୍ ଜନମାନସରୁ ଲିଭିଯିବାକୁ ଚାହୁଁନି। ଏହାର ୧୩ ବର୍ଷ ଇତିହାସ ମଧ୍ୟରେ ଏବକାର ଘଟଣାରେ ହେଗସ୍ଥିତ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଆର୍ବିଟ୍ରେଶନ ଏହି ବ୍ରିଟିଶ ଟେଲିକମ୍ କମ୍ପାନୀ ସପକ୍ଷରେ ରାୟ ଦେଇଛନ୍ତି। ଏହାକୁ ଯଦି ଭାରତୀୟ ଟ୍ୟାକ୍ସ ଅଧିକାରୀମାନେ ଚ୍ୟାଲେଞ୍ଜ ନ କରିବେ ତେବେ ଭୋଡାଫୋନ ଗ୍ରୁପକୁ କ୍ୟାପିଟାଲ ଗେନ୍ ଓ ୱିଥହୋଲ୍ଡିଂ ଟ୍ୟାକ୍ସ ବାବଦକୁ ଆୟକର ବିଭାଗକୁ ଦେବାକୁ ଥିବା ୨୦,୦୦୦ କୋଟି (ସୁଧ ଓ ଜରିମାନା ସହ) ଟଙ୍କା ଟିକସରୁ ରକ୍ଷା ପାଇଯିବ। ରାୟରେ ଆର୍ବିଟ୍ରେଶନ କୋର୍ଟ ଦର୍ଶାଇଛନ୍ତି ଯେ, ପୂର୍ବ ଆଇନକୁ ଉପଯୋଗ କରି ଭାରତ ଓ ନେଦରଲାଣ୍ଡ ମଧ୍ୟରେ କରାଯାଇଥିବା ଦ୍ୱିପାକ୍ଷିକ ନିବେଶ ଚୁକ୍ତିର ଧାରା ୪(୧)ରେ ପ୍ରଦାନ କରାଯାଇଥିବା ଫେୟାର ଇକ୍ୱିପମେଣ୍ଟ ଟ୍ରିଟମେଣ୍ଟ ପ୍ରୋଟେକଶନର ଏହା ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଛି। ଏହି ରାୟ ଏକ କ୍ଷତିକାରକ ବିବାଦକୁ ଶେଷ କରିବା ଉଚିତ ବୋଲି ଆମେ ଆଶା କରୁ। କିନ୍ତୁ ସରକାର ତାଙ୍କ ଯୋଜନା ବଦଳାଇବାକୁ ଚାହୁଁ ନ ଥିବା ଜଣାପଡୁଛି। ହେଗ୍ କୋର୍ଟର ରାୟ ସହ ଏକମତ ହେବାକୁ ମନା କରିଦେଇଛନ୍ତି। ବରଂ ଏହି ରାୟକୁ କାର୍ଯ୍ୟକାରୀ କରାଇ ନ ଦେବାକୁ ବିକଳ୍ପ ଖୋଜୁଛନ୍ତି। ଭୋଡାଫୋନ୍ କେସ୍ ୨୦୦୭ର। ଭୋଡାଫୋନ ଇଣ୍ଟରନ୍ୟାଶନାଲ ହୋଲଡିଂ ବିଭି ହଚିସନ ଏସାର ଲିମିଟେଡର ୬୭ % ଅଂଶଧନ ୧୧ ବିଲିୟନ ଡଲାରରେ ଅଧିଗ୍ରହଣ କରିବାକୁ ଚୁକ୍ତି କରିବା ସମୟରେ ଭାରତୀୟ ଟ୍ୟାକ୍ସ ଅଧିକାରୀମାନେ ଏହି ଦାବି ଉଠାଇଥିଲେ। ଭାରତରେ ହଚିସନର ମୋବାଇଲ ଟେଲିଫୋନି ବିଜନେସ ସହ ଅନ୍ୟ ଆସେଟ ବି ଏଥିରେ ସାମିଲ ଥିଲା। ସେହି ବର୍ଷ ସେପ୍ଟେମ୍ବରରେ ଭାରତ ସରକାର ପ୍ରଥମେ ୭,୯୯୦ କୋଟି ଟଙ୍କା ଭୋଡାଫୋନ୍‌ଠାରୁ ଟିକସ ଦାବି କରିଥିଲେ। ହଚିସନକୁ ଟଙ୍କା ଦେବା ପୂର୍ବରୁ ଭୋଡାଫୋନ ଟିକସ ଦେଇ ଦେବା ଉଚିତ ବୋଲି କହିଥିଲେ। ଅଂଶଧନ କ୍ରୟ କାରବାର ଚୁକ୍ତି ଭାରତ ବାହାରେ ହୋଇଥିବାରୁ ଭୋଡାଫୋନ ଟ୍ୟାକ୍ସ ଦେବାକୁ ମନା କରି ଦେଇଥିଲା।

## ଆଜିର ଅର୍ଥନୀତି

ଆୟକର ବିଭାଗର ଏହି ନିର୍ଦ୍ଦେଶକୁ ଭୋଡାଫୋନ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। କିନ୍ତୁ କୋର୍ଟ ଆୟକର ବିଭାଗ ସପକ୍ଷରେ ରାୟ ଦେଇଥିଲେ। ଏହାପରେ ଭୋଡାଫୋନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୧୨ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ, ୧୯୬୧ ଆୟକର ଆଇନ ଉପରେ ଭୋଡାଫୋନ ଗ୍ରୁପ୍ ଦେଇଥିବା ସ୍ପଷ୍ଟୀକରଣ ଯୁକ୍ତିଯୁକ୍ତ ଓ କମ୍ପାନୀ ଅଂଶଧନ କ୍ରୟ କରିବା ଯୋଗୁ ଟ୍ୟାକ୍ସ ଦେବନାହିଁ। ଦୁର୍ଭାଗ୍ୟବଶତଃ କାହାଣୀ ଏଇଠି ଶେଷ ହେଲା ନାହିଁ। ପୂର୍ବତନ ବିତ୍ତମନ୍ତ୍ରୀ ସ୍ୱର୍ଗତ ପ୍ରଣବ ମୁଖାର୍ଜୀ ଫାଇନାନ୍ସ ଆଇନରେ ସଂଶୋଧନ କରିବାର ପ୍ରସ୍ତାବ ଆଣି ସୁପ୍ରିମକୋର୍ଟଙ୍କ ରାୟକୁ ଗ୍ରହଣ କରି ନ ଥିଲେ। ଏହି ଘଟଣାରେ ଉକ୍ତ ସଂଶୋଧନରେ ପୂର୍ବପରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଟ୍ୟାକ୍ସ ଅଧିକାରୀମାନଙ୍କୁ କ୍ଷମତା ପ୍ରଦାନ କରାଗଲା। ପାର୍ଲାମେଣ୍ଟରେ ସେହି ବର୍ଷ ବି ଏହାକୁ ପାସ୍ କରାଗଲା ଓ କମ୍ପାନୀକୁ ସୁଧ ସହ ଟ୍ୟାକ୍ସ ଦେବାକୁ କୁହାଗଲା। ସେବେଠାରୁ ପୂର୍ବ ଟ୍ୟାକ୍ସେଶନ କେସ୍ ଠାରୁ ଏହା ଆହୁରି ଖରାପ ହୋଇଗଲା। ଏହା ଉପରେ ବହୁ ହୋ ହାଲ୍ଲା ହୋଇଛି। ପୂର୍ବ ଟ୍ୟାକ୍ସ ଦାବି କରିବା ଭଳି ପଦକ୍ଷେପକୁ ଦେଖି ବିଶ୍ୱସ୍ତରର ବହୁ କମ୍ପାନୀ ସରକାରଙ୍କ ଚିନ୍ତାର କାରଣ ପାଲଟିଲେ। ସେମାନେ ସେବେଠାରୁ ଭାରତରେ ସେମାନଙ୍କ ନିବେଶ ଯୋଜନାକୁ ବନ୍ଦ କରିଛନ୍ତି। ଏହି ନିଷ୍ପତ୍ତି ଯୋଗୁ ଦେଶ ବହୁ ବିଜନେସ ହରାଇଛି। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଅର୍ଥ ମନ୍ତ୍ରୀ ବିଦେଶୀ ନିବେଶକଙ୍କ ଆଶଙ୍କା ଦୂର କରିବା ଲାଗି ପ୍ରୟାସ କରିଆସିଛନ୍ତି। କିନ୍ତୁ ସବୁ ଭୋଡାଫୋନ କେସ୍‌ର ଦୃଷ୍ଟାନ୍ତ ଦେଇଆସୁଛନ୍ତି।

ସରକାର ହେଗ୍ କୋର୍ଟର ରାୟକୁ ଗ୍ରହଣ କରିବା ସହ ଏହି ଆଇନଗତ ଯୁଦ୍ଧକୁ ଶେଷ କରିବା ଉଚିତ। ଏହାକୁ ଆଉ ଆଗକୁ ବଢାଇବା ଉଚିତ ନୁହେଁ। ସରକାରଙ୍କ ବିରୋଧରେ ଏହା ବିଦେଶୀ ନିବେଶକଙ୍କ ମଧ୍ୟରେ ଢେର ଅସନ୍ତୋଷ ସୃଷ୍ଟି କରିଛି। ଆଇନଗତ ଯୁଦ୍ଧ ଶେଷ ହେଲେ ବିଦେଶୀ ନିବେଶକଙ୍କ ସମର୍ଥନ ପାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ଏହା ଅଧିକ ସହଯୋଗ କରିବ। ଏଥିରେ ଅସଫଳ ହେଲେ ବିଦେଶ କମ୍ପାନୀଗୁଡ଼ିକ ଅନ୍ତର୍ଜାତୀୟ ଚୁକ୍ତି ଲାଗି ଭାରତକୁ ଆଉ ବିଶ୍ୱାସକୁ ନେବେ ନାହିଁ। ହେଗ ରାୟକୁ ପରାଜୟ ମଧ୍ୟରେ ବିଜୟ ବୋଲି ବୁଝିବାକୁ ହେବ।

## ଚିରନ୍ତନୀ

ଅଙ୍ଗେ ଅଙ୍ଗ ଇଙ୍ଗିତ କେତେ ଲାଗିଲା।
ଚମକାଇ
ତୃଷିତ ଆଖିରେ ଯେତେ ମୁଖଛବି ଜାଗିଲା
ମନେ ନାହିଁ। -(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | | 7 | | | | | | | 6 | | B | |
| | | | | E | | | | C | | 5 | | | 1 | |
| | 0 | | | | 1 | | | | 4 | | 8 | | | |
| | | | | | | | 7 | | | | | 6 | 8 | |
| 5 | 9 | D | 8 | C | | | | 1 | | | A | E | | |
| | | | | | B | 1 | 3 | E | | | | | A | |
| | 3 | | 4 | | D | 5 | 8 | | E | | 2 | | | |
| 8 | | | E | 5 | | 4 | | | | C | | B | 0 | |
| | | | | A | | | 6 | | 8 | 4 | | 7 | | |
| | | | | | | | | 2 | | 0 | 1 | | | D |
| | 7 | 9 | 3 | | 4 | | C | | | | 0 | 1 | 6 | |
| 4 | | | 5 | 6 | | | A | 7 | | | | | | |
| | | | | D | E | 2 | | | A | | 4 | | | |
| | | 2 | 7 | 1 | 0 | E | | | | | | 3 | | |
| | | 6 | | | | | 5 | 8 | 9 | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 1 | D | B | 5 | 8 | 9 | 4 | 6 | 2 | 7 | E | 3 | C | A |
| 9 | 2 | B | E | 1 | 3 | A | 5 | 8 | C | 6 | 4 | D | 7 | 0 |
| C | E | 3 | 9 | A | 7 | 1 | D | B | 5 | 8 | 0 | 6 | 4 | 2 |
| 8 | A | 6 | 4 | D | 0 | 7 | C | 2 | 1 | 3 | B | 5 | E | 9 |
| 4 | 5 | 7 | 6 | C | 2 | 0 | E | 3 | 9 | A | D | 8 | 1 | B |
| 2 | C | 9 | 3 | 0 | B | 5 | 6 | 4 | A | E | 8 | 7 | D | 1 |
| 6 | 4 | A | C | 2 | 9 | E | 1 | 7 | D | 0 | 5 | B | 3 | 8 |
| 1 | D | 8 | A | 7 | 6 | C | 3 | 0 | B | 4 | 2 | 9 | 5 | E |
| 3 | 0 | E | 1 | 8 | 5 | D | B | A | 7 | 9 | C | 4 | 2 | 6 |
| B | 7 | 5 | D | E | 4 | 8 | 2 | 9 | 3 | 1 | 6 | A | 0 | C |
| D | 8 | 2 | 0 | B | C | 4 | A | E | 6 | 5 | 7 | 1 | 9 | 3 |
| 5 | B | 1 | 8 | 3 | E | 6 | 7 | D | 0 | C | 9 | 2 | A | 4 |
| A | 9 | C | 7 | 4 | D | B | 0 | 1 | 8 | 2 | 3 | E | 6 | 5 |
| 7 | 3 | 4 | 5 | 6 | 1 | 2 | 9 | C | E | B | A | 0 | 8 | D |
| E | 6 | 0 | 2 | 9 | A | 3 | 8 | 5 | 4 | D | 1 | C | B | 7 |

ଗତକାଲିର ଉତ୍ତର

# ସତ୍ୟାଗ୍ରହର ଶକ୍ତି



ଡ. ପ୍ରଫୁଲ୍ଲ କୁମାର ସାହୁ

ମହାମାନବ ମହାତ୍ମା ଗାନ୍ଧୀ। ବିଶ୍ୱ ଇତିହାସର ସର୍ବମାନ୍ୟ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ଜଣେ ସତ୍ୟନିଷ୍ଠ ମୁକ୍ତିଯୋଦ୍ଧା, ଜଣେ ସମାଜ ସଂସ୍କାରକ, ଜଣେ ମାନବବାଦୀ ଚିନ୍ତାନାୟକ, ଜଣେ ଧର୍ମନିରପେକ୍ଷ ଓ ଧର୍ମପ୍ରାଣ ସନ୍ଥ- ଏମିତି ବହୁଳ ବିଭବରେ ବିମଣ୍ଡିତ ତାଙ୍କ ଅସାଧାରଣ ବ୍ୟକ୍ତିତ୍ୱ। ସେ ବ୍ୟକ୍ତିତ୍ୱରେ ଥିଲା ଏକ ସମ୍ମୋହନକାରୀ ଶକ୍ତି, ଯେଉଁ ଶକ୍ତି ବଳରେ ଅଳ୍ପ କେତୋଟି ମାସ ଅବଧିରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଭରିଦେଲେ ନୂତନ ବିଶ୍ୱାସ ଓ ଅବବୋଧ। ଗାନ୍ଧିଜୀ ଜାଣିଥିଲେ କେବଳ ଭାଷଣ ବା ପ୍ରବଚନରେ ରାଷ୍ଟ୍ର ଗଠନ ହୁଏ ନାହିଁ, ଏଥିପାଇଁ ଲୋଡ଼ା ନୀତିନିଷ୍ଠ ଆଚରଣ। ନିଜ ଜୀବନରେ ସେ ତାହାର ଉଦାହରଣ ସୃଷ୍ଟି କରିବା ସହିତ ଭାରତୀୟ ମୁକ୍ତି ଆନ୍ଦୋଳନକୁ ଦେଲେ ନୂଆ ଦିଶା। ଇଂରେଜ ସରକାର କହିଲେ ମାଇଟ୍ ଇଜ୍ ରାଇଟ୍। ଗାନ୍ଧିଜୀ କହିଲେ ରାଇଟ୍ ହିଁ ମାଇଟ୍। ଆରମ୍ଭ ହେଲା ଲଢ଼େଇ। ସତ୍ୟ ଓ ଅହିଂସାର ଅତୀନ୍ଦ୍ର ପୂଜାରୀ ଗାନ୍ଧିଜୀ ଚାହୁଁ ନଥିଲେ ରକ୍ତପାତ। ତେଣୁ ଖଣ୍ଡା, ବର୍ଚ୍ଛା ବା ଗୁଳିଗୋଳା ବଦଳରେ ଅହିଂସ୍ର ଯୁଦ୍ଧ ପାଇଁ ଶୂନ୍ୟରୁ ତୋଳି ଆଣିଲେ ନୂଆ ଅସ୍ତ୍ର। ସେ ଅସ୍ତ୍ରର ନାଁ ସତ୍ୟାଗ୍ରହ ଓ ଅସହଯୋଗ। ପୃଥିବୀର ସବୁଠାରୁ ଉଦ୍ଧତ ଓ ପ୍ରଭାବଶାଳୀ ସାମ୍ରାଜ୍ୟକୁ ଜିଣିବା ପାଇଁ ସାବରମତି ଆଶ୍ରମରୁ ଗାନ୍ଧିଜୀ ପ୍ରସ୍ତୁତ କଲେ ଅହିଂସା ଆନ୍ଦୋଳନର ଖସଡ଼ା। ତାଙ୍କ ଅହିଂସା ନୀତିର ଆଧ୍ୟାତ୍ମିକ ସ୍ଫୁଲିଙ୍ଗରେ ସମ୍ମୋହିତ ହେଲା ଜାତି। ତାଙ୍କ ଆହ୍ୱାନକୁ ଐଶ୍ୱରିକ ମୁକ୍ତିଦାତାର ଅକାଟ୍ୟବାଣୀ ରୂପେ ଗ୍ରହଣ କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଜାଗିଉଠିଲା ଜନତା। ସ୍ୱାଧୀନତା ଓ ସ୍ୱରାଜ୍ୟର ଅର୍ଥ ବୁଝି ନ ଥିବା ଲୋକ ବି ମୁକ୍ତି ସଂଗ୍ରାମରେ ଲମ୍ଫଦେଇ କିଏ କାରାଗାରରେ ଶଢ଼ିଲା ତ କିଏ ପ୍ରାଣ ହରାଇଲା ଫିରଙ୍ଗ ପୋଲିସ ଗୁଳିରେ। ବାଜିଆ ଭଳି ବାଳକ, ପରିବେୱା ଭଳି ପଲ୍ଲୀ ମହିଳା (ଇରମ), ଲକ୍ଷ୍ମଣ ନାୟକଙ୍କ ଭଳି କେତେ ଯେ ଜନଜାତିର ମଣିଷ ମୃତ୍ୟୁକୁ ହାତ ମୁଠାରେ ଧରି ଗାଇଗଲେ ଦେଶପ୍ରେମର ମନ୍ତ୍ର। ଦୀର୍ଘ ବର୍ଷର ସଂଗ୍ରାମ ପରେ ସାମ୍ରାଜ୍ୟବାଦ ଓ ଔପନିବେଶିକ ଶାସନ ବିରୋଧରେ ସଫଳ ହେଲା ସତ୍ୟାଗ୍ରହ ଅସ୍ତ୍ର। ସ୍ୱାଧୀନ ହେଲା ଭାରତ। ବିଶ୍ୱ ଜାଣିଲା ସତ୍ୟାଗ୍ରହ ଭୀରୁ, କାପୁରୁଷ ବା ଦୁର୍ବଳର ଅସ୍ତ୍ର ନୁହେଁ, ତାହା ଆତ୍ମବଳି, ପ୍ରେମମୟ ଓ ନୀତିନିଷ୍ଠ ମଣିଷର ହତିଆର। ସତ୍ୟ ଓ ଅହିଂସାର ଶାଣଦିଆ ଅସ୍ତ୍ର।

ସତ୍ୟ ଓ ଅହିଂସା କେବଳ ଏକ ବିଶ୍ୱାସ ନୁହେଁ, ଗାନ୍ଧିଜୀଙ୍କ ପାଇଁ ଏହା ଥିଲା ଜୀବନ ସଂହିତା। ତାଙ୍କ ସମଗ୍ର ଜୀବନକୁ ଧାରଣ କରିଥିବା ଏକ ମହାନ ଆଦର୍ଶ। ଏହାର ସବୁଠାରୁ ବଡ଼ ଦୃଷ୍ଟାନ୍ତ ହେଉଛି ଚୌରିଚୌରା ଘଟଣା (୫.୨.୧୯୨୨) ପରବର୍ତ୍ତୀ ଗାନ୍ଧିଜୀଙ୍କ ଅନଶନ। ଏଠାରେ ସତ୍ୟାଗ୍ରହୀମାନେ କେତେଜଣ ପୋଲିସଙ୍କୁ ପୋଡ଼ି ମାରିଦେବା କଥା ଗାନ୍ଧିଜୀ ଜାଣିବା ପରେ ଦୁଃଖରେ ଫାଟି ପଡ଼ିଲା ତାଙ୍କ ଛାତି। ଅହିଂସାର ମୂଳ ତତ୍ତ୍ୱ ବ୍ୟାହତ ହେଲା ବୋଲି ଅନୁଭବ କରି ପ୍ରତ୍ୟାହାର କରିନେଲେ ଅସହଯୋଗ ଆନ୍ଦୋଳନ। ଆତ୍ମଶୁଦ୍ଧି ତଥା ହିଂସାତ୍ମକ ମାର୍ଗରୁ ଲୋକଙ୍କୁ ନିବୃତ୍ତ ରଖିବା ପାଇଁ ଅବଲମ୍ବନ କଲେ ପାଞ୍ଚଦିନିଆ ଅନଶନ ବ୍ରତ। କାରଣ ତାଙ୍କ ଦୃଷ୍ଟିରେ ସତ୍ୟାଗ୍ରହ କେବଳ ଏକ ଆନ୍ଦୋଳନ ନଥିଲା, ବରଂ ଏହା ଥିଲା ସତ୍ୟ ପ୍ରତି ଆଗ୍ରହ ରଖିଥିବା ବ୍ୟକ୍ତିମାନଙ୍କ ପାଇଁ ଜୀବନ ଗଢ଼ିବାର ଏକ ବିଦ୍ୟାଳୟ। ସତ୍ୟାଗ୍ରହୀମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସେ କହିଛନ୍ତି- ଗୋଟିଏ ଗାଲରେ କିଏ ଚାପୁଡ଼ା ମାରିଲେ ଅନ୍ୟ ଗାଲଟି ଦେଖାଇଦେବା କେବେ ନିର୍ବୋଧତା ନୁହେଁ, ବରଂ ତାହା ଅକଳ୍ପନୀୟ ସହନଶୀଳତା। ଏଥିରେ ଅନୁତାପଦଗ୍ଧ ହୁଏ ପ୍ରତିପକ୍ଷ। ଅନ୍ୟପକ୍ଷରେ ଇଟା ବଦଳରେ ପଥର ଫିଙ୍ଗିଲେ ବା ଆଖି ବଦଳରେ ଆଖି ତାଡ଼ିଲେ ସମୟକ୍ରମେ ଅନ୍ଧ ହୋଇଯିବ ସମଗ୍ର ମାନବ ଜାତି। କାରଣ ହିଂସା ହେଉଛି ବିନାଶର ଅନ୍ଧଗଳି। ଗାନ୍ଧିଜୀ ସ୍ୱୟଂ ଥିଲେ ନିଜ ବିଫଳତା ଓ ଦୁର୍ବଳତା ସମ୍ପର୍କରେ ଶାଣିତ ଭାବରେ ସଚେତନ। ତାଙ୍କ ମତରେ ଜ୍ଞାତରେ ହେଉ କି ଅଜ୍ଞାତରେ, ଆଚରିତ ତ୍ରୁଟିବିଚ୍ୟୁତିକୁ ସ୍ୱୀକାର କରିବା ହେଉଛି ନିଜ ଚରିତ୍ରର ଅସଲ ଶକ୍ତିମତ୍ତା। ଏହି ଦୃଷ୍ଟିରୁ ଗାନ୍ଧୀଙ୍କ ସର୍ବୋତ୍ତମ ସାମର୍ଥ୍ୟ ନିହିତ ତାଙ୍କ ସ୍ୱୀକାରୋକ୍ତି, ଅନୁଶୋଚନା, ପ୍ରାର୍ଥନା ଓ ଉପବାସରେ। ତାଙ୍କ ସମୁଦାୟ ଆୟୁଷର ୧୪୨ ଦିନ ବିତିଥିଲା ଉପବାସରେ। କେବଳ ଭାରତର ରାଜନୈତିକ ସ୍ୱାଧୀନତା ନୁହେଁ, ଏଥି ସହିତ ସେ ଲଢୁଥିଲେ ସାମାଜିକ ନ୍ୟାୟ ତଥା ଦେଶର କୋଟିକୋଟି ଜନତାର ବିଷାଦଗ୍ରସ୍ତ ମୁଖରେ ଟିକିଏ ଉଲ୍ଲାସ ଓ ହସ ଭରିଦେବା ପାଇଁ।

ଗାନ୍ଧିଜୀଙ୍କର ସବୁଠାରୁ ବଡ଼ ବିଶେଷତ୍ୱ ଥିଲା ସାଧାରଣ ବେଶଭୂଷା ଓ ସାଧାରଣ ଚଳଣି ଭିତରେ ଉଚ୍ଚ ଚିନ୍ତା। ତାଙ୍କ ସାଧାରଣ ଚେହେରା ଭିତରେ ଥିଲା ଅଦମ୍ୟ ସାହସ। ସେ ଚେହେରାର ଝଲକ ଟିକେ ଦେଖିବା ପାଇଁ କିଏ ପାଗଳ ପରି ଧାଇଁ ଆସୁଥିଲା ତ କିଏ ତାଙ୍କ ଦର୍ଶନ ମାତ୍ରେ ସ୍ୱରାଜ୍ୟ ପାଣ୍ଠିକୁ ଦାନ କରୁଥିଲା ନିଜର ସମସ୍ତ ଅଳଙ୍କାର। ତାଙ୍କୁ ଦେଖି ନଥିବା, ଜାଣି ନଥିବା ଲୋକ ବି ତାଙ୍କୁ ଭଲ ପାଉଥିଲା ଓ ଭକ୍ତି କରୁଥିଲା ଦେବତା ଜ୍ଞାନରେ। ଗାନ୍ଧୀକଥା, ଗାନ୍ଧୀବାର୍ତ୍ତା, ଗାନ୍ଧୀଚର୍ଚ୍ଚା, ଗାନ୍ଧୀଚିନ୍ତନ, ଗାନ୍ଧୀ ବିଚାର, ଗାନ୍ଧୀଆଦର୍ଶ ଓ ଗାନ୍ଧୀହାଟ ଆଦି ଶବ୍ଦ ସହିତ ଏକାତ୍ମ ହୋଇ ଯାଇଥିଲେ ସମଗ୍ର ଦେଶ।

ସତ୍ୟାଗ୍ରହ କେବଳ ଇଂରେଜମାନଙ୍କୁ ତଡ଼ିବାର ଏକ ଅସ୍ତ୍ର ନଥିଲା, ସେଥିରେ ଥିଲା ମଣିଷର ସମସ୍ତ ସମସ୍ୟା ସମାଧାନ କରିବାର ସୂତ୍ର। ଗାନ୍ଧିଜୀ କହୁଥିଲେ ଈଶ୍ୱର ହିଁ ସତ୍ୟ ଓ ସତ୍ୟ ହିଁ ଈଶ୍ୱର। ସତ୍ୟକୁ ଅନ୍ୱେଷଣ କରିବା, ସତ୍ୟକୁ ଚିହ୍ନିବା ଓ ସତ୍ୟକୁ ଲୋକଙ୍କ ଭିତରେ ପ୍ରତିଷ୍ଠିତ କରିବା ହିଁ ସତ୍ୟାଗ୍ରହ। ଏହି ଦୃଷ୍ଟିଭଙ୍ଗୀ ନେଇ ସେ ଅହିଂସା ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରିବା ସହିତ ନିଜକୁ ନିୟୋଜିତ କଲେ ବିଭିନ୍ନ ରଚନାତ୍ମକ କାର୍ଯ୍ୟରେ। ସଂଯମ, ଶୃଙ୍ଖଳା, ସଂହିଷ୍ଣୁତା, ସତ୍ୟ, ଅହିଂସା, ନିର୍ଭୀକତା, ସ୍ୱଦେଶୀ, ସର୍ବୋଦୟ, ବ୍ରହ୍ମଚର୍ଯ୍ୟ, ଭ୍ରାତୃଭାବ, ସାଂପ୍ରଦାୟିକ ସଦ୍ଭାବ, ଅରଟ, ଗୋରକ୍ଷଣ, ପ୍ରାକୃତିକ ଚିକିତ୍ସା ଆଦି ଯେତେ ଯେତେ ପ୍ରସଙ୍ଗ ଉପରେ ଗାନ୍ଧିଜୀ ଗୁରୁତ୍ୱ ଆରୋପ କରିଛନ୍ତି, ସେସବୁ ଭାରତୀୟ ଜୀବନ ଧାରାର ଅନ୍ତଃସଲିଳା ଫଲ୍‌ଗୁ। ଏଥିରେ ନିହିତ ପ୍ରାଚୀନ ଭାରତୀୟ ଋଷିପ୍ରାଣର ଦର୍ଶନ।

ସାଧାରଣତଃ ରାଜନୀତିଜ୍ଞମାନେ କାମ କରନ୍ତି ନିର୍ବାଚନକୁ ଆଖି ଆଗରେ ରଖି। ମାତ୍ର ଦେଶର ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଗ୍ରସର ହୁଅନ୍ତି ରାଷ୍ଟ୍ରନୀତିଜ୍ଞମାନେ। ଗାନ୍ଧିଜୀ ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟରେ ସତ୍ୟାଗ୍ରହ ସହ ଯୋଡ଼ିଲେ ସାଂପ୍ରଦାୟିକ ସଦ୍‌ଭାବ, ନିଶା ନିବାରଣ, ଖଦି ଓ ଗ୍ରାମ୍ୟ ଶିଳ୍ପର ବିକାଶ, ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥା, ମୌଳିକ ଶିକ୍ଷା, ପୌଢ଼ଶିକ୍ଷା, ରାଷ୍ଟ୍ରଭାଷାର ପ୍ରଚାର ଆଦି ଅନେକ ପ୍ରସଙ୍ଗ। ଗାନ୍ଧିଜୀ ଦେଶର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ଅବସରରେ ତାଙ୍କ ସମ୍ବେଦନଶୀଳ ପ୍ରାଣକୁ ଖୁବ୍ ବିଷଣ୍ଣ କରିଥିଲା ଅସ୍ପୃଶ୍ୟତା ଓ ଦଳିତ ଜନତାର ଦୁଃଖ। ସେଥିପାଇଁ ସ୍ୱାଧୀନତା ଆନ୍ଦୋଳନ ବେଳେ ତାଙ୍କ ରଚନାତ୍ମକ କାର୍ଯ୍ୟକ୍ରମରେ ସ୍ଥାନ ପାଇଥିଲା ଅସ୍ପୃଶ୍ୟତା ନିବାରଣ। ମହିଳାମାନଙ୍କ ଭିତରେ ସାହସ, ସାମର୍ଥ୍ୟ ଓ ଆତ୍ମପ୍ରତ୍ୟୟ ଭରିଦେବା ପାଇଁ ସେ ଅନେକ କାର୍ଯ୍ୟକ୍ରମ ହାତକୁ ନେଲେ ଏବଂ ମହିଳାଙ୍କ ମୌଳିକ ଆବଶ୍ୟକତା କ୍ଷେତ୍ରରେ ଯୋଡ଼ିଲେ ନୂଆ ଦିଗନ୍ତ। ଜାତୀୟ ଜୀବନରେ ସ୍ୱଚ୍ଛତା ଆଣିବା ପାଇଁ ସେ ଚାହୁଁଥିଲେ ସଂପୂର୍ଣ୍ଣ ନିଶା ନିବାରଣ। ଯେତେବେଳେ ସାରା ପୃଥିବୀରେ କେହି ପରିବେଶ କଥା ଉଠାଇ ନଥିଲେ, ସେତେବେଳେ ପାରିବେଶିକ ଭୟାବହତାର କୁଫଳ ବିଷୟରେ ବିଶ୍ୱକୁ ସତର୍କ କରାଇ ଦେଇଥିଲେ ଗାନ୍ଧିଜୀ। ସତ୍ୟର ସାଧନାରେ ସାମ୍ପ୍ରଦାୟିକ ସଦ୍‌ଭାବ ପାଇଁ ଗାନ୍ଧିଜୀ ଏମିତି ଏକ କୀର୍ତ୍ତି ସ୍ଥାପନ କଲେ, ଯା'ର ପ୍ରଭାବରେ ଭୁଶୁଡ଼ିଗଲା ସାରା ଦୁନିଆର ସଂଗଠିତ ଧର୍ମ ପାଚେରି। କେବଳ ନିଜ ଦେଶ କଥା ନୁହେଁ, ଗାନ୍ଧିଜୀ ଚିନ୍ତା କରୁଥିଲେ ସମଗ୍ର ବିଶ୍ୱମାନବ ପାଇଁ ଏବଂ ଭାରତ ଥିଲା ତା'ର ପ୍ରୟୋଗଶାଳା। ଏହି ଦୃଷ୍ଟିକୋଣରୁ ଗାନ୍ଧିଜୀ ଜଣେ ବ୍ୟକ୍ତି ନୁହନ୍ତି, ଏକ ଆନ୍ଦୋଳନ। ଏକ ଚେତନା। ଏକ ମୂଲ୍ୟବୋଧ। ଏହି ମୂଲ୍ୟବୋଧର ବ୍ୟବହାରିକ ଉପଯୋଗିତା ଆଜି ସାବ୍ୟସ୍ତ କରେ ଗାନ୍ଧିବାଦର ପ୍ରାସଙ୍ଗିକତା। ତାଙ୍କ ବୈଚାରିକ ସାମୂହିକତାକୁ ଆବଦ୍ଧ କରି ରଖି ପାରିନି କୌଣସି ଦେଶ, ସମୟ ଖଣ୍ଡ ଓ ଭୌଗୋଳିକ ପରିସୀମା। ସେଥିପାଇଁ ସେ ସମୟାତୀତ।

ମହାତ୍ମା ଗାନ୍ଧୀ ସାରା ପୃଥିବୀକୁ ଯେଉଁ ବାର୍ତ୍ତା ଦେଇଛନ୍ତି, ସେଥିରେ ବିଭ୍ରାନ୍ତି ଆଣିବା ପାଇଁ ସକ୍ରିୟ ହୋଇ ଉଠିଛନ୍ତି ଅନେକ ଧର୍ମାନ୍ଧ। ଧାର୍ମିକ ଭାବନା ସେମାନଙ୍କ ମନକୁ ଏମିତି ଆଚ୍ଛନ୍ନ କରି ରଖିଛି ଯେ ସେମାନେ ହରାଇ ବସିଛନ୍ତି ଅହିଂସାର ଅସଲ ମର୍ମ ବୁଝିବାର ଧୈର୍ଯ୍ୟ ଓ ମାନସିକତା। ମାତ୍ର ସେମାନେ ଜାଣିରଖିବା ଉଚିତ ଗାନ୍ଧୀଙ୍କର ଅହିଂସା ବାଣୀକୁ ଆଜି ଶ୍ରଦ୍ଧା ଓ ଆଗ୍ରହରେ ଶୁଣୁଛି ସାରା ବିଶ୍ୱ। ତାଙ୍କୁ ଯେତେ ମିଥ୍ୟା ଆରୋପରେ ଅଭିଯୁକ୍ତ କଲେ ବି ତାଙ୍କୁ କେବେ ଆବଦ୍ଧ କରି ରଖିପାରିବନି ସମୟର ସୀମାବଦ୍ଧତା। କାରଣ ସେ କେବଳ ଜାତିର ଜନକ ନୁହନ୍ତି, ସମଗ୍ର ବିଶ୍ୱମାନବର ଆଦର୍ଶ। ସେ ଆଦର୍ଶକୁ ଯେତେ ମାଠିଲେ ତାହା ମ୍ଳାନ ହେବା ପରିବର୍ତ୍ତେ ତା'ର ଉଜ୍ଜ୍ୱଳତା ସେତେ ବୃଦ୍ଧି ପାଇବ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ
ପଡ଼ିଆବେଡ଼ା, ମୟୂରଭଞ୍ଜ,
ମୋ: ୯୪୩୮୮୫୪୦୮୮

# ଅସୁରକ୍ଷିତ ଈଶ୍ୱର



ଡ. ବାସନ୍ତୀ ମହାନ୍ତି

'ଆତ୍ମପରିତ୍ୟାଗେନ ପରରକ୍ଷଣଂ ନ କର୍ତ୍ତବ୍ୟମ୍'। 'ଆପେ ବଞ୍ଚିଲେ ବାପର ନାଁ' ବୋଲି ଆମ ସମାଜଶାସ୍ତ୍ରୀମାନେ ଆମକୁ ସତର୍କ କରିଦେଇ ଯାଇଛନ୍ତି। କିନ୍ତୁ ଏଠି ଯେଉଁମାନଙ୍କ କଥା କୁହାଯାଉଛି, ନିଜ ଜୀବନକୁ ବିପନ୍ନ କରି ଅନ୍ୟମାନଙ୍କୁ ସୁରକ୍ଷା ଦିଅନ୍ତି। ସୀମାନ୍ତରେ ଦେଶକୁ ସୁରକ୍ଷା ଦେବାପାଇଁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିବା ଯୋଦ୍ଧା ହୁଅନ୍ତୁ କି ଲୋକମାନଙ୍କୁ ରୋଗ ବ୍ୟାଧିରୁ ସୁରକ୍ଷା ଦେଇ ଏକ ସୁସ୍ଥ ସମାଜ ଗଠନ ପାଇଁ ଜୀବନରେ ବ୍ରତ ରୂପେ ଗ୍ରହଣ କରିଥିବା ଯୋଦ୍ଧା ଡାକ୍ତରମାନେ ହୁଅନ୍ତୁ। ଆପଦକାଳୀନ ପରିସ୍ଥିତିରେ ସୀମାନ୍ତ ଯୋଦ୍ଧାମାନଙ୍କ ଅପେକ୍ଷା ଅଭ୍ୟନ୍ତରକୁ ସୁରକ୍ଷା ଦେଉଥିବା ଯୋଦ୍ଧାମାନଙ୍କ ଦାୟିତ୍ୱ ବେଶି। କିନ୍ତୁ ସୀମାନ୍ତ ସୁରକ୍ଷା କରୁଥିବା ଯୋଦ୍ଧାମାନଙ୍କୁ ଯେଉଁ ପ୍ରକାର ରାଷ୍ଟ୍ରୀୟ ସମ୍ମାନ ମିଳେ ଏ ଯୋଦ୍ଧାମାନଙ୍କୁ ମିଳେ ନାହିଁ। କେବଳ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ ନୁହେଁ, ମହାମାରୀ କାଳରେ ସେମାନେ ନିଜ ପରିବାରକୁ ସୁଦ୍ଧା ବିପନ୍ନ କରି କର୍ତ୍ତବ୍ୟରତ ରହନ୍ତି। ସଂକ୍ରମିତମାନଙ୍କୁ ସେବା କରୁଥିବାରୁ ସେମାନଙ୍କ ପରିବାରକୁ ମଧ୍ୟ ବାସନ୍ଦ କଲା ପରି ପାଖ ପଡ଼ିଶାମାନେ କରିଥାନ୍ତି। ଏପରି ଉତ୍ସର୍ଗୀକୃତ ଜୀବନ ସତ୍ତ୍ୱେ ସେମାନଙ୍କୁ ଟିକେ ପାନରୁ ଚୂନ ଖସିଗଲେ ଜନତାଙ୍କ ଆକ୍ରୋଶର ଶିକାର ହେବାପାଇଁ ପଡିଥାଏ। କୋଉଠି ଅଶ୍ଳୀଳ ଗାଳି ଶୁଣିବାକୁ ପଡେ ତ ଆଉ କୋଉଠି ମାଡ ମଧ୍ୟ। ପୁଣି କେତେବେଳେ କୋର୍ଟକଚେରିକୁ ଟାଣି ହୋଇଯାଇଥା'ନ୍ତି।

ଦିନ ଥିଲା ସମାଜରେ ଡାକ୍ତରମାନେ ଥିଲେ ଅତ୍ୟନ୍ତ ସମ୍ମାନାସ୍ପଦ। କାବ୍ୟକବିତା ନ ଲେଖି ମଧ୍ୟ ସେମାନଙ୍କୁ କୁହାଯାଉଥିଲା କବିରାଜ। ବୃତ୍ତିରେ ସେମାନେ ଶତ୍ରୁମିତ୍ର ନିର୍ବିଶେଷରେ ଅତ୍ୟନ୍ତ ବିଶ୍ୱସ୍ତତାର ସହ ସେବା କରୁଥିଲେ। ଲକ୍ଷ୍ମଣଙ୍କର ଶକ୍ତି ଭେଦ ବେଳେ ରାବଣର ରାଜବୈଦ୍ୟ ସୁଶେଣ ଗନ୍ଧମାର୍ଦ୍ଦନ ପର୍ବତରୁ ବିଶଲ୍ୟକରଣୀ ଆଣିବାପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ଲକ୍ଷ୍ମଣଙ୍କୁ ଚିକିତ୍ସା କରି ସୁସ୍ଥ କରିଥିଲେ। ଈଶ୍ୱରଙ୍କ ପରେ କବିରାଜମାନଙ୍କୁ ଜନତା ବେଶି ଭରସା କରୁଥିଲେ। କବିରାଜମାନଙ୍କ ଅକ୍ଳାନ୍ତ ଚେଷ୍ଟା ସତ୍ତ୍ୱେ ଯଦି ରୋଗୀଟି ମୃତ୍ୟୁବରଣ କରୁଥିଲା ଜନତା ଈଶ୍ୱରଙ୍କ ଇଚ୍ଛା କହି ଆତ୍ମସାନ୍ତ୍ୱନା ଦେଉଥିଲା ସିନା କବିରାଜଙ୍କୁ ଦୋଷ ଦେବା ଆମ ପୁରାଣ ଇତିହାସରେ କୋଉଠି ସୂଚନା ନାହିଁ। ସେତେବେଳେ ଚିକିତ୍ସା ଏପରି ବ୍ୟୟ ବହୁଳ ନ ଥିଲା, ବୈଦ୍ୟମାନେ ମୁନିଋଷିଙ୍କ ପରି ସାତ୍ତ୍ୱିକ ଜୀବନ ବଞ୍ଚୁଥିଲେ। ଶିଷ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେଇ ସମାଜରେ ବୈଦ୍ୟମାନଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହେଉଥିଲେ।

କାଳକ୍ରମେ ଏସବୁ ଲୋପ ପାଇଗଲା। ବଇଦ ପଇଡ଼ ମଦଘଡା, କାମ ସରିଲେ ଗଡ଼ଗଡା କଲେ। ରୋଗରେ ପଡିଥିବା ବେଳେ ସେମାନଙ୍କୁ ଈଶ୍ୱର ବୋଲି କହିଲୁ କାମ ସରିଗଲେ ସେମାନଙ୍କ ପ୍ରତି ଆକ୍ରୋଶ ରଖିଲୁ। ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଫେଲ୍ ହେଲେ ଆମେ ଶିକ୍ଷକମାନଙ୍କୁ କୋର୍ଟକଚେରିକୁ ଟାଣୁ ନାହୁଁ କି କେସ୍‌ରେ ହାରିଗଲେ ଓକିଲକୁ ଦୋଷ ଦେଉ ନାହୁଁ। କିନ୍ତୁ ରୋଗୀଟିଏ ମରିଗଲେ ବିଚରା ଡାକ୍ତରଟି ରୋଗୀର ଆତ୍ମୀୟସ୍ୱଜନଙ୍କ ହିଂସାର ଶିକାର ହୁଏ। ତାକୁ କୋର୍ଟ କଚେରି ପର୍ଯ୍ୟନ୍ତ ଟଣା ହୋଇଥାଏ।

ଇଞ୍ଜିନିୟର, ଓକିଲ କିମ୍ବା ଅଧ୍ୟାପକଟିଏ ହେବାପାଇଁ ଛାତ୍ରୀଛାତ୍ରମାନଙ୍କୁ ଯେତିକି ସମୟ ଶ୍ରମ ସ୍ୱୀକାର କରିବାକୁ ପଡିଥାଏ, ଜଣେ ଦକ୍ଷ ଡାକ୍ତରଟିଏ ହେବାପାଇଁ ପ୍ରାୟ ତା'ର ଦୁଇଗୁଣ ଶ୍ରମ ଓ ସମୟ ବ୍ୟୟ କରିବାକୁ ପଡିଥାଏ। ସମ୍ପୂର୍ଣ୍ଣ ମେଧାବୀ ଛାତ୍ର ନ ହେଲେ ଡାକ୍ତରୀ ପାଠ ପଢ଼ି କୃତକାର୍ଯ୍ୟ ହେବା ଏତେ ସହଜ ନୁହେଁ। ଭାରତରେ ଯେଉଁ ଡାକ୍ତରମାନେ ବାହାରନ୍ତି ସେମାନେ ବିଶ୍ୱର ସବୁଠାରୁ ଭଲ ସୁନାମ ଅର୍ଜନ କରିଥାନ୍ତି। ଏବେ ସମସ୍ୟା ହେଉଛି ଆମ ଦେଶରେ କାରଣ ହେତୁ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଅଧିକାଂଶ ଡାକ୍ତରଖାନାରେ ଜଣେ କିମ୍ବା ଦୁଇଜଣ ଡାକ୍ତରଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଆଉ କେଉଁଠାରେ କମ୍ପାଉଣ୍ଡର ଓ ଆଟେଣ୍ଡାଣ୍ଟଙ୍କ ଦ୍ୱାରା ଡାକ୍ତରଖାନା ଚାଲୁଥିବା ଗଣମାଧ୍ୟମରେ ଦେଖିବାକୁ ମିଳିଥାଏ। ଅଧିକ ଶ୍ରମ ସମୟ ଓ ଅର୍ଥବ୍ୟୟ ଦ୍ୱାରା ଶିକ୍ଷାକାର୍ଯ୍ୟ ସଂପନ୍ନ କରିଥିବା ଆମ ମେଧାବୀ ଛାତ୍ରମାନଙ୍କୁ ବାଧ୍ୟତାମୂଳକ ଭାବରେ ଗାଁ ଗହଳର ପାଣି କାଦୁଅ ଓ ବଣଜଙ୍ଗଲର ଦୁର୍ଗମ ଅଞ୍ଚଳରେ କାମ କରିବାକୁ ହୋଇଥାଏ। କେତେକଙ୍କର ତ ସାରା ଜୀବନ ସେଇ ଅଞ୍ଚଳରେ କଟିଯାଇଥାଏ। ଏ ପରିସ୍ଥିତିରେ ସେମାନଙ୍କ ପ୍ରତି ଆମେ ସହାନୁଭୂତିଶୀଳ ହେବା ପରିବର୍ତ୍ତେ ସେମାନଙ୍କ ପ୍ରତି ହିଂସା ଆଚରଣ କରୁଛୁ। ସେମାନଙ୍କ ସେବାରେ ଆମେ ସହଜରେ ସନ୍ତୁଷ୍ଟ ନୋହୁଁ। ଲଗାତର ଆମେ ଦେଖିଆସୁଚୁ ଡାକ୍ତରମାନଙ୍କ ପ୍ରତି ଆକ୍ରମଣ। କେତେବେଳେ ସେମାନଙ୍କର ଜୀବନ ନେଇଯାଉଛନ୍ତି ତ ଆଉ କେତେବେଳେ ମରଣାନ୍ତକ ଆକ୍ରମଣ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ତ ସାଧାରଣ କଥା। ଜନତାଙ୍କ ପାଇଁ ସର୍ବଶ୍ରେଷ୍ଠ ସେବା ଯୋଗାଉଥିବା ଏମାନଙ୍କ ପାଇଁ ସରକାର ସର୍ବନିମ୍ନ ସୁରକ୍ଷା ଯୋଗାଇ ଦେବାପାଇଁ ପ୍ରସ୍ତୁତ ନୁହନ୍ତି। ଅସୁରକ୍ଷିତ ହୋଇ ସେମାନେ ନିଜ କର୍ତ୍ତବ୍ୟ ନିର୍ବାହ କରୁଛନ୍ତି।

ମହାମାରୀ କରୋନା ସମୟରେ ଡାକ୍ତରମାନେ ହିଂସାର ଶିକାର ହେବା ଖବରମାନ ଆମ ଦୃଷ୍ଟିଗୋଚର ହୋଇଥିଲା। ଜିଲାର କରୋନା ରୋଗୀଙ୍କୁ ସେବା କରିବାକୁ ଯାଇଥିବା ଡାକ୍ତରଙ୍କ ଉପରେ ଛେପ ପକାଇବା, ଇନ୍ଦୋରରେ ଦୁଇଜଣ ମହିଳା ଡାକ୍ତରଙ୍କ ଉପରେ ପଥର ମାଡକରିବା, କୋଭିଡ୍ ସେଣ୍ଟର୍‌ରେ କାମ କରୁଥିବା ମହିଳାମାନଙ୍କ ଆଗରେ ପୁରୁଷମାନେ ଅଭଦ୍ରୋଚିତ ଆଚରଣ ପ୍ରଦର୍ଶନ କରିବା ଖବର ଆମମାନଙ୍କ ଦୃଷ୍ଟି ଗୋଚର ହୋଇଥିଲା। ଡାକ୍ତରମାନଙ୍କ ଉପରେ ବିଭିନ୍ନ ପ୍ରକାର ଅତ୍ୟାଚାର ଦକ୍ଷିଣ ଭାରତର ହାଇଦ୍ରାବାଦ ଓ ଉତ୍ତର ଭାରତରେ ଅତିମାତ୍ରାରେ ଦେଖିବାକୁ ମିଳିଥିଲା। କରୋନା ରୋଗୀଙ୍କୁ ସେବା କରୁଥିବା ଡାକ୍ତରମାନଙ୍କୁ ପରିବାର ସହ ଫ୍ଲାଟ୍‌ରୁ ବାହାରିଯିବା ପାଇଁ ଧମକ୍ ଦେବା ପରି ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା। ଏ ଦିଗରେ ଅନ୍ୟ ରାଜ୍ୟମାନଙ୍କ ସହ ଓଡ଼ିଶା ମଧ୍ୟ ପଛରେ ପଡି ନ ଥିଲା। ଏବେ ସଦ୍ୟ ନିଯୁକ୍ତି ପାଇଥିବା ଜଣେ ମହିଳା ଡାକ୍ତର କୋଭିଡ୍ ସେଣ୍ଟରରେ କର୍ତ୍ତବ୍ୟରତ ଥିବାବେଳେ ଅଧାରାତିରେ ଗାଁକୁ ଯାଇ ଜଣେ ମୃତବ୍ୟକ୍ତିଙ୍କୁ ଡେଥ୍ ସାର୍ଟିଫିକେଟ୍ ଦେବା ପାଇଁ ବାଧ୍ୟ କରିବା ଓ ସେ କୋଭିଡ୍ ସେଣ୍ଟର ଛାଡ଼ି ଯିବାପାଇଁ ଅମଙ୍ଗ ହେବାରୁ ତାଙ୍କୁ ଗାଳିଗୁଲଜ କରିବା, ତାଙ୍କ ମାତାପିତାଙ୍କୁ ଗାଳିଗୁଲଜ କରିବା ସହ ଡାକ୍ତରଖାନାକୁ ଭଙ୍ଗାରୁଜା କରିବା ପରି ଘଟଣା ଅତ୍ୟନ୍ତ ଦୁଃଖଦାୟକ।

ଏ ମହାମାରୀରୁ ସୁରକ୍ଷା ପାଇବା ପାଇଁ ଆମେ ରୁଦ୍ଧଦ୍ୱାରରେ ରହିଥିବା କରୋନା ରୋଗୀମାନଙ୍କୁ ସେବା କରୁଥିବା ଡାକ୍ତରମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ଦିନରାତି ନିଜ ସହ ପରିବାରକୁ ବିପନ୍ନ କରି ଲଢୁଛନ୍ତି। ଏ ମହାମାରୀରେ ଆକ୍ରାନ୍ତ ସାଧାରଣଲୋକଙ୍କ ମୃତ୍ୟୁହାର ୨/୩ ପ୍ରତିଶତ ଥିବାବେଳେ ଡାକ୍ତରମାନଙ୍କ ମୃତ୍ୟୁହାର ଶତକଡା ୧୫ପ୍ରତିଶତ ରହିଛି। ଏ ଯୋଦ୍ଧାମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇ ସହଯୋଗର ହାତ ବଢ଼ାଇବା ପରିବର୍ତ୍ତେ ସେମାନଙ୍କ ସମ୍ମୁଖରେ ଯେଉଁମାନେ ପ୍ରତିବନ୍ଧକ ହୋଇ ଠିଆ ହେଉଛନ୍ତି ସେମାନଙ୍କ ପ୍ରତି ସରକାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ-୯୪୩୭୦୩୩୦୭୪

## ଏଇ ଭାରତରେ

ଚାଷୀଙ୍କ ସମସ୍ୟାକୁ ନେଇ ସମସ୍ତେ ଚିନ୍ତିତ। କିନ୍ତୁ ଚାକିରି ଛାଡ଼ି ଏମାନଙ୍କ ପାଇଁ ସମୟ ଦେଉଥିବା କେତେଜଣ ବ୍ୟକ୍ତିଙ୍କ ମଧ୍ୟରୁ ତାମିଲନାଡୁର ବେଞ୍ଜାମିନ ରାଜା ଅନ୍ୟତମ। ସେ ରୁହନ୍ତି ତିରୁନାଲଭେଲିରେ। କୃଷିରେ ଜ୍ଞାନକୌଶଳ ଉପଯୋଗ କିଭଳି ଲାଭ ପହଞ୍ଚାଏ ତା'ର ବାଟ ଦେଖାଉଛନ୍ତି। କୃଷିରେ ରସାୟନ ତତ୍ତ୍ୱ, ପାଗ ଓ ସମୟ ଜଡିତ। ଏଆଇ(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଦ୍ୱାରା ଏହିସବୁ ତତ୍ତ୍ୱର ସଫଳ ପରିଚାଳନା କରି ସେ ଚାଷୀମାନଙ୍କ ଉତ୍ପାଦନ ଦୁଇଗୁଣ କରିପାରୁଛନ୍ତି। ୨୦୧୦ରେ ଭଲ ଦରମାର କର୍ପୋରେଟ ଚାକିରି ଛାଡ଼ିବା ପରେ ୨୦୧୨ରୁ ଏକ ଷ୍ଟାର୍ଟଅପ୍ ଆରମ୍ଭ କରି ଏହି କାର୍ଯ୍ୟରେ ଲାଗିଛନ୍ତି। ସେ ୩୦୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସାହାଯ୍ୟ କରି ସେମାନଙ୍କ ଉତ୍ପାଦନ ଦୁଇଗୁଣ ବଢାଇବାରେ ସକ୍ଷମ ହୋଇଛନ୍ତି। ଏଆଇ ଦ୍ୱାରା ଚାଷରେ କମ୍ ଜଳ ଉପଯୋଗ ହେଉଛି। କୀଟମାନଙ୍କୁ ନିୟନ୍ତ୍ରଣ କରାଯାଉଛି ଓ ଗଛ ଲାଗି କେତେ ପରିମାଣର ସାର ଦରକାର ତାହା ମଧ୍ୟ ନିର୍ଦ୍ଧାରଣ ହୋଇପାରୁଛି। ଏସବୁର ସଫଳ ପରିଚାଳନା କରାଯାଉଥିବାରୁ ସବୁ ଚାଷୀ କମ୍ ଖର୍ଚ୍ଚରେ ଦୁଇଗୁଣ ଉତ୍ପାଦନ କରି ଭଲ ଲାଭ ପାଉଛନ୍ତି। ବେଞ୍ଜାମିନଙ୍କ ଜ୍ଞାନକୌଶଳ ଅଧ ଏକରରୁ ୩୦ କି.ମି ଯାଏ କଭର୍ କରୁଛି। ଏକ ଏକରକୁ ସେନ୍‌ସର ଓ ଟେକ୍‌ନୋଲୋଜି ବାବଦରେ ୨୫ ଲକ୍ଷ ଟଙ୍କା ଆବଶ୍ୟକ ଥିବାବେଳେ ସେ ଆମ ଦେଶରେ ପ୍ରସ୍ତୁତ ଯନ୍ତ୍ର ବ୍ୟବହାର କରି ମାତ୍ର ୨.୫ ଲକ୍ଷ ଟଙ୍କାରେ ତାହା କରିପାରୁଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ରାମମନ୍ଦିର ବନାମ ରାମରାଜ୍ୟ

ମହାଶୟ,

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅଯୋଧ୍ୟାଠାରେ ରାମ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ସମ୍ପନ୍ନ ହୋଇଛି। ଏହା ଫଳରେ କୋଟି କୋଟି ଶ୍ରଦ୍ଧାଳୁ ବିଶେଷ କରି ହିନ୍ଦୁ ସଂପ୍ରଦାୟଙ୍କର ୫୦୦ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଏହା ଏକ ଦିବ୍ୟ ଓ ଭବ୍ୟ ମନ୍ଦିର ଭାବେ ଭାରତୀୟ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ସଂହତିର ଆଧୁନିକ ପ୍ରତୀକ ହୋଇ ରହିବ। ଦେଶରେ ବହୁ ରାମମନ୍ଦିର ଅଛି। ମାତ୍ର ଏହି ମନ୍ଦିରଟି ଶ୍ରୀରାମଙ୍କ ଜନ୍ମଭୂମିରେ ନିର୍ମାଣ ହେଉଥିବାରୁ ଏହା ସ୍ୱତନ୍ତ୍ର ଓ ଅନନ୍ୟ। ରାମ କେବଳ ହିନ୍ଦୁମାନଙ୍କର ଦେବତା ନୁହନ୍ତି। ସେ ସମସ୍ତଙ୍କର ସବୁଠି ଓ ସମସ୍ତଙ୍କ ଠାରେ ଅଛନ୍ତି। ତେବେ ରାମ ମନ୍ଦିର ପ୍ରତିଷ୍ଠା ହେଲେ ଯେ ରାମ ରାଜ୍ୟ ପ୍ରତିଷ୍ଠା ହେବ, ଏପରି ଭାବିବା ଠିକ୍ ନୁହେଁ। ରାମ ମନ୍ଦିର ଓ ରାମରାଜ୍ୟ ଏକାକଥା ନୁହେଁ। ଗାନ୍ଧିଜୀଙ୍କ ପରିକଳ୍ପିତ ରାମରାଜ୍ୟ ପ୍ରତିଷ୍ଠା କରିବାକୁ ହେଲେ ଦେଶର ଶାସକ, ପ୍ରଶାସକ ଓ ସାଧାରଣ ଜନତା ରାମଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ। ସ୍ନେହ, ପ୍ରେମ, ଧୈର୍ଯ୍ୟ, ତ୍ୟାଗ, ସତ୍ୟନିଷ୍ଠା, ପ୍ରଜାନୁରଞ୍ଜନ ଓ ସମଦର୍ଶିତା ରାମଙ୍କ ଚରିତ୍ରର ବୈଶିଷ୍ଟ୍ୟ। ଦେଶର ଶାସକ ଏବଂ ପ୍ରଶାସକମାନଙ୍କ ଉଚ୍ଚାରଣ ଓ ଆଚରଣରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ଏହି ସବୁ ଗୁଣାବଳୀର ପରସ୍ଫୁଟନ ହେବା ସହ ଦେଶର ୧୩୫ କୋଟି ଲୋକ କ୍ଷମତାସମ୍ପନ୍ନ ଓ ଉନ୍ନତ ଜୀବନ ଶୈଳୀର ଅଧିକାରୀ ହୋଇପାରିଲେ ରାମ ରାଜ୍ୟର ସ୍ୱପ୍ନ ସାର୍ଥକ ହେବ। ଗତ କିଛି ଦଶନ୍ଧି ଧରି ରାଜନୈତିକ ଦଳମାନେ ରାମ ମନ୍ଦିରକୁ ଆଳ କରି ଯେପରି ଭାବେ ରାଜନୀତିର ରୁଟି ସେକି ଆସୁଥିଲେ, ତା'ର ତୁରନ୍ତ ଅନ୍ତ ଘଟିବା ଜରୁରୀ।

ଅକ୍ଷୟ କୁମାର ମହାନ୍ତି, ବିରିଡି, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୁତ୍ରହନ୍ତା ବାପାଙ୍କୁ ଆଜୀବନ କାରାଦଣ୍ଡ

**ଅନୁଗୋଳ ଅଫିସ, ୧।୧୦:** ଅନୁଗୋଳ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାଶ ୨୦୧୭ ମସିହାର ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର ପୁତ୍ରହନ୍ତା ବାପା ଅନ୍ତର୍ଯ୍ୟାମୀ ନାୟକ(୭୨)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶନାମା ଜାରି କିରିଛନ୍ତି। ଏହି ଶୁଣାଣି ଭିଡିଓ କନଫରେନ୍ସ ମାଧମରେ ହୋଇଥିବାବେଳେ ମୋଟ୍ ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ତାଙ୍କ ରାୟ ଶୁଣାଇ ଥିଲେ। ସରକାରୀ ପିପି ପ୍ରଦୀପ କୁମାର ଦାଶ ମାମଲା ପରିଚାଳନା କରିଥିଲେ। ମାମଲାରୁ ପ୍ରକାଶ ଯେ, ୨୦୧୭ ଅଗଷ୍ଟ ୩୧ରେ ଅନୁଗୋଳ ଜିଲା ପୁରୁଣାକୋଟ ଥାନା ମାଣିକଯୋଡ଼ି ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଥିଲା। ପୁତ୍ର ମଲିଆ ନାୟକ(୩୫)ଙ୍କୁ ତାଙ୍କ ବାପା ଅନ୍ତର୍ଯ୍ୟାମୀ ନାୟକ ଛୁରାମାଡ଼ କରି ହତ୍ୟା କରିଥିଲେ। ଗାଁ ଦାଣ୍ଡରେ ଏହି ଘଟଣା ଘଟିଥିବା ବେଳେ ମଲିଆଙ୍କ ସ୍ତ୍ରୀ କୁନି ନାୟକ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ। ଗୁରୁତର ମଲିଆଙ୍କୁ ଡାକ୍ତରଖାନା ନେବା ପାଇଁ ବ୍ୟବସ୍ଥା କରାଯାଉଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ କୁନି ନାୟକ ପୁରୁଣାକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୧/୧୭ରେ ମାମଲା ରୁଜୁ କରି ଅଭିଯୁକ୍ତ ଅନ୍ତର୍ଯ୍ୟାମୀଙ୍କୁ ଗିରଫ କରିଥିଲା।

### ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି



**ଭଦ୍ରକ ଅଫିସ, ୧।୧୦:** ଏକ ସିକ୍ୟୁରିଟି ଏଜେନ୍ସିର ଲାଇସେନ୍ସ ନବୀକରଣ ପାଇଁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭଦ୍ରକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ସୁଧାକର ବାରିକ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଗୁରୁବାର ମଧାହ୍ନରେ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ବନ୍ତ ବ୍ଲକ ବସନ୍ତିଆସ୍ଥିତ ଭବାନୀ ସିକ୍ୟୁରିଟି ଏଜେନ୍ସିର ଲାଇସେନ୍ସ ନବୀକରଣ ପାଇଁ କନିଷ୍ଠ କିରାଣି ୧୩ ହଜାର ଦାବି କରିଥିଲେ। ଗୁରୁବାର ୯ ହଜାର ଟଙ୍କା ଦେବା ପାଇଁ ସ୍ଥିର ହୋଇଥିଲା। ଏଜେନ୍ସିର ସହ ସ୍ୱତ୍ୱାଧିକାରୀ(ମ୍ୟାନେଜିଂ ପାର୍ଟନର) ଅକ୍ଷୟ କୁମାର ଦାସଙ୍କଠାରୁ ଉକ୍ତ ଟଙ୍କା ନେବା ବେଳେ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଡିଭିଜନର ଭିଜିଲାନ୍ସ ଟିମ୍ ମିଳିତ ଭାବେ ଚଢ଼ାଉ କରି କନିଷ୍ଠ କିରାଣି ବାରିକଙ୍କୁ ଧରିଥିଲେ। ତାଙ୍କଠାରୁ ଲାଞ୍ଚ ନେଇଥିବା କେମିକାଲ୍ ବୋଳା ଟଙ୍କା ଜବତ ହୋଇଛି। ଏନେଇ ବାଲେଶ୍ୱର ଡିଭିଜନ ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ମାମଲା (ନଂ.୨୭/୩୦।୯।୨୦)ରୁଜୁ ହୋଇଛି।

### ସୋଲାର ଏନର୍ଜିକୁ ପ୍ରୋତ୍ସାହନ ଦେଉନାହାନ୍ତି ସରକାର

#### ଅସନ୍ତୋଷ ବ୍ୟକ୍ତକଲେ ବାଚସ୍ପତି

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ରାଜ୍ୟ ସରକାର ସୋଲାର ଏନର୍ଜି ବା ସୌରଶକ୍ତିକୁ ପ୍ରୋତ୍ସାହନ ଦେଉ ନ ଥିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ବିଧାନସଭାରେ ବିଦ୍ୟୁତ୍ ବିଲ୍ ବୃଦ୍ଧି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସୌରଶକ୍ତିକୁ ପ୍ରୋତ୍ସାହନ ଦେବାକୁ କହିଥିଲେ। ଅନ୍ୟଠାରୁ ବିଦ୍ୟୁତ୍ ନ କିଣି ନିଜେ ସୌରଶକ୍ତି ଉତ୍ପାଦନ କରିବାକୁ ସେ ପ୍ରସ୍ତାବ ଦେବାପରେ ବାଚସ୍ପତି ଏହା ଉପରେ ମତ ରଖିଥିଲେ। ବର୍ତ୍ତମାନ ସାରା ଦେଶରେ ସୌରଶକ୍ତିକୁ ପ୍ରୋତ୍ସାହିତ କରାଯାଉଛି। କେନ୍ଦ୍ର ସରକାର ଏଥିଲାଗି ଅନୁଦାନ ମଧ ଦେଉଛନ୍ତି। ବିଧାନସଭାରେ ସୋଲାର ଏନର୍ଜି ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କଠାରୁ ଅର୍ଥ ଆଣି ଶକ୍ତି ବିଭାଗକୁ ଦେଇଥିଲେ ମଧ ଆଜିପର୍ଯ୍ୟନ୍ତ ତାହା କରିନାହାଁ। କାମ ଆରମ୍ଭ କରିବୁ କହି କରାଯାଉନାହିଁ ବୋଲି ବାଚସ୍ପତି କହିଥିଲେ। ଭୁବନେଶ୍ୱରରେ ଗତ ଦୁଇବର୍ଷ ହେଲା ଲୋକେ ସୌରଶକ୍ତି ବ୍ୟବହାର କରୁଥିଲେ ମଧ ସେମାନଙ୍କୁ ପ୍ରୋତ୍ସହନ ଦିଆଯାଉନାହିଁ। ସୋଲାର ଏନର୍ଜିକୁ ଓଡ଼ିଶାର ଅଫିସରମାନେ ପ୍ରମୋଟ କରୁନାହାନ୍ତି। ବିଧାନସଭା ସରିଲେ ଏନେଇ ଏକ ବୈଠକ ଡାକି ଆଲୋଚନା କରିବେ ବୋଲି ସେ କହିଥିଲେ।

ନାରୀ ନିର୍ଯାତନାରେ ଓଡ଼ିଶା ଦେଶରେ ପ୍ରଥମ




# ୯ରୁ ୧୮ ଯାଏଁ ଭୁବନେଶ୍ୱରରୁ ବରଗଡ଼ ରୋଡ୍ ମଧରେ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ବଲାଙ୍ଗୀର ଏବଂ ଲୋଇସିଂହା ଷ୍ଟେଶନ ମଧରେ ରେଳପଥ ଦୋହରୀକରଣ କାର୍ଯ୍ୟକ୍ଷମ ସମ୍ବନ୍ଧୀୟ ସୁରକ୍ଷା ଜନିତ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୨୦୨୦ ଅକ୍ଟୋବର ୯ରୁ ୧୮ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ସ୍ୱତନ୍ତ୍ର ଟ୍ରେନ୍‌କୁ ଆଂଶିକ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥର ସୂଚନା ଅନୁସାରେ ୦୨୮୯୩/୦୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ସ୍ୱତନ୍ତ୍ର ଟ୍ରେନ୍ ଅକ୍ଟୋବର ୯ରୁ ୧୮ତାରିଖ ଯାଏଁ ଭୁବନେଶ୍ୱର ଏବଂ ବରଗଡ଼ ରୋଡ ମଧରେ ଚଳାଚଳ କରିବ । ଏହାସହ ବରଗଡ଼ ରୋଡ୍‌ଠାରୁ ବଲାଙ୍ଗୀର ମଧରେ ଉଭୟ ଦିଗରୁ ବାତିଲ ରହିବ। ୦୨୮୬୧ ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ୱତନ୍ତ୍ର ଟ୍ରେନ ରାଉରକେଲାରୁ ଶନିବାର ଏବଂ ରବିବାର ବ୍ୟତୀତ ପ୍ରତିଦିନ ସକାଳ ୫ଟା ୧୦ରେ ବାହାରି ଦିନ ୧୨ଟା ୩୦ରେ ଭୁବନେଶ୍ୱର ପହଞ୍ଚିବ। ଫେରିବା ମାର୍ଗରେ ଭୁବନେଶ୍ୱର-ରାଉରକେଲା ସ୍ୱତନ୍ତ୍ର ଟ୍ରେନ ଭୁବନେଶ୍ୱରରୁ ଅପରାହ୍ନ ୨ଟା ୧୦ରେ ବାହାରି

**ବାତିଲ ହେବ ବରଗଡ଼ ରୋଡ୍‌ରୁ ବଲାଙ୍ଗୀର ମଧରେ ଚଳାଚଳ**



ରାଉରକେଲାରେ ରାତି ୯ଟା ୪୦ରେ ପହଞ୍ଚିବ। ୦୨୮୬୧ ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ୱତନ୍ତ୍ର ଟ୍ରେନ ଉଭୟ ଦିଗରୁ ରାଉରକେଲା ଏବଂ ଭୁବନେଶ୍ୱର ମଧରେ ରାଜଗଙ୍ଗପୁର, ବାମାରା, ଝାରସୁଗୁଡା, ରେଙ୍ଗାଲୀ, ସମ୍ବଲପୁର ସିଟି, ରେଢ଼ାଖୋଲ, ବଇଣ୍ଡା, ଅନୁଗୋଳ, ତାଳଚେର ରୋଡ୍, ଢେଙ୍କାନାଳ ଏବଂ ନରାଜ ମାର୍ଥାପୁରରେ ରହଣି କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଗଜପତି ଜିଲାରେ ସର୍ବାଧିକ ୬୪.୬୭% ଆଣ୍ଟିବଡି ସୃଷ୍ଟି

ଭୁବନେଶ୍ୱର,୧।୧୦(ବ୍ୟୁରୋ)

**କରୋନା ମୁକାବିଲା**
- ୫ରୁ ମାଲକାନଗିରି ଜିଲାରେ ସେରୋ ସର୍ଭେ
- ଭୁବନେଶ୍ୱର, କଟକରେ ମଧ ପୁଣି କରାଯିବ

ପୁରୀ, ଭୁବନେଶ୍ୱର, ବ୍ରହ୍ମପୁର ଓ ରାଉରକେଲା ପରେ ଏବେ ଗଜପତି ଜିଲାରେ ସେରୋ ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଏହି ଜିଲାରୁ ରାଜ୍ୟର ସର୍ବାଧିକ ୬୫% ଲୋକଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି ହୋଇଛି। ଟେଷ୍ଟ ସମୟରେ ସର୍ବନିମ୍ନ ୪୪ ଓ ସର୍ବାଧିକ ୯୨% ପର୍ଯ୍ୟନ୍ତ ଆଣ୍ଟିବଡି ବଢ଼ିଥିବା ପରିଲକ୍ଷିତ ହୋଇଛି ବୋଲି ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର(ଆର୍‌ଏମ୍‌ଆର୍‌ସି) ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସୂଚନା ଦେଇଛନ୍ତି। କୋଭିଡ୍ ସଂକ୍ରାନ୍ତରେ ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ପତି କହିଛନ୍ତି, ସେପ୍ଟେମ୍ବର ୧୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ଗଜପତି ଜିଲାରେ ଏହି ସେରୋ ସର୍ଭେ କରାଯାଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକକ୍ରମେ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥା ଜିଲା ପ୍ରଶାସନର ସହଯୋଗରେ ଆର୍‌ଏମ୍‌ଆର୍‌ସିର ୫ଟି ଦଳ ପର୍ଯ୍ୟାୟ କ୍ରମେ ସେରୋ ନମୁନା ସଂଗ୍ରହ କରିଥିଲା। ଜିଲାର ବିଭିନ୍ନ ଗୋଷ୍ଠୀରୁ ୯୮୪ ଏବଂ ଅତି ସମ୍ବେଦନଶୀଳ ଲୋକଙ୍କ ମଧରୁ ୫୩୧ ଜଣଙ୍କୁ ମିଶାଇ ସମୁଦାୟ ୧୫୧୫ ନମୁନା ସଂଗ୍ରହ କରାଯାଇଥିଲା। ନମୁନା ପରୀକ୍ଷଣରୁ ଜଣାପଡ଼ିଛି ଯେ, ଜିଲାରେ ୬୪.୬୭% ବା ଦୁଇ-ତୃତୀୟାଂଶ ଲୋକଙ୍କ ମଧରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି। ସେହିପରି କୋଭିଡ୍ ଯୋଦ୍ଧାଙ୍କ ମଧରେ ୫୪ ପ୍ରତିଶତ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ମଧରେ ୫୦ ପ୍ରତିଶତଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଛି। ଆଜି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଇଥିବା ସେରୋ ସର୍ଭେ ମଧରେ ଏହି ଫଳାଫଳ ସର୍ବାଧିକ ବୋଲି ଡା. ପତି କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ୯୫ ପ୍ରତିଶତ ଲୋକଙ୍କ ମଧରେ କୌଣସି ଲକ୍ଷଣ ନ ଥିଲା। ପ୍ରଥମଥର ପାଇଁ ମା' ଓ ଭଉଣୀଙ୍କ ମଧରେ ରୋଗ ପ୍ରତିରୋଧକ ଶକ୍ତି ଆଶାତୀତ ଭାବେ ବୃଦ୍ଧି ପାଇଥିବାର ଜଣାପଡ଼ିଛି। ଅକ୍ଟୋବର ୫ରୁ ମାଲକାନଗିରି ଜିଲାରେ ଏହିଭଳି ସେରୋ ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ପରେ ଭୁବନେଶ୍ୱରରେ ତୃତୀୟ ପର୍ଯ୍ୟାୟରେ ଏବଂ କଟକରେ ମଧ ଏହି ସେରୋ ସର୍ଭେ କରାଯିବ। ନିୟମିତ ବ୍ୟବଧାନରେ ସେରୋ ସର୍ଭେ କରିବାରେ ଭାରତର କେତେକ ରାଜ୍ୟ ମଧରେ ଓଡ଼ିଶା ଅନ୍ୟତମ। ଏହି ସର୍ଭେ ଦ୍ୱାରା କୋଭିଡ୍-୧୯ ବିରୋଧରେ ସାମୂହିକ ପ୍ରତିରୋଧକ ଶକ୍ତି ସମ୍ପର୍କରେ ଧାରଣା ମିଳିଥାଏ ବୋଲି ଡା. ପତି କହିଛନ୍ତି।

## ଦିନକରେ ୩,୬୧୫ ଆକ୍ରାନ୍ତ, ୧୭ ମୃତ

### ସୁସ୍ଥ ହେଲେ ୪,୩୮୦ କରୋନା ରୋଗୀ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

କରୋନା ଟେଷ୍ଟ ପରିମାଣ କମିଯିବା ପରେ ଆକ୍ରାନ୍ତ ସଂଖ୍ୟା କମ୍ ରହୁଛି। ସେହିଭଳି ଆରୋଗ୍ୟ ସଂଖ୍ୟା ୪ହଜାର ଉପରେ ରହୁଥିବାରୁ ଆଶ୍ୱସ୍ତି ମିଳୁଥିଲେ ମଧ ମୃତ୍ୟୁ ଅଧିକ ରହୁଥିବାରୁ ଚିନ୍ତା ବଢ଼ିଛି। ରାଜ୍ୟରେ ଗତ ୨୪ ଘଣ୍ଟାରେ ୩,୬୧୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୨୨,୭୩୪ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧରେ ଖୋର୍ଦ୍ଧାରୁ ୬୭୧ଜଣ ଥିବାବେଳେ କଟକରୁ ୩୭୧, ପୁରୀ ୧୯୭, ଅନୁଗୋଳ ୧୮୮, ଯାଜପୁର ୧୪୪, ମାଲକାନଗିରି ଓ ମୟୂରଭଞ୍ଜରୁ ୧୨୩ଜଣ ଲେଖାଏ, କେନ୍ଦ୍ରାପଡ଼ା ୧୧୯, କେନ୍ଦୁଝର ୧୦୯, ଝାରସୁଗୁଡ଼ା ଓ କଳାହାଣ୍ଡିରୁ ୧୦୬ଜଣ ଲେଖାଏ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତ ସଂଖ୍ୟା ଶହେ ତଳକୁ ରହିଛି। ସେପଟେ ରାଜ୍ୟରେ ଆଉ ୧୭ଜଣଙ୍କ ଜୀବନ ନେଇଛି କରୋନା ମହାମାରୀ। ମୃତକଙ୍କ ମଧରେ ଖୋର୍ଦ୍ଧାରୁ ୪ଜଣ ଥିବାବେଳେ ନୟାଗଡ଼, କଟକରୁ ୨ଜଣ ଲେଖାଏ, ଅନୁଗୋଳ, ଭଦ୍ରକ, ବଲାଙ୍ଗୀର, ଢେଙ୍କାନାଳ, ଜଗତ୍‌ସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ରାୟଗଡ଼ା ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଏବେ ରାଜ୍ୟରେ ମୋଟ କରୋନା ମୃତ୍ୟୁ ୮୫୯କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ସବୁଦିନ ପରି ଗୁରୁବାର ମଧ ଆଉ ୪,୩୮୦ ଆକ୍ରାନ୍ତ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୧,୯୦,୦୮୦ରେ ପହଞ୍ଚିଛି।

### ମନ୍ଦିର ଖୋଲିବାକୁ ସୁରଙ୍କ ଦାବି

ଭୁବନେଶ୍ୱର,୧।୧୦(ବ୍ୟୁରୋ)

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଗୁରୁବାର ଗୃହରେ ମନ୍ଦିର ଖୋଲିବାକୁ ଦାବି କରିଛନ୍ତି। ତୁରନ୍ତ ଓଡ଼ିଶାରେ ସବୁ ମନ୍ଦିର ଖୋଲିବାକୁ ସେ କହିଥିଲେ। କେଦାରନାଥ, ବଦ୍ରିନାଥ, ରାମେଶ୍ୱର, ବୈଷ୍ଣୋଦେବୀ ମନ୍ଦିର ଖୋଲାଯାଇଛି। ଓଡ଼ିଶାର କାହିଁକି ଖୋଲିବନି ବୋଲି ସେ କହିଥିଲେ।

### କୃଷି ବିଲ୍: ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ସରକାର

ଭୁବନେଶ୍ୱର,୧।୧୦(ବ୍ୟୁରୋ)

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କୃଷି ବିଲକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କ'ଣ ବୋଲି ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ବିଜେଡି ଆଭିମୁଖ୍ୟ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ଗୃହରେ ଦାବି କରିଛନ୍ତି ସାଲୁଜା। ବିଜେଡି ବିଲ୍‌କୁ ଲୋକ ସଭାରେ ସମର୍ଥନ କରିଥିବା ବେଳେ ରାଜ୍ୟ ସଭାରେ କିନ୍ତୁ ବିରୋଧ କରିଛି। ବିଜେଡି ବିଧାୟକ ଅମର ଶତପଥୀ କହିଛନ୍ତି, କୃଷି ବିଲକୁ ଲୋକ ସଭାରେ ସମର୍ଥନ, ରାଜ୍ୟ ସଭାରେ ବିରୋଧ କଥା ଭୁଲ। ବିଜେଡି ଏମ୍‌ପି ଲୋକ ସଭାରେ ସ୍ପଷ୍ଟ ଭାବେ କହିଛନ୍ତି ବିଲକୁ ଷ୍ଟାଣ୍ଡିଂ କମିଟିକୁ ପଠାଯାଉ।

# ଅଧାପକ ନିଯୁକ୍ତିରେ ଓଡ଼ିଆ ପିଲାଙ୍କୁ ଅଣଦେଖା

ଭୁବନେଶ୍ୱର,୧।୧୦(ବ୍ୟୁରୋ)

**ଷଡ଼ଯନ୍ତ୍ର ଚାଲିଛି: ବିରୋଧୀ**

ବିଧାନସଭା ମୌସୁମୀ ଅଧିବେଶନର ଗୁରୁବାର ତୃତୀୟ ଦିବସ ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଭିନ୍ନଭିନ୍ନ ପ୍ରଶ୍ନ ମାଧମରେ ରାଜ୍ୟରେ ଅଧାପକ ନିଯୁକ୍ତି କ୍ଷେତ୍ରରେ ରହିଥିବା ଅବ୍ୟବସ୍ଥା ସମ୍ପର୍କରେ କହିଥିଲେ। ରାଜ୍ୟରେ ଅଧାପକ ନିଯୁକ୍ତି କ୍ଷେତ୍ରରେ ଯେଉଁ ନୂତନ ନିୟମ କରାଯାଇଛି ତାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରୁଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ସର୍କୁଲାରକୁ ମଧ ଏହା ଖିଲାପ କରୁଥିବା ବିରୋଧୀମାନେ ଅଭିଯୋଗ ଆଣିଥିଲେ।

ଓଡ଼ିଶାର ସମସ୍ତ ସରକାରୀ ଚାକିରିରେ ଓଡ଼ିଆରେ ସପ୍ତମ ପାସ୍ ଯୋଗ୍ୟତା ବାଧତାମୂଳକ କରାଯାଇଥିବାବେଳେ ଓଇଏସ୍ ଅଧାପକ ନିଯୁକ୍ତିରେ ୭ମ ଶ୍ରେଣୀ ଓଡ଼ିଆ ଭାଷା ଯୋଗ୍ୟତା ବାଧତାମୂଳକ କରାଯାଇ ନାହିଁ। ଓଇଏସ୍ ଅଧାପକମାନଙ୍କୁ କ୍ୟାରିୟର ଆସେସ୍‌ମେଣ୍ଟରେ ନିଯୁକ୍ତି ଦେବାର ବ୍ୟବସ୍ଥା କରିଛନ୍ତି। ସେହିଭଳି ପ୍ରୋବେଶନ ପିରିୟଡ ଭିତରେ ସେମାନେ ଓଡ଼ିଆ ପଢିବେ ବୋଲି କୁହାଯାଇଛି। ଏହାଦ୍ୱାରା ଓଡ଼ିଶାର ଯୁବତୀଯୁବକଙ୍କ ପରିବର୍ତ୍ତେ ଅନ୍ୟ ରାଜ୍ୟର ଯୁବତୀଯୁବକ ଚାକିରି ପାଉଛନ୍ତି। ଅଣଓଡ଼ିଆ ଯୁବତୀଯୁବକଙ୍କୁ ରାଜ୍ୟରେ ନିଯୁକ୍ତି ଦେବା ଅଣଓଡ଼ିଆ ଅଫିସରଙ୍କ ଷଡ଼ଯନ୍ତ୍ର ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ। ଯେଉଁମାନେ ଓଡ଼ିଆ ବୁଝନ୍ତିନାହିଁ ସେମାନେ ଆସି ଏଠାରେ ପାଠ ପଢ଼ାଉଛନ୍ତି। ମଧପ୍ରଦେଶ, ଛତିଶଗଡ଼ କୌଣସି ସ୍ଥାନରେ ଏଭଳି ବ୍ୟବସ୍ଥା ନାହିଁ। କିନ୍ତୁ ଓଡ଼ିଶା ଅନ୍ୟ ରାଜ୍ୟ ପିଲାଙ୍କ ନିଯୁକ୍ତି ପାଇଁ ଶସ୍ତା ରାଜ୍ୟ ପାଲଟିଛି ବୋଲି ସେ କହିଥିଲେ। ତୁରନ୍ତ ଏହି ନୂତନ ନିୟମକୁ ପ୍ରତ୍ୟାହାର କରାଯାଉ ଏବଂ ପୂର୍ବ ବ୍ୟବସ୍ଥା କାର୍ଯ୍ୟକାରୀ ହେଉ। ନଚେତ୍ ରାଜ୍ୟରେ ଛାତ୍ର ଆନ୍ଦୋଳନ ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଥିଲେ। ସେହିଭଳି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ ପ୍ରଦୀପ୍ତଙ୍କୁ ସମର୍ଥନ କରି ନିଯୁକ୍ତି ପାଇବା ପରେ ପରୀକ୍ଷା ଦେବା ବ୍ୟବସ୍ଥାକୁ ତୁରନ୍ତ ଉଚ୍ଛେଦ କରିବାକୁ ଦାବି କରିଥିଲେ। ଓଡ଼ିଆମାନେ ପାଠ ପଢି ବେକାରି ହୋଇ ବସିଥିବାବେଳେ ରାଜ୍ୟ ସରକାର ଅନ୍ୟ ରାଜ୍ୟରୁ ପିଲା ଆଣି ଏଠାରେ ନିଯୁକ୍ତ କରୁଛନ୍ତି। ଓଇଏସ୍ ନିଯୁକ୍ତିରେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ପଢିଥିବା ବିଷୟକୁ ବାଧତାମୂଳକ କରିବାକୁ ସେ ଦାବି କରିଥିଲେ।

# ଦନ୍ତାହାତୀ ମୃତଦେହ ଉଦ୍ଧାର



ପାଲଲହଡ଼ା, ୧।୧୦(ଡି.ଏନ.ଏ.)

ଦେବଗଡ ବନଖଣ୍ଡ ଅଧୀନ ଅନୁଗୋଳ ଜିଲା ପାଲଲହଡ଼ା ବନାଞ୍ଚଳ ଥାନା ଛେଳିଆବେଡା ଗ୍ରାମ ନିକଟ ମାଲ୍ୟଗିରି ସଂରକ୍ଷିତ ଜଙ୍ଗଲରୁ ଏକ ଦନ୍ତା ହାତୀର ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ଏହାର ବୟସ ୧୨ରୁ ୧୫ ବର୍ଷ ଭିତରେ ହେବ ବୋଲି ବନ ବିଭାଗ ଅନୁମାନ କରିଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ କେହି ଦୁର୍ବୃତ୍ତ ଦାନ୍ତ କାଟି ନେଇଥିବା ବିଭାଗ ସନ୍ଦେହ କରୁଛି। ଗୁରୁବାର ହିଁ ହାତୀଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ବନ ବିଭାଗ ଜାଣିବାକୁ ପାଇଛି। ହାତୀଟି କେନ୍ଦୁଝର ଅଞ୍ଚଳରୁ ପାଲଲହଡା ବନାଞ୍ଚଳକୁ ଚାଲି ଆସିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଦେବଗଡ ଡିଏଫଓ କ୍ଷମା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ତଦନ୍ତ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

**କୋଭିଡ୍ ସେଣ୍ଟରରେ ମହିଳାଙ୍କୁ ଅସଦାଚରଣ ପ୍ରସଙ୍ଗ**
- ଏନ୍‌ସିଆର୍‌ବି ରିପୋର୍ଟକୁ ନେଇ ଗୃହରେ ଉଦ୍‌ବେଗ

ମୌସୁମୀ ଅଧିବେଶନର ୩ୟ ଦିବସରେ ଗୃହ ଆରମ୍ଭରୁ ନ୍ୟାଶନାଲ କ୍ରାଇମ୍ ରେକର୍ଡ୍ସ ବ୍ୟୁରୋ(ଏନ୍‌ସିଆରବି) ରିପୋର୍ଟକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ଅସଦାଚରଣରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ସାଇବର ଅପରାଧରେ ରାଜ୍ୟ ଏକ ନମ୍ବରରେ ରହିଛି। ମହିଳାଙ୍କ ପ୍ରତି ଅସଦାଚରଣ ନେଇ ଗୃହରେ ପ୍ରଶ୍ନ କଲେ ବି ଉତ୍ତର ମିଳୁନି। ସରକାର ନିଦରେ ଶୋଇଛନ୍ତି। ଏହା ରାଜ୍ୟ ପାଇଁ ଲଜ୍ଜା ଜନକ ବୋଲି ନରସିଂହ କହିଥିଲେ। ଏହି ଅବସରରେ ସେ ବୁଧବାର କୋଭିଡ୍ ସେଣ୍ଟରରେ ମହିଳାଙ୍କୁ ଅସଦାଚରଣ ପ୍ରସଙ୍ଗ ଗୃହରେ ଉଠାଇଥିବା ବେଳେ ଗୁରୁବାର ପୁଣି ଉଠାଇ ସରକାରଙ୍କଠାରୁ ଉତ୍ତର ଲୋଡିଥିଲେ। ହାଥାରସ୍ ଘଟଣା ପାଇଁ ଆଜି ୟୁପି ଜଳୁଥିବା ବେଳେ କାଲି ଓଡ଼ିଶା ବି ଜଳିବ। ପୋଲିସ ଡିଜିଙ୍କୁ ଅଭିଯୋଗ କଲେ କୌଣସି ସୁଫଳ ମିଳୁନି। ତାଙ୍କ ମୁହଁ ବନ୍ଦ କରି ଦିଆଯାଇଛି। ଏ ପ୍ରସଙ୍ଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତାଙ୍କ ଅଭିଯୋଗ ପରେ ଘଟଣାର ତଦନ୍ତ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଥିଲେ।

# ଚିତ୍ରଶିଳ୍ପୀ ଅଶୋକ ସେଣ୍ଠଙ୍କ ଚିକିତ୍ସା ପାଇଁ ୧ଲକ୍ଷର ସହାୟତା

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ବରିଷ୍ଠ ଚିତ୍ରଶିଳ୍ପୀ ତଥା ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟର ବ୍ୟବହାରିକ କଳା ବିଭାଗର ଅଧାପକ ଅଶୋକ କୁମାର ଷେଣ୍ଠ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆହତ ହୋଇ ସେପ୍ଟେମ୍ବର ୨୬ରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ସ୍ପାଇନାଲ୍ କର୍ଡ ଗୁରୁତର ଆଘାତପ୍ରାପ୍ତ ହୋଇ ୨ ଗୋଡ଼ ଓ ୨ ହାତ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ସେ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି। ଏହି ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ ତାଙ୍କ ପୁଅ ଜ୍ୟୋତିରଞ୍ଜନ ଷେଣ୍ଠ ଓଡ଼ିଶା ଲଳିତ କଳା ଏକାଡେମୀ ସଚିବଙ୍କ ଜରିଆରେ ସଂସ୍କୃତି ବିଭାଗର ମନ୍ତ୍ରୀ, ନିର୍ଦ୍ଦେଶକ ଓ ପ୍ରମୁଖ ଶାସନ ସଚିବଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଥିଲେ। ଗୁରୁବାର କଳାକାର କଲ୍ୟାଣ ପାଣ୍ଠିରୁ ୧ ଲକ୍ଷ ଟଙ୍କାର ଏକ ଚେକ୍ ତାଙ୍କ ପୁତ୍ରଙ୍କୁ ହସ୍ତାନ୍ତର କରାଯାଇଥିଲା।



କଳାକାର କଲ୍ୟାଣ ପାଣ୍ଠିରୁ ଚେକ୍ ପ୍ରଦାନ କରାଯାଉଛି।

### ଆଜି ସଂସ୍କୃତି ବିଭାଗର ଗାନ୍ଧୀ ଜୟନ୍ତୀ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଶୁକ୍ରବାର ପୂର୍ବାହ୍ନ ୧୦ରେ ସଂସ୍କୃତି ଭବନଠାରେ 'ଗାନ୍ଧୀ ଜୟନ୍ତୀ' ପାଳନ କରାଯିବ। କୋଭିଡ୍-୧୯ର ମାର୍ଗଦର୍ଶିକା ଅନୁସାରେ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପରିଧାନ ପୂର୍ବକ ସୀମିତ ଅତିଥିଙ୍କ ଉପସ୍ଥିତିରେ ପାଳନ କରାଯିବ। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପୂର୍ବତନ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ସୂତ୍ରାଞ୍ଜଳି ପ୍ରଦାନ ସହ ପୁସ୍ତକ ଉନ୍ମୋଚନ ଓ ଗାନ୍ଧୀ ଭଜନ ପରିବେଷଣ ଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରସ୍ତୁତ 'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଏକ ଘଣ୍ଟିଆ ପ୍ରାମାଣିକ ଚଳଚ୍ଚିତ୍ର ବିଭିନ୍ନ ଘରୋଇ ଟିଭି ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି।

# ନିର୍ମାଣ ଅପେକ୍ଷାରେ ଗଲାଣି ୨ ବର୍ଷ

**କେନ୍ଦ୍ରାପଡ଼ା ଅଫିସ, ୧।୧୦**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଖଡାଶାଳି ଗ୍ରାମ ନିକଟ ମହାନଦୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ହେବ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଡିସେମ୍ବର ୮ରେ କେନ୍ଦ୍ରାପଡ଼ା ଜିଲା ଗସ୍ତ ଅବସରରେ ଘୋଷଣା କରିଥିଲେ। ଏହି ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ଜୁଲାଇରେ ଏକ ସ୍ୱତନ୍ତ୍ର ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। ବନ୍ଦର ନିର୍ମାଣର ପ୍ରଥମ ପର୍ଯ୍ୟାୟରେ ୨୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା। ସେହିପରି ବାର୍ଷିକ ୧୮.୪୩ ନିୟୁତ ଟନ୍ ପଣ୍ୟ କାରବାର ହେବ ବୋଲି ପ୍ରସ୍ତାବ ରହିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ୨ବର୍ଷ ପୂରିବାକୁ ଯାଉଥିଲେ ମଧ୍ୟ ପ୍ରକଳ୍ପ ନିର୍ମାଣକୁ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଅପରପକ୍ଷେ ବନ୍ଦର ନିର୍ମାଣକୁ ନେଇ ପରିବେଶବିତ୍ ଭିତରକନିକାର ଜୈବ ବିବିଧତା ନଷ୍ଟ ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। କିନ୍ତୁ ବୁଦ୍ଧିଜୀବୀମାନେ ଜିଲାର ଅର୍ଥନୈତିକ ବିକାଶ ପାଇଁ ଏହା ଜରୁରୀ ବୋଲି ମତ ରଖିଛନ୍ତି।

ଜିଲା ମତ୍ସ୍ୟଜୀବୀ ସଂଘର ଅର୍ଜୁନ ମଣ୍ଡଳ କହିଛନ୍ତି, ଆଖଡାଶାଳିଠାରେ ନଦୀଭିତ୍ତିକ ବନ୍ଦର ୩୦ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କ ଜୀବିକା ନଷ୍ଟ କରିବ। ମହାନଦୀ ଓ ଏହାର ଶାଖା ନାଳରେ ପ୍ରଚୁର ମାତ୍ରାରେ ଲୁଣି ଓ ମଧୁର ମାଛ ମିଳିଥାଏ। ବନ୍ଦର ପ୍ରତିଷ୍ଠା ଫଳରେ ମାଛ ପରିମାଣ କମିବ ଓ ଏଥିଯୋଗୁ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆର୍ଥିକ ସଙ୍କଟରେ ପଡିବେ। ପରିବେଶବିତ୍ ହେମନ୍ତ କୁମାର ରାଉତ କହନ୍ତି, ବନ୍ଦର ନିର୍ମାଣ ହେଲେ ଭିତରକନିକାର ଜୈବ ବିବିଧତା ଉପରେ ପ୍ରଭାବ ପକାଇବ। ପ୍ରସ୍ତାବିତ ବନ୍ଦର ଓ ବିଶ୍ୱ ପ୍ରସିଦ୍ଧ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସ୍ଥଳ ଗହୀରମଥାର ଦୂରତ୍ୱ ବହୁତ କମ। ଜାହାଜ ଚଳାଚଳ ଫଳରେ ଏହି ପ୍ରାକୃତିକ ପ୍ରଜନନ ସ୍ଥଳରେ ବିରଳ ଅଲିଭ ରିଡ୍‌ଲେଙ୍କୁ ଆଉ ଦେଖିବାକୁ ମିଳିବ ନାହିଁ। ଏହାବ୍ୟତୀତ ସାମୁଦ୍ରିକ ପ୍ରାଚୀର ଭାବେ ପରିଚିତ ହେନ୍ତାଳ ବଣ ନଷ୍ଟ ହେବ। ରାଜ୍ୟ ବନ୍ୟପ୍ରାଣୀ ସଂଗଠନର ସମ୍ପାଦକ ବିଶ୍ୱଜିତ ମହାନ୍ତି କହିଛନ୍ତି, ୫ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ପରିବେଶ ଓ ବନ୍ୟ ସମ୍ପଦ ବିଭାଗ ଜାତୀୟ ଉଦ୍ୟାନ ଭିତରକନିକା ଓ ଗହୀରମଥା ଅଞ୍ଚଳରେ ଥିବା ୧୯୨ଟି ଗ୍ରାମକୁ ପରିବେଶ ସମ୍ବେଦନଶୀଳ ଜୋନ ବୋଲି ଘୋଷଣା କରିଛି। ଆଖଡାଶାଳିଠାରେ ବନ୍ଦର ନିର୍ମାଣ ଫଳରେ ଏହି ଅଞ୍ଚଳର ସାମୁଦ୍ରିକ ଓ ବନ୍ୟପ୍ରାଣୀ ପ୍ରତି ବିପଦ ସୃଷ୍ଟି କରିବ। ମହାକାଳପଡା ୟୁଥ୍ କ୍ଲବର ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହନ୍ତି, ଆଖଡାଶାଳି ବନ୍ଦର ନିର୍ମାଣ ଫଳରେ ଜିଲାର ଆର୍ଥିକ ବିକାଶ ହୋଇଥାନ୍ତା। ତେବେ ରାଜ୍ୟ ସରକାରଙ୍କ ଏହି ଘୋଷଣା ଏକ ନିର୍ବାଚନୀ ଚାଲ୍ ଥିଲା। ନିର୍ବାଚନ ସମୟ ଆସିଲେ ଜିଲାବାସୀଙ୍କୁ ବନ୍ଦର ଓ ଶିଳ୍ପର ସ୍ୱପ୍ନ ଦେଖାଯାଇଥାଏ। ୨୦୦୯ରେ ବରୁଣେଇ ବନ୍ଦର ଓ ୨୦୧୪ରେ ରାଜଗଡରେ ଥର୍ମାଲ ପ୍ଲାଣ୍ଟ ନିର୍ମାଣ ପାଇଁ ଘୋଷଣା ହୋଇଥିଲା। ଆଖଡାଶାଳିରେ ବନ୍ଦର ନିର୍ମାଣକୁ ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଅମରବର ବିଶ୍ୱାଳ, ଆଶିଷ କୁମାର ସେନାପତି ପ୍ରମୁଖ କହିଛନ୍ତି, ଦୁଇଟି ପର୍ଯ୍ୟାୟରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ବନ୍ଦର ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅନ୍ୟୂନ ୧୫ ହଜାର ଲୋକଙ୍କୁ କାମ ମିଳିବ। ବନ୍ଦର ନିକଟରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସୃଷ୍ଟି ହେବା ସମ୍ଭାବନା ଥିବା ସେମାନେ କହିଛନ୍ତି।


ଆଖଡାଶାଳି ବନ୍ଦର ପାଇଁ ପ୍ରସ୍ତାବିତ ସ୍ଥାନ।

- ମହାକାଳପଡ଼ାରେ ନଦୀଭିତ୍ତିକ ବନ୍ଦର
- ଖର୍ଚ୍ଚ ଆକଳନ ହୋଇଥିଲା ୨୧୧୦ କୋଟି
- ବାର୍ଷିକ ୧୮ ନିୟୁତ ଟନ୍ ପଣ୍ୟ ପରିବହନ ପ୍ରସ୍ତାବ

## ସଂକ୍ଷେପରେ

### ସ୍ୱାମୀ କଟୁରି ଚୋଟରେ ସ୍ତ୍ରୀଙ୍କ ଜୀବନ ଗଲା

କୁଜଙ୍ଗ,୧।୧୦(ଡି.ଏନ.ଏ.): ପାରିବାରିକ କଳହ ଯୋଗୁ ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। କୁଜଙ୍ଗ ଥାନା ଅଧୀନ ମଙ୍ଗରାଜପୁର ପଞ୍ଚାୟତ ହସିଣା(ଖ) ଗ୍ରାମରେ ବୁଧବାର ରାତିରେ ଏହି ଘଟଣା ଘଟିଛି। ଗ୍ରାମର ମେଘନାଦ ତରାଇ ତାଙ୍କ ସ୍ତ୍ରୀ ପାର୍ବତୀଙ୍କୁ ଏକ କଟୁରିରେ ହାଣି ହତ୍ୟା କରିଛନ୍ତି। ଖବର ପାଇ ଗୁରୁବାର ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଏଥିସହିତ ବ୍ୟବହୃତ କଟୁରି ଜବତ କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ପାର୍ବତୀଙ୍କ ଭାଇ କେନ୍ଦ୍ରାପଡ଼ା ଜିଲା ପାଟକୁର ଥାନା ଡାହାଳପୁର ଗ୍ରାମର ପୃଥିରାଜ ମାହାଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦଫା ୩୦୨ ଓ ୩୪ ଆଇପିସିରେ ମାମଲା (ନଂ.୨୫୫/୨୦) ରୁଜୁ କରିଛି। ପାର୍ବତୀଙ୍କ ୧୨ ବର୍ଷର ଝିଅ ଓ ୫ବର୍ଷର ପୁଅ ରହିଛନ୍ତି। ସୂଚନା ଅନୁସାରେ, ଦମ୍ପତିଙ୍କ ମଧରେ ରାତିରେ ପାଟିତୁଣ୍ଡ ହୋଇଥିଲା। ପରେ ଏହା ଉଗ୍ରରୂପ ନେବାରୁ ମେଘନାଦଙ୍କଠାରୁ ଅଲଗା ରହୁଥିବା ତାଙ୍କ ବାପା ଶ୍ରୀଧର ଆସି ବିରୋଧ କରିଥିଲେ। ଏହାଶୁଣି ପଡ଼ୋଶୀମାନେ ଆସିଥିଲେ। ହେଲେ ସେତେବେଳକୁ ମେଘନାଦ ହତ୍ୟାକାଣ୍ଡ ଘଟାଇ ସାରିଥିଲେ।

## ହୀରାକୁଦ ଜଳସ୍ତର ୬୩୦ ଫୁଟ ଛୁଇଁଲା

ସମ୍ବଲପୁର, ୧।୧୦ (ବ୍ୟୁରୋ): ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଗୁରୁବାର ରାତି ୯ଟା ସୁଦ୍ଧା ସର୍ବୋଚ୍ଚ ୬୩୦ ଫୁଟରେ ପହଞ୍ଚିଛି। ବାମପଟର ୪ ଓ ଡାହାଣ ପଟର ଗୋଟିଏ ଗେଟ୍ ଖୋଲା ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୭୫,୭୧୨କ୍ୟୁସେକ ଜଳ ପ୍ରବେଶ କରୁଛି । ୪ ଗେଟ୍ ସହ ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୭୫,୭୧୨ କ୍ୟୁସେକ ଜଳ ନିଷ୍କାସିତ ହେଉଛି ବୋଲି ଡ୍ୟାମ୍ କଣ୍ଟ୍ରୋଲ୍ ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

## କରୋନାରେ ସିମୁଳିଆ ବିଡିଓଙ୍କ ପରଲୋକ

**ଭଦ୍ରକ ଅଫିସ/ସିମୁଳିଆ (ଡି.ଏନ୍.ଏ.) ୧।୧୦**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବିଡିଓ ତଥା ବିଶିଷ୍ଟ ସାହିତ୍ୟିକ ଡ. ନରହରି ବେହେରା (୫୫)ଙ୍କର ଗୁରୁବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ ୧୦ ଦିନ ହେଲା କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ।


ନରହରି ବେହେରା

ଚିକିତ୍ସା ସମୟରେ ତାଙ୍କୁ ପ୍ଲାଜମା ଦିଆଯାଇଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା ଗୁରୁବାର ସନ୍ଧ୍ୟା ୬.୩୦ରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ଖବର ପାଇ ବହୁ ପ୍ରଶାସନିକ ଅଧିକାରୀ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏମ୍‌ପି ମଞ୍ଜୁଲତା ମଣ୍ଡଳ ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ଅକାଳ ବିୟୋଗରେ ଭଦ୍ରକ ଜିଲା ସମେତ ଓଡ଼ିଶା ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଛି। ସେ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରି ଆସିଥିଲେ। ଭଦ୍ରକ ଜିଲା ଧାମନଗର ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରି ପରେ ବାଲେଶ୍ୱର ଜିଲାକୁ ବଦଳି ହୋଇଥିଲେ। ତାଙ୍କ ଘର ଭଦ୍ରକ ସହରର ବାଇପାସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ। ତାଙ୍କ ବିୟୋଗରେ ଭଦ୍ରକରେ ଶୋକର ଛାୟା ଖେଳି ଯାଇଛି। ସୂଚନାଯୋଗ୍ୟ, ସେ ଧରିତ୍ରୀର ଜଣେ ସ୍ତମ୍ଭକାର ଥିଲେ। ଭଦ୍ରକ ଜିଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଓ ବିଭିନ୍ନ ସାମାଜିକ ସଙ୍ଗଠନର ନେତୃତ୍ୱ ନେଇ ଆସୁଥିଲେ।

## ଖୋଲିଲା ଭିତରକନିକା, ସାତକୋଶିଆ ସ୍ୟାଣ୍ଡ ରିସର୍ଟ

**ରାଜନଗର/ ନୟାଗଡ଼ ଅଫିସ/ ଗଣିଆ, ୧।୧୦ (ଡି.ଏନ.ଏ.)**

କରୋନା ମହାମାରୀ ଯୋଗୁ ଜାତୀୟ ଉଦ୍ୟାନ ଭିତରକନିକାକୁ ଗତ ମାର୍ଚ୍ଚରୁ ପର୍ଯ୍ୟଟକଙ୍କ ପ୍ରବେଶ ନିଷିଦ୍ଧ କରାଯାଇଥିଲା। ଦୀର୍ଘ ୭ମାସ ପରେ ଗୁରୁବାରଠାରୁ କଟକଣା ଭିତରେ ଏହାକୁ ଖୋଲାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ପ୍ରବେଶ ପାଇଁ ବ୍ୟବସ୍ଥା କରାଯାଇଛି। ଅନଲାଇନରେ ବୁକିଂ କରିଥିବା ପର୍ଯ୍ୟଟକଙ୍କ ପାଇଁ ଭିତରକନିକାରେ ବୁଲିବା ଓ ରାତ୍ରିଯାପନ ଲାଗି ସୁବିଧା କରାଯାଇଛି। ପ୍ରଥମ ଦିନରେ ୧୩ଜଣ ପର୍ଯ୍ୟଟକ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ପଶ୍ଚିମବଙ୍ଗର ୬ଜଣ ପର୍ଯ୍ୟଟକ ଅଛନ୍ତି। ପର୍ଯ୍ୟଟକ ରହିବାକୁ ଥିବା କଟେଜ ସାନିଟାଇଜ ସହିତ ସେମାନଙ୍କୁ ହ୍ୟାଣ୍ଡ ସାନିଟାଇଜର ଓ ମାସ୍କ ପ୍ରଦାନ କରାଯାଉଛି। ଦିନରେ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପ୍ରବେଶକୁ ନିଷିଦ୍ଧ କରାଯାଇଛି। ସେହିପରି ନୟାଗଡ ଜିଲା ଗଣିଆ ବ୍ଲକ ସାଉଥ୍ ବଡମୂଳ ମଙ୍ଗାନାସିସ୍ଥିତ ସାତକୋଶିଆ ସ୍ୟାଣ୍ଡ ରିସର୍ଟ ଗୁରୁବାରଠାରୁ ଖୋଲିଛି। ପ୍ରଥମ ଦିବସରେ ପଶ୍ଚିମବଙ୍ଗର ଏକ ଦମ୍ପତି ଆସି ମଜା ନେଇଛନ୍ତି। ଏ ନେଇ ପଶ୍ଚିମବଙ୍ଗର ଡକ୍ଟର ଦେବାଶିଷ ସର୍ଦ୍ଦାର କୁହନ୍ତି, ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ କେବେ ଖୋଲିବ ସେ ନେଇ ଯୋଗାଯୋଗରେ ଥିଲି। ପୂର୍ବରୁ ୨ଦିନ ପାଇଁ ବୁକିଂ କରିଥିଲି। ପ୍ରଥମ ଦିବସରେ ମୁଁ ଓ ମୋ ସ୍ତ୍ରୀ ଏଠାକୁ ଆସି ମଜା ନେଇଛୁ।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

ଆଳି,୧।୧୦(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ପୋଲିସ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହିତ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପଟ୍ଟାମୁଣ୍ଡାଇ ଥାନା ଦକ୍ଷିଣଡିହା ଗ୍ରାମର ରମାକାନ୍ତ ଦାସ। ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆଳି ଥାନା ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ରାକେଶ ସୂତାର ପତ୍ରପୁର ସେତୁ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ରମାକାନ୍ତ ଓଡି୦୨ଆର-୨୭୫୮ନଂ. ବିଶିଷ୍ଟ ସ୍କୁଟିରେ ପଟ୍ଟାମୁଣ୍ଡାଇରୁ ଆଳି ଆଡକୁ ଆସୁଥିଲେ। ପୋଲିସକୁ ଦେଖି ରମାକାନ୍ତ ହଠାତ୍ ଗାଡି ବୁଲାଇ ପଳାଇଯିବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ତାଙ୍କୁ କାବୁ କରିନେଇଥିଲା। ଯାଞ୍ଚ କରିବାରୁ ତାଙ୍କ ପକେଟରୁ ୭.୪୭୦ ଗ୍ରାମ ବ୍ରାଉନ ସୁଗାର ମିଳିଥିଲା, ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ସୂଚନା ଦେଇଛି। ରମାକାନ୍ତ ୩ଟି ଦିଆସିଲି ଖୋଳ ଭିତରେ ୩୩ଟି ଛୋଟ ଛୋଟ ପୁଡିଆରେ ଏହାକୁ ରଖି ଆଳି ଅଞ୍ଚଳରେ ବିକ୍ରି କରିବାକୁ ଆଣିଥିଲେ। ପୋଲିସ ତାଙ୍କଠାରୁ ସ୍କୁଟି, ବ୍ରାଉନ ସୁଗାର, ଓଜନଯନ୍ତ୍ର, ୫ ଟଙ୍କିଆ କଏନ ଓ ମୋବାଇଲ ଆଦି ଜବତ କରିଛି। ଏ ନେଇ ପୋଲିସ ଥାନାରେ ଏକ ମାମଲା (ନଂ.୨୦୧/୨୧) ରୁଜୁକରି ଗିରଫ ରମାକାନ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଓଲଟିଲା ବସ୍, ୩୦ ଆହତ


ଓଲଟି ପଡ଼ିଥିବା ବସ୍।

କେନ୍ଦ୍ରାପଡ଼ା ଅଫିସ, ୧।୧୦: କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଜମଧରଠାରେ ଗୁରୁବାର ଯାତ୍ରୀବାହୀ ବସ୍ ପବନ କୁମାର ରାସ୍ତାକଡକୁ ଓଲଟି ପଡିଛି। ଫଳରେ ଏଥିରେ ଥିବା ୩୦ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ବେଳେ ସମ୍ମୁଖରେ ଯାଉଥିବା ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି । ଆହତ ଓ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଛାଡିଦିଆଯାଇଛି। ସୂଚନାଯୋଗ୍ୟ, ବସ୍‌ଟି କଟକରୁ କେନ୍ଦ୍ରାପଡ଼ା ଦେଇ ମାର୍ଶାଘାଇ ବ୍ଲକ କରିଲୋପାଟଣା ଯାଏ। ସନ୍ଧ୍ୟା ୫ଟାରେ ଏହା କେନ୍ଦ୍ରାପଡ଼ା ଆସୁଥିବାବେଳେ ଜମଧର ନିକଟରେ ସ୍କୁଟି ଚାଳକ ନିକଟ ଗ୍ରାମର ଭୀମ ଗୋଛାୟତ ବସ୍ ଆଗକୁ ଚାଲିଆସିଥିଲେ। ବସ୍ ଚାଳକ ଭାରସାମ୍ୟ ହରାଇ ଡାହାଣ ପଟକୁ ନେବାବେଳେ ରାସ୍ତାପାର୍ଶ୍ୱ ବିଲ ମଧ୍ୟକୁ ଓଲଟି ପଡିଥିଲା। ଅପରପକ୍ଷରେ ସ୍କୁଟି ଚାଳକ ଗୋଛାୟତ ଭାରସାମ୍ୟ ହରାଇ ପଡିଯିବା ଫଳରେ ତାଙ୍କର ଗୋଡ ଭାଙ୍ଗିଯାଇଛି।

## ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍‌କୁ ନରସିଂହଙ୍କ ବିରୋଧ

**୩ରେ ଆଲୋଚନା**

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୦କୁ ନେଇ ଗୁରୁବାର ପୁଣିଥରେ ଗୃହରେ ବିରୋଧର ସ୍ୱର ଉଠିଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଗୃହରେ ଏହି ବିଲ୍ ସମ୍ପର୍କରେ ବିବୃତି ରଖିବା ପରେ ପ୍ରଥମେ କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। କଂଗ୍ରେସ ବରିଷ୍ଠ ବିଧାୟକ ନରସିଂହ ମିଶ୍ର ବିଲ୍‌କୁ ବିରୋଧ କରି ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତା ନ ଥିବା କହିଥିଲେ। କରୋନା ସଂକ୍ରମଣକୁ ଏହି ବିଲ୍ ରୋକିପାରିବ କି ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ। ତରବରିଆ ଭାବେ ସରକାର ବିଲ୍ ପାସ୍ କରିବାକୁ ଉଦ୍ୟମ କରୁଛନ୍ତି। ଏହା ରାଜ୍ୟର ବିଷୟ ନୁହେଁ, କେନ୍ଦ୍ର ବିଷୟ ବୋଲି ସେ ଦୋହରାଇ ଥିଲେ। ୨୦୧୬ରୁ ରାଜ୍ୟ ସରକାର ଏହି ବିଲ୍ ପାସ୍ କରିବାର ଉଦ୍ୟମ ଜାରି ରଖିଛନ୍ତି। ଏହା କେନ୍ଦ୍ର ସରକାରଙ୍କ ବିଷୟ ବୋଲି ୨୦୧୮ରେ ଆଇନ ବିଭାଗ କହିବା ପରେ ଏହାକୁ ବନ୍ଦ କରାଯାଇଥିଲା। ଏବେ ପୁଣିଥରେ ଆଉଏକ ଫାଇଲ୍ କରାଯାଇ ବିଲ୍ ଉପସ୍ଥାପିତ କରାଯାଇଥିବା ସେ କହିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏହି ଅଧିନିୟମ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ବିଶ୍ୱବିଦ୍ୟାଳର ଆଡ୍‌ମିନିଷ୍ଟ୍ରେଟିଭ୍ ପରିଚାଳନା ଗୋଟିଏ ଆଇନ୍ ଦ୍ୱାରା ହୋଇପାରିବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ କାର୍ଯ୍ୟକାଳ ୩ ବର୍ଷରୁ ୪ବର୍ଷକୁ ବୃଦ୍ଧିପାଇବ। ରାଜ୍ୟରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ବଢିଥିବା ବେଳେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ପ୍ରତିବର୍ଷ ବିଧାନସଭାରେ ଉପସ୍ଥାପନ କରିବା କଷ୍ଟକର ବ୍ୟାପାର। ତେଣୁ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ନିଜ ୱେବ୍‌ସାଇଟ୍‌ରେ ନିଜ ଅଡିଟ୍ ରିପୋର୍ଟ ଅପ୍‌ଲୋଡ୍ କରିବାର ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଥିଲେ। ବିଜେଡ଼ି ବିଧାୟକ ଅମର ଶତପଥୀ ଏହି ବିଲ୍‌କୁ କେନ୍ଦ୍ରର ନୁହେଁ, ବରଂ ରାଜ୍ୟ ବିଷୟ ବୋଲି କହିଥିଲେ। ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଧେୟକ ୨୦୨୦ ପାରିତ ହେବାଦ୍ୱାରା ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅଧିକ ସ୍ୱତନ୍ତ୍ରତା ମିଳିବ ଏବଂ ପରିଚାଳନାରେ ସ୍ୱଚ୍ଛତା ଆସିପାରିବ ବୋଲି ଶତପଥୀ କହିଥିଲେ। ତେବେ ସମୟ ଅଭାବରୁ ବାଚସ୍ପତି ବିଲ୍ ଆଲୋଚନାକୁ ଅଧାରେ ରଖି ଗୃହକୁ ୩ ତାରିଖ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ୩ ତାରିଖ ଦିନ ବିଲ୍ ଉପରେ ସମ୍ପୂର୍ଣ୍ଣ ଆଲୋଚନା କରାଯିବାକୁ ଥିବାବେଳେ ଏହାକୁ ସିଲେକ୍ଟ କମିଟି ନିକଟକୁ ପଠାଯିବାର ସମ୍ଭାବନା ଥିବା ସୂଚନା ମିଳିଛି।

**ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**
**ବିଜ୍ଞାପନ**

ପତ୍ର ନଂ.୨୦୩୮/୨୦୨୦ ତା୩୦।୦୯।୨୦୨୦
ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର, ମୁଖ୍ୟ ବଜାର ପ୍ରାଙ୍ଗଣ ନବରଙ୍ଗପୁରରେ ଖାଲିଥିବା ୪୭ (ସତଚାଳିଶ) ଗୋଟି ଦୋକାନଗୃହକୁ ଆବଣ୍ଟନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଇଚ୍ଛୁକ ଦରଖାସ୍ତକାରୀ www.nabarangpur.nic.in ୱେବ୍‌ସାଇଟକୁ ଯାଇ ଆବଣ୍ଟନର ସର୍ତ୍ତାବଳୀ ଓ ଆବେଦନ ଫର୍ମ ତା୦୩।୧୦।୨୦୨୦ରିଖଠାରୁ ତା୨୯।୧୦।୨୦୨୦ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ୍) ପର୍ଯ୍ୟନ୍ତ ଡାଉନ୍‌ଲୋଡ କରିପାରିବେ ନଚେତ୍ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର କାର୍ଯ୍ୟାଳୟରୁ ଉପରୋକ୍ତ ସର୍ତ୍ତାବଳୀ ଓ ଆବେଦନ ଫର୍ମ ୫୦୦/- (ପାଞ୍ଚ ଶହ) ଟଙ୍କା ଜମାକରି ତା୦୩।୧୦।୨୦୨୦ରିଖଠାରୁ ତା୨୯।୧୦।୨୦୨୦ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ୍) ପର୍ଯ୍ୟନ୍ତ ଅଫିସ କାର୍ଯ୍ୟଦିବସରେ ପାଇପାରିବେ । ଆବେଦନକାରୀ ନବରଙ୍ଗପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ଆବେଦନ ଫର୍ମ ସହିତ ଆବଶ୍ୟକୀୟ କାଗଜାଦି ସର୍ତ୍ତାବଳୀ ପ୍ରକାରେ ସଂଯୋଗକରି ତା୦୩।୧୦।୨୦୨୦ରିଖଠାରୁ ତା୦୬।୧୧।୨୦୨୦ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ୍) ପର୍ଯ୍ୟନ୍ତ କେବଳ ରେଜେଷ୍ଟ୍ରି ଡାକ କିମ୍ବା କ୍ଷିପ୍ର ଡାକ ମାଧ୍ୟମରେ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ ଠିକଣାରେ ଗ୍ରହଣ କରାଯିବ । ପ୍ରକାଶଥାଉ କି ଲଫାପା ଉପରେ 'ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରର ମୁଖ୍ୟ ବଜାର ପ୍ରାଙ୍ଗଣରେ ଦୋକାନଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର' ଲେଖିବା ଅତ୍ୟନ୍ତ ଜରୁରୀ । ଧାର୍ଯ୍ୟ ସମୟ ପରେ ଆସିଥିବା ଦରଖାସ୍ତଗୁଡ଼ିକୁ ଗ୍ରହଣ କରାଯିବ ନାହିଁ। ସମୟସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଫର୍ମଗୁଡ଼ିକୁ ତା୦୬।୧୧।୨୦୨୦ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଚୟନ କମିଟି ଦ୍ୱାରା ଚୟନ କରାଯିବ ।
ସ୍ୱା./- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର
ତା୩୦।୦୯।୨୦୨୦ରିଖ

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
OFFICE OF THE DEPUTY GENERAL MANAGER (ELECT.)
E.H.T.(O&M) DIVISION, JODA
P.O.-Boneikala, Dist.: Keonjhar, PIN: 758038 (ODISHA)
Phone No.: 7328829375, E-mail: ehtm.div.jod@optcl.co.in
CIN-U40102OR2004SGC007553

Leter No.527 Date: 1.10.20
**TENDER CALL NOTICE NO.-04/2020-2021**
Sealed tenders are invited from the Civil having valid 'C' & 'D' Class Civil Contractor licence issued by Govt. of Odisha/Military/Railways & having valid IT PAN Card/GST registration for the Work of 'Supply & fixing of concertina coil on the existing boundary wall of Grid s/s Joda' under EHT (O&M) Division, Joda. Estimate cost of work = Rs.477013/- (Including GST). Cost of tender paper Rs.2240/-, EMD= Rs.4800/-. Sale of tender documents from dt.5.10.2020 to 19.10.2020. Last date of submission of tender: 20.10.2020 upto 1.00 P.M. Date of opening of tender: 20.10.2020 at 3.00 P.M. For details visit our website: www.optcl.co.in. Corrigendum if any will be published in the OPTCL website only.
Sd./- Dy. General Manager (Elect.)
EHT (O&M) Division, Joda

**BEACH DEVELOPMENT COMMITTEE, CHANDRABHAGA, KONARK**
**Sealed Proposal are invited for Operation & Maintenance of Chandrabhaga Beach, Konark, Puri**
Sealed proposal are invited from reputed agency for Operation & Maintenance of Chandrabhaga Beach, Konark, Puri.
The last date of submission of the proposal by dt.19.10.2020 at 5.30 P.M. through Speed Post/Registered Post/Courier.
The details request for proposal can be viewed in the district website www.puri.nic.in.
Sd./- Chairman, Beach Development Committee, Chandrabhaga, Konark

**PANCHAYAT SAMITI, BORIGUMMA**
No.2494/2020 Dated 29.9.2020
**TENDER CALL NOTICE**
Sealed tender papers are invited from the intending registered manufacturers/fabricators/firms having GST Certificate, PAN Card & Registration Certificate for supply of GYM equipments for construction of open GYM at Borigumma. The tender paper should reach before the undersigned through Speed Post only (No tender paper will be entertained by hand or through courier) on or before 12.10.20 upto 1.30 P.M. with copy of GST Certificate, PAN Card, Registration Certificate & EMD of Rs.10,000/- in shape of Bank Draft in favour of Block Development Officer, Borigumma which will be opened on the same date (12.10.2020) at 3.30 P.M. onwards in presence of the suppliers or their authorized representatives. The tender paper with itemwise rate to be quoted are available in the office of the undersigned from Dt.5.10.2020 to Dt.12.10.2020 on depositing Rs.5,000/- as paper cost (Non-refundable) in shape of Bank Draft in favour of Block Development Officer, Borigumma.
The authority reserves the right to accept/reject/ cancel all the tender papers without assigning any reason thereof.
Sd./- Block Development Officer
Borigumma

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

BHARAT FINANCE
ଆସନ୍ତୁ ମିଳିମିଶି ଆତ୍ମନିର୍ଭର ହବା
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ - ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
WWW.BHARATPRO.IN
EMAIL: ADMIN@BHARATPRO.IN
Pratapgarh, Lalganj, Uttar Pradesh - 230141
9530719557
9530553457

AMBA Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

DIWAN FINANCE
ଦ୍ୱାରା ମାର୍କଶିଟ୍, ମୁଦ୍ରା, ଗ୍ରୁପ୍, ହୋମ୍, ପର୍ସନାଲ ଋଣ 72 ଘଣ୍ଟା ମଧ୍ୟରେ ପାଆନ୍ତୁ । 1% ସୁଧ, 40% ରିହାତି, ମହିଳା ଓ ଗ୍ରୁପ୍ ଋଣ ଉପରେ ବିଶେଷ ରିହାତି।
# 9992031149

MICRO FINANCE LIMITED
ଆଧାରକାର୍ଡ, ସାର୍ଟିଫିକେଟ୍, ରାଶନକାର୍ଡ, ପର୍ସନାଲ, ବ୍ୟବସାୟ, ଏଗ୍ରିକଲ୍ଚର, ମାଛଚାଷ, ସମସ୍ତ ଋଣ
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ
1% ସୁଧ, 50% ରିହାତି
ହେଲ୍ପଲାଇନ୍
09835564771
09835564771

G-TEL TOWER COMPANY
ଦ୍ୱାରା ଓଡ଼ିଶାରେ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନମାନଙ୍କରେ 4G/5Gର Digital Mobile Network ଲଗାନ୍ତୁ।
ADVANCE - 90 LAKH
ଭଡ଼ା: ୯୦,୦୦୦/- ମାସିକ
20 years Agreement
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀରୁ ସାବଧାନ ରୁହନ୍ତୁ।
7055041635
7599842119

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୂଠ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ । ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରନ୍ତ।
9910560681

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ଜିଓ ମାର୍ଟର ଫେଷ୍ଟିଭ ରେଡି ସେଲ୍

ନୂଆଦିଲ୍ଲୀ,୧।୧୦




ଜିଓ ମାର୍ଟ ପକ୍ଷରୁ ପାର୍ବଣ ଉପଲକ୍ଷେ 'ଫେଷ୍ଟିଭ ରେଡି ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେଲ୍ ଦ୍ୱାରା ପାର୍ବଣ ପାଇଁ ଲୋକମାନେ ଆବଶ୍ୟକ ସାମଗ୍ରୀ କ୍ରୟ କରିପାରିବେ। ଏହା ଦେଶର ଏକ ପ୍ରମୁଖ ଗ୍ରସେରି ସାମଗ୍ରୀ ସେଲ୍ ହୋଇଥିବା ବେଳେ ଏଥିରେ ଗ୍ରାହକ ଆକର୍ଷଣୀୟ ରିହାତି ପାଇପାରିବେ। ସବୁ ବର୍ଗର ଗ୍ରସେରି ସାମଗ୍ରୀରେ ବୃହତ୍ ସଞ୍ଚୟ ସୁବିଧା ଗ୍ରାହକ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା ମଧ୍ୟରେ ଖାଦ୍ୟଶସ୍ୟ, ପ୍ୟାକେଜ୍ଡ ଫୁଡ୍, ହୋମ ଏବଂ ପର୍ସନାଲ କେୟାର, ଡେରୀ ସମେତ ଅନ୍ୟ ପ୍ରଡକ୍ଟ ସାମିଲ ରହିଛି। ଏହି ଅଫର ଜିଓ ମାର୍ଟ ସମେତ ରିଲାଏନ୍ସ ଫ୍ରେସ୍ ଏବଂ ରିଲାଏନ୍ସ ସ୍ମାର୍ଟ ଷ୍ଟୋରଗୁଡିକରେ ମଧ୍ୟ ଉପଲବ୍ଧ ରହିଛି। ଜିଓ ମାର୍ଟରେ କ୍ରୟ ଉପରେ ଗ୍ରାହକ ସାମଗ୍ରୀ ଘରେ ଡେଲିଭରି ପାଇପାରିବେ। ଏଥିଲାଗି କୌଣସି କ୍ରୟ ସୀମା ରଖାଯାଇନାହିଁ। ଚଳିତ ସପ୍ତାହ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସେଲ୍ ସପ୍ତାହ ଶେଷ ଯାଏ ଚାଲିବ। ସେହିଭଳି ଗ୍ରାହକଙ୍କ ଲାଗି ବିସ୍ତୃତ ବର୍ଗରେ ପ୍ରଡକ୍ଟ ମଧ୍ୟ ଏଥିରେ ସାମିଲ କରାଯାଇଛି। ସମାନ ପ୍ରକାର ସେଲ୍ ରିଲାଏନ୍ସ ଫ୍ରେସ୍ ଏବଂ ସ୍ମାର୍ଟ ଷ୍ଟୋରରେ ଆରମ୍ଭ କରାଯାଇଛି। ଅନ୍‌ଲାଇନ ଶପିଂର ଏକ ଭିନ୍ନ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ଏଭଳି ସେଲ୍ ଆରମ୍ଭ କରାଯାଇଛି। ପାର୍ବଣରେ ଏହାର ଲାଭ ନେବାକୁ କମ୍ପାନୀ ପକ୍ଷରୁ ନିବେଦନ କରାଯାଇଛି। ଟପ୍ ୧୦ ପ୍ରଡକ୍ଟ ମଧ୍ୟରେ ପ୍ରମୁଖ ବ୍ରାଣ୍ଡର ଚକୋଲେଟ ହୋମ୍ ପ୍ୟାକ, କୋକୋକୋଲା, ସ୍ପ୍ରାଇଟ ଏବଂ ଥମସଅପ୍‌ର ପ୍ୟାକ, ଚାରମିନାର ବାସ୍‌ମତି ଚାଉଳ ଏବଂ ଆଶୀର୍ବାଦ ବ୍ରାଣ୍ଡ ଅଟା ପ୍ୟାକ, ବିଭିନ୍ନ ବ୍ରାଣ୍ଡ ବିସ୍କୁଟର ବଡ ପ୍ୟାକ, ସୁଜି, ବେସନ ଏବଂ ମଇଦାର ପ୍ୟାକ, ଗୁଡ୍‌ଲାଇଫ କାଜୁ, ଗୁଡ୍‌ଲାଇଫ ଆଲମଣ୍ଡ, ଟପ୍ ବ୍ରାଣ୍ଡକୁ ନେଇ ଡିଓ ପ୍ୟାକ୍, ସର୍ଫ ଏକ୍ସେଲ ପ୍ୟାକ, ଟପ୍ ସାବୁନ ବ୍ରାଣ୍ଡ ଏବଂ ନୁଡୁଲ୍ସ ରହିଛି।

# ଏସ୍‌ବିଆଇ ରିଟେଲ ଋଣରେ ପ୍ରୋସେସିଂ ଫି ଛାଡ଼

ଭୁବନେଶ୍ୱର, ୧।୧୦

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ପାର୍ବଣ ଅଫର ଘୋଷଣା କରାଯାଇଛି। ବ୍ୟାଙ୍କ ପକ୍ଷରୁ ୭.୫% ହାରରେ ଯାନ ଋଣ ପ୍ରଦାନ କରାଯାଉଥିବା ବେଳେ ରିଟେଲ ଋଣ ଉପରେ ପ୍ରୋସେସିଂ ଫି ଛାଡ଼ କରାଯାଇଛି। ବ୍ୟାଙ୍କର ବ୍ୟକ୍ତିଗତ ଋଣ ୭% ହାରରେ ଉପଲବ୍ଧ ହେଉଛି। ୟୁନୋ ଆପ୍ ବ୍ୟବହାରକୁ ବ୍ୟାଙ୍କ ବର୍ତ୍ତମାନ ଉତ୍ସାହିତ କରୁଛି। ଏହାଦ୍ୱାରା ସ୍ୱତନ୍ତ୍ର ହାରରେ ବ୍ୟାଙ୍କ ରିହାତି ପ୍ରଦାନ କରୁଛି। ଏହି ଆପ୍‌କୁ ବର୍ତ୍ତମାନ ସୁଦ୍ଧା ୫.୮ କୋଟି ଲୋକ ଡାଉନଲୋଡ କରିଛନ୍ତି। ଯାନ, ସୁନା, ବ୍ୟକ୍ତିଗତ ଋଣ ଏବଂ ବାସଗୃହର ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ଉପରେ ପ୍ରୋସେସିଂ ଫି ଛାଡ ସୁବିଧା ଉପଲବ୍ଧ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି। ପାର୍ବଣ ଋତୁରେ ଲୋକଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ଲାଗି ଏଭଳି ସ୍ୱତନ୍ତ୍ର ପଦକ୍ଷେପ ହାତକୁ ନିଆଯାଇଥିବା ବ୍ୟାଙ୍କର ରିଟେଲ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ ଏମ୍‌ଡି ସି.ଏସ୍.ସେଟ୍ଟୀ ସୂଚନା ଦେଇଛନ୍ତି।

# ରେନୋର ନୂଆ କ୍ୱିଡ୍ ନିଓଟେକ୍ ଏଡିଶନ

ନୂଆଦିଲ୍ଲୀ,୧।୧୦




ରେନୋ ଇଣ୍ଡିଆ ପକ୍ଷରୁ ନୂଆ କ୍ୱିଡ୍ ନିଓଟେକ୍ ଏଡିଶନ ୨୦୨୦ ବଜାରକୁ ଆସିଛି। ଏହାକୁ ଆକର୍ଷଣୀୟ ଏବଂ ସୁଲଭ କରି କମ୍ପାନୀ ପ୍ରସ୍ତୁତ କରିଥିବା କହିଛି। ନୂଆ ଯାନଟି ଏକ ଗେମ୍ ଚେଞ୍ଜର ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଏଥିରେ ଏସ୍‌ୟୁଭି ଇନ୍‌ସ୍ପାୟାର୍ଡ ଡିଜାଇନ ରହିଛି। ସେହିଭଳି ଷ୍ଟାଇଲ ଏବଂ ସେଗ୍‌ମେଣ୍ଟରେ ପ୍ରଥମ ଡୁଆଲ ଟୋନ୍ ଏକ୍ସଟେରିୟରକୁ ଏଥିରେ ସାମିଲ କରାଯାଇଛି। ୨୦.୩୨ ସେମିର ଟଚ୍ ସ୍କ୍ରିନ୍, ମେଡିଆ ନାଭିଗେଶନ ଇଭୋଲ୍ୟୁଶନ ଏବଂ ରିୟର କ୍ୟାମେରାକୁ ନିଓଟେକ ଏଡିଶନ ଭାବେ ଯୋଡ଼ାଯାଇଛି। ଏଥିରେ ଗ୍ରାହକ ଉନ୍ନତ ଇନ୍ଧନ ଦକ୍ଷତା, ସେଗ୍‌ମେଣ୍ଟ ଫାଷ୍ଟ ଫିଚର, ଉନ୍ନତ ଓନରଶିପ ଅଭିଜ୍ଞତା ଲାଭ କରିପାରିବେ। ରେନୋ କ୍ୱିଡ୍ ମଡେଲ ନିକଟରେ ୩.୫୦ ଲକ୍ଷ ବିକ୍ରି ସଫଳତା ହାସଲ କରିଛି। ବର୍ତ୍ତମାନର ମଡେଲ ତୁଳନାରେ ନୂଆ ମଡେଲଟିର ମୂଲ୍ୟ ସାମାନ୍ୟ ଅଧିକ ରହିଛି। ଯାନଟିର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୨.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୫.୧୨ ଲକ୍ଷ ଟଙ୍କା ରହିଛି।

# ୟୁନିୟନ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

ଭୁବନେଶ୍ୱର,୧।୧୦

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଷ୍ଟାଫ୍ ଟ୍ରେନିଂ ସେଣ୍ଟର ଭୁବନେଶ୍ୱର ପକ୍ଷରୁ ହିନ୍ଦୀ ଦିବସ ସମାପନ ସମାରୋହ ପାଳିତ ହୋଇଯାଇଛି। ଏଥିରେ ଟ୍ରେନିଂ ସେଣ୍ଟରର କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଷ୍ଟାଫ୍ ଟ୍ରେନିଂ ସେଣ୍ଟରର ଇନ୍‌ଚାର୍ଜ ପୁଷ୍କର କୁମାର ସିହ୍ନା କହିଛନ୍ତି ଯେ, ବିଶ୍ୱର ସମସ୍ତ ବିକଶିତ ରାଷ୍ଟ୍ର ଗୋଟିଏ ଭାଷା ସୂତ୍ର ଗ୍ରହଣ କରି ବିକାଶ ଲାଭ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ତଥା ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜକିରଣ ରାଏଙ୍କ ବାର୍ତ୍ତାକୁ ପଠନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

# ଫୋର୍ଡ ଇଣ୍ଡିଆର ଡୋରଷ୍ଟେପ ସେବା

ଭୁବନେଶ୍ୱର,୧।୧୦

ଫୋର୍ଡ ଇଣ୍ଡିଆ ପକ୍ଷରୁ ଡୋରଷ୍ଟେପ ସେବା ଆରମ୍ଭ କରାଯାଇଛି। ଏହି ସେବା ଅଧୀନରେ ଫୋର୍ଡ ଗାଡିର ମାଲିକମାନେ ସେମାନଙ୍କ ଚାହୁଁଥିବା ଯେ କୌଣସି ସ୍ଥାନରେ କମ୍ପାନୀର ସେବା ପାଇପାରିବେ। ଘର କିମ୍ବା ଅଫିସରେ ନିଜ ଗାଡିର ସର୍ଭିସ ବିନା ଅତିରିକ୍ତ ଚାର୍ଜରେ କରାଇବାକୁ ଗ୍ରାହକ ସକ୍ଷମ ହେବେ। ଡାଏଲ-ଏ-ଫୋର୍ଡ ନାମକ ଗ୍ରାହକ କୈନ୍ଦ୍ରିକ ଅଭିଯାନରେ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଥିବା ବ୍ୟାପକ ସେବାରେ ଏହି ସ୍ୱତନ୍ତ୍ର ସୁବିଧା ଯୋଡ଼ି ହୋଇଛି । ଏହି ଅଭିଯାନରେ କମ୍ପାନୀ ପକ୍ଷରୁ ହେଲ୍‌ପଲାଇନ ମାଧ୍ୟମରେ ସମସ୍ତ ପ୍ରକାର ବିକ୍ରି ଓ ସେବା ସମ୍ପର୍କିତ ପ୍ରଶ୍ନର ସମାଧାନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ କମ୍ପାନୀ ପକ୍ଷରୁ କୋଲକାତା, ଭୁବନେଶ୍ୱର, ଦିଲ୍ଲୀ, ଗୁରୁଗ୍ରାମ, ନଏଡା, ଗାଜିଆବାଦ, ଫରିଦାବାଦ, ଜୟପୁର, ଲକ୍ଷ୍ନୌ, ବାଙ୍ଗାଲୋର, ଚେନ୍ନାଇ, କୋଚିନ ଓ ତ୍ରିଭେନ୍ଦ୍ରମ, ହାଇଦ୍ରାବାଦ, ମୁମ୍ବାଇ, ଠାଣେ ,ପୁଣେ,ଔରଙ୍ଗାବାଦ, ଅହମ୍ମଦାବାଦ ଭଳି ସହରରେ ଏହି ସେବା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଫୋର୍ଡ ଇଣ୍ଡିଆର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର (ମାର୍କେଟିଂ,ବିକ୍ରି ଓ ସେବା) ବିନୟ ରାଇନା କହିଛନ୍ତି, ସେବା ପ୍ରଦାନ କରିବା ଲାଗି ଆମର ରହିଥିବା ଦ୍ରୁତଗତିର ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ।

## ରିଲାଏନ୍ସ ରିଟେଲରେ ନିବେଶ କରିବ ମୁବାଦଲା

**ନୂଆଦିଲ୍ଲୀ,୧।୧୦:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଂଶବିଶେଷ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍‌ରେ ଆବୁଧାବିର ମୁବାଦଲା ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ୬୨୪୭ କୋଟି ଟଙ୍କା ନିବେଶ କରିବ। ଏହାଦ୍ୱାରା ରିଲାଏନ୍ସ ରିଟେଲରେ ମୁବାଦଲା ୧.୪% ଇକ୍ୱିଟି ଅଂଶଧନ ହାସଲ କରିବ ବୋଲି ଜଣାପଡିଛି। ରିଲାଏନ୍ସର ଜିଓ ପ୍ଲାଟ୍‌ଫର୍ମରେ ମୁବାଦଲା ପୂର୍ବରୁ ୧.୨ ବିଲିୟନ ଡଲାର ନିବେଶ କରିସାରିଛି। ଏହା ରିଲାଏନ୍ସରେ କମ୍ପାନୀର ଦ୍ୱିତୀୟ ବଡ ନିବେଶ। ଏହି ନିବେଶ ରିଟେଲ କ୍ଷେତ୍ରର ଅଗ୍ରଗତି ତଥା ଅଂଶୀଦାରଙ୍କ ବିକାଶ ଦିଗରେ ସହାୟକ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ସହ ଏଭଳି ସହଭାଗିତାରେ ସାମିଲ ଅତ୍ୟନ୍ତ ଖୁସି ବୋଲି ମୁବାଦଲର ଗ୍ରୁପ୍ ସିଇଓ ଖାଲଦନ ଅଲ୍ ମୁବାରକ କହିଛନ୍ତି। ସେହିଭଳି ସିଲଭରଲେକ ନାମକ କମ୍ପାନୀ ମଧ୍ୟ ରିଲାଏନ୍ସ ରିଟେଲରେ ୧୮୭୫ କୋଟି ଟଙ୍କା ନିବେଶ କରିବା ବୋଲି ସୂଚନା ରହିଛି।

## ରିୟଲ ଇଷ୍ଟେଟ କ୍ଷେତ୍ରକୁ ଚାପମୁକ୍ତ କରିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୧।୧୦:** ଲକ୍‌ଡାଉନ ଯୋଗୁ ନିର୍ମାଣ ଏବଂ ରିୟଲ ଇଷ୍ଟେଟ କ୍ଷେତ୍ର ଉପରେ ନକାରାତ୍ମକ ପ୍ରଭାବ ଜାରି ରହିଛି। ଏହି ସମସ୍ୟା ସମାଧାନ କରିବା ଲାଗି ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ନିକଟରେ କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ସଦସ୍ୟମାନେ ଡ. ପଟ୍ଟନାୟକଙ୍କୁ ଭେଟି ରିୟଲ ଇଷ୍ଟେଟ କ୍ଷେତ୍ରର ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ମଧ୍ୟ କରିଥିଲେ। ସଦସ୍ୟ କାନ୍ତିଲାଲ ପଟେଲ, ଇଂ ଉମେଶ ପଟ୍ଟନାୟକ, ସୁଭାଷ ପଟ୍ଟନାୟକ ପ୍ରମୁଖ ଏହି ଅବସରରେ ରାଜ୍ୟର ରିୟଲ ଇଷ୍ଟେଟ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମହାମାରୀ ଯୋଗୁ ରିୟଲ ଇଷ୍ଟେଟ କ୍ଷେତ୍ର ସମସ୍ୟା ଘେରକୁ ଚାଲିଯାଇଛି। ଶିଳ୍ପର ରାଜସ୍ୱ ପ୍ରଭାବିତ ହେବା ସହ ସରକାରଙ୍କୁ ପ୍ରଦାନ କରାଯାଉଥିବା ଟିକସ ଏହାଦ୍ୱାରା କ୍ଷତିଗ୍ରସ୍ତ ମଧ୍ୟ ହୋଇଛି। ଏହା ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସମସ୍ୟା ସୃଷ୍ଟି କରିଛି। ସରକାର ଏହି କ୍ଷେତ୍ରର ସମସ୍ୟା ସମାଧାନକୁ ବିଚାର କରିବାକୁ କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ନିବେଦନ କରାଯାଇଛି।

## ସାମ୍‌ସଙ୍ଗ୍‌ର ଷ୍ଟାର ସ୍କଲାରଶିପ

**ଭୁବନେଶ୍ୱର,୧।୧୦:** ସାମ୍‌ସଙ୍ଗ୍ ଷ୍ଟାର ସ୍କଲାର କାର୍ଯ୍ୟକ୍ରମ ଅନ୍ତର୍ଗତ ସାମ୍‌ସଙ୍ଗ୍ ପକ୍ଷରୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଓ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ୫୧୭ ଜଣ ବିଦ୍ୟାର୍ଥୀଙ୍କୁ ସ୍କଲାରଶିପ ପ୍ରଦାନ କରାଯାଇଛି। ଜବାହର ନବୋଦୟ ବିଦ୍ୟାଳୟର ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରୀଛାତ୍ରମାନଙ୍କୁ ପ୍ରତିବର୍ଷ ଏହି ସ୍କଲାରଶିପ ପ୍ରଦାନ କରାଯାଇଥାଏ। ଇଞ୍ଜିନିୟରିଂ ଶିକ୍ଷା ପାଇଁ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କୁ ଏହି ସ୍କଲାରଶିପ ପ୍ରଦାନ କରାଯାଉଛି। ସାମ୍‌ସଙ୍ଗ୍ ଷ୍ଟାର ସ୍କଲାର କାର୍ଯ୍ୟକ୍ରମ ବର୍ତ୍ତମାନ ୫ମ ବର୍ଷରେ ପହଞ୍ଚିଛି। ଚଳିତ ବର୍ଷ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଲାଗି ସାମ୍‌ସଙ୍ଗ ଇଣ୍ଡିଆ ଜେଏନ୍‌ଭିର ୧୫୦ଟି ସ୍କଲାରଶିପକୁ ଅନୁମୋଦନ କରିଛି। ଏହି ସ୍କଲାରଶିପ ବିଷୟରେ ଅଧିକ ତଥ୍ୟ ସାମ୍‌ସଙ୍ଗ ୱେବ୍‌ସାଇଟରେ ମିଳିପାରିବ। ଏ ସମ୍ପର୍କରେ ସାମ୍‌ସଙ୍ଗ ଇଣ୍ଡିଆର କର୍ପୋରେଟ ଉପାଧ୍ୟକ୍ଷ ଓ ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ପିଟର ରି କହିଛନ୍ତି ଯେ, ଆମେ ବହୁତ ଖୁସି ଯେ ଚଳିତ ବର୍ଷ ଅନେକ ଆହ୍ୱାନ ସତ୍ତ୍ୱେ ଆମେ ଏହି ସବୁ ପ୍ରତିଭାବାନ ପିଲାଙ୍କ ନିକଟରେ ପହଞ୍ଚିପାରିଛୁ।


## INFORMATION

Case Crim No. 183/2015, Section- 409/420/467/468/471/323/352/504/506 IPC and 444/2015 Section-409/420/467/468/471/504 IPC, related Crime Branch, District: Bareilly, State: Utter Pradesh in wanted and FIR accused person (1) Hafijudeen Sekh, (2) Gyasudeen Sekh, (3) Bakhtyarudeen Sekh, (4) Ahteshyam (Ahteshan) Sekh, D/o. Sarfudeen Sekh, Village: Mustaphapur Dobal, Police Station: Dhamnagar, District: Bhadrak (Odisha). Respected Court related Bareilly and Bahedi in (U.P.) are relive, Section 82 CRPC declaration in date 24.09.2020. In which information Inspector- Pramod Kumar, Crime Branch, Bareilly District in (U.P.), Mob. No.: 9140408964.

## ବ୍ୟାସନଗର ପୌରପାଳିକା, ବ୍ୟାସନଗର
## OFFICE OF THE VYASANAGAR MUNCIPALITY, VYASANAGAR, JAJPUR

E-mail ID: vyasanagarmunicipality@gmail.com, Website: ulbodisha.gov.in

### QUOTATION CALL NOTICE FOR SUPPLY OF VEHICLE

No. 2425 Date: 01.10.2020

The Executive Officer, Vyasanagar Municipality, Vyasanagar, Jajpur Road invites the sealed quotation from the intending registered firms/Tour Operators or Private individual for providing 01 No. of **AC Diesel (BOLERO 7 Seated)** having PAN/GST and registration certificate including driver for Vyasanagar Municipality office on monthly hire basis. The sealed quotation through Registered Post/Speed Post only shall be reached before the undersigned on or before **Dt.13.10.2020 at 4.00 P.M.** and the same shall be opened on same day at **5.00 P.M.** in the presence of the quotationer or their authorized agent if any.

For details, please visit to district website **www.jajpur.nic.in**.

Sd./- Executive Officer
Vyasanagar Municipality

## ବିଜ୍ଞାପନ

No.MM-73:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡ଼ିଶା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ତା୦୪।୧୦।୨୦୨୦ରିଖ ରବିବାରଠାରୁ କପିଳାସ ଚିଡ଼ିଆଖାନା ସର୍ବସାଧାରଣଙ୍କ ଭ୍ରମଣ ପାଇଁ ଖୋଲାଯିବ। ଭ୍ରମଣକାରୀମାନେ କରୋନା ମହାମାରୀର ନିୟମକୁ ମାନିବାକୁ ପଡିବ ଏବଂ ପ୍ରବେଶ ପୂର୍ବରୁ ସେମାନଙ୍କର ଶରୀର ତାପମାତ୍ରା ମାପି ଓ ସାନିଟାଇଜ ହୋଇ ଭିତରକୁ ପ୍ରବେଶ କରିବେ ।

ସ୍ୱା./- ବନଖଣ୍ଡ ଅଧିକାରୀ
ଢେଙ୍କାନାଳ ବନଖଣ୍ଡ
OIPR-08037/11/0005/2021

GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER

Bhanjanagar Irrigation Division, Bhanjanagar
Phone No.: 06821-241004, e-mail ID: bnjirrigation2010@gmail.com

### e-Procurement Notice No. e-BNID-04/2020-21

No. A-231: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal **www.tendersorissa.gov.in**.

| | | |
|---|---|---|
| 1 | Name of the Work | : Flood Works |
| 2 | No. of Works | : 03 (Three) Nos. of Works |
| 3 | Class of Contractor | : Varies from "D" Class to "C" Class |
| 4 | Bid Identification No. | : BNID-41/2020-21 to BNID-43/2020-21 |
| 5 | Estimated Cost | : Varies from Rs.14.90 lakh to 17.80 lakh |
| 6 | Period of Completion | : 05 (Five) Months |
| 7 | Date & time of availability of bid documents in the portal | : 05.10.2020 to 14.10.2020 upto 5.00 P.M. |
| 8 | Last date/time for receipt of bids in the portal | : 14.10.2020 upto 5.00 P.M. |
| 9 | Date of Opening of Bid | : 15.10.2020 at 11.00 A.M. in the Office of the e-Procurement Cell O/o. the Chief Engineer & Basin Manager, RVN Basin, Berhmapur and same will be opened in the O/o. the Executive Engineer, Bhanjanagar Irrigation Division, Bhanjanagar. |
| 10 | Submission of Affidavit | : Original Affidavit for each work |
| 11 | Submission of Original Licence (for Engineering Contractor) at the time of verification of Documents. | |

Further details can be seen from the e-Procurement portal **www.tendersorissa.gov.in**.

Sd./- Executive Engineer, Bhanjanagar
Irrigation Division, Bhanjanagar
OIPR-32010/11/0003/2021

## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

sAMS
Student Academic Management System

### ରାଜ୍ୟରେ ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ଗୁଡ଼ିକରେ ୨୦୨୦-୨୧ ବର୍ଷରେ ଅନ୍ତିମ ପର୍ଯ୍ୟାୟ ନାମଲେଖା ସୂଚୀ ।

No. KK-29: ସପ୍ଲିମେଣ୍ଟାରି ୨୦୨୦ ଉତ୍ତୀର୍ଣ୍ଣ ବା ୧୦ମ ପାସ୍ ପରେ କୌଣସିଠାରେ ନାମ ଲେଖାଇପାରି ନ ଥିବା ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଛି ଯେ, ଡିଜିଟି, ନୂଆଦିଲ୍ଲୀଙ୍କ ପତ୍ର ତା୨୯।୦୯।୨୦୨୦ ମୁତାବକ, ୨୦୨୦-୨୧ ବର୍ଷରେ ରାଜ୍ୟର ସରକାରୀ ଓ ସେରକାରୀ ଆଇଟିଆଇମାନଙ୍କରେ ଖାଲିଥିବା ସ୍ଥାନମାନଙ୍କରେ ଦୈନିକ ମେଧା ଭିତ୍ତିକ ସ୍ପଟ୍ ପଦ୍ଧତିରେ ତା୦୧।୧୦।୨୦୨୦ରୁ ତା୨୩।୧୦।୨୦୨୦ SAMS ଜରିଆରେ ନାମ ପଞ୍ଜୀକରଣ ଓ ନାମଲେଖା ଚାଲୁ ରହିବ। ଏହି ତାରିଖ ମଧ୍ୟରେ ଯେକୌଣସି କାର୍ଯ୍ୟଦିବସରେ ନାମଲେଖା ପାଇଁ ସ୍ଥିର କରିଥିବା ଆଇଟିଆଇକୁ ଦିନ ଦୁଇଟା ମଧ୍ୟରେ ଯାଇ SAMS ପୋର୍ଟାଲ **www.samsodisha.gov.in**ରେ ନିଜ ନାମ ଖାଲିଥିବା ଟ୍ରେଡ୍‌ରେ ପଞ୍ଜୀକୃତ କଲେ ସେଇଦିନର ମେଧା ତାଲିକା ମୁତାବକ ନାମ ଲେଖା ହେବ। ଅଧିକ ବିବରଣୀ ନିମିତ୍ତ, **ପ୍ରାର୍ଥୀ ସହାୟତା ଟୋଲ୍ ଫ୍ରି ନମ୍ବର - ସଂଯୋଗ Helpline - ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦** ବା ନିକଟସ୍ଥ ସରକାରୀ ଆଇଟିଆଇଗୁଡ଼ିକରେ ଯୋଗାଯୋଗ କରନ୍ତୁ।

ସ୍ୱା./- ନିର୍ଦ୍ଦେଶକ
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-14004/11/0019/2021

GOVERNMENT OF ODISHA No. O-420
## OFFICE OF THE EXECUTIVE ENGINEER
## RURAL WORKS DIVISION, KORAPUT

E-mail: eerwkoraput@yahoo.com, Phone: 06852-251263

### e-Procurement for Road and Building Works

Bid Identification No. EERWKPT-Online - 04/2020-21

Letter No. 3607 Date: 25.09.2020

1. Name of the Work : Road works in the Dist. of Koraput for the year 2020-21.
2. Total number of Works : 04 Nos.
3. Approximate Estimated Cost : Rs.112.00 lakhs to Rs.173.00 lakhs (Approximately)
4. Class of Contractor : "B" & "A" Class
5. Period of Completion : 9 (Nine) Calendar Months
6. Other details

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Executive Engineer, R.W. Division, Koraput | Online Tender/04/ RWD-KPT/2020-21 | 30.09.2020 at 11.00 A.M. | 08.10.2020 upto 3.00 P.M. |

Further details can be seen from the website **www.tendersodisha.gov.in/nicgep/app**.

1. All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.
2. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on Works Contract shall be paid over the bill amount at the time of payment of bill.

*N.B.: Any Corrigendum or Addendum will be available in the website only.

Sd./- Executive Engineer
Rural Works Division, Koraput
OIPR-25088/11/0004/2021

GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, BHUBANESWAR

Ph. No.: 0674-2301787, Fax No.: 0674-2300965, E-mail ID: eerw_bbsr@yahoo.co.in
No. Tender-Online-BBSR Divn.-06 Date: 24.09.2020

No. O-415 **e-Procurement NOTICE**

| | | |
|---|---|---|
| 1 | Name of the Work | : Special Repair of Road Work |
| 2 | Total No. of Projects | : 2 Nos. work |
| 3 | Class of Contractor | |
| | a) Estiamted cost more than Rs.40.00 lakhs & not exceeding to Rs.1.50 crore | : "A" & "B" Class (of Odisha PWD) or relevant Class of other licensing authorities |
| | b) Estiamted cost more than Rs.20.00 lakh & not exceeding to Rs.40.00 lakh | : "B" & "C" Class (of Odisha PWD) relevant Class of other licensing authorities |
| | c) Estimated cost not exceeding to Rs.20.00 lakh | : "C" & "D" Class (of Odisha PWD) or relevant class of other licensing authorities |
| 4 | Estimate Cost of Individual Projects | : Rs.7 lakh to 14 lakh |
| 5 | Time for completion | : 3 (Three) Calendar Months |
| 6 | Other details | : |

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Bhubaneswar | Tender Online-BBSR Divn. | 07.10.2020 at 11.00 A.M. | 17.10.2020 upto 5.00 P.M. | 19.10.2020 at 11.00 A.M. |

Further details can be seen from the website: **www.tendersorissa.gov.in**.

Sd./- Executive Engineer, Rural Works Divn., BBSR
OIPR-25066/11/0006/2021

## ODISHA PUBLIC SERVICE COMMISSION
### NOTICE

No. 5020/PSC Dt.30.09.2020

**Corrigendum to Advertisement No. 04 of 2020-21 for Recruitment to the Post of Assistant Executive Engineer (Civil) under P.R. & D.W. Department**

No. D-71: It is for the information of all concerned applicants who have themselves registered within the date fixed by the Commission for applying for the Post of Assistant Executive Engineer (Civil) under P.R.&D.W. Department, but failed to make necessary payment due to technical difficulty experienced at the payment gateway, are now given an **extension** of date for payment upto **05.10.2020** and submission of application till **09.10.2020**.

However, this extension is not applicable to those who have made payment, but yet to provide documents details, which is valid upto 05.10.2020 as per terms & conditions of the earlier advertisement, not beyond.

This extension is also not applicable to those who have partially filled up application or yet to start fill up application form even though they have been registered.

All other terms & conditions of the said advertisement will remain unchanged.

The concerned candidates are advised to visit the website of the Commission at **www.opsc.gov.in**.

Sd./- Secretary
OIPR-12002/11/0036/2021

## OFFICE OF THE CDM & PHO & DISTRICT MISSION DIRECTOR, BHADRAK
### DISTRICT HEALTH MISSION

(Department of Health & FW, Govt. of Orissa)
Advt. No.: 09/2020 Date: 01.10.2020

### REQUEST FOR PROPOSAL (RFP) FOR BMW MANAGEMENT IN DISTRICT HEAD QUARTERS HOSPITALS/SUB-DIVISIONAL HOSPITALS/CHCS/DCHS/CCCS

1. Sealed tender/quotations are invited from interested eligible agencies/Firm/Company for Outsourcing of Bio Medical Waste Management at DISTRICT HEAD QUARTERS HOSPITALS/CHCS/DCHS/CCCS of Bhadrak District.
2. Firms are invited for supply of Biomedical Waste Logistic for Bhadrak District. Last date for submission of Bid is Dt.17.10.2020 upto 05 P.M. and Bid will be opened on Dt.19.10.2020 at 11 A.M. at Office of the undersigned. Detail term condition and tender paper can be downloaded from district website **(www.bhadrak.nic.in)** from 01.10.2020.

The authority reserves the right to reject any or all the proposals without assigning any reason thereof.

Sd./- CDM & PHO, Bhadrak
No. E-278 OIPR-10123/11/0005/2021

## OFFICE OF THE EXECUTIVE ENGINEER
## L.I. DIVISION, BERHAMPUR

e-mail : eeolicbam@ymail.com

### e-Procurement Notice

**Bid Identification No.05 / 2020-21 OLIC (BAM) / Dt. 30/09/2020**

No.CAD-531:- The Executive Engineer, Lift Irrigation Division, Berhampur on behalf of OLIC invites Percentage Rate bids in single Cover system to be received in Online Mode only for the work "Installation and Energisation of New LIPs under different Blocks in Ganjam District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways / C.P.W.D. for execution of Civil Works with valid Electrical (H.T) License issued by ELBO Odisha as single or having joint venture with proper registration, through On-Line in the Govt. website www.tendersodisha.gov.in. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.

1. Numbers of Package — 44 Numbers
2. Estimated Cost — Rs.10.61 to 49.23 lakhs
3. Tender Cost — As per DTCN
4. Class of Contractor — As per DTCN
5. Date & time of publication — Dt. 05.10.2020 from 11.00 hrs.
6. Date & time of closing — Dt. 14.10.2020 at 17.00hrs
7. Date & time of opening of bid — Dt. 15.10.2020 at 12.00 A.M.
8. Last date & time of seeking tender clarification — Dt. 12.10.2020 at 17.00 P.M.

Further details can be seen from the website www.tendersorissa.gov.in. Addendum/corrigendum/cancellation of tender, if any, can be seen in the said website.

EXECUTIVE ENGINEER
OIPR-32311/11/0005/2021

# କଟା ନିଲାମକୁ ବିରୋଧ

**ସମ୍ବଲପୁର,୧।୧୦ (ବ୍ୟୁରୋ)**



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଘେନୁପାଲି ପଞ୍ଚାୟତବାସୀ ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଘେନୁପାଲି ପଞ୍ଚାୟତ ପଦ୍ମକଟାର ନିଲାମ ବୁଧବାର ସମ୍ପୂର୍ଣ୍ଣ ହୋଇଛି । ହେଲେ ଏହାକୁ ନେଇ ଗ୍ରାମବାସୀ ବିରାଧ କରିଛନ୍ତି। ନିଲାମ ବାତିଲ କରିବାକୁ ସେମାନେ ଗୁରୁବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏମାନେ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଯେଉଁ ବ୍ୟକ୍ତି ଏହି କଟାର ନିଲାମ ନେଇଥିଲେ ସେ ଯତ୍ନ ନେଇ ନ ଥିଲେ। ମାଛ ଚାଷ ସମୟରେ ଆବଶ୍ୟକ ସାର, ଔଷଧ ପକାଯାଉଥିଲା । ଫଳରେ ଜଳ ଦୂଷିତ ହୋଇଥିଲା। ଏହାଦ୍ୱାରା ଏହି କଟାରେ ଗାଧୁଆ ପାଧୁଆ କରୁଥିବା ଲୋକଙ୍କ ଚର୍ମରୋଗ ହେଉଥିଲା। ଏବେ ଏହି କଟାକୁ ପୁଣି ନିଲାମ ଦ୍ୱାରା ସେହି ପରିସ୍ଥିତି ସୃଷ୍ଟି ହେବ। ତେଣୁ ନିଲାମ ବାତିଲ କରବାକୁ ଧନେଶ୍ୱର ଭୋଇ, ସନ୍ତୋଷ ଭୋଇ, ପଦ୍ମଲୋଚନ ଧରୁଆ, ଅଗସ୍ତି କର୍ଣ୍ଣ, ବରୁଣ ଭୋଇ ପ୍ରମୁଖ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ଯୁଯୁମୁରା ବିଡିଓ ସରୋଜ ବିଶ୍ୱାଳ କହଛନ୍ତି ଯେ, ଏହା ସରକାରଙ୍କ ରାଜସ୍ୱ ପାଇଁ ନିଲାମ ଦିଆଯାଇଛି । ଉପଜିଲାପାଳ ୫ ବର୍ଷ ପାଇଁ ୪ ଲକ୍ଷ ଟଙ୍କା ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ୨ ଥର ଅଭିଯୋଗ ହେବାରୁ ନିଲାମ ତାରିଖ ପରିବର୍ତ୍ତନ କରାଯାଇଥିଲା। ବୁଧବାର ସମସ୍ତଙ୍କ ସହ ଆଲୋଚନା ପରେ ପୁଣି ନିଲାମ ହୋଇଥିଲା। ସମସ୍ତଙ୍କୁ ନିଲାମରେ ଭାଗ ନେବା ପାଇଁ ସୁଯୋଗ ଦିଆଯାଇଥିଲା । ଅମାନତ ରାଶି ଜମା କରି ୪ ଜଣ ନିଲାମରେ ଭାଗ ନେଇଥିଲେ। ଶେଷରେ ଏହା ୮ ଲକ୍ଷ ୨୨ ହଜାର ୩ ଶହ ଟଙ୍କାରେ ନିଲାମ ଯାଇଛି। ଝସକେତନ ଦେହୁରୀ ନାମକ ଜଣେ ବ୍ୟକ୍ତି ନିଲାମ ପାଇଛନ୍ତି । ନିଲାମ ବାତିଲ କରିବାକୁ ତାଙ୍କ ପାଖରେ ମଧ ଅଭିଯୋଗ ହୋଇଛି। ଜିଲାପାଳ ଯାହା ନିର୍ଦ୍ଦେଶ ଦେବେ ସେ ନେଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

**ବାତିଲ କରିବାକୁ ଗ୍ରାମବାସୀଙ୍କ ଦାବି**

# ଏସ୍‌ପିଙ୍କୁ ଫେରାଦ ହେଲା ସାମ୍ବାଦିକ ସଂଘ

**ବରଗଡ଼ ଅଫିସ୍,୧।୧୦**

ବରଗଡ଼ ଜିଲାରେ ଅଣସାମ୍ବାଦିକଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏଥିପାଇଁ ବ୍ଲାକମେଲିଂଠାରୁ ଆରମ୍ଭ କରି ନାନା ଅପରାଧ ବୃଦ୍ଧି ପାଉଛି। ଫଳରେ ଜିଲାରେ କର୍ତ୍ତବ୍ୟରତ ପ୍ରକୃତ ଖବରଦାତାଙ୍କ ମାନ କ୍ଷୁଣ୍ଣ ହେଉଛି। ଏହିକ୍ରମରେ ବରଗଡ଼ ସାମ୍ବାଦିକ ସଂଘ ପୋଲିସ, ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛି। ଗୁରୁବାର ସନ୍ଧ୍ୟାରେ ସଂଘ ପକ୍ଷରୁ ଏସ୍‌ପି ପଦ୍ମିନୀ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏସ୍‌ପି ସାହୁ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ପ୍ରକୃତ ଖବରଦାତା ଚିହ୍ନଟ ସହିତ ଅଣସାମ୍ବାଦିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବେଆଇନଭାବେ ଚାଲିଥିବା ୱେବ୍ ଚ୍ୟାନେଲର ବୈଧତା ଯାଞ୍ଚ, ଯାନବାହନରେ ଲାଲବର୍ଣ୍ଣରେ ଲେଖାଥିବା ପ୍ରେସ୍ ଶବ୍ଦକୁ ହଟାଇବା, ନିକଟରେ ଘଟିଥିବା ଏକ ଗାଡ଼ିଚୋରି ମାମଲାରେ ସମ୍ପୃକ୍ତ ଖବରଦାତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସଂଘ ଦାବି କରିଛି। ଏହା ସହିତ ସଂଘ ସଦସ୍ୟ ବିକି ମଟାରୀଙ୍କ ଉପରେ ଗତ ୨୮ତାରିଖ ହୋଇଥିବା ଆକ୍ରମଣ ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସଂଘ ଦାବି କରିଛି। କରୋନା ସଂକ୍ରମଣ ବଢ଼ିଚାଲିଥିବା ବେଳେ ସରକାର, ପ୍ରଶାସନକୁ ସହାୟତା ପାଇଁ ଆଗେଇ ଆସିଥିବା ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାର ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିବା, ଖବର ସଂଗ୍ରହ ପାଇଁ ବିଭିନ୍ନ ଥାନା, ଫାଣ୍ଡିକୁ ଯାଉଥିବା ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କୁ ସହଯୋଗ କରିବାକୁ ମଧ୍ୟ ଦାବି ହୋଇଛି । ସଂଘ ଉପଦେଷ୍ଟା ଅଶ୍ୱିନୀ କୁମାର ଦର୍ଜୀ, ଉପସଭାପତି ଉମେଶ ବିଶ୍ୱାଳ, ସମ୍ପାଦକ ରବି ନାରାୟଣ ପଣ୍ଡା, ବରିଷ୍ଠ ସଭ୍ୟ ବୀରେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ସଭ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୁଅକୁ ହତ୍ୟା କରାଯାଇଥିବା ବାପାଙ୍କ ଥାନାରେ ଅଭିଯୋଗ

ଜୁନାଗଡ,୧।୧୦(ଡି.ଏନ୍.ଏ.)
କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନ ରଣପୁର ଗ୍ରାମ ନିକଟରେ ଥିବା ଇନ୍ଦ୍ରାବତୀ କେନାଲରୁ ବୁଧବାର ସକାଳେ ସ୍ଥାନୀୟ ପୋଲିସ ବକ୍ସିତୁଳସୀପାଲିର ଡମ୍ବରୁ ବାଗ (୩୪)ଙ୍କ ମୃତଦେହ ଉଦ୍ଧାର କରିଥିଲା। ଡମ୍ବରୁଙ୍କୁ କେହି ହତ୍ୟା କରି କେନାଲରେ ଫିଙ୍ଗି ଦେଇଥିବା ତାଙ୍କ ବାପା ଶଙ୍କର ଗୁରୁବାର ଜୁନାଗଡ଼ରେ ଥାନାରେ ଏତଲା ଦେଇଛନ୍ତି। ମାସେ ତଳେ ଗାଁର ଜଣେ ବ୍ୟକ୍ତି ଅନ୍ୟ ୪ଜଣ ଲୋକଙ୍କୁ ସାଙ୍ଗରେ ଧରି ତାଙ୍କ ଘରେ ପହଞ୍ଚି ଥିଲେ। ଡମ୍ବରୁଙ୍କୁ ଗାଳିଗୁଲଜ କରି ମାରି ଦେବାକୁ ଧମକ ଦେଇଥିଲେ। ତେଣୁ ସେମାନଙ୍କ ପ୍ରତି ସନ୍ଦେହ ହେଉଛି ବୋଲି ଏତଲାରେ ଦର୍ଶା ଯାଇଛି। ୨୯ ତାରିଖ ମଙ୍ଗଳବାର ଭୋର ୪ଟାରେ ଡମ୍ବରୁ ପାଖ ଜଙ୍ଗଲକୁ ଜାଳେଣି କାଠ ଆଣିବା ପାଇଁ ବଳଦ ନେଇ ଯାଇଥିଲେ। ସକାଳ ୭ଟା ବେଳକୁ କିନ୍ତୁ ବଳଦ ଦୁଇଟି ଘରକୁ ଫେରି ଆସିଥିଲା। ଏହାଦେଖି ପରିବାର ଲୋକେ ଡମ୍ବରୁଙ୍କୁ ଫୋନ୍ କରିଥିଲେ। କିନ୍ତୁ ଡମ୍ବରୁଙ୍କ ମୋବାଇଲ ସୁଇଚ୍ ଅଫ୍ ବତାଇଥିଲା। ପରିବାରବର୍ଗ ଡମ୍ବରୁଙ୍କୁ ଖୋଜିବା ପାଇଁ ଜଙ୍ଗଲକୁ ଯାଇଥିଲେ ମଧ ପାଇ ନ ଥିଲେ। ବୁଧବାର ସକାଳେ ରଣପୁର ନିକଟସ୍ଥ ଇନ୍ଦ୍ରାବତୀ ଡାହାଣ କେନାଲରେ ଡମ୍ବରୁଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକଙ୍କଠୁ ପରିବାରବର୍ଗ ଜାଣିବାକୁ ପାଇଥିଲେ। ସେଠାକୁ ଯାଇ ଡମ୍ବରୁଙ୍କୁ ଚିହ୍ନଟ କରିଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହକୁ ଉଦ୍ଧାର କରିଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।

### କୃଷିବିଲ୍ ବିରୋଧରେ ବନ୍ଦ ପାଳନ

ବରଗଡ଼ ଅଫିସ୍,୧।୧୦-
କୃଷି ବିଲକୁ ନେଇ ବରଗଡ଼ ଜିଲାରେ ଅସନ୍ତୋଷ ଜାରି ରହିଛି । ଏ ନେଇ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିବାବେଳେ ବିରୋଧ, ବିକ୍ଷୋଭ କାର୍ଯ୍ୟକ୍ରମ ହୋଇଛି । ତେବେ କୃଷି ବିଲ୍ ବିରୋଧରେ କଂଗ୍ରେସ ଜିଲାର ବ୍ଲକ ଗୁଡ଼ିକରେ ପର୍ଯ୍ୟାୟକ୍ରମେ ବନ୍ଦ ପାଳନ କରୁଛି । ଏହିକ୍ରମରେ କଂଗ୍ରେସର ଡାକରାରେ ଗତ ୪ଦିନ ତଳେ ଅତାବିରା ବନ୍ଦ ହୋଇଥିବାବେଳେ ଗୁରୁବାର ଭେଡ଼େନ ବ୍ଲକ ବନ୍ଦ ହୋଇଥିଲା । କଂଗ୍ରେସ କର୍ମୀମାନେ ପିକେଟିଂ କରି ବନ୍ଦ ପାଳନ କରୁଥିବାବେଳେ ସ୍ୱତଃସ୍ଫୂର୍ତ୍ତଭାବେ ଲୋକେ ମଧ୍ୟ ଦୋକାନ, ବଜାର ବନ୍ଦ କରିଥିବା ଦେଖିବାକୁ ମିଳିଥିଲା ।

### ଅଭିଯୋଗକାରୀଙ୍କୁ ଧମକ ଅଭିଯୋଗ

ବଡଗାଁ, ୧।୧୦ (ଡି.ଏନ.ଏ.)
ସୁନ୍ଦରଗଡ ଜିଲା ବଡଗାଁର ଜଣେ ଖବରଦାତା ଓ ସାହାଜବାହାଲର ଜଣେ କାଠ ବ୍ୟବସାୟୀଙ୍କ ମଧରେ ଅଞ୍ଚଳର ଜଣେ ମହିଳାଙ୍କ ଚରିତ୍ରକୁ ନେଇ ଅଶ୍ଲୀଳ ବାର୍ତ୍ତାଳାପ ପ୍ରଘଟ ହେବା ପରେ ସମ୍ପୃକ୍ତ ମହିଳା ବଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏତଲା ଗ୍ରହଣ କରି ଘଟଣାର ତଦନ୍ତ କରୁଥିବାବେଳେ ବୁଧବାର ସନ୍ଧ୍ୟାରେ ଅଭିଯୋଗକାରିଣୀଙ୍କୁ ଧମକ ଦିଆଯାଇଥିବା ନେଇ ଥାନାରେ ପୁଣି ଥରେ ଅଭିଯୋଗ ହୋଇଛି। ଏକ ଲାଲ ରଙ୍ଗର କାରରେ ୪ଜଣ ଯୁବକ ସମ୍ପୃକ୍ତ ମହିଳାଙ୍କ ଘର ସମ୍ମୁଖକୁ ଯାଇଥିଲେ। ସେଠାରେ ଗାଡ଼ିରୁ ଓହ୍ଲାଇ ମହିଳାଙ୍କ ଘର କେଉଁଟା ବୋଲି ପଚରାଉଚରା କରି ପଳାଇ ଯାଇଥିଲେ। ମହିଳାଙ୍କ କାକା ଶ୍ୱଶୁର କାରରେ ପିଛା କରି ମଚାମରା ଛକଯାଏ ଯାଇଥିଲେ। ପରେ ଗାଡ଼ିର ନମ୍ବର ଲେଖିବା ସହିତ ଫଟୋ ଉଠାଇଥିଲେ । ଅନ୍ୟଏକ ଘଟଣାକ୍ରମରେ ମହିଳାଙ୍କ ଘର ପଛପଟେ ଜଣେ ଯୁବକ ଲୁଚି ରହିଥିବା ଦେଖିବା ପରେ ଗ୍ରାମବାସୀ ଗୋଡାଇଥିଲେ। ହେଲେ ଯୁବକ ଜଣକ ସେଠାରୁ ଖସି ପଳାଇଥିଲେ। ଥାନା ଅଧିକାରୀ ଭଗବାନ ପୂଜାରୀଙ୍କୁ ପଚାରିବାରୁ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। କାରକୁ ଚିହ୍ନଟ କରାଯାଇଛି। ତଦନ୍ତ ଜାରି ରହିଛ ବୋଲି କହିଛନ୍ତି।

### ପ୍ରବାସୀ ଶ୍ରମିକ ପୁଣି ଦାଦନ ମୁହାଁ

ଲୋଇସିଂହା,୧।୧୦(ଡି.ଏନ.ଏ.)
ଆଗଲପୁର ବ୍ଲକରୁ ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକ ପୁଣି ଦାଦନ ମୁହାଁ ହୋଇଛନ୍ତି। ବ୍ଲକର ରିନବଚନ, ଉପରବାହାଲ, ଭରସୁଜା ଆଗଲପୁର ପ୍ରଭୃତି ପଞ୍ଚାୟତର ପ୍ରବାସୀ ଶ୍ରମିକ ବସ୍ ଯୋଗେ ରାଜ୍ୟ ବାହାରକୁ ଯାଉଥିବା ଗୁରୁବାର ଦେଖିବାକୁ ମିଳିଥିଲା। ଲକ୍‌ଡାଉନ ପ୍ରବାସୀ ଶ୍ରମିକମାନେ କାମ ନ ପାଇ ଫେରି ଆସିଥିଲେ । ଫେରନ୍ତା ପ୍ରବାସୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ସେମାନେ ଫେରିବା ପରେ ପରିସ୍ଥିତି ଅଣାୟତ୍ତ ହୋଇପଡିଥିବା ଅଭିଯୋଗ ହୋଇଛି।

# ବେକରେ ବଢୁଛି ମାଂସ ପିଣ୍ଡୁଳା

**ତରଭା,୧।୧୦(ଡି.ଏନ.ଏ.)**

**ଅର୍ଥାଭାବରୁ ହୋଇ ପାରୁନି ଚିକିତ୍ସା**



ଓମ୍

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟା ପଞ୍ଚାୟତ ଖଇରଭାଡି ଗ୍ରାମର ଜଣେ ୫ ବର୍ଷର ବାଳକଙ୍କ ବେକରେ ବଢୁଥିବା ମାଂସ ପିଣ୍ଡୁଳାର ଅପରେଶନ ଅର୍ଥାଭାବରୁ ହୋଇ ପାରୁନାହିଁ । ଓମ୍ ନାଗ ନାମକ ଏହି ବାଳକ ଜଣକ ଏବେ ଜୀବନ ସହ ସଂଘର୍ଷ କରି ଚାଲିଛନ୍ତି। ସୂଚନାଯୋଗ୍ୟ ଯେ, ଖଇରଭାଡି ଗ୍ରାମର ନିର୍ମଳ ନାଗ ଓ ତାଙ୍କ ସ୍ତ୍ରୀ ରଞ୍ଜିତା ଅତି ଗରିବ ଶ୍ରେଣୀର । ଏହି ଦମ୍ପତିଙ୍କର ୫ ବର୍ଷର ପୁଅ ଓମ୍ ବେକରେ ଏକ ମାଂସ ପିଣ୍ଡୁଳା ଦିନକୁ ଦିନ ବଢି ଚାଲିଥିବାରୁ ସେମାନେ ଚିନ୍ତାରେ ପଡି ଯାଇଛନ୍ତି । ଖଟିଖିଆ ହୋଇଥିବାରୁ ଯାହା କିଛି ରୋଜଗାର କରନ୍ତି ଘର ଚଳାଇବାରେ ଖର୍ଚ୍ଚ ହୋଇ ଯାଉଥିବାରୁ ପୁଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଆଗରୁ ପୁଅର ହାତରେ ମାଂସ ବଢିଥିଲା। ଯାହା ଜମିବାଡି ଥିଲା ସବୁ ବିକ୍ରି କରି ରାୟପୁର ଠାରେ ଅପରେଶନ କରାଇଥିଲେ । ଏବେ ପୁଣି ବେକ ପାଖେ ମାଂସ ବୃଦ୍ଧି ହେଉଥିବାରୁ ଚିନ୍ତା ବଢିଛି । ଚିକିତ୍ସା ପାଇଁ ବଲାଙ୍ଗୀରଠାରୁ ଆରମ୍ଭ କରି କଟକ ପର୍ଯ୍ୟନ୍ତ ଯାଇଥିଲେ ମଧ ଅଧିକ ଚିକିତ୍ସା ଖର୍ଚ୍ଚ ହେବ ବୋଲି ଡାକ୍ତର କହିବା ପରେ ମା’ ବାପା ପୁଅକୁ ନେଇ ଘରକୁ ଫେରି ଆସିଛନ୍ତି । ଯାହା କିଛି ସଞ୍ଚିତ ଅର୍ଥ ଥିଲା ବଲାଙ୍ଗୀର, ବୁର୍ଲା ଡାକ୍ତରଖାନା ଯାଇ ସରିଯାଇଛି । ଏବେ ଦୁଇଓଳା ଖାଇବା ଓ ପୁଅର ଚିକିତ୍ସା ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନାହିଁ । ଜିଲା ପ୍ରଶାସନ ଓମ୍‌ଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ସହଯୋଗ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ୫୪ ଶିକ୍ଷକଙ୍କୁ ପଦୋନ୍ନତି

**ଲୋଇସିଂହା, ୧।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ୫୪ଜଣ ଶିକ୍ଷକଙ୍କୁ ବରିଷ୍ଠ ସହକାରୀ ଶିକ୍ଷକ ପଦୋନ୍ନତି ମିଳିଛି । ପଦୋନ୍ନତି ପରେ ସମସ୍ତ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ବଦଳି କରାଯାଇ ସପ୍ତାହକ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାକୁ ଚିଠିରେ କୁହାଯାଇଛି । ସ୍କୁଲ ଓ ଗଣଶିକ୍ଷା ବିଭାଗ ଚିଠି ନଂ ୭୭୨୯/ତା ୧୧।୩।୨୦ରିଖରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଏ ନେଇ ଜଣାଇଥିଲେ । ଏହାପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରସ୍ତୁତ ତାଲିକା ଜିଲା ଶିକ୍ଷା ଅଧିକାରୀ ରାଜ୍ୟ ଗଣଶିକ୍ଷା ବିଭାଗକୁ ପ୍ରଦାନ କରିଥିଲେ। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଚିଠି ସଂଖ୍ୟା ୧୬୯୫୨/ତା ୨୫।୯।୨୦ରିଖରେ ମଞ୍ଜୁର ମିଳିଥିଲା । ଜିଲା ଶିକ୍ଷା ଅଧିକାରୀଙ୍କ ଚିଠି ସଂଖ୍ୟା ୭୦୭୯/ତା।୨୯।୯।୨୦ରିଖ ଅନୁଯାୟୀ ୫୪ ଶିକ୍ଷକଙ୍କୁ ପଦୋନ୍ନତି ମିଳିଛି । ସେଥିରୁ ମାଟ୍ରିକ/ଯୁକ୍ତ ଦୁଇ ସିଟିରୁ ୧୬ ଓ ବିଏ,ଏମଏ,ବିଇଡି ସିଟିରୁ ୩୬ ଜଣ ଶିକ୍ଷକ ରହିଛନ୍ତି।

# କେନାଲ ବନ୍ଧ ମଝିରୁ ଉଠିଲା ବିଦ୍ୟୁତ୍ ଖୁଣ୍ଟ



କେନାଲ ବନ୍ଧ ମଝିରେ ପୋତା ଯାଇଥିବା ବିଦ୍ୟୁତ୍ ଖୁଣ୍ଟକୁ ଉଠା ଯାଉଛି ।

**ସମ୍ବଲପୁର,୧।୧୦(ବ୍ୟୁରୋ)**

**ଧରିତ୍ରୀ ପ୍ରଭାବ**

ହୀରାକୁଦ ଜଳଭଣ୍ଡାରରୁ ବାହାରିଥିବା ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ କାଇଁଶିର କେନାଲ ବନ୍ଧ ମଝିରେ ଖୁଣ୍ଟ ପୋତି ବିଦ୍ୟୁତ୍ ବିଭାଗ ଅଡୁଆରେ ପଡ଼ିଛି। ସ୍ଥାନୀୟ ଲୋକ ଓ ଚାଷୀଙ୍କ ଅଭିଯୋଗକୁ ଆଧାର କରି ଗୁରୁବାର ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଜଳ ସେଚନ ବିଭାଗର ଦୃଷ୍ଟିକୁ ଏହା ଆସିବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଛି। ପୋତା ଯାଇଥିବା ଖୁଣ୍ଟକୁ ଉଠାଇ ନିଆଯାଇଛି । ଘଟଣା ସ୍ଥଳରେ ଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା, କାମ ନେଇଥିବା ଠିକା କମ୍ପାନୀର କର୍ମଚାରୀ, ବିଦ୍ୟୁତ୍‌ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ । ତେବେ ଖୁଣ୍ଟ ପୋତିବାକୁ ଅନୁମତି ଲାଗି ଆବେଦନ କରିବାକୁ କାମ ନେଇଥିବା ଠିକାଦାରଙ୍କୁ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପଣ୍ଡା ତାଗିଦ କରିଛନ୍ତି। ପ୍ରକ୍ରିୟା ଦେଇ ଆବେଦନ କଲେ କାମ କରିବାକୁ ମନା କରାଯିବ ନାହିଁ । କେନାଲ ବନ୍ଧ କଡ଼େ କଡ଼େ ଖୁଣ୍ଟ ପୋତିବାକୁ ଅନୁମତି ଦିଆଯିବ ବୋଲି ବିଦ୍ୟୁତ୍‌ବିଭାଗ ଅଧିକାରୀ ଓ ଠିକାଦାରଙ୍କୁ ଯନ୍ତ୍ରୀ ପଣ୍ଡା କହିଛନ୍ତି।

# କ୍ଷତିପୂରଣ ଦାବିରେ ଅନଶନ




ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ କ୍ଷତିଗ୍ରସ୍ତ ଲୋକେ ଭରଣା ପାଇ ନ ଥିବାରୁ ଅନଶନରେ ବସିଛନ୍ତି।

**ଦେବଗଡ଼,୧।୧୦(ଡି.ଏନ୍.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ ଖୁଲୁଣ୍ଡିକୁଦରରୁ ବାରକୋଟ ଛକ ପର୍ଯ୍ୟନ୍ତ ୨୩ ନଂ. ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳୁନି। ଏହାକୁ ନେଇ ଗୁରୁବାର କ୍ଷତିଗ୍ରସ୍ତ ଲୋକେ ଜିଲାପାଳଙ୍କ ଅଫିସ ଆଗରେ ଆମରଣ ଅନଶନରେ ବସିଛନ୍ତି। ୨୦୧୮ ମାର୍ଚ୍ଚ ୨୮ରୁ ପ୍ରର୍ଯ୍ୟାୟ କ୍ରମରେ ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ ବୋଲି ଅନଶନରେ ବସିଥିବା ଶ୍ରୀଚନ୍ଦ୍ର ନାଏକ, ବାଳମୁକୁନ୍ଦ ପ୍ରଧାନ, ରବି ପ୍ରଧାନ, ତଗନ କିସାନ, ସାବିତ୍ରୀ କିସାନ, ପ୍ରଦେଶୀ ପେଣ୍ଡେଇ, ଲିଙ୍ଗ ଧିବର, କୁଳମଣୀ ଜୀତ୍, ଚଇତୁ କିସାନ, ମହେଶ୍ୱର ପ୍ରଧାନ, ଝସକେତନ ସ୍ୱାଇଁ, ରାଘବ ପ୍ରଧାନ, ମହେଶ୍ୱର ସାହୁ, ଲୁଚନ ସାହୁ, ପଞ୍ଚାନନ ପ୍ରଧାନ, ଆର୍ଥାଲ ତିର୍କୀ, କରୁଣାକର କିସାନ ପ୍ରମୁଖ ଅଭିଯୋଗ କରିଛନ୍ତି।

# ପ୍ରୋତ୍ସାହନ ସାମଗ୍ରୀ ବଣ୍ଟନ ହୋଇନି, ବନ ସୁରକ୍ଷା ସମିତିର ଅସନ୍ତୋଷ

**କଣ୍ଟାବାଞ୍ଜି, ୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନରେ ୧୯ଟି ବନ ସୁରକ୍ଷା ସମିତି ଗଠନ କରାଯାଇଛି । ସମିତିର ସଭ୍ୟାସଭ୍ୟଙ୍କୁ ଉତ୍ସାହିତ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଦରି, ଚାନ୍ଦୁଆ, ବାସନ କୁସନ, ଟର୍ଚ୍ଚ ଲାଇଟ ଆଦି ଯୋଗାଇ ଦିଆଯାଇଥାଏ । ହେଲେ ଚଳିତ ବର୍ଷ ଏହି ସବୁ ସାମଗ୍ରୀ ଆସିଥିଲେ ମଧ ବଣ୍ଟନ କରାଯାଇନାହିଁ। ୫ ମାସ ହେଲା ତାହା ବଣ୍ଟା ନ ଯାଇ ରେଞ୍ଜ ଅଫିସ ଭିତରେ ଗଦା ହୋଇରହିଛି। ଏ ନେଇ ରେଞ୍ଜ ଅଫିସର ଶ୍ରାଦ୍ଧଦେବ ବଡମାଳିଙ୍କୁ ଯୋଗାଯୋଗ କରିବାରୁ ସେ ଫରେଷ୍ଟରମାନଙ୍କୁ ବଣ୍ଟନ କରିବାକୁ କହିଥିବା କହିଛନ୍ତି।

# ମରାମତି ହେଉନି ପୋଲ, ଯାତାୟାତ ବାଧାପ୍ରାପ୍ତ

**ଲୋଇସିଂହା,୧।୧୦(ଡି.ଏନ.ଏ.)**



ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ହାଇସ୍କୁଲ ରାସ୍ତା ଦେଇ ସାନଟିକା ଗ୍ରାମକୁ ଏକ ମାଟି ରାସ୍ତା ସଂଯୋଗ ହୋଇଛି । ଏହି ରାସ୍ତାରେ ଥିବା ଏକ ପୋଲ(ଘନପୋଲ) ଶୋଚନୀୟ ଅବସ୍ଥାରେ ରହିଛି । ୬୦ବର୍ଷ ତଳେ ଗାଁର ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଉଦ୍ୟମରେ ନିର୍ମିତ ଏହି ପୋଲରେ ଏବେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ଲଗାଣ ବର୍ଷା ପରେ ଅବସ୍ଥା ସଙ୍ଗିନ ହୋଇଯାଇଛି। ଏହି ପୋଲର ଉନ୍ନତୀକରଣ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନାହିଁ । ନଅଗାଁ(ଖ) ପଞ୍ଚାୟତ ଅଧୀନରେ ଆସୁଥିବା ଏହି ରାସ୍ତାର ଉନ୍ନତୀକରଣ ପାଇଁ ଦାବି ହେଉଛି।

# ନାଁ ଲେଖାଇବାକୁ ଛାତ୍ରୀଙ୍କୁ ସହାୟତା

**ଜୁନାଗଡ,୧।୧୦(ଡି.ଏନ୍.ଏ.)**

ଭବାନୀପାଟଣା ସଦର ବ୍ଲକ ଅଧୀନ କୁତ୍ରୁଖମାର ଗାଁର ଶାନ୍ତି ଗହୀରଙ୍କୁ କଳାହାଣ୍ଡି ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଖୁସି ଚାରିଟେବୁଲ ଟ୍ରଷ୍ଟ ସହାୟତାର ହାତ ବଢାଇଛି। ଚଳିତ ବର୍ଷ ମାଟ୍ରିକ ପାଶ୍ କରିଥିବା ଶାନ୍ତିଙ୍କ ଯୁକ୍ତ ୨ରେ ନାଁ ଲେଖାଇବା ପାଇଁ ଆର୍ଥିକ ସହାୟତା କରାଯାଇଛି। ଶାନ୍ତିଙ୍କ ବାପା ଈଶ୍ୱର ଗହୀର ୧୦ବର୍ଷ ହେଲା ଆର ପାରିରେ। ବାପାଙ୍କ ମୃତ୍ୟୁ ପରେ ମା’ ସରସ୍ୱତୀ ଗହୀର ପର ଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ଶାନ୍ତି ଚଳିତ ବର୍ଷ ମାଟ୍ରିକ ପାସ୍ କରି କଲେଜରେ ନାଁ ଲେଖାଇବା ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। କିନ୍ତୁ ଆର୍ଥିକ ଅଭାବ ପାଚେରି ହୋଇ ଠିଆ ହୋଇଥିଲା। ଏହି ଖବର ପାଇ ଖୁସି ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଯଶୋବନ୍ତ ରଣା ଓ କୋଷାଧ୍ୟକ୍ଷ ବଳଭଦ୍ର ନାଏକ କୁତ୍ରୁଖମାର ଗାଁକୁ ଯାଇ ଶାନ୍ତିଙ୍କ ଘରେ ପହଞ୍ଚିଥିଲେ। ସମସ୍ୟା ବୁଝିବା ପରେ ନାମ ଲେଖାଇବା ପାଇଁ ସହଯୋଗ କରାଯିବ ବୋଲି ଶାନ୍ତିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ଟ୍ରଷ୍ଟ ପକ୍ଷରୁ ଜୁନାଗଡ ସହର ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ଶାନ୍ତିଙ୍କ ଯୁକ୍ତ-୨ରେ ନାଁ ଲେଖା ଯାଇଛି। ଏହି ସମୟରେ ଟ୍ରଷ୍ଟର ଉପଦେଷ୍ଟା ବୁବୁନ ହରି ପଧାନ, ଉପସଭାପତି ପ୍ରବୀଣ ସାଏ, ଯୁବ ସାମାଜିକ କର୍ମୀ ଅର୍ଜୁନ ବାଗ, ମୋହନ ଗହୀର, କଲେଜର ଅଧ୍ୟକ୍ଷ ବିଭୁତି ଭୂଷଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ନାଁ ଲେଖାଇବା ଅବସରରେ ଶାନ୍ତିଙ୍କ ସହ ଖୁସି ଟ୍ରଷ୍ଟର କର୍ମକର୍ତ୍ତା ଓ କଲେଜ ଅଧ୍ୟକ୍ଷ।

# ଆଜିଠୁ ଇନ୍ଦ୍ରାବତୀର ବିଦ୍ୟୁତ୍ ପାଇବେ କଳାହାଣ୍ଡିବାସୀ

**ଭବାନୀପାଟଣା,୧।୧୦(ସ୍ୱ.ପ୍ର.)**



ଲୋକାର୍ପଣ ହେବାକୁ ଥିବାକୁ ବାନେର ନୂଆ ଗ୍ରୀଡ୍‌ରେ ବ୍ୟବସ୍ଥା ନେଇ ତଦାରଖ କରିବା ଅବସରରେ ଅଧିକାରୀ ଓ କର୍ମଚାରୀଙ୍କ ସହ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ।

କଳାହାଣ୍ଡି ଜିଲାର ଜୟପାଟଣା ବ୍ଲକ୍ ମୁଖିଗୁଡାସ୍ଥିତ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନର ୨୧ବର୍ଷ ପରେ ଶୁକ୍ରବାରଠାରୁ କଳାହାଣ୍ଡିବାସୀ ବିଦ୍ୟୁତ୍ ପାଇବେ। ବାନେରସ୍ଥିତ ଗ୍ରୀଡ୍‌କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଲୋକାର୍ପଣ କରିବେ।

ଇନ୍ଦ୍ରାବତୀ ପ୍ରକଳ୍ପରୁ ରାୟଗଡ଼ା ଜିଲାର ଥେରୁବାଲି ଗ୍ରୀଡ୍‌କୁ ୧୩୨କେଭିରେ ବିଦ୍ୟୁତ୍ ପରିବହନ ହେଉଥିଲା। ସେଠାରୁ ବିଦ୍ୟୁତ୍ ଆସିବା ପରେ ଜିଲାବାସୀ ବିଦ୍ୟୁତ୍ ପାଉଥିଲେ। ବର୍ତ୍ତମାନ ଜୟପାଟଣା ବ୍ଲକର ବାନେର ଗ୍ରୀଡଠାରେ ୨୨୦/୧୩୨/୩୩ କେଭି ଗ୍ରୀଡକୁ ଉନ୍ନୀତ କରଯାଇ ଲଡୁଗାଁ ଓ ବଡକୁଟ୍ରୁରୁ ୩୩କେଭି ଲାଇନରେ ବିଦ୍ୟୁତ୍ ପ୍ରଦାନ କରାଯିବ। ଏହାଦ୍ୱାରା କୋକସରା ବ୍ଲକର ଲଡୁଗାଁ ସବ୍‌ଷ୍ଟେଶନର ୫୧ଟି ଗାଁ ଓ ଜୟପାଟଣା ବ୍ଲକର ୨୫ଟି ଗାଁର ସମୁଦାୟ ୧୬ହଜାର ଉପଭୋକ୍ତା ବିଦ୍ୟୁତ୍ ପାଇବେ। ସେହିପରି ବାନେର ବଡକୁଟ୍ରୁ ସବ୍‌ଷ୍ଟେଶନ ମାଧ୍ୟମରେ ଜୟପାଟଣା ବ୍ଲକର ୨୬ଟି ଗାଁ ଓ କଲମପୁର ବ୍ଲକର ୧୮ଟି ଗାଁର ସମୁଦାୟ ୧୧ହଜାର ବିଦ୍ୟୁତ୍‌ଗ୍ରାହକ ଉପକୃତ ହେବେ। ଇନ୍ଦ୍ରାବତୀ ପ୍ରକଳ୍ପରୁ ୧୯୯୯ରେ ପ୍ରଥମ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହୋଇଥିଲା। ସେ ସମୟରେ ୪ଟି ଟର୍‌ବାଇନ ଯୋଗେ ୬ଶହ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହୋଇଥିଲା। ଏହି ପାୱାର ଗ୍ରୀଡ୍ ଜରିଆରେ ଓଡିଶାର ଭୁବନେଶ୍ୱର, ଭଞ୍ଜନଗର, ନରେନ୍ଦ୍ରପୁର, ଥେରୁବାଲି ଆଦି ୪ଟି ସର୍କିଟକୁ ବର୍ତ୍ତମାନ ବିଦ୍ୟୁତ୍ ପରିବହନ ହେଉଛି। ତେବେ ଥେରୁବାଲିରୁ କଳାହାଣ୍ଡିକୁ ବିଦ୍ୟୁତ୍ ଆସିବା ଦ୍ୱାରା ବାରମ୍ବାର ବିଦ୍ୟୁତ୍ କାଟ୍ ଓ ଲୋ ଭୋଲଟେଜ ସମସ୍ୟା ଉପୁଜୁଥିଲା। ଶୁକ୍ରବାରଠାରୁ କଳାହାଣ୍ଡିବାସୀ ପ୍ରଥମଥର ପାଇଁ ଇନ୍ଦ୍ରାବତୀ ପ୍ରକଳ୍ପରୁ ସିଧାସଳଖ ୨୨୦ କେଭି ବିଦ୍ୟୁତ୍ ସେବା ପାଇପାରିବେ। ଏହି ସେବା ଯୋଗୁ ୨ଟି ମେଗା ଲିଫ୍ଟ ପଏଣ୍ଟକୁ ମଧ ବିଦ୍ୟୁତ୍ ସଂଯୋଗ ହୋଇପାରିବ। ଏହାଦ୍ୱାରା କୃଷି, ଜଳସେଚନ ଓ ଆନୁଷଙ୍ଗିକ କ୍ଷେତ୍ରର କାର୍ଯ୍ୟକ୍ରମ ବୃଦ୍ଧିପାଇବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ଗୁରୁବାର ବାନେର ଗ୍ରୀଡ୍‌ରେ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ପହଞ୍ଚି ସେଠାରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କଳାହାଣ୍ଡିର ଗଙ୍ଗା ହେଉଛି ଇନ୍ଦ୍ରାବତୀ। କଳାହାଣ୍ଡି ଆଦୌ ଭୋକର ଭୂଗୋଳ ନୁହେଁ। ସବୁଜ ସଫଳ କଳାହାଣ୍ଡି ଏବେ ଆଲୋକିତ ହେବ। ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଜିଲାର ଲୋକେ ବିଦ୍ୟୁତ୍ ପାଇବେ। ଏହା ଦ୍ୱାରା କଳାହାଣ୍ଡି ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡିହେବ।

**ବାନେର ଗ୍ରୀଡ୍‌ର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ**

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଆହତ

ବରଗଡ଼ ଅଫିସ୍,୧।୧୦: ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ଶମ୍ବରଧରା ରାସ୍ତାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଯୋଗୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଆରୋହୀ ଜଣକ ହେଲେ ଅମ୍ବାଭୋନା ଥାନା ମୁଣ୍ଡକଟି ଗ୍ରାମର ସହଦେବ ଭୋଇ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଅନ୍ୟ ୩ ବାଇକ୍ ଆରୋହୀ ଆହତ ହୋଇଛନ୍ତି । ସେମାନେ ହେଲେ ଗଙ୍ଗେଇ ଗ୍ରାମର ସୁନୁ ଖଡ଼ିଆ, ଭଟଲି ଗ୍ରାମର ଯୋଗେଶ୍ୱର ସାହୁ ଓ ତପନ ନାଏକ। ସେମାନଙ୍କୁ ଚିକିତ୍ସା ପାଇଁ ବରଗଡ଼ ଡାକ୍ତରଖାନା ପଠାଯାଇଛି।ଃ ସୂଚନା ଅନୁଯାୟୀ, ଉପରୋକ୍ତ ୪ବାଇକ୍ ଆରୋହୀ ଦୁଇଟି ବାଇକ୍‌ରେ ଆସୁଥିବା ସମୟରେ ଶମ୍ବରଧରା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଅମ୍ବାଭୋନା ଦମକଳ କେନ୍ଦ୍ରର ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଅମ୍ବାଭୋନା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ନ ଥିବା ଯୋଗୁ ପରେ ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସହଦେବଙ୍କ ମୃତ୍ୟୁ ହୋଇଥିଲା ।

### ସଡକ ଦୁର୍ଘଟଣାରେ ଯୁବକ ଗୁରୁତର

ସୋନପୁର,୧।୧୦(ନି.ପ୍ର.)- ସୋନପୁର-ସମ୍ବଲପୁର ରାସ୍ତାର ଉଲୁଣ୍ଡା ଥାନା ମାଟୁପାଲି ନିକଟରେ ବୁଧବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡି ଧକ୍କାରେ ଜଣେ ମାନସିକ ବିକାର ଗ୍ରସ୍ତ ଯୁବକ ଗୁରୁତର ଆହତ ହୋଇ ରାସ୍ତା ପାର୍ଶ୍ୱରେ ପଡିଥିଲେ । ଉଲୁଣ୍ଡା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଯୁବକଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଗୁରୁବାର ଯୁବକଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅରୁଣ କୁଲିହା, ଶମ୍ଭୁରାଜ କର୍ଣ୍ଣ ଓ ସୋମନାଥ ମଲ୍ଲିକ ଏବଂ ସୋନପୁର ବୁଢାରାଜା ଯୁବକ ସଂଘର କର୍ମକର୍ତ୍ତା ସହାୟତା ଯୋଗାଇ ଦେଇଛନ୍ତି । ଯୁବକଙ୍କ ପ୍ରକୃତ ପରିଚୟ ମିଳି ନ ଥିବା ବେଳେ ତାଙ୍କ ଘର ବରଗଡ ଜିଲା ବିଜେପୁର ଅଞ୍ଚଳର ବୋଲି ଜଣାପଡିଛି ।

### ଜ୍ୟୋତିର୍ବିଦ ଦାମୋଦର ହୋତାଙ୍କ ପରଲୋକ

ସୋନପୁର,୧।୧୦(ନି.ପ୍ର.): ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ତଥା ସୋନପୁର ସହରର ଜଣାଶୁଣା ଜ୍ୟୋତିଷ



ପଣ୍ଡିତ ଦାମୋଦର ହୋତାଙ୍କ ଗୁରୁବାର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା । ବ୍ଲଡ ସୁଗାର ହଠାତ୍ ବଢ଼ିଯିବାରୁ ସେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ବୁର୍ଲା ଡାକ୍ତରଖାନା ନେବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ପଣ୍ଡିତ ହୋତା ଜଣେ ସରଳ, ଅମାୟିକ, ଛାତ୍ର ବତ୍ସଳ ଆଦର୍ଶ ଶିକ୍ଷକ ଭାବେ ସମସ୍ତଙ୍କ ପ୍ରିୟ ଥିଲେ । ସେ ଖଲିଆପାଲି ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଘରୋଇ ଭାବେ ଉଚ୍ଚ ଶିକ୍ଷା ଲାଭ ପରେ ବଲାଙ୍ଗୀର ପିଆର ହାଇସ୍କୁଲ, ଟିଟିଲାଗଡ ହାଇସ୍କୁଲ, ସୋନପୁର ସିଟି ସ୍କୁଲ ଓ ମହାରାଜା ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ଭାବେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ । ସେ ସଂସ୍କୃତ ସାହିତ୍ୟରେ ଏମ୍‌ଏ, କର୍ମକାଣ୍ଡ, ଜ୍ୟୋତିଷ, ଆୟୁର୍ବେଦ ଓ କୋବିଦ ଆଦି ଅଧ୍ୟୟନ କରିବା ସହିତ ବେଦ, ବେଦାନ୍ତ ଉପନିଷଦରେ ତାଙ୍କର ବେଶ ପାଣ୍ଡିତ୍ୟ ଥିଲା । ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡିକ ହେଲା ଶ୍ରୀକୃଷ୍ଣ ଭଜନ, ନାରଦ ଭକ୍ତସୂତ୍ର, ଶ୍ରୀ ଶ୍ରୀ ଶିକ୍ଷାଷ୍ଟକ, ଶ୍ରୀକୃଷ୍ଣ ସ୍ତୋତ୍ରାଣୀ(ସଂସ୍କୃତ), ଯୁଗଳ ଗୀତମ, ବେଦ ସ୍ତୁତି(ଓଡିଆ ଅନୁବାଦ), ଅଦ୍ୱୈୟ ସିଦ୍ଧି, ଚତୁଶ୍ଳୋକୀ ଭାଗବତ ଓ ଭାଗବତାମୃତାକଣା । ପଣ୍ଡିତ ହୋତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସୋନପୁରରେ ଶୋକର ଛାୟା ଖେଳିଯାଇଛି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପୁରାତନ ଛାତ୍ର ତାଙ୍କ ପ୍ୟାଲେସ ଗାର୍ଡେନସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ । ରାମେଶ୍ୱର ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ଧାନ ଫସଲରେ ରୋଗପୋକ

ଅମରପାଲି, ୧।୧୦(ଡି.ଏନ.ଏ.)

**ବୀରମହାରାଜପୁର ବ୍ଲକ**
- ପଞ୍ଜୀକୃତ ଚାଷୀ ରିହାତିରେ ପାଇବେ କୀଟନାଶକ: କୃଷି ଅଧିକାରୀ
- ସମସ୍ତ ଚାଷୀଙ୍କୁ ରିହାତି ମୂଲ୍ୟରେ ମିଳୁ କୀଟନାଶକ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଧାନଚାଷୀ ଏବେ ଚିନ୍ତାରେ। ୟୁରିଆ ସାର ଅଭାବଜନିତ ସମସ୍ୟାର ସମ୍ମୁଖୀନ ହେବା ପରେ ଏବେ ଫସଲରେ ରୋଗପୋକର ପ୍ରାଦୁର୍ଭାବ ଚାଷୀଙ୍କୁ ହତାଶ ମଧ୍ୟକୁ ଟାଣି ନେଇଛି। ଏବେ ଧାନ କ୍ଷୀର ଢୋକିବା ସମୟରେ ମହିଷା, ପତ୍ରପୋଡା, ପାନରୀ ଆଦି ରୋଗପୋକ ଯୋଗୁ ଫସଲ ବ୍ୟାପକଭାବେ ନଷ୍ଟ ହେଉଛି। ଚାଷୀଙ୍କ ଅଭିଯୋଗ ନା ମିଳୁଛି କୀଟନାଶକ, ନା ଏହାର ପ୍ରତିକାର ପାଇଁ ପରାମର୍ଶ ।

କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବୀରମହାରାଜପୁର ବ୍ଲକରେ ଚଳିତ ବର୍ଷ ୧୪ହଜାର ୬୬୫ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଏଥିମଧ୍ୟରୁ ୭ ହଜାର ୬୦୮ ହେକ୍ଟର ଜମି ଜଳସେଚିତ ହୋଇଥିବା ବେଳେ ୭ ହଜାର ୭ ହେକ୍ଟର ଜମି ଅଣଜଳସେଚିତ। ଅଞ୍ଚଳରେ କେବେ ଅନାବୃଷ୍ଟି ତ କେବେ ଅସମୟରେ ବର୍ଷା, ହାତୀ ଉପଦ୍ରବ ଯୋଗୁ ଚାଷୀ ଭଲ ଫସଲ ପାଇ ନ ଥାଏ । ମାତ୍ର ଚଳିତ ବର୍ଷ ବିଳମ୍ବରେ ହେଲେ ମଧ୍ୟ ଭଲ ବର୍ଷା ଯୋଗୁ ସମଗ୍ର ବୀରମହାରାଜପୁର ଅଞ୍ଚଳରେ ଧାନଚାଷ ଭଲ ହୋଇଥିଲା। ଅଧିକ ଦାମ୍ ଦେଇ ୟୁରିଆ ସାର କିଣି ଜମିରେ ଦେଇଥିଲା ଚାଷୀ। ଏବେ ଧାନ ଫସଲରେ କ୍ଷୀର ଢୋକିବା ସମୟ। ଏହି ସମୟରେ ଚାଷ ଜମିରେ ମହିଷା, ପତ୍ରପୋଡା, ପାନରୀ ଆଦି ରୋଗପୋକ ଯୋଗୁ ଅମରପାଲି, ଖଣ୍ଡହତା, ଲୁତୁରପଙ୍କ, ସୁବଳୟା, କେଞ୍ଜିରିଆପାଲି, ମୁର୍ଷୁଣ୍ଡୀ, ଜଟେସିଂହା, କମିରା, ପିତାମହୁଲ, ବାଗବର,



ରୋଗପୋକ ଲାଗିଥିବା ନିଜ ଜମିରେ ଜଣେ ଯୁବଚାଷୀ ।

ଉଫୁଲା, ହିଲୁଙ୍ଗ, ଚମ୍ପାମାଲ ଆଦି ଅଞ୍ଚଳର ହେକ୍ଟର ହେକ୍ଟର ଧାନ ଫସଲ ନଷ୍ଟ ହେବାକୁ ବସିଲାଣି। ସଙ୍କଟର ଏହି ପରିସ୍ଥିତିରେ ଚାଷୀ ପାଇ ପାରୁନି କୀଟନାଶକ। ରୋଗ ନିରାକରଣ ପାଇଁ ଚାଷୀଙ୍କୁ ପରାମର୍ଶ ଦେବାକୁ ଦେଖାଯାଉ ନାହାନ୍ତି କୃଷି ବିଭାଗ ଅଧିକାରୀ। ଏନେଇ ବୀରମହାରାଜପୁର ସହକାରୀ କୃଷି ଅଧିକାରୀ କାଳିନ୍ଦୀ ପରିଡାଙ୍କୁ ପଚାରିବାରୁ ଯେଉଁ କ୍ଷୁଦ୍ର ଚାଷୀମାନେ ପଞ୍ଜୀକୃତ ହୋଇଛନ୍ତି ସେମାନଙ୍କୁ ଏକ ହେକ୍ଟର ପାଇଁ ସର୍ବାଧିକ ୫ଶହ ଟଙ୍କା ପର୍ଯ୍ୟନ୍ତ ୫୦ ପ୍ରତିଶତ ରିହାତିରେ କୀଟନାଶକ ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ବୀରମହାରାଜପୁରକୁ କୀଟନାଶକ ପାଇଁ ପ୍ରଥମ ପର୍ଯ୍ୟାୟରେ ୮୭ ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୧ଲକ୍ଷ ଓ ତୃତୀୟ ପର୍ଯ୍ୟାୟରେ ୮୩ ହଜାର ଟଙ୍କାର ସହାୟତା ଆସିଛି। ରୋଗପୋକରୁ ଫସଲକୁ ବଞ୍ଚାଇବା ପାଇଁ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଉଛି ବୋଲି ସେ କହିଛନ୍ତି। କେବଳ ପଞ୍ଜୀକୃତ ନୁହେଁ ଅଞ୍ଚଳର ସମସ୍ତ ଚାଷୀଙ୍କୁ ରିହାତି ମୂଲ୍ୟରେ କୀଟନାଶକ ପ୍ରଦାନ ସହିତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

### ଧାନକ୍ଷେତ ବୁଲି ଦେଖିଲା କୃଷି ବିଭାଗ ଟିମ୍

ସମ୍ବଲପୁର,୧।୧୦ (ବ୍ୟୁରୋ)- ସମ୍ବଲପୁର ଜିଲାରେ ଲଘୁଚାପ ବର୍ଷା ଯୋଗୁଁ ପାଣିପାଗ ପରିବର୍ତ୍ତନ ହୋଇଛି । ଏଣୁ ଧାନ ଫସଲରେ ରୋଗପୋକ ହୋଇଥିବା ନେଇ ବିଭିନ୍ନ ସ୍ଥାନରେ ଚାଷୀମାନେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପରେ କୃଷି ବିଭାଗ କ୍ଷେତ୍ର ପରିଦର୍ଶନ କରିଛି। ଗୋଟିଏ ଟିମ୍ ଟିପିଲିମା, କର୍ଡୋଲା, ବସନ୍ତପୁର, ଚାଉଁରପୁର, କଟାପାଲି ଅଞ୍ଚଳ ବୁଲିଛନ୍ତି। ଅନ୍ୟ ଟିମ୍‌ଟି ମାନେଶ୍ୱର, ଧମା, ବରଗାଁ, ବଟେମୁରା, ସାହାସପୁର ପ୍ରଭୃତି ଅଞ୍ଚଳର ଧାନ ବିଲ ବୁଲି ଚାଷୀମାନଙ୍କୁ ଭେଟିଛି। ତେବେ ନଳିପୋକ ଯୋଗୁ ଫସଲ ନଷ୍ଟ ହୋଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ରାୟ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ଧାନ ଫସଲରେ ଅନ୍ୟ କୌଣସି ରୋଗପୋକ ଆକ୍ରାନ୍ତ କରିନାହାନ୍ତି । ହେଲେ କୃଷି ବିଭାଗ ପକ୍ଷରୁ ସମସ୍ତ କର୍ମଚାରୀମାନଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଚାଷୀମାନଙ୍କ ସହ ଆଲୋଚନା କରି ଉପଯୁକ୍ତ କୀଟନାଶକ ଔଷଧ ସିଞ୍ଚନ କରିବାକୁ ପରାମର୍ଶ ଦେବାକୁ ମଧ୍ୟ କୁହାଯାଇଛି । ଜଳସେଚିତ ଓ ଅଣଜଳସେଚିତ ଜମିରେ ଏବେ ଫସଲର ସ୍ଥିତି ଠିକ୍ ରହିଛି । ଯଦି ପାଣିପାଗରେ ବିଶେଷ ପରିବର୍ତ୍ତନ ନ ହୁଏ, ରୋଗପୋକକୁ ଏଡାଇ ଦିଆଯାଇପାରେ ବୋଲି କହିଛନ୍ତି।

## ରାସ୍ତା ନିର୍ମାଣ ଦାବିରେ ଆମରଣ ଅନଶନ



ବଳମ-ଲଇମୁରା (ଭାୟା ଟୁସୁଳା) ରାସ୍ତା ନିର୍ମାଣ ଦାବିରେ ଜିଲା କୃଷକ ସଂଘର୍ଷ ସଂଘ କର୍ମକର୍ତ୍ତା ଅନଶନରେ ବସିଛନ୍ତି।

ଦେବଗଡ଼,୧।୧୦(ଡି.ଏନ୍.ଏ.)

ବଳମ-ଲଇମୁରା (ଭାୟା ଟୁସୁଳା) ରାସ୍ତା ନିର୍ମାଣ ଦାବିରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଗୁରୁବାର ଆମରଣ ଅନଶନ ଆରମ୍ଭ ହୋଇଛି। ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ୍ ହେମ୍ବ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ବିରଞ୍ଚି ନାରାୟଣ ଭୋଇ, ଚେଣ୍ଡାଳ ଜାଲ, ରିତ ପ୍ରଧାନ, କରୁଣାକର ପେଣ୍ଠେଇ ଓ ପଦ୍ମଲୋଚନ ଭୋଇ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।

ଏହି ରାସ୍ତା ନିର୍ମାଣ କରିବାକୁ ଜିଲା କୃଷକ ସଂଘର୍ଷ ସଂଘ ଅଗଷ୍ଟ ୭ ତାରିଖରେ ଦେବଗଡ ପୂର୍ତ୍ତ ବିଭାଗ ନିକଟରେ ଲିଖିତ ଦାବି କରିଥିଲା। ୧୫ ଦିନ ମଧ୍ୟରେ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବାରୁ ଅଗଷ୍ଟ ୩୧ ତାରିଖରେ ଦେବଗଡ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେପ୍ଟେମ୍ବର ୩୦ ତାରିଖ ଭିତରେ ଯଦି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହୁଏ ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ଆମରଣ ଅନଶନ କରାଯିବ ବୋଲି ଉକ୍ତ ଦାବିପତ୍ର ଜରିଆରେ ଲିଖିତ ଚେତାବନୀ ଦିଆଯାଇଥିଲା। ସେହି ଅନୁସାରେ ରାସ୍ତା ନିର୍ମାଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶେଷରେ ଏହି ଆମରଣ ଅନଶନ ଆରମ୍ଭ ହୋଇଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ସମ୍ପୃକ୍ତ ଅଞ୍ଚଳର ଲୋକେ ଅନଶନସ୍ଥଳକୁ ଆସି ସମର୍ଥନ ଜଣାଇଥିଲେ। ଜିଲା ପ୍ରଶାସନ କିମ୍ବା ପୂର୍ତ୍ତ ବିଭାଗର କୌଣସି ଅଧିକାରୀ କିନ୍ତୁ ଆସି ନ ଥିବା ଅନଶନକାରୀ କହିଛନ୍ତି।

### ସୁବର୍ଣ୍ଣପୁର ସହର ସମସ୍ୟା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

ସୋନପୁର,୧।୧୦(ନି.ପ୍ର.)

ସୁବର୍ଣ୍ଣପୁର ସହରର ବିଭିନ୍ନ ସମସ୍ୟା ନେଇ ଭାଜପା ପକ୍ଷରୁ ଜିଲାପାଳ ତଥା ପୌର ପରିଷଦର ପ୍ରଶାସନିକ ଅଧିକାରୀ ମୋନିଷା ବାନାର୍ଜୀଙ୍କୁ ଗୁରୁବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ପୌର ପ୍ରଶାସନ ପକ୍ଷରୁ ଦୋକାନ ଗୃହ ଆବଣ୍ଟନ ପାଇଁ ଯେଉଁ ନୀତି ନିର୍ଦ୍ଧାରଣ କରାଯାଇଛି ସେଥିରେ ଗରିବ ଓ ମଧ୍ୟବିତ୍ତ ପରିବାରର ଲୋକ ଅଂଶଗ୍ରହଣ କରିପାରିବେ ନାହିଁ। ତେଣୁ ବେକାର ଯୁବତୀଯୁବକ କ୍ଷତିଗ୍ରସ୍ତ ହେବେ। ବର୍ଦ୍ଧିତ ଦର ପ୍ରତ୍ୟାହାର ସହ ୧୦ବର୍ଷରୁ ଉର୍ଦ୍ଧ୍ୱ ନିର୍ମିତ ହୋଇ ଆବଣ୍ଟିତ ହୋଇ ନ ଥିବା ଦୋକାନ ଘରକୁ ବଣ୍ଟନ ପାଇଁ ଦଳ ଦାବି କରିଛି । ସେହିପରି ପାଣି ପାଇପ୍ ବିଛାଇବା ପାଇଁ ସହରର ସମସ୍ତ ରାସ୍ତାକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଳି ଦିଆ ଯାଇଥିବା ବେଳେ ରାସ୍ତା ମରାମତି କରାଯାଉନି। ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ବି ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ପରିଷଦ ନାମରେ ରେକର୍ଡ ଥିବା କୋଟି କୋଟି ଟଙ୍କାର ମୂଲ୍ୟବାନ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ଏହିସବୁ ଜମିକୁ ଜବରଦଖଲ ମୁକ୍ତ ପାଇଁ ଭାଜପା ଦାବି କରିଛି । ଦଳର ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜଗଜ୍ୟୋତି ତ୍ରିପାଠୀ, ପ୍ରଫୁଲ୍ଲ କୁମାର ସାହୁ, ଗଣେଶ ସାହୁ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଦେବାଶିଷ ପୂଜାରୀ, ଅନନ୍ତ ମିଶ୍ର ପ୍ରମୁଖ ଇଓ ସୂର୍ଯ୍ୟାଂଶୁ ରୁଟ୍‌ଙ୍କ ଜରିଆରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ରାସ୍ତା ମରଣଯନ୍ତା: ଦୁର୍ଘଟଣା ଭୟ କରୁଛି ଆତଙ୍କିତ

ବିନିକା,୧।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା-ଏସ୍.ରାମପୁର ସଂଲଗ୍ନ ଏମ୍‌ଡିଆର୍ ୩୯ ନମ୍ବର ମୁଖ୍ୟରାସ୍ତା ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ ଅସଂଖ୍ୟ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ଲୋକେ ଏହି ରାସ୍ତା ଦେଇ ଆତଙ୍କିତ ଅବସ୍ଥାରେ ଯିବା ଆସିବା କରୁଛନ୍ତି ।

ପ୍ରକାଶ ଯେ, ବିନିକା-ଏସ୍.ରାମପୁର ମୁଖ୍ୟରାସ୍ତାର ଜାମପାଲି ଛକ , ସିଂଘିଯୁବା ନଳିଆ ବ୍ରିଜ ପୋଲ ରାସ୍ତା , କମିରା ଛକ ଏବଂ ବିଶାଳପାଳି ଛକରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଖାଲଖମାରେ ଅସରାଏ ବର୍ଷା ହେଲେ ଦିନ ଦିନ ଧରି ପାଣି ଜମି ରହୁଥିବାରୁ ଯାତାୟତ କରିବା କଷ୍ଟକର ହୋଇପଡିଛି। ଏହି ରାସ୍ତା ପିଡବ୍ଲ୍ୟୁଡି ବିଭାଗ ଅଧୀନରେ ରହିଛି। ରାସ୍ତା ଦୁରାବସ୍ଥା ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ହେଁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ । ଫଳରେ ରାସ୍ତାରେ ଛୋଟ ବଡ ଦୁର୍ଘଟଣା ଘଟିଚାଲିଛି । ଜାମପାଲି ଛକଠାରେ ଚା' ଦୋକାନ କରିଥିବା ସୁଶୀଳ କର୍ମୀ କୁହନ୍ତି, ଜାମପାଲି ଛକ ମୁଖ୍ୟରାସ୍ତା ଦେଇ ରାତିରେ ଯିବାଆସିବା କରିବା ବିପଦପୂର୍ଣ୍ଣ ହୋଇପଡିଛି। ଦିନବେଳା ବି ରାସ୍ତାରେ ଥିବା ଖାଲଖମାଗୁଡିକୁ ଲୋକେ ଅନୁମାନ କରି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ସିଂଘିଯୁବା ଗ୍ରାମର କାର୍ତ୍ତିକ ରାୟ କୁହନ୍ତି ଯେ, ପିଡବ୍ଲ୍ୟୁଡି ବିଭାଗ ସବୁଜାଣି ମଧ୍ୟ ନୀରବ ରହୁଛି । ବିଶାଳପାଳି ଛକର ଚା ଦୋକାନୀ ସତ୍ୟବାନ ପଧାନ କୁହନ୍ତି , ମରାମତି ଅଭାବରୁ ସୃଷ୍ଟି ହୋଇଥିବା ଖାଲଖମା ଯାତ୍ରା କରିବା ବେଳେ ମନରେ ଭୟ ସୃଷ୍ଟି କରୁଛି । ବିଶାଳପାଳି ଛକ ପାଖରେ ଅନେକ ଛୋଟ ବଡ ଦୁର୍ଘଟଣା ଘଟିଲାଣି । ତୁରନ୍ତ ଏହି ରାସ୍ତାର ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



ବିନିକା ବ୍ଲକ ଜାମପାଲି ଛକ ନିକଟରେ ହୋଇଥିବା ଖାଲଖମା ।

## ୧୬ ପୋଲିସ କର୍ମଚାରୀଙ୍କ ପ୍ଲାଜ୍‌ମା ଦାନ

ଭବାନୀପାଟଣା,୧।୧୦(ଡି.ଏନ.ଏ.)

କରୋନା ସଂକ୍ରମଣରୁ ମୁକ୍ତି ପାଇଥିବା କଳାହାଣ୍ଡି ଜିଲାର ୧୬ ଜଣ ପୋଲିସ କର୍ମଚାରୀ କଟକ ଏସ୍‌ସିବିରେ ପ୍ଲାଜମା ଦାନ କରିଛନ୍ତି। ସେମାନେ କରୋନା ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଗୁରୁତର ରୋଗୀଙ୍କୁ ପ୍ଲାଜମା ଦାନ କରିଥିବା ଜଣାପଡିଛି। ଜିଲାରେ ବହୁ ଆଗଧାଡିର କରୋନା ଯୋଦ୍ଧା (ପୋଲିସ କର୍ମଚାରୀ) ଓ ତାଙ୍କ ପରିବାର କରୋନାରେ ଆକ୍ରାନ୍ତ ହୋଇଥିଲେ। ସେମାନେ ସୁସ୍ଥ ହେବା ପରେ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ କରୋନା ସଚେତନତା ପାଇଁ କାର୍ଯ୍ୟ କରି ଆସୁଛନ୍ତି। ଏହି କ୍ରମରେ ଜିଲାର ୧୬ ପୋଲିସ ଓ ହୋମଗାର୍ଡ କର୍ମଚାରୀ ଜିତେନ୍ଦ୍ର ସେନାପତି, ଚୁପାମଣି ସା, ଧର୍ମେନ୍ଦ୍ର ପଟେଲ, ପ୍ରତାପ ମାଝି , ଶିବଶଙ୍କର ମାଝି, ଅଜିତ ନାଏକ, ପୂର୍ଣ୍ଣେନ୍ଦୁ କୁମାର, ମଳୟ ନାଏକ, ଟଙ୍କଧର ଛତ୍ରିଆ, ରାଧାକାନ୍ତ ପାତ୍ର, ଶଙ୍କର ଲାଲ ବାଗ, ପ୍ରକାଶ ବେହେରା, ଅକବର ଖାଁ, କାଳିଆ ଦଣ୍ଡସେନା, ଭୁବନ ସୁନାନୀ ଏବଂ ସୌମ୍ୟ ନାଏକ ପ୍ରମୁଖ ଏସ୍‌ସିବିରେ ପ୍ଲାଜମା ଦାନ କରିଥିବା ଜିଲା ଏସ୍‌ପି ସୂଚନା ଦେଇଛନ୍ତି।

## ୨ ଶିଶୁପୁତ୍ରଙ୍କ ଭବିଷ୍ୟତ ଚିନ୍ତାରେ ପୂର୍ଣ୍ଣିମା

ଲୋଇସିଂହା,୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ମାହାରପାଲି ଗାଁର ପୂର୍ଣ୍ଣିମା ତାମଲିଆ(୩୨)। ସ୍ୱାମୀ ତାଙ୍କୁ ପର କରି ଅନ୍ୟ ଜଣେ ମହିଳାଙ୍କ ହାତ ଧରିବା ପରେ ଗତ ଦୁଇବର୍ଷ ହେଲା ଦୁଇ ଶିଶୁପୁତ୍ରଙ୍କୁ ଧରି ଦୁର୍ଦ୍ଦିନରେ ସେ ଦିନ କାଟୁଛନ୍ତି। ପୂର୍ଣ୍ଣିମା ୨୦୧୨ରେ ପାଟଣାଗଡ଼ ଥାନା ଅଞ୍ଚଳର ଭାସ୍କର ତାମଲିଆଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟେ ମାହାରପାଲି ଚାଲି ଆସିଥିଲେ। ମୂଲ ମଜୁରି ଲାଗି ଉଭୟେ ବେଶ୍ ହସଖୁସିରେ ଥିଲେ। ତାଙ୍କର ଦୁଇପୁଅ ରାଜା(୭) ଓ ସୁନୀଲ(୩) ଅଛନ୍ତି । ହେଲେ ଦୁଇବର୍ଷ ତଳେ ସ୍ୱାମୀ ଘର ଛାଡି ପଳାଇବା ପରଠାରୁ ପୂର୍ଣ୍ଣିମାଙ୍କ ଆଖିରୁ ଲୁହ ଶୁଖୁନାହିଁ । ତାଙ୍କ ପାରିବାରିକ ସ୍ଥିତି ଦୋହଲି ଯାଇଛି । ବୃଦ୍ଧ ବାପା ଓ ମା' ତାଙ୍କ ଦୁଃଖରେ ଲୁହ ଗଡ଼ାଉଛନ୍ତି ସିନା କିଛି ସାହାଯ୍ୟ କରି ପାରୁ ନାହାନ୍ତି। ଦୁଇ ନାବାଳକ ପୁଅଙ୍କ ଭବିଷ୍ୟତକୁ ନେଇ ଏବେ ପୂର୍ଣ୍ଣିମାଙ୍କ ଚିନ୍ତା ବଢିଯାଇଛି। ଯୋଗୀସର୍ଡା ପଞ୍ଚାୟତରେ ତାଙ୍କ ନାମରେ ଏକ ରାଶନ କାର୍ଡ ରହିଛି । କାର୍ଡରେ ୨ ପୁଅଙ୍କ ନାମ ମଧ୍ୟ ଯୋଡି ହୋଇନାହିଁ । ଫଳରେ ପୂର୍ଣ୍ଣିମାଙ୍କୁ ମାସକୁ କେବଳ ୫ କେଜି ପିଡିଏସ୍ ଚାଉଳ ମିଳୁଛି । ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ସହ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ଦାବି ହେଉଛି।



ଦୁଇ ପିଲାଙ୍କ ସହ ପୂର୍ଣ୍ଣିମା ।

## ଡଙ୍ଗରିଆ ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ମାସ୍କ ପ୍ରସ୍ତୁତି

ଭବାନୀପାଟଣା,୧।୧୦(ଡି.ଏନ.ଏ.)

- ଡଙ୍ଗରିଆ କନ୍ଧଙ୍କ ପ୍ରାଚୀନ ଚିତ୍ରକଳାର ହେଉଛି ପ୍ରଚାର ପ୍ରସାର
- ଜାତୀୟ ଓ ଅନ୍ତର୍ଜାତୀୟ ବଜାରକୁ ପଠାଯିବା ଲକ୍ଷ୍ୟ

ଦେଶରେ ଲକ୍‌ଡାଉନ ଘୋଷଣା ହେବା ପରଠାରୁ ସମସ୍ତ ବର୍ଗର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏଥିରୁ ବାଦ୍ ପଡିନାହାନ୍ତି କଳାହାଣ୍ଡି ଓ ରାୟଗଡା ଜିଲା ମଧ୍ୟରେ ଥିବା ନିୟମଗିରି ପାହାଡ ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ କନ୍ଧମାନେ। ଶାଲ ବୁଣାରେ ସିଦ୍ଧହସ୍ତ ଡଙ୍ଗରିଆ ମହିଳାମାନେ ରୋଜଗାର ବଞ୍ଚାଇବାକୁ ଏବେ ମାସ୍କ ପ୍ରସ୍ତୁତିକୁ ଗୁରୁତ୍ୱ ଦେଉଛନ୍ତି। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରୟାସ ଏପରି ଏକ ଘଡିସନ୍ଧି ସମୟରେ ଡଙ୍ଗରିଆମାନଙ୍କୁ ସ୍ୱାବଲମ୍ବୀ କରିପାରିଛି।

ଏହି ଆଦିବାସୀ ଜନଜାତିର ମହିଳାମାନେ ସାଧାରଣତଃ ପାରମ୍ପରିକ କପଡାରେ ଗୁନ୍ଦା ନୁଣା ଡିଜାଇନ ଏବଂ ଏମ୍ବ୍ରୋଡରି କାମ କରିଥାନ୍ତି। ସେମାନଙ୍କ ଦ୍ୱାରା ତିଆରି ଶାଳର ଚାହିଦା ଜାତୀୟ ଏବଂ ଅନ୍ତର୍ଜାତୀୟ ବଜାରରେ ରହିଛି। କିନ୍ତୁ ଲକ୍‌ଡାଉନ୍ ପରେ ଉକ୍ତ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାରୁ ଡଙ୍ଗରିଆ ମହିଳାମାନେ ବେକାର ହୋଇ ଯାଇଥିଲେ। ଏହି ସମୟରେ ଡଙ୍ଗରିଆ ଉନ୍ନୟନ ସଂସ୍ଥା (ଡିକେଡିଏ) ସେମାନଙ୍କୁ ରୋଜଗାରର ନୂଆ ବାଟ ଦେଖାଇଥିଲା। କୋଭିଡ-୧୯ ସମୟରେ ମାସ୍କ ଏକ



ଡଙ୍ଗରିଆ ମହିଳାମାନେ ମାସ୍କ ତିଆରି କରୁଛନ୍ତି ।

ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବାରୁ ମାସ୍କ ସିଲେଇ ଏବଂ ଏମ୍ବ୍ରୋଡରି କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। ଫଳରେ ହାତବୁଣା ଶାଲ ପରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ମାସ୍କର ଚାହିଦା ବୃଦ୍ଧିପାଉଛି । ରୋଜଗାର ମଧ୍ୟ ବଢୁଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ଖମ୍ବେଶି, ତ୍ରିଲୋଚନପୁର, କାନକୁଡୁ, ପଲବେରି, କୁଲଡୁମେର, ଟାଡିଝୋଲା ଗ୍ରାମର ପ୍ରାୟ ଶତାଧିକ ମହିଳା ଏବେ ମାସ୍କ ତିଆରି କରି କିଛି ରୋଜଗାର କରି ପାରୁଛନ୍ତି । ସେହିପରି ରାୟଗଡା ଜିଲା ବିଷମକଟକ ବ୍ଲକ ବୁର୍ଲା ପଞ୍ଚାୟତର ଖମ୍ବେଶି, ଖଜୁରି, କୁର୍ଲୀ ଏବଂ ହୁଣ୍ଡିଜାଲି ଗ୍ରାମର ପ୍ରାୟ ୪୦ ଡଙ୍ଗରିଆ ମହିଳା ଏହି ମାସ୍କ ତିଆରି କାର୍ଯ୍ୟ କରୁଛନ୍ତି। ପ୍ରଥମେ ଏସ୍‌ଏଚ୍‌ଜି (ସ୍ୱୟଂ ସହାୟକ ଗୋଷ୍ଠୀ)ର ମହିଳାମାନେ ମାସ୍କ ସିଲେଇ କରିଥାନ୍ତି। ପରେ ଡଙ୍ଗରିଆ ମହିଳାମାନେ ସେଥିରେ ପାରମ୍ପରିକ ଏମ୍ବ୍ରୋଡରି ଡିଜାଇନ କରିଥାନ୍ତି। ଏଥିପାଇଁ ପ୍ରତି ମାସ୍କ ପିଛା ଡିକେଡିଏ ପକ୍ଷରୁ ସେମାନଙ୍କୁ ୫୦ ଟଙ୍କା ପାରିଶ୍ରମିକ ଦିଆଯାଇଥାଏ। ଏ ସମ୍ପର୍କରେ ଡଙ୍ଗରିଆ ମହିଳା ଶୁକ୍ରୀ କାଡ୍ରିକା କହିଛନ୍ତି, ଶାଲ ବୁଣା ବନ୍ଦ ହୋଇ ଯାଇଥିବାରୁ ଏବେ ମାସ୍କ ତିଆରି କରି କିଛି ଆୟ କରିପାରୁଛୁ। ଏଥିସହ ମହାମାରୀ ସମୟରେ ଲୋକଙ୍କୁ ମାସ୍କ ଯୋଗାଇ ଖୁସି ଅନୁଭବ କରୁଛୁ। ଡିକେଡିଏ ପକ୍ଷରୁ କପଡା, ଛୁଞ୍ଚି ଏବଂ ଏମ୍ବ୍ରୋଡରି ପାଇଁ ସୂତା ଯୋଗାଇ ଦିଆଯାଉଛି। ମେ ୨୧ ରୁ ଇତିମଧ୍ୟରେ ୩ ହଜାରରୁ ଉର୍ଦ୍ଧ୍ୱ ମାସ୍କ ତିଆରି ସରିଲାଣି। ଆହୁରି ବରାଦ ରହିଛି। ପ୍ରସ୍ତୁତ ମାସ୍କଗୁଡିକୁ ଭୁବନେଶ୍ୱରସ୍ଥିତ ଟିଡିସିସି (ଟ୍ରାଇବାଲ ଡେଭଲପମେଣ୍ଟ କୋଅପରେଟିଭ୍ କର୍ପୋରେଶନ) ବିଷମକଟକସ୍ଥିତ ଡିକେଡିଏ କାର୍ଯ୍ୟାଳୟରୁ କିଣି ନେଉଛି। ଆଗାମୀ ଦିନରେ ଏହି ମାସ୍କ ଜାତୀୟ ଓ ଅନ୍ତର୍ଜାତୀୟ ବଜାରକୁ ପଠାଯିବା ଲକ୍ଷ୍ୟ ରହିଛି। ଡିକେଡିଏର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢୀ କହିଛନ୍ତି, ଏହା ଡଙ୍ଗରିଆଙ୍କ ରୋଜଗାରର ମାଧ୍ୟମ ହୋଇପାରିଛି। ଏଥିସହିତ ଏହା ଜରିଆରେ ଡଙ୍ଗରିଆ କନ୍ଧଙ୍କ ପ୍ରାଚୀନ ଚିତ୍ରକଳାର ପ୍ରଚାର ପ୍ରସାର ହୋଇପାରୁଛି ବୋଲି ସେ ପ୍ରକାଶ କରିଛନ୍ତି।

**ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଅଧ୍ୟକ୍ଷ ନିଯୁକ୍ତ**

ପୁରୀ ଅଫିସ: ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ନୂତନ ଅଧ୍ୟକ୍ଷ ନିଯୁକ୍ତି ପାଇଛନ୍ତି। କଟକ ଏସ୍‌ସିବି ମେଡିକାଲର ଭେଷଜ ବିଭାଗ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ରଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ଗତ ୩୦ ତାରିଖରେ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

## ସଂକ୍ଷେପରେ

### ପ୍ରବାସୀଙ୍କ ବସ୍ ଦୁର୍ଘଟଣା ନେଇ ହାଇକୋର୍ଟରେ ମାମଲା

**କଟକ ଅଫିସ,୧।୧୦:** କିଛିଦିନ ତଳେ ଓଡ଼ିଆ ଶ୍ରମିକଙ୍କୁ ନେଇ ସୁରଟ ଯାଉଥିବା ଏକ ବସ୍ ଛତିଶଗଡ଼ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୮ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଛନ୍ତି। ପ୍ରବାସୀମାନେ ଓଡ଼ିଶା ଫେରିବା ପରେ ରାଜ୍ୟ ସରକାର ଏମାନଙ୍କୁ ରୋଜଗାରର ମାଧ୍ୟମ ଦେଇପାରିଲେ ନାହିଁ। ଏହାଛଡ଼ା ୫୨ ସିଟ୍ ବିଶିଷ୍ଟ ବସ୍‌ରେ ୬୭ଜଣ ଯାତ୍ରା କରୁଥିଲେ ସୁଦ୍ଧା କାହିଁକି ଯାଞ୍ଚ କରାଗଲା ନାହିଁ ବୋଲି ଆବେଦନକାରୀ ପ୍ରଶ୍ନ କରିଛନ୍ତି। ସରକାରୀ ଅଧିକାରୀ ବସ୍ ଯାଞ୍ଚ କରିଥିଲେ ହୁଏତ ଏଭଳି ବିପତ୍ତି ଆସି ନ ଥାନ୍ତା। ଆଇପିସି ଧାରା ୩୦୪ରେ ମାମଲା ରୁଜୁ ସହ ବିଭାଗୀୟ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କୃତ ଓ ଗିରଫ କରାଯାଉ ବୋଲି ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି।

### ପୁରୀରୁ ୧୯୭ କରୋନା ଆକ୍ରାନ୍ତ ଚିହ୍ନଟ

**ପୁରୀ ଅଫିସ,୧।୧୦:** ପୁରୀ ଜିଲାରୁ ଗୁରୁବାର ୧୯୭ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇବା ପରେ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୦,୨୧୧ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୮,୭୩୩ ଜଣ ସୁସ୍ଥ ହୋଇଥିବାବେଳେ ୧,୪୨୨ ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ଏହି ମହାମାରୀରେ ଏ ପର୍ଯ୍ୟନ୍ତ ଜିଲାର ୫୬ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ବର୍ତ୍ତମାନ ସୁଦ୍ଧା ଜିଲାରୁ ୯୩,୫୨୭ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୮୫.୫୩ ପ୍ରତିଶତ। ଏବେ ଜିଲାରେ ୨୬ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବାବେଳେ ୧୯୪ଟିକୁ ବନ୍ଦ କରାଯାଇଛି। କଣାସ ବ୍ଲକରେ ସର୍ବାଧିକ ୨୦ଟି, ନିମାପଡ଼ାରେ ୫ ଏବଂ ସତ୍ୟବାଦୀ ବ୍ଲକରେ ଗୋଟିଏ କଣ୍ଟେନମେଣ୍ଟ ଜୋନ ରହିଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଚୌଦ୍ୱାର,୧।୧୦(ଡି.ଏନ୍.ଏ.):** ଚୌଦ୍ୱାର ପୌରାଞ୍ଚଳ ଅନ୍ତର୍ଗତ ଓଟିଏମ୍ ପରିବା ବଜାର ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓଟିଏମ୍ କଲୋନୀରେ ରହୁଥିବା ଶଳଗାଁ ପଞ୍ଚାୟତ ଜୟପୁର ଗ୍ରାମର ବଲ୍ଲଭ ସାହୁ(୫୪)। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ନଂ. ୪୬୦/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବଲ୍ଲଭ ଗୁରୁବାର ସକାଳେ ନିଜ ସ୍କୁଟିରେ ଯାଉଥିବା ବେଳେ ରାଜରାସ୍ତାର ପରିବା ବଜାର ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ପଡ଼ିଯିବା ସହ ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଧକ୍କା ଦେଇଥିବା ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସୂଚନାଯୋଗ୍ୟ, ୫୫ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇଥିବାରୁ ପ୍ରତିଦିନ ଦୁର୍ଘଟଣାମାନ ଘଟୁଛି। ରାଜମାର୍ଗ ପ୍ରାଧିକରଣ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି କରିବା ଓ ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ମା’ ବେକରେ ଛୁରି ଲଗାଇ ଧମକ ଦେଲେ ପୁଅ

**ରାଜଧାନୀର ହାଇସିକ୍ୟୁରିଟି ଜୋନ୍‌ରେ ହାଇ ଡ୍ରାମା**

- ନାକେଦମ୍ ହେଲା ପୋଲିସ
- ଯୁବକଙ୍କ ମାନସିକ ସ୍ଥିତି ଠିକ୍ ନାହିଁ: ଡିସିପି



**ଭୁବନେଶ୍ୱର,୧।୧୦ (ବ୍ୟୁରୋ)**

ବିଧାନସଭା ମୌସୁମୀ ଅଧିବେଶନ ଚାଲୁଥିବାରୁ ଚତୁଃପାର୍ଶ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାର ସମ୍ମୁଖ ରାସ୍ତା ମଧ୍ୟ ହାଇସିକ୍ୟୁରିଟି ଜୋନ୍‌ରେ ରହିଛି। ହେଲେ ଗୁରୁବାର ଏହି ରାସ୍ତାରେ ଜଣେ ଯୁବକଙ୍କ ହାଇଡ୍ରାମାକୁ ନେଇ ପ୍ରାୟ ଅଧଘଣ୍ଟା ଧରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଯୁବକ ଜଣକ ବିଧାନସଭା ଗେଟ୍-୨ ସମ୍ମୁଖରେ ନିଜ ମା’ଙ୍କ ବେକରେ ଛୁରି ଲଗାଇ ମାରିଦେବାକୁ ବାରମ୍ବାର ଧମକ ଦେଉଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ସେ ଇନୋସେଣ୍ଟ କହିବା ସହ ଅନ୍ୟ ନେତାମାନଙ୍କୁ ଗାଳି କରିଥିଲେ। ମୋ ମା’ ଓ ବାପା ମିଶି ଆମ ଗାଁର ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି, ପୁରୀ ଏମାର ମଠ ଓ ରତ୍ନଭଣ୍ଡାରରୁ ଚୋରି ହୋଇଥିବା ସୁନା, ରୁପା ଓ ହୀରା ଆମ ଗାଁରେ ଅଛି ବୋଲି ବାରମ୍ବାର କହୁଥିଲେ। ପୁଅର ଏଭଳି କାର୍‌ନାମାରେ ଅସୁସ୍ଥ ମା’ କେବଳ ହତବାକ ହୋଇ ଚାହିଁ ରହିଥିଲେ। ଯୁବକ ଜଣକ ୧୫ ମିନିଟ୍ ଧରି ସେହିପରି ତାଙ୍କ ବେକକୁ ଗୋଟିଏ ହାତରେ ଜାବୁଡ଼ି ଧରିବା ସହ ଅନ୍ୟ ହାତରେ ଏକ ଛୁରି ଲଗାଇ ରଖିଥିଲେ। ମଝିରେ ମଝିରେ ମା’ଙ୍କ ମୁଣ୍ଡକୁ ମଧ୍ୟ କାମୁଡ଼ି ଦେଉଥିବା ଦୃଶ୍ୟ ହୃଦୟବିଦାରକ ପରିସ୍ଥିତି ସୃଷ୍ଟି କରିଥିଲା। ଏହି ଘଟଣାକୁ ନେଇ ପୋଲିସ ଓ ସୁରକ୍ଷାକର୍ମୀଙ୍କୁ ନାକେଦମ୍ ହେବାକୁ ପଡିଥିଲା। ଉକ୍ତ ରାସ୍ତାରେ ଟ୍ରାଫିକ ଜାମ୍ ଆଉ ଏକ ସମସ୍ୟା ସୃଷ୍ଟି କରିଥିଲା। ବିଧାନସଭା ଚାଲୁଥିବାରୁ ତୁରନ୍ତ ଟ୍ରାଫିକ ଜାମ ହଟାଇ ଯୁବକଙ୍କ କବଳରୁ ମା’ଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ଥିଲା। ଶେଷରେ ଖବରଦାତାମାନେ ଫଟୋ ଉଠାଇବା ବାହାନାରେ ଅନ୍ୟମନସ୍କ କରିବାରେ ଲାଗିଲେ। ଏପଟେ ପୋଲିସ ମଧ୍ୟ ଉକ୍ତ ଯୁବକଙ୍କୁ ମନାଇବାକୁ ଚେଷ୍ଟା କରିଥିଲା। ସେ ରାସ୍ତାରେ ଫିଙ୍ଗିଥିବା କାଗଜ ଦେଖାଇବାକୁ ଉଦ୍ୟମ କରିବାକ୍ଷଣି ପୋଲିସ କୌଶଳକ୍ରମେ ତାଙ୍କ କାବୁ କରିନେବା ସହ ମାଆଙ୍କୁ ଉଦ୍ଧାର କରିଥିଲେ। ହେଲେ ଏହି ସମୟରେ ଯୁବକ ଜଣକ ମଧ୍ୟ ପୋଲିସକୁ ବିଧାଗୋଇଠା ମାରିବା ସହ ନିଜକୁ ମାନସିକ ବିକାରଗ୍ରସ୍ତ ନୁହେଁ ବୋଲି କହି ଚିତ୍କାର କରିଥିଲେ। ଯୁବକ ଜଣକ ହେଉଛନ୍ତି ନୟାଗଡ଼ ଦଶପଲ୍ଲା ଅଞ୍ଚଳର ଜିତେନ୍ଦ୍ର ପାଳ ଓ ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଜିତେନ୍ଦ୍ରଙ୍କ ମା’ ଝରଣାଙ୍କର ଦେହ ଖରାପ ଥିଲା। ତେଣୁ ଭୁବନେଶ୍ୱର ଆଣି ଡାକ୍ତର ଦେଖାଇବାକୁ ଜିତେନ୍ଦ୍ର ସବୁବେଳେ କହୁଥିଲେ। କିନ୍ତୁ ପୁଅର ମାନସିକ ସ୍ଥିତି ଠିକ୍ ନ ଥିବାରୁ ଝରଣା ମନା କରୁଥିଲେ। ସେ ପୂର୍ବରୁ ଏଭଳି ଅନେକ କାଣ୍ଡ ଘଟାଇଥିବାରୁ କାଳେ କ’ଣ କରିଦେବାର ଭୟ ବି ରହୁଥିଲା। କିନ୍ତୁ ପୁଅ ବାଧ କରିବାରୁ ଓ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇପଡୁଥିବାରୁ ଝରଣା ବାଧହୋଇ ବୁଧବାର ତାଙ୍କ ସହ ଭୁବନେଶ୍ୱର ଆସି ସମ୍ପର୍କୀୟଙ୍କ ଘରେ ରହିଥିଲେ। ଗୁରୁବାର ମଧ୍ୟାହ୍ନ ୧୨ଟାରେ ଉଭୟ କ୍ୟାପିଟାଲ ହସ୍ପିଟାଲ ଯାଉଥିଲେ। କିନ୍ତୁ ବିଧାନସଭା ଗେଟ୍ ନଂ.୨ ନିକଟରେ ଏଭଳି କାଣ୍ଡ ଘଟାଇଥିଲେ।

ଏନେଇ ଡିସିପି ଦାଶ କହିଛନ୍ତି, ଯେଉଁ କର୍ମଚାରୀ ଅତି ସତର୍କତାର ସହ ତାଙ୍କୁ କାବୁ କରିଛନ୍ତି ସେମାନଙ୍କୁ ପ୍ରୋତ୍ସାହିତ କରାଯିବ। ଯୁବକଙ୍କ ମାନସିକ ସ୍ଥିତି ଭଲ ନ ଥିବା ଓ ଏଥିପାଇଁ ଚିକିତ୍ସିତ ହେଉଥିବା ତାଙ୍କ ମା’ କହିଛନ୍ତି। ତେଣୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ମେଡିକାଲକୁ ପଠାଇ ଦିଆଯାଇଛି।

**ପୂର୍ବରୁ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଜିତେନ୍ଦ୍ର**

୨୦୧୪ରେ ଜିତେନ୍ଦ୍ରଙ୍କ ଘରେ ଚୋରି କରିବାକୁ ଜଣେ ଯୁବକ ପଶିଥିଲେ। ତାଙ୍କୁ କାବୁ କରି ପରିବାର ଲୋକେ ବାଡେଇବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ମୃତ୍ୟୁକୁ ଜିତେନ୍ଦ୍ର ସ୍ୱଚକ୍ଷୁରେ ଦେଖିଥିଲେ। ସେହିଭଳି ହତ୍ୟା ଅଭିଯୋଗରେ ବାପା, ମା’ ଜେଲ ଯାଇଥିଲେ। ଏସବୁ ତାଙ୍କ ମାନସିକ ସ୍ଥିତିକୁ ବିଗାଡ଼ି ଦେଇଥିଲା। ପରବର୍ତ୍ତୀ ସମୟରେ ସେ ଘରୁ ଲୁଚି ପଳାଇ ଆସି ଭୁବନେଶ୍ୱରରେ ପ୍ରତିଯୋଗିତାମୂଳକ ପାଠ ପଢୁଥିଲେ। ମା’ ତାଙ୍କୁ ଖୋଜିଖୋଜି କିଛିମାସ ହେବ ଭୁବନେଶ୍ୱରରେ ପାଇଥିଲେ। ଏହି ସମୟରେ ଜିତେନ୍ଦ୍ର ନିଜ ବେକରେ ବ୍ଲେଡ୍ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ମା’ ଝରଣା କହିଛନ୍ତି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ**

**ବାରଙ୍ଗ,୧।୧୦(ଡି.ଏନ୍.ଏ.)**

ନନ୍ଦନକାନନ ଥାନା ଭଗବତୀ ନଗର ଉପରସାହିରେ ଗୁରୁବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଏହି ଗ୍ରାମର ଜଗନ୍ନାଥ ସାମଲଙ୍କ ସ୍ତ୍ରୀ କମଳା। ହେଲେ ଝିଅ ଘରର ପରିବାର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୭୦/୨୦ରେ ଏକ ମାମଲା ରୁଜୁ କରିବା ସହ ସ୍ୱାମୀଙ୍କୁ ଅଟକ ରଖିଛି। ଏହାସହ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳେ କମଳା ନିଜ ଘରେ କବାଟ ଦେଇଥିବା ବେଳେ ପରିବାର ଲୋକେ ଡାକିଲେ ମଧ୍ୟ ଶୁଣି ନ ଥିେ। ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକେ ସନ୍ଦେହରେ କବାଟ ଭାଙ୍ଗିବାରୁ କମଳା ବେକରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ କମଳାଙ୍କ ବାପଘର ଲୋକେ ଆସି ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପ୍ରକାଶ ଥାଉ କି, ଜଗନ୍ନାଥ ଏହି ସାହିର ମହେନ୍ଦ୍ର ଭୋଇଙ୍କ ଝିଅ କମଳାଙ୍କୁ ୯ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏବେ ଦୁଇଟି ସନ୍ତାନ ଅଛନ୍ତି।

# ପ୍ଲାଜ୍ମା ଦାନ ଉପରେ ଆର୍‌ଡିସିଙ୍କ ଗୁରୁତ୍ୱ



ସମୀକ୍ଷା ବୈଠକରେ ଆରଡିସି ଅନିଲ କୁମାର ସାମଲ ଏବଂ ଅନ୍ୟ ଅଧିକାରୀ।

**କୋଭିଡ୍ ସ୍ଥିତିର ସମୀକ୍ଷା**

**ପୁରୀ ଅଫିସ,୧।୧୦**

ପୁରୀ ଜିଲାରେ କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଅନିଲ କୁମାର ସାମଲ। ଗୁରୁବାର ସର୍କିଟ ହାଉସ୍‌ରେ ଆୟୋଜିତ ସମୀକ୍ଷା ବୈଠକରେ ଆର୍‌ଡିସି ସାମଲ ଜିଲାରେ କରୋନା ମୁକାବିଲା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ ହୋଇଥିଲେ। କୋଭିଡ୍ ଚିକିତ୍ସା କେନ୍ଦ୍ରରେ ଉପଲବ୍ଧ ସୁବିଧା ଓ ଡାକ୍ତରମାନେ ନିୟମିତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଧିକ ଆଣ୍ଟିଜେନ ନମୁନା ସଂଗ୍ରହ ଏବଂ ପ୍ଲାଜମା ଦାନ ପାଇଁ ପ୍ରୋତ୍ସାହିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଜିଲାପାଳ ବଲୱନ୍ତ ସିଂ ଜିଲାର କୋଭିଡ୍ ସ୍ଥିତି, କୋଭିଡ୍ ଚିକିତ୍ସା କେନ୍ଦ୍ର, କୋଭିଡ୍ କେୟାର ସେଣ୍ଟରରେ ଉପଲବ୍ଧ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଜିଲାରେ ଏ ପର୍ଯ୍ୟନ୍ତ ୯୩,୫୨୭ କୋଭିଡ୍ ପରୀକ୍ଷା କରାଯାଇଛି। ୧୦,୨୧୧ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେଥିମଧ୍ୟରୁ ୮,୭୩୩ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ୧,୪୨୨ ସଂକ୍ରମିତଙ୍କ ମଧ୍ୟରୁ ୧,୦୫୧ ଜଣ ଗୃହ ସଙ୍ଗରୋଧରେ ରହିଛନ୍ତି। ଆରୋଗ୍ୟ ହାର ୮୬ ପ୍ରତିଶତ ରହିଛି ଓ ଏହି ହାର ଆହୁରି ବୃଦ୍ଧି ପାଇବ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଜିଲାରେ ଦୈନିକ ପ୍ରାୟ ୧,୨୦୦ ନମୁନା ସଂଗ୍ରହ ହେଉଛି। ଏଥିମଧ୍ୟରୁ ପ୍ରାୟ ୧ ହଜାର ଆଣ୍ଟିଜେନ ଏବଂ ୨୦୦ ଆର୍‌ଟିପିସିଆର ମାଧ୍ୟମରେ ସଂଗ୍ରହ କରାଯାଉଛି। ପ୍ରତି ବ୍ଲକରୁ ଦୈନିକ ୧୦୦ ନମୁନା ସଂଗ୍ରହ ପାଇଁ ୨ଟି ଟିମ୍ ଗଠନ କରାଯାଇଛି। ବର୍ତ୍ତମାନ ଜିଲାରେ ୩୨ଟି ଆମ୍ବୁଲାନ୍ସ, ଗୋଟିଏ ଏଏଲ୍‌ଏସ୍ ଓ ୨ଟି ବିଏଲ୍‌ଏସ୍ ଆମ୍ବୁଲାନ୍ସର ଆବଶ୍ୟକତା ରହିଛି। ସେହିପରି ପୁରୀ ପୌରାଞ୍ଚଳରେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ ପାଇଁ ୩ଟି ଟିମ୍ ଗଠନ ହୋଇଛି। ସେବାୟତଙ୍କୁ ସହଯୋଗ ପାଇଁ ଉତ୍କଳ ହିନ୍ଦୀ ବିଦ୍ୟାଳୟରେ ଏକ ଟିମ୍ ରହିଛି। କରୋନା ଯୋଦ୍ଧା ଭାବେ ମୃତ୍ୟୁ ଘଟିଥିବା ପୁରୀ ସଦର ବ୍ଲକ ଗଡ଼ମୃଗଶିରା ପ୍ରାଣୀଧନ ନୀରିକ୍ଷକ ବିଶ୍ୱମୋହନ ବେହେରାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୁବାସ ନାଥଶର୍ମା, ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପିଡି ଡିଆରଡିଏ ନୀତିରଞ୍ଜନ ସେନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର, ଡିପିଏମ୍ ଟି.ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ।





ଗାନ୍ଧୀଜୟନ୍ତୀ ଉପଲକ୍ଷେ ଗୁରୁବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# କୃଷି ବିଲ୍‌କୁ ବିରୋଧ: ଆଜିଠୁ ମାସେବ୍ୟାପୀ କଂଗ୍ରେସର କାର୍ଯ୍ୟକ୍ରମ

**ଗାନ୍ଧୀ ଜୟନ୍ତୀକୁ ମଜଦୁର ଦିବସଭାବେ ପାଳିବ**

**ଭୁବନେଶ୍ୱର, ୧।୧୦(ବ୍ୟୁରୋ)**

ଗତ ମୌସୁମୀ ଅଧିବେଶନରେ ପାର୍ଲାମେଣ୍ଟର ଉଭୟ ଗୃହରେ ପାସ୍ ହୋଇଥିବା ବିବାଦୀୟ କୃଷି ବିଲ୍‌କୁ ନିକଟରେ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିଛି। ଏହା ବିରୋଧରେ ସାରା ଦେଶରେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ। ଗାନ୍ଧୀ ଜୟନ୍ତୀଠାରୁ କଂଗ୍ରେସ କିଷାନ ମଜଦୁର ଦିବସ ପାଳନ କରିବ। ପ୍ରତି ରାଜ୍ୟର ସମସ୍ତ ଜିଲାରେ ଏହି କାର୍ଯ୍ୟକ୍ରମ ଚାଲିବ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଏହାକୁ ପୂରା ରାଜ୍ୟରେ ଜିଲା, ବ୍ଲକ, ବିଧାନସଭା କ୍ଷେତ୍ରରେ ପାଳନ କରିବେ ବୋଲି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିର୍ଦ୍ଦେଶ ଦେଇଛି। ସେହିପରି ଆସନ୍ତା ୧୦ ତାରିଖରେ ରାଜ୍ୟର ସବୁ ଜିଲା କିମ୍ବା ମୁଖ୍ୟ ସ୍ଥାନଗୁଡିକରେ ବିଧାୟକ, ଏମ୍‌ପି ଏବଂ କୃଷକ ନେତାମାନଙ୍କ ନେତୃତ୍ୱରେ ଏହି ସମ୍ମିଳନୀ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାରଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ତୃଣମୂଳସ୍ତରରୁ ଲୋକମାନେ ଯେପରି କଂଗ୍ରେସ ନେତୃତ୍ୱ ଚାଷୀ, ଶ୍ରମିକ, ମଣ୍ଡି ଜଗୁଆଳ ଏବଂ ଅନ୍ୟମାନଙ୍କଠାରୁ କୃଷି ବିଲ୍ ବିରୋଧରେ ଦସ୍ତଖତ ଅଭିଯାନ ଚଳାଇବାକୁ ମଧ୍ୟ ପିସିସି ସଭାପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ୭ ତାରିଖ ମଧ୍ୟରେ ରାଜ୍ୟ ପ୍ରଭାରୀଙ୍କ ମାଧ୍ୟମରେ ଏହି ଦସ୍ତଖତକୁ ଏଆଇସିସିକୁ ହସ୍ତାନ୍ତର କରିବେ। କୃଷି ବିଲ୍ ନେଇ ଏଆଇସିସି ପଠାଇଥିବା ଦସ୍ତାବିଜ ନିଜ ଭାଷା ଅନୁଯାୟୀ ପିସିସି ସଭାପତିମାନେ ଅନୁବାଦ କରି କୃଷକଙ୍କ ପାଖକୁ ନେବେ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ଭେଣୁଗୋପାଳ ଚିଠି କରି ସବୁ ରାଜ୍ୟର ପିସିସି ସଭାପତି, ବିରୋଧୀ ଦଳ ନେତା, ସିଡବ୍ଲୁସି ମେମ୍ବର, ଏଆଇସିସି ସାଧାରଣ ସମ୍ପାଦକ, ସମ୍ପାଦକ, ବିଭିନ୍ନ ସେଲର ମୁଖ୍ୟମାନଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱର୍ଗଦ୍ୱାରରେ ଦାହ କଟକଣା ମାସେ ବଢ଼ିଲା

**ପୁରୀ ଜିଲା ବାହାର ମୃତଦେହ ଦାହ ମନା**

**ପୁରୀ ଅଫିସ,୧।୧୦**

ମହାମାରୀ କରୋନା ସଂକ୍ରମଣକୁ ନଜରରେ ରଖି ସ୍ୱର୍ଗଦ୍ୱାରରେ ବାହାର ଜିଲା ଏବଂ ଅନ୍ୟ ରାଜ୍ୟର ମୃତଦେହ ଦାହ ଓ ମହୋଦଧିରେ ଅସ୍ଥି ବିସର୍ଜନ ଉପରେ କଟକଣା ଲଗାଯାଇଛି। ଜିଲା ପ୍ରଶାସନ ଏହି କଟକଣାକୁ ପୁଣି ମାସେ ବଢାଇ ଦେଇଛନ୍ତି। ଅର୍ଥାତ୍ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବାହାର ଜିଲା ଏବଂ ଅନ୍ୟ ରାଜ୍ୟର ମୃତଦେହ ସ୍ୱର୍ଗଦ୍ୱାରରେ ଦାହ ହୋଇପାରିବ ନାହିଁ କି ମହୋଦଧିରେ ଅସ୍ଥି ବିସର୍ଜନ କରାଯାଇପାରିବ ନାହିଁ ବୋଲି ଗୁରୁବାର ନିର୍ଦ୍ଦେଶନାମା ଜାରି ହୋଇଛି। ମାତ୍ର କୋଭିଡ୍ ନିୟମ ଅନୁପାଳନ କରି ଜିଲାବାସୀ ସ୍ୱର୍ଗଦ୍ୱାରରେ ସେମାନଙ୍କ ସମ୍ପର୍କୀୟଙ୍କ ମୃତଦେହ ଦାହ ସହ ସମୁଦ୍ରରେ ଅସ୍ଥି ବିସର୍ଜନ କରିପାରିବେ ବୋଲି ପ୍ରଶାସନ ସ୍ପଷ୍ଟ କରିଛି। ଏତଦ୍‌ବ୍ୟତୀତ ଜିଲା ମଧ୍ୟକୁ ଆସୁଥିବା ବାହାର ଜିଲା ଓ ରାଜ୍ୟର ଶବାଧାର ଉପରେ ନଜର ରଖିବାକୁ ସମ୍ପୃକ୍ତ ତହସିଲଦାର ଏବଂ ଆଇଆଇସିମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱର୍ଗଦ୍ୱାର ପ୍ରତିଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ। ବିଶ୍ୱାସ ରହିଛି ଏଠାରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ। ଏହି ବିଶ୍ୱାସକୁ ପାଥେୟ କରି ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମୃତଦେହ ଦାହ ପାଇଁ ଆସିଥାଏ। ଏଥିସହ ମହୋଦଧିରେ ଅସ୍ଥି ବିସର୍ଜନ କରିବାର ପରମ୍ପରା ବି ରହିଛି। ମାତ୍ର କରୋନା ସ୍ଥିତିକୁ ଦେଖି ଗତ ଜୁଲାଇ ୭ରୁ ଜିଲା ପ୍ରଶାସନ ସ୍ୱର୍ଗଦ୍ୱାରରେ ମୃତଦେହ ଦାହ ଓ ମହୋଦଧିରେ ଅସ୍ଥି ବିସର୍ଜନ ଉପରେ କଟକଣା ଲଗାଇଥିଲା। ଏହି କଟକଣାକୁ ପୁଣି ବୃଦ୍ଧି କରାଯାଇଛି।

### କରୋନା ଆକ୍ରାନ୍ତଙ୍କୁ ଝଡ଼ାଫୁଙ୍କା କରୁଥିବା ବାବା ପଜିଟିଭ୍

**ସାଲେପୁର,୧।୧୦(ଡି.ଏନ୍.ଏ.)**

କରୋନା ଆକ୍ରାନ୍ତ ଜଣେ ମହିଳାଙ୍କୁ ଜଣ୍ଡିସ ହୋଇଥିବା ସନ୍ଦେହରେ ଝଡ଼ାଫୁଙ୍କା କରୁଥିବା ବାବା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ, ସାଲେପୁର ବ୍ଲକ ଅଞ୍ଚଳର ଜଣେ ମହିଳା ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା ସନ୍ଦେହରେ ଏହି ଅଞ୍ଚଳର ଜଣେ ବାବାଙ୍କ ନିକଟକୁ ଝଡାଇବାପାଇଁ ଯାଇଥିଲେ। ପ୍ରାୟ ୫ଦିନ ବିତିଯାଇଥିଲେ ମଧ୍ୟ ସେ ସୁସ୍ଥ ନ ହେବାରୁ ପରିବାରଲୋକଙ୍କ ପରାମର୍ଶ କ୍ରମେ କୋଭିଡ୍ ଟେଷ୍ଟ କରାଇଥିଲେ। ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ବାବାଙ୍କ ପାଖକୁ ଆଉ କେହି ଝଡ଼ାଫୁଙ୍କା କରିବାକୁ ଯାଇ ନ ଥିଲେ। ଦୁଇ ଦିନ ପରେ ବାବାଙ୍କୁ ଥଣ୍ଡା ଓ କାଶ ହେବାରୁ ସ୍ଥାନୀୟ ଲୋକଙ୍କ ପରାମର୍ଶକ୍ରମେ ସେ ମଧ୍ୟ କୋଭିଡ୍ ଟେଷ୍ଟ କରାଇଥିଲେ। ତାଙ୍କ ରିପୋର୍ଟ ମଧ୍ୟ ପଜିଟିଭ୍ ଆସିବା ପରେ ସେ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି।



ଗାନ୍ଧୀଜୟନ୍ତୀ ଉପଲକ୍ଷେ ଗୁରୁବାର ପୁରୀ ଠାରେ ଶିଳ୍ପୀ ସୁଦାମ ପ୍ରଧାନଙ୍କ ସ୍ୟାଣ୍ଡ ଆନିମେଶନ୍।

# କଟକ: ୪୧ କେନ୍ଦ୍ରରେ ହେବ ୟୁପିଏସ୍‌ସି ପ୍ରିଲିମ୍‌ନାରି ପରୀକ୍ଷା

**ପରିଚାଳନା ବ୍ୟବସ୍ଥା ତଦାରଖ କରିବେ ୩ ବରିଷ୍ଠ ଆଇଏଏସ୍ ଅଧିକାରୀ**

**କଟକ ଅଫିସ,୧।୧୦**

ଆସନ୍ତା ୪ ତାରିଖରେ ଦୁଇଟି ସିଟିଂରେ ଭାରତୀୟ ପ୍ରଶାସନିକ ସେବା ପାଇଁ ୟୁପିଏସ୍‌ସି ପ୍ରିଲିମ୍‌ନାରୀ ପରୀକ୍ଷା ହେବ। କଟକର ୪୧ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏହି ସମସ୍ତ କେନ୍ଦ୍ରରେ ସୁଚାରୁ ରୂପେ ପରୀକ୍ଷା ପରିଚାଳନା କରିବା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରିଛନ୍ତି। ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନଙ୍କ ଦାୟିତ୍ୱ ତଥା ଆବଶ୍ୟକ କାର୍ଯ୍ୟକ୍ରମ ନେଇ ଗୁରୁବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ପରୀକ୍ଷା ତଦାରଖ ଲାଗି ଜିଲାର ୧୨ ଜଣ ବରିଷ୍ଠ ବିଭାଗୀୟ ଅଧିକାରୀ ଆସିଷ୍ଟାଣ୍ଟ କୋର୍ଡିନେଟିଂ ସୁପରଭାଇଜର ଭାବେ ଦାଇତ୍ୱ ତୁଲାଇବେ। ସେମାନେ ଜିଲାପାଳ ତଥା କୋର୍ଡିନେଟିଂ ସୁପରଭାଇଜରଙ୍କୁ ସହଯୋଗ କରିବେ। ଏଥିସହ କେନ୍ଦ୍ରରେ ସୁବ୍ୟବସ୍ଥା ଓ ପରୀକ୍ଷା ଆୟୋଜନ ନିରୀକ୍ଷଣ ନିମନ୍ତେ ୪୧ ଜଣ ଅଧିକାରୀଙ୍କୁ ନିରୀକ୍ଷକ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ପରୀକ୍ଷା କେନ୍ଦ୍ରରେ କୋଭିଡ୍ ନିୟମ ପାଳନ କରାଯାଇ ସାନିଟାଇଜେସନ ଓ ଆବଶ୍ୟକ ବ୍ୟବସ୍ଥା କରାଯିବ। ଏଥିଲାଗି ସମ୍ପୃକ୍ତ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି। ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ ଓ ପାନୀୟଜଳ ବ୍ୟବସ୍ଥା ସହ ଦୂରତା ରକ୍ଷା କରି ସିଟିଂ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଜିଲାପାଳ ଚୟନୀ କହିଛନ୍ତି। ସୂଚନାଯୋଗ୍ୟ, କଟକର ୪୧ କେନ୍ଦ୍ରରେ ସମୁଦାୟ ୧୭୧୪୨ ପରୀକ୍ଷାର୍ଥୀ ଯଥାକ୍ରମେ ସକାଳ ୯.୩୦ରୁ ୧୧.୩୦ ଏବଂ ଅପରାହ୍ନ ୨.୩୦ରୁ ୪.୩୦ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ଏହି ବୈଠକରେ ୟୁପିଏସସିର ବରିଷ୍ଠ ଅଧିକାରୀ ବି.କେ ସାହୁ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**୧୧ ଯାଏ କୁଣିଆପାଳ ଶାଖା ଡାକଘର ଜମାଖାତା ଯାଞ୍ଚ**

କେନ୍ଦ୍ରାପଡ଼ା ଅଫିସ: କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ କୁଶିଆପାଳ ଶାଖା ଡାକଘର ଜମାଖାତା ଆସନ୍ତା ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଯାଞ୍ଚ ହେବ । ଏ ସମ୍ପର୍କରେ ଡାକ ବିଭାଗର କେନ୍ଦ୍ରାପଡ଼ା ଉତ୍ତର ଡିଭିଜନ ସହକାରୀ ନିରୀକ୍ଷକ ଦେବାଶିଷ ପଣ୍ଡା କହିଛନ୍ତି, ଏହି ଡାକଘରର କେତେକ ଜମାଖାତାରେ ଅନିୟମିତତା ଥିବା ଜମାକାରୀଙ୍କ ପକ୍ଷରୁ ଅଭିଯୋଗ ଆସିଥିଲା। ଏହି ପରିପ୍ରେକ୍ଷୀରେ ଜମାକାରୀମାନେ ସମୟ ଅବଧି ମଧ୍ୟରେ ନିଜର ଜମାଖାତାକୁ ଯାଞ୍ଚ ପାଇଁ ଅନୁରୋଧ କରାଯାଇଛି।



## ସଂକ୍ଷେପରେ

### ଛାତ୍ରଙ୍କ ଆତ୍ମହତ୍ୟା

ସିଂହପୁର,୧।୧୦(ଡି.ଏନ.ଏ.): ରଶି ଲଗାଇ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ବ୍ରାହ୍ମଣୀ ପାଟଣା ଗ୍ରାମର ପଦ୍ମ ମଲିକଙ୍କ ପୁଅ କାହ୍ନୁଚରଣ(୧୯)। କାହ୍ନୁଚରଣ ଟିଣା ମୌଜା ଦଶବାଟିଆର ଏକ ଗଛରେ ରଶିଦେଇ ଆତ୍ମହତ୍ୟା କରିଥିବା ଟିଣା ଗ୍ରାମର ଚାଷୀମାନେ ଗୁରୁବାର ସକାଳେ ବିଲକୁ ଯିବାବେଳେ ଦେଖିବାକୁ ପାଇଥିଲେ। ଖବର ପାଇ ଜରି ଫାଣ୍ଡି ଅଧିକାରୀ ଅଶୋକ ସ୍ୱାଇଁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। କାହ୍ନାଙ୍କ ମୃତ୍ୟୁର କାରଣ ଜଣା ପଡ଼ିନାହିଁ। ସେ ବ୍ୟାସନଗର କଲେଜର ଛାତ୍ର ଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ସହାୟତା ପାଇଁ ପାଚିକା, ସହାୟିକାଙ୍କ ଦାବିପତ୍ର

ନାଉଗାଁ,୧।୧୦(ସ୍ୱ.ପ୍ର.): କରୋନା ମହାମାରୀ ଯୋଗୁ ବିଦ୍ୟାଳୟ ବନ୍ଦ ରହିଥିବାରୁ ପାଚିକା, ସହାୟିକାମାନେ ପ୍ରଭାବିତ ହୋଇଛନ୍ତି। ତେଣୁ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ନାଉଗାଁ ବ୍ଲକ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା, ସହାୟିକା ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀ ମାଗୁଣି ଚରଣ ମହାନ୍ତିଙ୍କୁ ୩ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରକୁ ସଂଘ ସମ୍ପାଦିକା ସୁରମା ବେହେରା, ସୁବାସ ସ୍ୱାଇଁ, ବବିତା ସେଠୀ, ରୁବି ମହାନ୍ତି, ସଂଯୁକ୍ତା ଦାସ, ବେଲ ଲେଙ୍କା ଓ କୌଶଲ୍ୟା ବିଶ୍ୱାଳ ପ୍ରମୁଖ ପ୍ରଦାନ କରିଛନ୍ତି। ଦାବିପତ୍ରରେ ପାଚିକା, ସହାୟିକାମାନଙ୍କୁ ପାରିଶ୍ରମିକ ପ୍ରଦାନ, ୧୦ ହଜାର ଟଙ୍କା ସହାୟତା ଓ ୨୮ ମାସର ବର୍ଦ୍ଧିତ ଦରମା ଅବିଳମ୍ବେ ପ୍ରଦାନ କରିବା ପାଇଁ ଉଲ୍ଲେଖ କରାଯାଇଛି।

### ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

ଖଣ୍ଡପଡ଼ା,୧।୧୦(ସ୍ୱ.ପ୍ର.): ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ବର୍ଷ ତଳେ ସହରର ୧୨ନଂ. ୱାର୍ଡ ଅଧୀନ ଗୋଳାପୋଖରୀ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ବିଭାଗୀୟ ସ୍ଥାଣୁତା ଯୋଗୁ ଏହା କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି। ପମ୍ପ ହାଉସରେ ତାଲା ଝୁଲୁଥିବା ବେଳେ ବିଦ୍ୟୁତ୍ ସଂଯୋଗ କରାଯାଇ ନାହିଁ। ପାଇପ ଲାଇନ ବିଛାଇବା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଗ୍ରାମର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଜଣାପଡିଛି। ଗ୍ରାମବାସୀ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସୁଫଳ ମିଳି ନାହିଁ। ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।

### ଦୁର୍ଘଟଣାରେ ଯୁବକ ଗୁରୁତର

ଖଣ୍ଡପଡ଼ା,୧।୧୦(ସ୍ୱ.ପ୍ର.): ଖଣ୍ଡପଡ଼ା-ବାହାଡ଼ା ରାସ୍ତାର କୁସୁମୀ ସେତୁ ଉପରେ ଗୁରୁବାର ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଫତେଗଡ ଥାନା ମରିଚିଆ ଗ୍ରାମର ମାନସ ଜୟସିଂହ। ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାନସ ନିଶାଶକ୍ତ ହୋଇ ବାଇକ୍ ଚଳାଉଥିବାରୁ ଦୁର୍ଘଟଣା ଘଟିଥିବା ଏସ୍ଆଇ ପ୍ରଫୁଲ୍ଲ ଦେଓ ସୂଚନା ଦେଇଛନ୍ତି।

# ନିର୍ଦ୍ଦେଶରେ ସୀମିତ ସିଇଟିପି

**ଯାଜପୁର ଅଫିସ,୧।୧୦**

ଯାଜପୁର ଜିଲା ବ୍ରାହ୍ମଣୀ ନଦୀତଟବର୍ତ୍ତୀ ଅଞ୍ଚଳରେ ପ୍ରଦୂଷିତ ଜଳର ଉପଚାର କରିବାକୁ ସିଇଟିପି (କମନ୍ ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ) ସ୍ଥାପନ ପାଇଁ ହାଇକୋର୍ଟ ପ୍ରାୟ ୫ ବର୍ଷ ତଳେ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ସୁପ୍ରିମକୋର୍ଟଙ୍କ ରିଟ୍ ପିଟିଶନ (ନଂ.୩୭୫/୨୦୧୨)କୁ ଆଧାର କରି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ହୋଇଥିବା ଆବେଦନ (ନଂ.୫୯୩/୨୦୧୭) ଉପରେ ମଧ୍ୟ ସମାନ ନିର୍ଦ୍ଦେଶ ହୋଇଥିଲା। ହେଲେ ଏ ଯାଏ ନିର୍ଦ୍ଦେଶ ପାଳନ ହୋଇପାରିଲାନାହିଁ। ସିଇଟିପି ସ୍ଥାପନ ହୋଇ ନ ପାରିବାରୁ ମାତ୍ରାଧିକ ପ୍ରଦୂଷଣରେ ବ୍ରାହ୍ମଣୀ ନଦୀଜଳ ଜହର ହେଉଛି। ଫଳରେ ଜିଲାର ଦାନଗଦି, କୋରେଇ, ରସୁଲପୁର, ଯାଜପୁର, ବିଞ୍ଝାରପୁର ଓ ବରୀ ବ୍ଲକର ଜନସାଧାରଣ ଓ ପ୍ରାଣୀଙ୍କ ଉପରେ ଗଭୀର ପ୍ରଭାବ ଦେଖିବାକୁ ମିଳୁଛି।

ଶଙ୍ଖ ଓ କୋଏଲ ନଦୀର ମିଶ୍ରଣରେ ରାଉରକେଲା ନିକଟ ପାନପୋଷଠାରେ ବ୍ରାହ୍ମଣୀ ନଦୀର ଉତ୍ପତ୍ତି। ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କଟକ ଓ ଯାଜପୁର ଜିଲା ଦେଇ ୪୮୦ କିଲୋମିଟର ପ୍ରବାହିତ ହୋଇ ଏହା ଚାନ୍ଦବାଲିଠାରେ ଧାମରା ମୁହାଣରେ ବଙ୍ଗୋପସାଗରରେ ମିଶିଛି। ଯାଜପୁର ଜିଲାର ଜେନାପୁରଠାରେ ବ୍ରାହ୍ମଣୀ ବିଭକ୍ତ ହୋଇ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀରେ ପରିଣତ ହୋଇଛି। ଏହି ନଦୀରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ସୁକିନ୍ଦାର ବିଭିନ୍ନ ଖଣିର ବର୍ଜ୍ୟବସ୍ତୁ ମିଶୁଛି। ଉପରମୁଣ୍ଡରେ ଅନୁଗୋଳ ଓ ରାଉରକେଲାର ବର୍ଜ୍ୟବସ୍ତୁ ମିଶିବା ଫଳରେ ଏହାର ଜଳ ଅଧିକ ବିଷାକ୍ତ ହେଉଛି। ଏହାର ପ୍ରତିବାଦରେ ଜନ ଆନ୍ଦୋଳନ ହେବା ସହିତ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ୨୮।୮।୨୦୧୫ରେ ହାଇକୋର୍ଟ ଉକ୍ତ ଜନସ୍ୱାର୍ଥ ମାମଲାର ବିଚାର କରି ଖରସ୍ରୋତାରେ ମିଶିଥିବା ଗଣ୍ଡାନାଳର ଜଳ ପ୍ରଦୂଷଣକୁ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶିଳ୍ପ, ଖଣି, ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ ସଚିବଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଅଧ୍ୟକ୍ଷ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ଅଧ୍ୟକ୍ଷ ଏବଂ ଝାରସୁଗୁଡ଼ା, ଯାଜପୁର, ତାଳଚେର ଓ କେନ୍ଦୁଝର ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଥିଲେ। ବ୍ରାହ୍ମଣୀ ଓ ଶାଖାନଦୀଗୁଡିକର ଜଳ ପ୍ରଦୂଷଣ ମୁକ୍ତ କରିବାକୁ ସିଇଟିପି ସ୍ଥାପନ ପାଇଁ ହାଇକୋର୍ଟଙ୍କ ରାୟରେ ପ୍ରକାଶ ପାଇଥିଲା। ଏହି କ୍ରମରେ ୨୪।୯।୨୦୧୫ରେ ଗଣ୍ଡାନାଳ ଜଳ ପ୍ରଦୂଷଣକୁ ରୋକିବାକୁ ତାହାର ତଟବର୍ତ୍ତୀ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସିଇଟିପି ଲଗାଇବାକୁ ଏସ୍‌ପିସିବି ନିଷ୍ପତ୍ତି ନେଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହାପରେ ୨୦୧୫ ଡିସେମ୍ବର ୨୯ରେ ବ୍ରାହ୍ମଣୀର କବାଟବନ୍ଧ, ଖରସ୍ରୋତାର ଟିସ୍କୋ ଇନ୍‌ଟେକ୍ ପଏଣ୍ଟ (ମାର୍ଥାପୁର), ଯୋକଡ଼ିଆ ବ୍ରିଜ୍, ଗଣ୍ଡାନାଳର ଦେଉଳକଣା, କୁସୁମପୁର ବ୍ରିଜ, ମାର୍ଥାପୁର ନିକଟରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ସେଥିରେ ତୀବ୍ର ବିଷାକ୍ତ ଦ୍ରବ୍ୟ ସାୟାନାଇଡ୍ ଓ ଫେନୋଲିକ୍ କମ୍ପାଉଣ୍ଡ (କୋଇଲାକ୍ତ ପଦାର୍ଥ) ରହିଥିବା ଜଣାପଡ଼ିଥିଲା। ଜଳନମୁନାରେ ଆବଶ୍ୟକତାଠାରୁ ବହୁ ଅଧିକ ତଥା ୦.୦୦୫ ମିଲିଗ୍ରାମ/ଲିଟରଠାରୁ ୮/୧୦ ଗୁଣ ଅଧିକ ଫେନୋଲିକ୍ କମ୍ପାଉଣ୍ଡ ଓ ସାୟାନାଇଡ ରହିଥିବା ପରୀକ୍ଷାରେ ସ୍ପଷ୍ଟ ହୋଇଥିଲା। ୨୦।୯।୨୦୧୮ରେ ଉପରୋକ୍ତ ଏନଜିଟି ମାମଲାର ଶୁଣାଣି ହୋଇଥିଲା। ଏଥିରେ ଜଳ ପ୍ରଦୂଷଣ ସଂକ୍ରାନ୍ତରେ ତଦନ୍ତ ଏବଂ ପ୍ରତିକାର ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରିଙ୍କ ନେତୃତ୍ୱରେ ୫ ଜଣିଆ କମିଟି ଗଠନ କରିବାକୁ ଏନଜିଟି ନିର୍ଦ୍ଦେଶ ଦେଇଥିଲା। କମିଟିରେ ପରିବେଶ ବିଭାଗ ନିର୍ଦ୍ଦେଶକ, ସହର ଉନ୍ନୟନ ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ, ଏସ୍‌ପିସିବି ସଦସ୍ୟ ସଚିବ ସାମିଲ ହୋଇ ନଦୀତଟବର୍ତ୍ତୀ ଅଞ୍ଚଳ ଅନୁଯାୟୀ ଏକ ଆକ୍ସନ ପ୍ଲାନ ତିଆରି କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହି ମର୍ମରେ ସିପିସିବି ଓଡ଼ିଶା ଏସ୍‌ପିସିବିକୁ ନିର୍ଦ୍ଦେଶ ଜାରି କରି କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲା। କିନ୍ତୁ ଯାଜପୁର ଜିଲା ଏସ୍‌ପିସିବି ପାଇଁ ଏହିସବୁ କାଗଜପତ୍ରରେ ସୀମିତ ରହିଛି। ହାଇକୋର୍ଟ ଓ ଏନଜିଟିଙ୍କ ନିର୍ଦ୍ଦେଶ ଅନୁସାରେ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ଉପରୋକ୍ତ ଅଞ୍ଚଳରେ ଏଯାଏ ସିଇଟିପି ସ୍ଥାପନ ହୋଇପାରିନାହିଁ। ତେଣୁ କଳିଙ୍ଗନଗର ଶିଳ୍ପାଞ୍ଚଳର ୧୦ରୁ ଊର୍ଦ୍ଧ୍ୱ କାରଖାନା ବ୍ରାହ୍ମଣୀ ଓ ଖରସ୍ରୋତାରୁ ନିର୍ମଳ ପାଣି ନେଇ ସ୍ଥାନୀୟ ଅଞ୍ଚଳକୁ ଗରଳ ଫେରାଉଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ଚାଲିଛି। ତେବେ ସିଇଟିପି ବିଷୟରେ ଏଯାଏ ତାଙ୍କ ପାଖରେ କୌଣସି ନିର୍ଦ୍ଦେଶ ନାହିଁ। ନିର୍ଦ୍ଦେଶ ଆସିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



ଖରସ୍ରୋତରେ ମିଶୁଛି ଗଣ୍ଡାନାଳର ଦୂଷିତ ପାଣି।

**ବ୍ରାହ୍ମଣୀ ନଦୀ ଜଳ ଜହର**

## ଗଜାନନଙ୍କୁ ମିଳିଲା ଟ୍ରାଇ ସାଇକେଲ

**ବରଗଡ଼ ଅଫିସ୍,୧।୧୦**

ବରଗଡ଼ ବ୍ଲକ ତେନ୍ତଲା ଗ୍ରାମର ଯୁବକ ଗଜାନନ ରାଉତ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସେ ହିଁ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି । ଘରେ ବୃଦ୍ଧା ମା, ବାପା ଛଡ଼ା ଅନ୍ୟ କେହି ନଥିବାବେଳେ ତାଙ୍କ ମୁଣ୍ଡରେ ପରିବାର ବୋଝ ପଡ଼ିଛି । ଏକମାତ୍ର ଭଉଣୀର ବାହାଘର ସରି ଯାଇଛି । ସେ ଓ୍ୱମାନର ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ ପାନ ଦୋକାନଟିଏ କରିଛନ୍ତି । ମାତ୍ର ସେ ଦିବ୍ୟାଙ୍ଗ ହୋଇଥିବା ଯୋଗୁ ସେଠାକୁ ନିୟମିତ ଚାଲିଚାଲି ଯିବା, ଆସିବା କରିବା ତାଙ୍କ ପକ୍ଷରେ କଷ୍ଟସାଧ୍ୟ ହୋଇ ପଡ଼ିଥିଲା । ଏ ନେଇ ଗୁରୁବାର ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ପକ୍ଷରୁ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କୁ ଅନୁରୋଧ କରାଯାଇଥିଲା । ତାଙ୍କ ଅନୁରୋଧକୁ ରକ୍ଷା କରି ବିଡ଼ିଓ ମେହେର ଗଜାନନଙ୍କୁ ଏକ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି । ଏହା ପ୍ରଦାନ ସମୟରେ ବିଡ଼ିଓ ମେହେରଙ୍କ ସମେତ ଯୁବନେତା ଉମେଶ ପଣ୍ଡା, ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ହରଭଙ୍ଗା ବ୍ଲକରେ ମାଡ଼ି ଚାଲିଛି ପତ୍ରପୋଡ଼ା ରୋଗ

**ମିଳୁନି କୀଟନାଶକ, ଚିନ୍ତାରେ ଚାଷୀ**

**ହରଭଙ୍ଗା,୧।୧୦( ଡି.ଏନ୍.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଏବର୍ଷ ଭଲ ଧାନ ଫସଲ ହୋଇଥିବା ବେଳେ ଚଳିତବର୍ଷ ଆସିଥିବା ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏପଟେ ବନ୍ୟା ଦୁଃଖ ନ ସରିବା ପୂର୍ବରୁ ଦାଉ ସାଜିଲା ଭଳି ପତ୍ରପୋଡା ରୋଗ ଚାଷୀଙ୍କ ଆଖିରୁ ନିଦ ହଜାଇଛି । ବ୍ଲକର ସମସ୍ତ ପଞ୍ଚାୟତରେ ଏହି ରୋଗ ମାଡି ଚାଲିଛି । ବିଶେଷ କରି ବ୍ଲକର କୁଟୁଣିଆପଡା, ସୁକପାଲି, ତୁକୁଲୁଣ୍ଡା, ଧଳପୁର, ଲୁଣିବାହାଲ, ହରେକୃଷ୍ଣପୁର ରେ ପତ୍ରପୋଡା ରୋଗରେ ଧାନ ଫସଲ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳୁଚି । ଏବେ ଧାନ ବାହାରି ଆସୁଥିବା ସମୟରେ ଏଭଳି ରୋଗ ହେବାରୁ ଚାଷୀଙ୍କ ଚିନ୍ତା ବଢିଛି। ଅନ୍ୟପକ୍ଷରେ ପତ୍ରପୋଡା ରୋଗର ନିରାକରଣ ପାଇଁ ଧାନ ଗଛରେ ପଟାସ୍ ସାର ପ୍ରୟୋଗ କରିବା ସହିତ ପ୍ଲାଟୋମାଇସିନ୍ ସହ ବାଇଟିକ୍ସ ୨ ଗ୍ରାମ କୀଟନାଶକକୁ ୧ ଲିଟର ପାଣିରେ ମିଶାଇ ଛିଞ୍ଚନ କରିବାକୁ ବିଭାଗ ପକ୍ଷରୁ କୁହାଯାଉଛି । ତେବେ କୀଟନାଶକ ପାଇଁ ଗଲେ ଏହା ମିଳୁନାହିଁ। କୃଷି ବିଭାଗ ପକ୍ଷରୁ କୁହାଯାଉଥିବା ଔଷଧ ବ୍ୟବହାର କଲେ ମଧ୍ୟ ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ତୁରନ୍ତ କୃଷି ବିଭାଗ ଚାଷୀଙ୍କୁ ରିହାତି ଦରରେ ଔଷଧ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।



ଚାଷୀମାନେ ଧାନ ଗଛରେ ପୋକ ଲାଗିଥିବା ଦେଖାଉଛନ୍ତି ।

## ବରିଷ୍ଠ ନାଗରିକ ଦିବସରେ ହୋମଯଜ୍ଞ

**ବରଗଡ଼ ଅଫିସ୍,୧।୧୦**

ବରଗଡ଼ ସଂଯୁକ୍ତ ଯୁବ ସଂଗଠନ ପକ୍ଷରୁ ଶାନ୍ତି ତପୋବନ ମାତୃଛାୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ପାଦ ପ୍ରକ୍ଷଳନ ସହିତ ପୂଜା କରାଯାଇଥିଲା। ଏହା ସହିତ ବରିଷ୍ଠ ନାଗରିକମାନଙ୍କୁ ନବବସ୍ତ୍ର ପ୍ରଦାନ କରାଯାଇଥିଲା। ପଣ୍ଡିତ ବୈଷ୍ଣବ ଦାଶଙ୍କ ପୌରୋହିତ୍ୟରେ ହୋମଯଜ୍ଞ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ଦେବଦତ୍ତ ତ୍ରିପାଠୀ, ଲବଙ୍ଗ ସାହୁ, ସଙ୍ଗୀତା ସାହୁ, ସନ୍ଧ୍ୟା ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରଗଡ଼ର ବିଭିନ୍ନ ସ୍ଥାନରେ ଗୁରୁବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମରେନ୍ଦ୍ର ନାରାୟଣ ଯାଦବ ସଭାପତିତ୍ୱ କରିଥିଲେ। ସଂଘ ସମ୍ପାଦକ ପ୍ରହ୍ଲାଦ ମୁଖ୍ୟବକ୍ତାଭାବେ ଯୋଗଦେଇ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ପ୍ରହ୍ଲାଦ ମହାପାତ୍ର, ସଂଗଠନର ସମ୍ପାଦକ କେଦାର ମିଶ୍ର, ଭରତ ଦାଶ, ତୁଳସୀ ଦାଶ, କୃଷ୍ଣ ପଣ୍ଡା, କୃପାନିଧି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରୁ ସ୍ୱର୍ଗତ ଭାଗବତ ପ୍ରସାଦ ନନ୍ଦ, ଦଶରଥ ବାଗ, ବିଶିଷ୍ଟ ଭୋଇ, ଲିଙ୍ଗରାଜ ଆଚାର୍ଯ୍ୟ, କଳ୍ପବଟ ସାହୁଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା ।

## କର୍କଟ ରୋଗ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**କୋକସରା, ୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡା ଗ୍ରାମର ନିରାକାର ପ୍ରଧାନୀ (୩୫) ଏକ ପ୍ରାଇଭେଟ କମ୍ପାନୀରେ କାମ କରୁଥିଲେ। ଯାହା ଦରମା ମିଳୁଥିଲା ସେଥିରେ ଘର ସଂସାର ଚଳାଉ ଥିଲେ । ସମସ୍ତଙ୍କ ପରି ତାଙ୍କର ମଧ ଅନେକ ସ୍ୱପ୍ନ ରହିଥିଲା । ହେଲେ କିଛି କରିବା ଆଗରୁ ଏହି ଯୁବକ ଜଣକ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଦିନରାତି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଚିକିତ୍ସା ନିମନ୍ତେ ପାଖରେ ଅର୍ଥ ବଳ ନାହିଁ । ପାଟି ଭିତରେ କ୍ୟାନସର ହୋଇଥିବାରୁ ସେ ମୁଠାଏ ଖାଇ ପାରୁଛନ୍ତି ନା କିଛି କଥା କହି ପାରୁଛନ୍ତି । ଏବେ ସେ ଶଯ୍ୟାଶାୟୀ ହୋଇ ଜୀବନ ସହ ଯୁଝି ଚାଲିଛନ୍ତି ।

ପ୍ରକାଶ ଯେ, ପ୍ରାୟ ୭ ମାସ ହେବ ନିରାକାର ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି । ତାଙ୍କୁ କର୍କଟ ରୋଗ ହୋଇଥିବା ଜାଣିବା ପରେ ପରିବାର ଲୋକେ ବିଭିନ୍ନ ହସପିଟାଲ ନେଇ ଚିକିତ୍ସା କରାଇ ସର୍ବସ୍ୱାନ୍ତ ହେଲେଣି । ହେଲେ ଅର୍ଥ ଅଭାବରୁ ଆଉ ଅଧିକ ଦିନ ହସପିଟାଲରେ ରଖି ଚିକିତ୍ସିତ କରି ନ ପାରି ଏବେ ଘରକୁ ଫେରାଇ ଆଣିଛନ୍ତି । ପ୍ରାୟ ୨ମାସ ହେବ ଡାକ୍ତରଖାନାରୁ ଘରକୁ ଆସିବା ପରେ ନିରାକାରଙ୍କ ସ୍ୱାସ୍ଥ୍ୟବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି । ଏପଟେ ନିରାକାରଙ୍କ ଘରେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଏବଂ ୨ ପୁଅ ବବଲୁ ଓ ଆଶୁତୋଷ । ରାତିପାହିଲେ କଣ ଖାଇବେ ସେହି ଚିନ୍ତା । ବାପାର ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ପଞ୍ଚମ ଶ୍ରେଣୀରେ ପାଠ ପଢିବା ପରେ ବବଲୁ ଷଷ୍ଠ ଶ୍ରେଣୀରେ ନାଁ ଲେଖାଇ ପାରି ନାହାନ୍ତି । ଏହି ପରିବାରକୁ ଆବାସ ଯୋଜନାରେ ମଞ୍ଜୁର ହୋଇଥିବା ଘର ମଧ ତିଆରି କରିବା କଷ୍ଟକର ହୋଇପଡିଛି । ଏପର କି ରାଶନ କାର୍ଡ ଖଣ୍ଡେ ମିଳି ପାରିନାହିଁ । ଫଳରେ ପରିବାର ଚିନ୍ତା ଓ ସ୍ୱାମୀଙ୍କ ଚିକିତ୍ସା ଖର୍ଚ୍ଚ କିପରି ତୁଲାଇବେ ତାହା ଲକ୍ଷ୍ମୀଙ୍କୁ ଘାରିଛି । କୌଣସି ସହୃଦୟ ବ୍ୟକ୍ତି କିମ୍ବା ଜିଲା ପ୍ରଶାସନ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଲକ୍ଷ୍ମୀ ଗୁହାରୀ କରିଛନ୍ତି । ଏନେଇ କୋକସରା ବିଡିଓ ମନୀଷା ଦାସଙ୍କୁ ପଚାରିବାରେ ଆବଶ୍ୟକ କାଗଜ ପତ୍ର ଆଣି ଦେଲେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ସାହାଯ୍ୟ ମିଳିବା ଲାଗି ଉଦ୍ୟମ କରିବୁ ବୋଲି କହିଛନ୍ତି ।



ଶଯ୍ୟାଶାୟୀ ସ୍ୱାମୀ ନିରାକାରଙ୍କ ପାଖରେ ସ୍ତ୍ରୀ ଲକ୍ଷ୍ମୀ।

## ରାସ୍ତାରେ ନର୍ଦ୍ଦମା ପାଣି : ଲୁହୁରାପଡ଼ାବାସୀ ହନ୍ତସନ୍ତ

**ତରଭା,୧।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ସହରର କେତେକ ସ୍ଥାନରେ ରାସ୍ତାରେ ନର୍ଦ୍ଦମା ପାଣିର ସୁଅ ଛୁଟୁଛି । ସହରର ରାସ୍ତାଘାଟ ତଥା ଗଳିକନ୍ଦିଗୁଡିକ ଜନସାଧାରଣଙ୍କ ଯାତାୟାତ ସୁବିଧା ଦୃଷ୍ଟିରୁ କଂକ୍ରିଟ କରାଯାଇଛି । ହେଲେ ଦୂରଦୃଷ୍ଟି ଅଭାବରୁ ଉକ୍ତ ରାସ୍ତାଗୁଡିକର ଡ୍ରେନେଜ ବ୍ୟବସ୍ଥା ସୁଚାରୁ ରୂପେ କରାଯାଇ ନାହିଁ । ଫଳରେ ସହରର ଅନେକ ଗଳିରାସ୍ତାରେ ଡ୍ରେନେଜ ପାଣି ପ୍ରବାହିତ ହେବା ସହ ଜମା ହୋଇ ରହୁଥିବାରୁ ଉକ୍ତ ଗଳିରେ ବାସ କରୁଥିବା ଅଧିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନେଜ ପାଣି ଜମା ହୋଇ ରହୁଥିବାରୁ ମଶା ମାଛିଙ୍କ ବଂଶବୃଦ୍ଧି ହେଉଛି । ଫଳରେ ପଡାବାସୀ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି । ତରଭା ନୂଆଁପଡା ଛକ ପାଖରେ ଥିବା ଠଣେ ଗଳିର ଅବସ୍ଥା ଅତି କଦର୍ଯ୍ୟ ହୋଇଛି । ଉକ୍ତ ଗଳିଠାରୁ କିଛି ଦୂରରେ ଥିବା ଲୁହୁରାପଡା ଗଳିରେ ବସବାସ କରୁଥିବା ଜନସାଧାରଣ ନର୍ଦ୍ଦମା ପାଣି ମାଡି ଯାତାୟାତ କରିବା ଦେଖିବାକୁ ମିଳୁଛି । ଅନେକ ସମୟରେ ଉକ୍ତ ଗଳିର ଲୁହୁରାପଡା ପର୍ଯ୍ୟନ୍ତ ରାସ୍ତାରେ ଆଣ୍ଠୁଏ ଉଚ୍ଚର ନର୍ଦ୍ଦମା ପାଣି ଜମି ରହୁଥିବାରୁ ଉକ୍ତ ରାସ୍ତା ଦେଇ ଜନସାଧାରଣ ଯାତାୟାତ କରିବା କଷ୍ଟକର ହୋଇଛି । ଏ ନେଇ ସ୍ଥାନୀୟ ଲୋକେ ଏନଏସି କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଆପତ୍ତି ଅଭିଯୋଗ କରିଥିଲେ ମଧ କୌଣସି ପ୍ରତିକାର କରାଯାଉନାହିଁ । ଫଳରେ ଜନ ଅସନ୍ତୋଷ ଆନ୍ଦୋଳନ ପାଇଁ ଦାନା ବାନ୍ଧିବାରେ ଲାଗିଛି। ସୂଚନାଯୋଗ୍ୟ ଯେ ,ଉକ୍ତ ସ୍ଥାନରୁ ୨୦ରୁ ୨୫ ମିଟର ଦୂରରେ ନୂଆଁପଡାରେ ଭୂତଳ ନାଳ ରହିଛି । ଯଦି ଉକ୍ତ ଭୂତଳ ନାଳରେ ଏହି ରାସ୍ତାର ଡ୍ରେନ ପାଣି ସଂଯୋଗୀକରଣ କରାଯାଆନ୍ତା ତାହେଲେ ରାସ୍ତାରେ ଜମୁଥିବା ନର୍ଦ୍ଦମା ପାଣି ନିଷ୍କାସନ ହୋଇପାରନ୍ତା ବୋଲି ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ ତଥା ଏନଏସି କର୍ତ୍ତୃପକ୍ଷ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ନର୍ଦ୍ଦମା ପାଣି ନିଷ୍କାସନର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ କରୋନା ଯୋଦ୍ଧା ସମ୍ମାନ

**ବରଗଡ଼ ଅଫିସ୍,୧।୧୦**

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଆସ୍ଥିତ ନିଷ୍ଠା ଭବନରେ ଗୁରୁବାର ନିଷ୍ଠା ପରିବାର ତରଫରୁ ଜାତୀୟ ରକ୍ତଦାନ ଦିବସ ପାଳିତ ହୋଇଛି । ଏହି ଅବସରରେ ମୁଖ୍ୟଅତିଥିଭାବେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ସମ୍ମାନିତ ଅତିଥି ତହସିଲଦାର ସବ୍ୟସାଚୀ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଡଃ ରାଜେଶ କୁମାର ସାହୁ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୩୮ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଅତିଥିମାନେ ଦୀପ ପ୍ରଜ୍ୱଳନ କରିବା ପରେ ନିଷ୍ଠା ପରିବାର ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ହରିଶ୍ଚନ୍ଦ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କରୋନା ମହାମାରୀ ସମୟରେ ଦିନରାତି କରୋନା ରୋଗୀଙ୍କୁ ନେବା, ଆଣିବା କରୁଥିବା ୧୧ଜଣ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ କରୋନା ଯୋଦ୍ଧାଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । କରୋରେ ମୃତ୍ୟୁବରଣ କରିଥିବା ଆମ୍ବୁଲାନ୍ସ ଡ୍ରାଇଭର ସୁଧିର ଭୋସାଗରଙ୍କୁ ମରଣୋତ୍ତର ସମ୍ମାନ ସହିତ ନିଷ୍ଠା ପରିବାର ତରଫରୁ ତାଙ୍କ ପରିବାରକୁ ନଗଦ ୫ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିଲା । ଜାତୀୟ ରକ୍ତଦାନ ଦିବସକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ନିଷ୍ଠାର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ସଂଯୋଜକ ମଦନ ମୋହନ ଦାଶଙ୍କ ସମେତ ନିଷ୍ଠା ପରିବାର ଅନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ରହି କାଯର୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ନୂତନ କାଯର୍ୟକାରିଣୀ କମିଟି ଗଠନ କରାଯାଇଥିଲା ।



ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଉଛି ।

## ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା

- ଜୀବନଜୀବିକା ପ୍ରଭାବିତ ପରେ ହେଜିଲେ
- ଆଦିବାସୀଙ୍କୁ ବଞ୍ଚିବାର ରାହା ଯୋଗାଇଛି

**ଲୋକନାଥ ମିଶ୍ର**
**ନୟାଗଡ଼ ଅଫିସ,୧।୧୦**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଟାଙ୍ଗନାଡି ଗାଁରେ ପଦା ହୋଇଥିବା ୪ଜଙ୍ଗଲକୁ ଗ୍ରାମବାସୀ ଠେଙ୍ଗାପାଳିରେ ସୁରକ୍ଷା ଦେଇ ସବୁଜିମା କରାଇ ପାରିଛନ୍ତି। ତେବେ ଜୀବନଜୀବିକା ପ୍ରଭାବିତ ପରେ ଆଦିବାସୀମାନେ ମେଳି ହୋଇ ଏଭଳି କାମ କରିବାକୁ ଆଗେଇ ଆସିଥିଲେ। ନିଜ ପାଇଁ କରୁ କରୁ ଏବେ ୪୫ ଏକର ଜଙ୍ଗଲ ସୁରକ୍ଷିତ ହୋଇପାରିଛି। ଏହି ଜଙ୍ଗଲରେ ଶାଳ, ପିଆଶାଳ, ଅସନ, ବାନ୍ଧଣ, ବାଉଁଶ, କୁସୁମ ଆଦି ମୂଲ୍ୟବାନ ଗଛ ଦେଖିବାକୁ ମିଳୁଛି। ଏହି ଜଙ୍ଗଲ ଏବେ ଆଦିବାସୀଙ୍କୁ ବଞ୍ଚିବାର ରାହା ଯୋଗାଇଛି।

ଟାଙ୍ଗନାଡି ଗାଁର ତାବଲି ପାହାଡ, ଚରିଆବଣ, ଭାଲୁ ମୁଣ୍ଡିଆ, ବିଲୁଆପଡା ଜଙ୍ଗଲ ୨ ହଜାର ମସିହା ବେଳକୁ ପଦା ହୋଇଯାଇଥିଲା। ଏଥିଯୋଗୁ ଆଦିବାସୀମାନେ ଜିବୀକା ନିର୍ବାହ କରିବା କଷ୍ଟକର ହୋଇପଡିଲା। ସେମାନେ ଆଉ ଜଙ୍ଗଲରୁ ଶାଳ ଓ ଶିଆଳି ପତ୍ର ପାଇଲେ ନାହିଁ। ଫୁଲ ଝାଡୁ ବି କରିପୋରିଲେ ନାହିଁ। ଏପରି କି ବଣ ଫଳମୂଳ ପାଇଲେ ନାହିଁ। ଫଳରେ ଜୀବନ ଧାରଣ କରିରହିବା କଷ୍ଟକର ହୋଇ ପଡିଲା। ଜଙ୍ଗଲ ଜଗିବା ପାଇଁ ସେମାନେ ଆଗ୍ରହ ପ୍ରକାଶ କରୁଥିଲେ ମଧ କାଠ ମାଫିଆମାନେ ସେମାନଙ୍କୁ ହଇରାଣ କରୁଥିଲେ। ବିଭିନ୍ନ ସମୟରେ ସେମାନଙ୍କର ମଧରେ ବିବାଦ ସୃଷ୍ଟି କରୁଥିଲେ। ତେବେ ୨୦୦୩ ରେ ମହିଳାପୁରୁଷ ଆଦିବାସୀ ଏକଜୁଟ ହୋଇ ଠେଙ୍ଗାପାଳିରେ ଜଙ୍ଗଲ ଜଗିବା ଆରମ୍ଭ କଲେ। କାଠମାଫିଆଙ୍କୁ ଟାର୍ଗେଟ କରି ସେମାନଙ୍କ କାର୍ଯ୍ୟରେ ରୋକ୍ ଲଗାଇଲେ। ପଦା ହୋଇଥିବା ଜଙ୍ଗଲ ଧୀରେ ଧୀରେ ଘଞ୍ଚ ହେବାରେ ଲାଗିଲା। ସୁରକ୍ଷାର ୭ ବର୍ଷ ପରେ ସେମାନଙ୍କ ଜୀବନ ଜୀବିକା ପୁଣି ଜଙ୍ଗଲ ପୂରଣ କଲା। ଜଙ୍ଗଲରୁ ଶାଳ ଓ ଶିଆଳି ପତ୍ର ଆଣି ଖଲି ତିଆରି କଲେ। ଫୁଲ ଝାଡୁ ମଧ ତିଆରି କଲେ। ପାଣିଆଳୁ, ମସିହା, କଡବା, ରୁଙ୍ଗା ଆଦି ଫଳମୂଳ ସଂଗ୍ରହ କରି ଖାଇବା ସହ ବିକ୍ରି କରି ଗୁଜୁରାଣ ମେଣ୍ଟାଇଲେ। ଏବେ ସେମାନେ ଆଦିବାସୀଙ୍କ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରରେ ଜଙ୍ଗଲ ପଟ୍ଟା ପାଇବା ପାଇଁ ସରକାରଙ୍କ ନିକଟରେ ଆବେଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗାଁର ପଦ୍ମ ଚରଣ ମାଝି, ନିରୁପମା ମାଝି, ମନୋରଞ୍ଜନ ବେହେରା କୁହନ୍ତି, ଆଦିବାସୀଙ୍କ ଏକତା ଜଙ୍ଗଲକୁ ସୁରକ୍ଷା କରିପାରିଲା। ଜଙ୍ଗଲ ସୃଷ୍ଟି ପରେ ସେମାନଙ୍କ ଜୀବନଜୀବିକାରେ ଆଉ ଅସୁବିଧା ହେଉନି। ଗାଁର ୨୭ ପରିବାର ସଦସ୍ୟ ଜଙ୍ଗଲ ଉପରେ ନିର୍ଭର କରି ଚଳୁଛନ୍ତି। ତେବେ ସରକାର ଆମକୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଅନ୍ତୁ ବୋଲି କହିଛନ୍ତି।




ଜଙ୍ଗଲରେ ସୀମା ନିର୍ଦ୍ଧାରଣ କରୁଛନ୍ତି ଟାଙ୍ଗନାଡି ବାସିନ୍ଦା।

ପର୍ଯ୍ୟଟକଙ୍କୁ ଗାଳି କଲେ ବୋଲି...

# ଜୁ'ରୁ ଅଲଗା ହେଲେ ୫ ଶୁଆ

**ମଣିଷର ଭାଷା, ବ୍ୟବହାର ଏବଂ ଚାଲିଚଳଣିକୁ ଅନୁକରଣ କରୁଥିବା ପକ୍ଷୀଙ୍କ ଭିତରେ ଶୁଆ ସବୁଠୁ ଆଗରେ। ତେଣୁ ସଭ୍ୟତା ସହ ସମାନ୍ତରାଳ ଭାବେ ଏହାକୁ ମଣିଷ ପାଳିଆସୁଛି। ହେଲେ ଇଂଲଣ୍ଡର ଏକ ଚିଡ଼ିଆଖାନାରେ ଶୁଆକୁ ନେଇ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ପର୍ଯ୍ୟଟକ, ଯାତ୍ରୀଙ୍କୁ ଗାଳିଗୁଲଜ କରିବା କାରଣରୁ ଏଠାକାର ୫ ଶୁଆଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।**



ଲଣ୍ଡନ: ଶୁଆର ବ୍ୟବହାରକୁ ନେଇ ସୋସିଆଲ ମିଡିଆରେ ଅନେକ ମଜାଳିଆ ଭିଡିଓ ଭାଇରାଲ ହେବା ସାଧାରଣ କଥା। ମଣିଷ ଭଳି କଥା ହେବା, ଗୀତ ଗାଇବା ଏବଂ ମନୋରଞ୍ଜନ କରୁଥିବା କାରଣରୁ ଶୁଆକୁ ଛୋଟରୁ ବଡ଼ ଯାଏ ସମସ୍ତେ ପସନ୍ଦ କରିଥାନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଚିଡ଼ିଆଖାନାରେ ମଧ୍ୟ ଏହି ପକ୍ଷୀଙ୍କୁ ପ୍ରଦର୍ଶିତ କରାଯାଇଥାଏ। ହେଲେ ଇଂଲଣ୍ଡର ଫ୍ରିସ୍‌କ୍ନେସ୍ଥିତ ଲିଙ୍କନଶାୟାର ୱାଇଲ୍ଡ ଲାଇଫ୍ ପାର୍କରେ ଥିବା ୫ ଶୁଆ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବ୍ୟବହାରରେ ଅତିଷ୍ଠ ହୋଇ ଜୁ' କର୍ତ୍ତୃପକ୍ଷ ସମ୍ପୃକ୍ତ ଶୁଆମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଛନ୍ତି।

ପାର୍କର ଚିଫ୍ ଏକ୍ଜ୍ୟୁଟିଭ୍ ଷ୍ଟିଭ୍ ନିକୋଲାସ୍ କହିଛନ୍ତି, ଜୁ'ର ମୁଖ୍ୟ କରିଡ଼ରରୁ ସ୍ଥାନାନ୍ତର ହୋଇଥିବା ଶୁଆଙ୍କ ନାମ ଏରିକ୍, ଜେଡ୍, ଟାଇସନ, ବିଲି, ଏଲ୍ସି। ସମ୍ପୃକ୍ତ ଶୁଆଗୁଡ଼ିକ ଘରୋଇ ଭାବେ ପାଳିତ ହେଉଥିଲେ। ସମ୍ପୃକ୍ତ ପରିବାର ସେମାନଙ୍କୁ ଆଣି ଜୁ' କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ। ସମ୍ପୃକ୍ତ ୫ ଶୁଆଙ୍କୁ କିଛିଦିନ ଲାଗି ସଙ୍ଗରୋଧରେ ରଖାଯାଇଥିଲା। ଏହାପରେ ସେମାନଙ୍କ ଭିତରେ ଅନେକ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଇଥିଲା। ସଙ୍ଗରୋଧ ସରିବା ପରେ ସେମାନଙ୍କୁ ମୁଖ୍ୟ କେଜ୍‌କୁ ଅଣାଯାଇଥିଲା। ହେଲେ ସେମାନେ ଚିଡ଼ିଆଖାନା ଆସୁଥିବା ପର୍ଯ୍ୟଟକଙ୍କ ମନୋରଞ୍ଜନ କରିବା ପରିବର୍ତ୍ତେ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ। ପର୍ଯ୍ୟଟକମାନେ ଖରାପ ଅନୁଭୂତି ନେଇ ଫେରିବା ପରେ ଚିନ୍ତା ବଢ଼ିଥିଲା। ଯଦିଓ ଶୁଆଙ୍କ ଏପରି ଅସଭ୍ୟ ଗାଳିଗୁଲଜକୁ ଅନେକେ ପସନ୍ଦ କରୁଥିଲେ ତଥାପି ଶିଶୁମାନଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବା ଆଶଙ୍କା ଥିବାରୁ ଏପରି ପଦକ୍ଷେପ ନିଆଯାଇଛି। ବ୍ୟବହାରରେ ପରିବର୍ତ୍ତନ ଆସିବା ପରେ ପୁନର୍ବାର ସେମାନଙ୍କୁ ଅଣାଯିବ ବୋଲି ଷ୍ଟିଭ୍ ସୂଚନା ଦେଇଛନ୍ତି। କେତେକ ପ୍ରଜାତିର ପକ୍ଷୀ ମଣିଷର ଭାଷାକୁ ଅତି ସହଜରେ ଅନୁକରଣ କରିବାରେ ସମର୍ଥ। ପୂର୍ବରୁ ଏପରି ଘଟଣା ଘଟିସାରିଛି। ହେଲେ ଖରାପ ବ୍ୟବହାର ପାଇଁ ଥରକେ ୫ ଶୁଆଙ୍କୁ ସ୍ଥାନାନ୍ତର କରାଯିବା ଚିଡ଼ିଆଖାନା ଇତିହାସରେ ପ୍ରଥମ ଘଟଣା ବୋଲି ଚିଡ଼ିଆଖାନା କର୍ତ୍ତୃପକ୍ଷ କହିଛନ୍ତି।

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା

(ଆୟୁଷ)
ଓମ୍ ବିଘ୍ନେଶ ଆର୍ଯ୍ୟନ୍
ଗ୍ରାମ: ଡେଣୁଅ, ନିମାପଡ଼ା, ପୁରୀ
ତୋର ପଞ୍ଚମ ଜନ୍ମଦିନରେ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ କି ଠାକୁର ତୋତେ ସୁସ୍ଥ, ଦୀର୍ଘାୟୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା- ଅନ୍ତର୍ଯ୍ୟାମୀ, ମାମା- ରଶ୍ମି, ଅଜା, ଆଇ, ମାଆ, ମାମୁ, ବାପା ଓ ବୋଉ ।
ଧ-୧୮୩୮୨

୧୭ତମ ଜନ୍ମବାର୍ଷିକ ଶୁଭେଚ୍ଛା

ସାଗର (ବିଶ୍ୱଜିତ୍)
ଧୁକୁଟା, ଅନୁଗୁଳ
ଆଜି ତୋର ଶୁଭ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:-
ରାକେଶ, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୪୪୮

# ରକୁଲଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ


ରକୁଲ ପ୍ରୀତ ସିଂହ

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରୀତ ସିଂହ ଏବେ ବେଶ୍ ଚର୍ଚ୍ଚାରେ। ତାଙ୍କ ଫଟୋ ହେଉ କିମ୍ବା ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ରକୁଲଙ୍କର ଫ୍ୟାନ୍ ଫଲୋଇଙ୍ଗ୍ ବେଶ୍ ଅଧିକ। ସେ କେବଳ ବଲିଉଡ୍ ନୁହେଁ ଟଲିଉଡ୍‌ରେ ମଧ୍ୟ ବେଶ୍ ନାଁ କମେଇଛନ୍ତି। ନିକଟରେ ରକୁଲଙ୍କର ଏକ ଡ୍ୟାନ୍ସ ଭିଡିଓ ଇଣ୍ଟରନେଟ୍‌ରେ ଧୁମ୍ ମଚାଇଛି। ଏହି ଭିଡିଓରେ ସେ ନିଜର 'ହୌଲି ହୌଲି' ସଙ୍ଗରେ ଫେମସ୍ କୋରିଓଗ୍ରାଫର୍ ମେଲବିନ୍ ଲୁଇସ୍‌ଙ୍କ ସହ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଏଥିରେ ଦୁଇ ଜଣଙ୍କ କେମେଷ୍ଟ୍ରିକୁ ଲୋକେ ପସନ୍ଦ କରିଛନ୍ତି। ଏହି ଭିଡିଓକୁ ବର୍ତ୍ତମାନ ସୁଦ୍ଧା ୧ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ତେବେ ବହୁ ଫ୍ୟାନ୍ କମେଣ୍ଟ ମଧ୍ୟ କରିଛନ୍ତି। ରକୁଲଙ୍କ ଅନ୍ଦାଜ୍ ଏଥିରେ ମସ୍ତ ଲାଗୁଛି। ଦେଖିବାକୁ ସେ ଯେମିତି ସୁନ୍ଦରୀ, ଅଭିନୟ ମଧ୍ୟ ତାଙ୍କର ସେମିତି ଦମ୍‌ଦାର। ଟଲିଉଡ୍‌ରେ ସେ ପ୍ରାୟ ହିଟ୍ ଫିଲ୍ମ ଦେଇଛନ୍ତି। କିଛି ଦିନ ହେଲା ରକୁଲ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ସୂଚନା ଥାଉ କି, ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତ ମୃତ୍ୟୁ ମାମଲାରେ ଡ୍ରଗ୍ସ ଲିଙ୍କ୍‌କୁ ନେଇ ରକୁଲଙ୍କ ନାଁ ମଧ୍ୟ ଛନ୍ଦି ହୋଇଯାଇଛି। ଏନ୍‌ସିବି (ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ) ପକ୍ଷରୁ ତାଙ୍କୁ ସମନ୍ କରାଯାଇଥିଲା। ତେବେ ତାଙ୍କ ନା ଅଯଥାରେ ବିଭିନ୍ନ ଗଣମାଧ୍ୟମରେ ନିଆଯାଉଥିବାରୁ ସେ ଏହାକୁ ବନ୍ଦ କରିବାକୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଛନ୍ତି। ତେବେ ଆଗକୁ ଇଣ୍ଡିଆନ-୨ ମୁଭିରେ ରକୁଲ୍ ମୁଖ୍ୟ ଭୂମିକାରେ ନଜର୍ ଆସିବେ।

# ଗାନ୍ଧିଜୀଙ୍କ ବେଶରେ କରୋନା ସଚେତନତା



ଅହମ୍ମଦାବାଦ: ସଚେତନତା ପାଇଁ ମହାତ୍ମା ଗାନ୍ଧୀଙ୍କ ବେଶ। ଏଭଳି ଏକ ନିଆରା ଢଙ୍ଗ ଆପଣାଇ ଏବେ ଢେର୍ ଚର୍ଚ୍ଚିତ ହେଉଛନ୍ତି ଗୁଜରାଟ ରାଜକୋଟର ଜଣେ ୧୦ ବର୍ଷର ବାଳକ। ଏତେ କମ୍ ବୟସରେ ବାଳକ ଜଣକର ଏଭଳି ପ୍ରୟାସକୁ ସବୁଆଡୁ ପ୍ରଶଂସା ମିଳିଛି।

ବାଳକଜଣକ ମହାତ୍ମା ଗାନ୍ଧୀଙ୍କ ଭଳି ଗେଟ୍‌ଅପ୍ ନେବା ପାଇଁ ଏକ ଧୋତି ପିନ୍ଧିବା ସହିତ ଦେହରେ ଏକ ଶାଲ ଗୁଡ଼ାଇ କୋଭିଡ୍ ଟେଷ୍ଟ ନିମନ୍ତେ ଯାଇଥିଲେ। ଟେଷ୍ଟ ନିମନ୍ତେ ସ୍ୱାବ ଦେବା ପରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଭଳି ଗେଟ୍‌ଅପ୍‌ରେ ସେ ନିଜର କୋଭିଡ୍ ଟେଷ୍ଟ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଟେଷ୍ଟ କରିବା ନିମନ୍ତେ ଉତ୍ସାହିତ କରିପାରିବେ ବୋଲି କହିଛନ୍ତି। ସମସ୍ତେ ତାଙ୍କ ଭଳି ଟେଷ୍ଟ କରିବାରେ ସହଯୋଗ କଲେ ହିଁ ଆମ ଦେଶ ସୁସ୍ଥ ରହିପାରିବ ବୋଲି ସେହି ବାଳକଜଣକ କହିଛନ୍ତି। ଏବେ ସୋସିଆଲ ମିଡିଆରେ ଏହି ଗାନ୍ଧୀ ଗେଟ୍‌ଅପ୍ ବି ଭାଇରାଲ୍ ହେବାରେ ଲାଗିଛି। ଗାନ୍ଧୀ ଅବସରରେ ଏହି ଫଟୋକୁ ଲୋକେ ଅଧିକ ସଂଖ୍ୟାରେ ଫଲୋ କରୁଥିବାବେଳେ ସୁନ୍ଦର ସୁନ୍ଦର କମେଣ୍ଟ ବି ଦେଉଛନ୍ତି। ଏତେ କମ୍ ବୟସରୁ ଛୋଟ ପିଲାଙ୍କର କରୋନା ସଂକ୍ରମଣ ନେଇ ଏଭଳି ସଚେତନତା ଏବଂ ଲୋକଙ୍କୁ ଉତ୍ସାହିତ କରିବା ଶୈଳୀ ଖୁବ୍ ପ୍ରଶଂସନୀୟ।

# ଏଲିଫ୍ୟାଣ୍ଟ ଡକ୍ଟର କୁଶଲ ଶର୍ମା

ନୂଆଦିଲ୍ଲୀ: କିଛିଲୋକ ପଶୁମାନଙ୍କ ପ୍ରତି ଏତେ ନିର୍ଦ୍ଦୟ ବ୍ୟବହାର କରନ୍ତି ଯେ, ବେଳେବେଳେ ତାହା ବର୍ବରତାର ସୀମା ଟପିଯାଏ। କିନ୍ତୁ ଆଜିର ଯୁଗରେ ବି ଏଭଳି କେତେଜଣ ମଣିଷ ଅଛନ୍ତି ଯେଉଁମାନଙ୍କ ମନରେ ପଶୁମାନଙ୍କ ପ୍ରତି ରହିଛି ସ୍ୱତନ୍ତ୍ର ଭଲପାଇବା। ଏମିତି ଜଣେ ଭିନ୍ନ ମଣିଷ ହେଉଛନ୍ତି 'ଏଲିଫ୍ୟାଣ୍ଟ ଡକ୍ଟର' କୁଶଲ କୁଅଁର ଶର୍ମା। ଆସାମର ଏହି ଡାକ୍ତର ଜଣକ ବିଭିନ୍ନ ରାଜ୍ୟ ବୁଲି ହାତୀ ତଥା ଅନ୍ୟ ବନ୍ୟପ୍ରାଣୀଙ୍କର ଚିକିତ୍ସା କରି ଜୀବନ ରକ୍ଷା କରୁଛନ୍ତି।

ଆସାମ ତଥା ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଏଲିଫ୍ୟାଣ୍ଟ ଡକ୍ଟର ନାମରେ ବେଶ୍ ନାଁ କମାଇଛନ୍ତି କୁଶଳ କୁମାର। ନିଜ ଜୀବନକୁ ଖାତିର ନ କରି ସେ ହାତୀମାନଙ୍କର ଚିକିତ୍ସା କରିବା ନିମନ୍ତେ ଜଙ୍ଗଲ ଭିତରକୁ ବି ଯାଇଥାନ୍ତି। ହାତୀମାନଙ୍କ ପାଇଁ କୁଶଲଙ୍କର ଭଲପାଇବା ଏତେ ଅଧିକ ଯେ ଜୀବନର ଅଧିକାଂଶ ସମୟ ସେ ହାତୀମାନଙ୍କ ଗହଣରେ ବିତାଇଥାନ୍ତି। ଏମିତି କି ହାତୀମାନଙ୍କ ପାଇଁ ସେ ଜୀବନର ଯେତିକି ସମୟ ଦେଇଛନ୍ତି ସେତିକି ସମୟ ନିଜ ପରିବାର ପାଇଁ ବି ଦେଇ ନାହାନ୍ତି। ହାତୀମାନଙ୍କ ସହ ଅନେକ ସମୟ ରହିବା ଫଳରେ ସେ ହାତୀମାନଙ୍କ ଭାଷାକୁ ସହଜରେ ବୁଝିପାରନ୍ତି।

ଗୁଆହାଟୀରେ ଥିବା କଲେଜ ଅଫ୍ ଭେଟେରିନାରୀ ସାଇନ୍ସର ସର୍ଜରି ଓ ରାଡିଓଲୋଜି ବିଭାଗରେ ପଢାନ୍ତି ପ୍ରଫେସର ଡାକ୍ତର ଶର୍ମା। କିନ୍ତୁ ତାଙ୍କୁ କେହି ବିଧିବଦ୍ଧଭାବେ ସାହାଯ୍ୟ ନ ମାଗିଲେ ବି ସେ ପଶୁମାନଙ୍କ ଚିକିତ୍ସା ନିମନ୍ତେ ନିଜେ ସ୍ୱତଃପ୍ରବୃତ୍ତଭାବେ ପହଞ୍ଚି ଯାନ୍ତି। ଏହି ଡାକ୍ତରଙ୍କର ହାତୀମାନଙ୍କ ସହ ଅନେକ ଭାବପୂର୍ଣ୍ଣ ମୁହୂର୍ତ୍ତ ରହିଛି, ଯାହାକୁ ସେ ଆଜି ବି ମନେପକାଇ ଭାବୁକ ହୋଇପଡ଼ନ୍ତି। ତେବେ ହାତୀମାନଙ୍କ ପାଇଁ ତାଙ୍କର ଏହି ସ୍ୱତନ୍ତ୍ର ଉତ୍ସର୍ଗୀକୃତ କାମ ଲାଗି ତାଙ୍କୁ ସରକାରଙ୍କ ତରଫରୁ ଏଥର ପଦ୍ମଶ୍ରୀ ପୁରସ୍କାର ବି ଦିଆଯାଇଛି।



# ରୋପ୍ ଜମ୍ପ୍‌ରେ ଷ୍ଟଣ୍ଟ



ନୂଆଦିଲ୍ଲୀ: ଷ୍ଟଣ୍ଟ ଦେଖାଇ କିଛି ଲୋକ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିବାକୁ ଚାହିଁଥାନ୍ତି ତ କିଛି ଲୋକ ଷ୍ଟଣ୍ଟ ଦ୍ୱାରା ରେକର୍ଡ କରିବାକୁ ଇଚ୍ଛା ରଖିଥାନ୍ତି। ଉଦେଶ୍ୟ ଯାହା ବି ହେଉ ଷ୍ଟଣ୍ଟ ଦେଖିବା ପାଇଁ ମନରେ ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି ହୋଇଥାଏ। ଠିକ୍ ଏମିତି କିଛି ଷଣ୍ଟଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓରେ ଜୋରାୱର ସିଂହ ନାମକ ଜଣେ ଆଥଲେଟ୍ ତାଙ୍କର ଅନ୍ୟ ତିନି ଜଣ ଯୁବକଙ୍କ ସହ ମିଶି ରୋପ୍ ଜମ୍ପ୍‌ର ଷ୍ଟଣ୍ଟ କରୁଛନ୍ତି। ଦୁଇଟି ରଶିରେ ଏକ ସମୟରେ ୪ଜଣ ଯୁବକ ମିଶି ଏତେ ସୁନ୍ଦରଭାବେ ସ୍କିପିଂ କରୁଛନ୍ତି ଯେ ଦେଖିବା ଲୋକେ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଯିବେ।

ପ୍ରଥମେ ଦୁଇଜଣ ଯୁବକ ଅନ୍ୟ ଦୁଇଜଣ ଯୁବକଙ୍କ କାନ୍ଧରେ ବସି ଦଉଡି ବୁଲାଉଛନ୍ତି ଓ ଛିଡ଼ା ହୋଇଥିବା ଯୁବକ ଦୁଇଜଣ ସେମାନଙ୍କ ସହ ତାଳ ଦେଇ ସ୍କିପିଂ କରୁଛନ୍ତି। ଏହାପରେ ସେମାନେ ତଳକୁ ଓହ୍ଲାଇ ପୁଣି ଥରେ ସମସ୍ତେ ଏକ ସମୟରେ ବିଭିନ୍ନ ଷ୍ଟାଇଲରେ ସ୍କିପିଂ କରୁଛନ୍ତି। ସ୍କିପିଂ ସମୟରେ ସମସ୍ତଙ୍କ ମଧ୍ୟରେ ରହିଥିବା ତାଳମେଳ ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବେ। ତେବେ ଏଭଳି ଏକ ରୋପ୍ ଜମ୍ପ୍ ନିମନ୍ତେ ୬ ବର୍ଷ ପୂର୍ବରୁ ସେମାନଙ୍କୁ ଏକାଠି ଅଭ୍ୟାସ କରିବାକୁ ପଡୁଥିଲା ବୋଲି କହିଛନ୍ତି ଆଥଲେଟ୍ ଜୋରାୱର ସିଂହ। ପୂର୍ବରୁ ସେ ନିଜେ ଏକା ଏକା ସ୍କିପିଂ ଓ ରୋପ୍ ଜମ୍ପ୍‌ରେ ବିଭିନ୍ନ ପ୍ରକାରର ଷ୍ଟଣ୍ଟ ଦେଖାଇ ଲୋକଙ୍କୁ ପ୍ରଭାବିତ କରିବା ସହିତ ରେକର୍ଡ ମଧ୍ୟ କରିଛନ୍ତି। ଏବେ ତାଙ୍କର ଏହି କୌଶଳ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ସହ ଢେର୍ ଲୋକଙ୍କ ପ୍ରଶଂସା ସାଉଁଟିପାରିଛି।

# ବିପଦ ଆସିଲେ ବଦଳିଯାଏ କୁଣ୍ଡପାଣିର ରଙ୍ଗ

ନୂଆଦିଲ୍ଲୀ: ଦେଶରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। ପ୍ରତ୍ୟେକ ମନ୍ଦିରର କିଛି ନା କିଛି ବିଶେଷତ୍ୱ ରହିଛି। ସେହିପରି କଶ୍ମୀରର ଶ୍ରୀନଗର ତୁଲମୁଲାରେ ଏମିତି ଏକ ମନ୍ଦିର ରହିଛି, ଏହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଏହି ମନ୍ଦିରର ନାମ ମାତା କ୍ଷୀର ଭବାନୀ। ଏଠାରେ ଥିବା ଏକ କୁଣ୍ଡ ଆଗୁଆ ବିପଦ ସମ୍ପର୍କରେ ସୂଚନା ଦେଇଥାଏ। ପଣ୍ଡିତଙ୍କ ଅନୁସାରେ ବିପଦ ଆସିବା ପୂର୍ବରୁ କୁଣ୍ଡପାଣିର ରଙ୍ଗ ବଦଳି ଯାଇଥାଏ। ମନ୍ଦିରର ଦେଖାଶୁଣା କରୁଥିବା ରାଜେନ୍ଦ୍ର ସିଂ କୁହନ୍ତି, କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସମୟରେ କୁଣ୍ଡ ପାଣିର ରଙ୍ଗ ବଦଳି ଯାଇଥିଲା। ମୋଦିଙ୍କ ଘୋଷଣା ପୂର୍ବରୁ କୁଣ୍ଡ ପାଣିର ରଙ୍ଗ କଳା ହୋଇଯାଇଥିଲା। କିନ୍ତୁ ଏବେ ସ୍ୱାଭାବିକ ହୋଇଛି। ଏହି ମନ୍ଦିରକୁ କଶ୍ମୀର ପଣ୍ଡିତମାନେ ନିର୍ମାଣ କରିଥିଲେ। ଅଶାନ୍ତ ବାତାବରଣ ଯୋଗୁ ଏଠାକୁ ଖୁବ୍ କମ୍ ଲୋକ ଆସିଥାନ୍ତି। ବିଶେଷକରି ଯବାନମାନେ ଏହି ମନ୍ଦିରକୁ ପୂଜା କରିବାକୁ ଆସିଥାନ୍ତି। ସୂଚନାଯୋଗ୍ୟ ଯେ, ୨୦୦୮ରେ ଅମରନାଥ ଭୂମି ଆନ୍ଦୋଳନ, ୨୦୧୦ରେ ଅମର ଅବ୍‌ଦୁଲ୍ଲା ସରକାରରେ ହିଂସା, ୨୦୧୪ରେ ବନ୍ୟା, ୨୦୧୬ରେ ହିଜବୁଲ ଆତଙ୍କ ସମୟରେ ମଧ୍ୟ କୁଣ୍ଡ ପାଣିର ରଙ୍ଗ ବଦଳି ଯାଇଥିଲା।


ତୁଲମୁଲାର ମାତା କ୍ଷୀର ଭବାନୀ ମନ୍ଦିର

# ଷ୍ଟ୍ରିଟ୍ ଲାଇବ୍ରେରି

**ଇଟାନଗର:** ବିଶ୍ୱରେ ଅନେକ ଲାଇବ୍ରେରି ରହିଛି। ତେବେ ଅରୁଣାଚଳ ପ୍ରଦେଶରେ ରହିଛି 'ଷ୍ଟ୍ରିଟ୍ ଲାଇବ୍ରେରି'। ଏହାକୁ ମୀନା ଗୁରୁଙ୍ଗ ନାମକ ଜଣେ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କ ପାଇଁ ଆରମ୍ଭ କରିଛନ୍ତି। ମୀନା ଏବେ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଛନ୍ତି। ଏହି ଲାଇବ୍ରେରି ଆରମ୍ଭ ହେବା ଦିନରୁ ହିଁ ପାଠକଙ୍କ ପ୍ରତି ବେଶ୍ ସକାରାତ୍ମକ ପ୍ରଭାବ ପକାଇଛି। ମୀନା କୁହନ୍ତି, ବହି ପଢ଼ିବା ଦ୍ୱାରା ମାନସିକ ବିକାଶ ବୃଦ୍ଧି ହୋଇଥାଏ। ଏଥିସହିତ ବିଭିନ୍ନ ଭାଷା ବୁଝିବା ଏବଂ କହିବା ମଧ୍ୟ ସହଜ ହୋଇଥାଏ। ଲକ୍‌ଡାଉନ୍ ଯୋଗୁ ଲୋକେ ଅଧିକାଂଶ ସମୟ ସ୍ମାର୍ଟଫୋନରେ ବିତାଉଛନ୍ତି। ଏହାଦ୍ୱାରା ନିଦ୍ରାହୀନତା ପରି ଅନେକ ରୋଗର ଶିକାର ହେଉଛନ୍ତି। ତେଣୁ ଏସବୁ ସମସ୍ୟା ଦୂର କରିବା ପାଇଁ ସେ ଏପରି ପଦକ୍ଷେପ ନେଇଛନ୍ତି।

ଏହି ଲାଇବ୍ରେରିରେ ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷ ପଢ଼ିପାରିବେ। ଉକ୍ତ ଲାଇବ୍ରେରିରେ କୌଣସି ତାଲା ପଡ଼େ ନାହିଁ। ଯିଏ ଯେତେବେଳେ ଚାହିଁବ ବହି ପଢ଼ିପାରିବ। ମୀନା କୁହନ୍ତି, ତାଲା ନ ପଡ଼ି ମଧ୍ୟ ଗୋଟିଏ ବି ବହି ଚୋରି ହେଉନାହିଁ। ଯଦିଓ କେହି କେବେ ବହି ଚୋରି କରିନେବ ତେବେ ସେ ଏଥିରେ ବହୁତ ଖୁସି ହେବେ। କାରଣ ଜଣେ ବହି ପଢ଼ିବ ବୋଲି ଚୋରି କରି ନେଇଛି, ଯାହା ତାଙ୍କୁ ଅଧିକ ଖୁସି ଆଣିଦେବ।

ମୀନାଙ୍କୁ ଏପରି ଲାଇବ୍ରେରି କରିବାର ପ୍ରେରଣା ମିଜୋରାମର 'ମିନି ୱେ ସାଇଡ୍ ଲାଇବ୍ରେରି'ରୁ ମିଳିଥିଲା। ମୀନା ତାଙ୍କର ଜଣେ ବନ୍ଧୁ ଦିବାଙ୍ଗ ହୋସାଇଙ୍କ ସହ ମିଶି ଏପରି ଲାଇବ୍ରେରି କରିବା ପାଇଁ ମନସ୍ଥ କରିଥିଲେ। ମୀନାଙ୍କର ଏହି ଲାଇବ୍ରେରିରେ ଅଧିକ ମହିଳା ଏବଂ ଟିନ୍‌ଏଜ୍‌ର ପିଲା ପଢୁଛନ୍ତି। ଲାଇବ୍ରେରିରୁ ବହି ନେଇ ଲୋକେ ଖୋଲାସ୍ଥାନରେ ପଢୁଛନ୍ତି। ଧୀରେ ଧୀରେ ଲାଇବ୍ରେରିଟି ଲୋକଙ୍କୁ ଆକର୍ଷିତ କରୁଛି। ବହି ଉଧାରରେ ନେଇ ପାଠକ ପଢିସାରିବା ପରେ ପୁଣି ଆଣି ଫେରାଉଛନ୍ତି।




ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବଟକୃଷ୍ଣ ବେହେରା
ଅବସରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ
ସୋଲପାଟ M.E ସ୍କୁଲ୍, ଯାଜପୁର
ଆବିର୍ଭାବ: ୨୩।୦୨।୧୯୪୭
ତିରୋଧାନ: ୨୨।୦୯।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ମମତା ଡୋରର ଅଛିଣ୍ଡା ଖିଅରେ ଶିକ୍ଷକ ଜୀବନର ପ୍ରତିଟି ଲୋକଙ୍କୁ ବାନ୍ଧିଦେଇ ଚାଲିଗଲେ ଚିରଦିନ ପାଇଁ ଅଫେରନ୍ତା ରାଇଜକୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା... ସଭିଙ୍କର।
ହତଭାଗ୍ୟ:- ସ୍ତ୍ରୀ, ଭାଇ, ଭାଉଜ, ପୁତ୍ର-ପୁତ୍ରବଧୂ, ପୁତୁରା-ପୁତୁରାବୋହୂ ସମୂହ, ଝିଅ-ଜ୍ୱାଇଁ, ସମସ୍ତ ଝିଆରୀ ଓ ଝିଆରୀ ଜ୍ୱାଇଁମାନେ, ନାତି-ନାତୁଣୀ ତଥା ସୋଲପାଟ- ବେହେରା ପରିବାରର ସମସ୍ତ ସଦସ୍ୟ ବୃନ୍ଦ।
ଧ-୧୮୪୫୧

ଦ୍ୱାଦଶାହ ଉପଲକ୍ଷେ

ସ୍ୱର୍ଗତ ପ୍ରଶନ୍ନ କୁମାର ତ୍ରିପାଠୀ
Plot No. N-5/128, IRC Village, Nayapalli
ତିରୋଧାନ: ୨୧।୦୯।୨୦୨୦
ଆପଣଙ୍କ ଅକାଳ ବିୟୋଗରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ, ଝିଅ, ଜ୍ୱାଇଁ, ନାତି ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୮୪୫୬

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ରଞ୍ଜନ କୁମାର ସାଇଁ (କୁନା)
ଅଟଳା, ବାଲିଅନ୍ତା
ଆବିର୍ଭାବ - ୨୩.୦୩.୧୯୬୨
ତିରୋଧାନ - ୨୨.୦୯.୨୦୨୦
ଆମମାନଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲୁ ହେଲେ ଆମ ପାଖରେ ଏବେବି ଥିଲାପରି ଲାଗୁଛୁ, ତୋର ନିଷ୍କପଟତା ଓ ସରଳତା ଆମମାନଙ୍କ ମନରେ ସର୍ବଦା ସ୍ମୃତି ହୋଇ ରହିବ।
ଶୋକସନ୍ତପ୍ତ : ପିତା-ଜଗନ୍ନାଥ ଖୁଣ୍ଟିଆ, ବୋଉ, ସାନଭାଇ, ପତ୍ନୀ, ପୁଅ, ଝିଅ-ଜ୍ୱାଇଁ, ଭଉଣୀ-ଭିଣେଇ, ଭଣଜା-ଭାଣେଜୀ, ଝିଆରୀ-ପୁତୁରା, ନାତି-ନାତୁଣୀ, Unit-6 (DRC) କର୍ତ୍ତୃପକ୍ଷ, ବନ୍ଧୁ ଓ ପରିବାର ବର୍ଗ।
ଧ-୬୯୭୬୯

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଅଲେଖ ଚନ୍ଦ୍ର ପଣ୍ଡା
କୁଞ୍ଜପଦା, ବନମାଳିପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୫।୧୨।୧୯୪୮
ତିରୋଧାନ: ୨୨।୦୯।୨୦୨୦
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଅନୁଶାସନ ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ସଦାସର୍ବଦା ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ପୁତ୍ର ଓ ପୁତ୍ରବଧୂ, ଭ୍ରାତା, ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୫୫୪

# ସାଇନିଂ ଓପନର

**ଉଦୀୟମାନ କ୍ରିକେଟର ଦେବଦତ୍ତ ପଡିକାଲ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦ ବର୍ଷରେ ପଦାର୍ପଣ କରିଥିବା ଏହି ବ୍ୟାଟ୍ସମ୍ୟାନ ଚଳିତ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତରଫରୁ ୩ଟି ମ୍ୟାଚ୍‌ରେ ଇନିଂସ ଓପନ୍ କରି ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କର୍ନାଟକ ତରଫରୁ ଘରୋଇ କ୍ରିକେଟ ଖେଳୁଥିବା ପଡିକାଲ ଭବିଷ୍ୟତରେ ଜଣେ ବଡ଼ ତାରକା ହେବେ ବୋଲି ଆଶା କରାଯାଉଛି...**





ନିର୍ମଳ କୁମାର ମିଶ୍ର

କରୋନା ମଧ୍ୟରେ କ୍ରିକେଟର ବିଜୟ ହୋଇଛି। ଆରମ୍ଭ ହୋଇଛି ଗ୍ଲାମରସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)। ଦର୍ଶକମାନେ ବେଶ୍ ଖୁସି। ଖେଳାଯାଇଥିବା ମ୍ୟାଚଗୁଡିକ ମଧ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓପନର ସମସ୍ତ ଦର୍ଶକଙ୍କର ମନ ଜିଣିବାକୁ ସକ୍ଷମ ହୋଇଛନ୍ତି। ସେ ହେଉଛନ୍ତି ଦେବଦତ୍ତ ପଡିକାଲ। ବାମହାତୀ ବ୍ୟାଟ୍ସମ୍ୟାନ। କିଛି ବର୍ଷ ହେବ ଭିନୁମଙ୍କଡ ଟ୍ରଫିରେ ଦମଦାର ପ୍ରଦର୍ଶନ। ଫଳସ୍ୱରୂପ ସୁଯୋଗ ମିଳିଲା ଆଇପିଏଲ୍‌ରେ। ବାଙ୍ଗାଲୋର ପକ୍ଷରୁ ଇନିଂସ ଓପନିଂ ପୁଣି ଅଷ୍ଟ୍ରେଲିଆର ଆକ୍ରମଣାତ୍ମକ ବ୍ୟାଟସ୍‌ମ୍ୟାନ ତଥା ଅଧିନାୟକ ଆରୋନ୍ ଫିଞ୍ଚଙ୍କ ସହିତ। ନିଜର ପ୍ରଥମ ମ୍ୟାଚରେ ଦମ୍‌ଦାର ଅର୍ଦ୍ଧଶତକ ସହିତ ସମସ୍ତଙ୍କୁ ଚମକାଇ ଦେଇଥିଲେ ଏହି ଯୁବ ଖେଳାଳି। କର୍ନାଟକ ରଣଜୀ ଦଳ ପାଇଁ ସେ ବର୍ତ୍ତମାନ ଖେଳୁଛନ୍ତି। ଟି୨୦ ସ୍ପେଶିଆଲିଷ୍ଟ ଭାବେ ତାଙ୍କ ପାଖରେ ଅନେକ ପ୍ରତିଭା ରହିଛି। ସାଧାରଣତଃ ବାମହାତୀ ବ୍ୟାଟ୍ସମ୍ୟାନମାନେ ବେଶ୍ ଆକ୍ରମଣାତ୍ମକ କ୍ରିକେଟ ଖେଳିଥାନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ବାମହାତୀ ବ୍ୟାଟ୍ସମ୍ୟାନମାନଙ୍କ ମଧ୍ୟରେ ସନଥ୍ ଜୟସୁରିଆ, ବ୍ରାଏନ୍ ଲାରା, ଡେରିକ୍ ଖାୱାର, କ୍ଲାଇବ୍ ଲଏଡ, ସୌରଭ ଗାଙ୍ଗୁଲି, ଗ୍ୟାରି ସୋବର୍ସ, ଆଦାମ୍ ଗିଲକ୍ରିଷ୍ଟଙ୍କ ପରି ବ୍ୟାଟ୍ସମ୍ୟାନମାନଙ୍କ ଆକ୍ରମଣାତ୍ମକ ଖେଳ ଯେଉଁମାନେ ଦେଖିଛନ୍ତି, ବାସ୍ତବରେ ସେମାନଙ୍କର ବ୍ୟାଟିଂ ଭୁଲିପାରି ନାହାନ୍ତି। ଅଷ୍ଟ୍ରେଲିଆର ଡେଭିଡ ୱାର୍ନର ମଧ୍ୟ ଲଗାମ ଛଡା ବ୍ୟାଟିଂ କରି ପ୍ରତିପକ୍ଷଙ୍କୁ ଭୟଭୀତ କରାଇଥାନ୍ତି। ଏହା ସତ୍ୟ ଯେ କର୍ନାଟକ କ୍ରିକେଟ ଆସୋସିଏଶନ୍ ଅନେକ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଅଲଟାଇମ୍ ଗ୍ରେଟ୍ ଜଭାଗଲ ଶ୍ରୀନାଥ, ରାହୁଲ୍ ଦ୍ରାଭିଡ୍, ଅନିଲ୍ କୁମ୍ବଲେ, ଇରାପଲ୍ଲୀ ପ୍ରସନ୍ନା, ଭଗବତ୍ ଚନ୍ଦ୍ରଶେଖର, ବ୍ରିଜେଶ ପଟେଲ୍, ସୟଦ କିରମାନୀ ଏବଂ ରୋଜର ବିନି। ବର୍ତ୍ତମାନର ଅନ୍ତର୍ଜାତୀୟ ଖେଳାଳି ରୂପେ ମୁରଲୀ ବିଜୟ, ମନୀଷ ପାଣ୍ଡେ, ଲୋକେଶ୍ ରାହୁଲ, ବିଜୟ କୁମାର, ମୟଙ୍କ ଅଗ୍ରୱାଲ୍, କରୁନ ନାୟାର ଏବଂ ଦେବଦତ୍ତ ପଡିକାଲ୍।

ଏମାନଙ୍କ ମିଳିତ ଉଦ୍ୟମରେ କର୍ନାଟକ ଦଳ ୮ଥର ରଣଜୀ ଚାମ୍ପିୟନ, ୬ଥର ଇରାନୀ ଟ୍ରଫି, ୪ଥର ବିଜୟ ହଜାରେ ଟ୍ରଫି ଏବଂ ୨ଥର ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ବିଜୟୀ ହୋଇଛି। ୨୦୧୮-୧୯ରେ କର୍ନାଟକ ପାଇଁ ରଣଜୀ ଟ୍ରଫି ଆରମ୍ଭ କରିଥିବା ପଡିକାଲ୍ ଯଦିବା କୌଣସି ଅନ୍ତର୍ଜାତୀୟ ମ୍ୟାଚ ଖେଳିନାହାନ୍ତି, ଟି୨୦ ମ୍ୟାଚ ସ୍ପେଶିଆଲିଷ୍ଟ ଭାବରେ ତାଙ୍କ ନିକଟରେ ଅନେକ ପ୍ରତିଭା ରହିଛି। ଏପର୍ଯ୍ୟନ୍ତ ସେ ୧୨ଟି ଟି୨୦ ମ୍ୟାଚ ଖେଳି ୬୪.୪୪ ଆଭରେଜରେ ମୋଟ ୫୮୦ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ ଏବଂ ୫ଟି ଅର୍ଦ୍ଧଶତକ ରହିଛି। ଏହି ୨୦ବର୍ଷୀୟ ଷ୍ଟାର ପରଫରମରଙ୍କ ଭବିଷ୍ୟତ ଯେ ବେଶ୍ ଉଜ୍ଜ୍ୱଳ ତାହା ନିଃସନ୍ଦେହରେ କୁହାଯାଇପାରେ।

ପଡିକାଲ କେରଳର ଏଡାପାଲ୍‌ରେ ୨୦୦୦ରେ ଜୁଲାଇ ୭ ତାରିଖରେ ଜନ୍ମଗ୍ରହଣ କରିଥିଲେ। ୨୦୧୧ରେ ତାଙ୍କ ପରିବାର ହାଇଦ୍ରାବାଦ୍‌ରୁ ବାଙ୍ଗାଲୋର ଚାଲିଯାଇଥିଲେ ଓ ସେ ସେଠାରେ ଟ୍ରେନିଂ ଆରମ୍ଭ କରିଥିଲେ। ସେ କର୍ନାଟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟରେ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ୨୦୧୪ରେ ସେ ତାଙ୍କ କ୍ରିକେଟ ଯାତ୍ରା ଆରମ୍ଭ କରିଥିଲେ। କର୍ନାଟକ ତରଫରୁ ସେ ୧୬ ଓ ୧୯ ବର୍ଷରୁ କମ୍ ବର୍ଗରେ ପ୍ରତିନିଧିତ୍ୱ କରିଥିଲେ। ୨୦୧୭ରେ ସେ କର୍ନାଟକ ପ୍ରିମିୟର ଲିଗ୍ (କେପିଏଲ୍) ଖେଳିଥିଲେ ଓ ବେଲାରୀ ଟସ୍କର୍ସ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୮-୧୯ରେ କର୍ନାଟକ ତରଫରୁ ରଣଜୀ ଟ୍ରଫି ପ୍ରଥମଶ୍ରେଣୀ କ୍ରିକେଟରେ ଡେବ୍ୟୁ କରିଥିଲେ। ୨୦୧୯- ୨୦ରେ ବିଜୟ ହଜାରେ ଟ୍ରଫି ଖେଳି ଲିଷ୍ଟ-ଏ କ୍ରିକେଟରେ ପଦାର୍ପଣ କରିଥିଲେ। ବିଜୟ ହଜାରେ ଟ୍ରଫିରେ ସେ ୬୦୯ ରନ ସଂଗ୍ରହ କରି ସର୍ବାଧିକ ସ୍କୋରର ସାବ୍ୟସ୍ତ ହୋଇଥିଲେ। ୨୦୧୯-୨୦ ଦେଓଧର ଟ୍ରଫିରେ ସେ ଭାରତ 'ଏ' ଦଳରେ ସାମିଲ ହୋଇଥିଲେ। ସେହିପରି ୨୦୧୯-୨୦ରେ ସେ ସୟଦ ମୁସ୍ତାକ ଅଲି ଟ୍ରଫିରେ କର୍ନାଟକ ତରଫରୁ ଖେଳି ଟି୨୦ ପଦାର୍ପଣ କରିଥିଲେ। ଛୋଟିଆ କ୍ୟାରିୟରରେ ସେ ଆଶାତୀତ ସଫଳତା ପାଇଛନ୍ତି। ନିଃସନ୍ଦେହରେ ସେ ଜଣେ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଓ ମାତ୍ର ୨୦ ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଇପାରେ। ମାତ୍ର ୨୦ ଲକ୍ଷ ଟଙ୍କା ବିନିମୟରେ ବାଙ୍ଗାଲୋର ଦଳରେ ସାମିଲ ହୋଇଥିବା ପଡିକାଲ ଚଳିତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ୩୭ ରନ ହାରରେ ୧୧୧ ରନ ହାସଲ କରିଛନ୍ତି। ଆଇପିଏଲ୍ ପଦାର୍ପଣରେ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୩ ଓଭର ବୋଲିଂ କରି ସେ କୌଣସି ଉଇକେଟ ହାସଲ କରିପାରି ନାହାନ୍ତି। ୩ଟି ମ୍ୟାଚ ଖେଳି ସେ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସେ ୫୬, ଦ୍ୱିତୀୟରେ ୧ ଓ ତୃତୀୟ ମ୍ୟାଚ୍‌ରେ ସେ ୫୪ ରନ ସଂଗ୍ରହ କରିଥିଲେ।

### ସଂକ୍ଷେପରେ..

ପୂରା ନାମ:
ଦେବଦତ୍ତ ବାବୁନୁ ପଡିକାଲ
ଜନ୍ମ: ୭ ଜୁଲାଇ ୨୦୦୦, ଇଡାପାଲ (କେରଳ)
ବୟସ: ୨୦
**ଘରୋଇ ଦଳ:**
କର୍ନାଟକ,
ବେଲାରି ଟସ୍କର୍ସ,
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ବ୍ୟାଟିଂ: ବାମହାତୀ
ବୋଲିଂ: ଡାହଣହାତୀ ଅଫ୍‌ବ୍ରେକ୍

### ଆଇପିଏଲ୍ ପ୍ରଦର୍ଶନ

| | |
|---|---|
| ମ୍ୟାଚ୍ | ୩ |
| ରନ | ୧୧୧ |
| ଆଭରେଜ | ୩୭ |
| ପ୍ରଥମ ମ୍ୟାଚ୍ | ୫୬ ରନ |
| ଦ୍ୱିତୀୟ ମ୍ୟାଚ୍ | ୧ ରନ |
| ତୃତୀୟ ମ୍ୟାଚ୍ | ୫୪ ରନ |

**ଆର୍ଜେଣ୍ଟିନା ତାରକା ଫୁଟ୍‌ବଲର ଲିଓନେଲ ମେସି ପୁଣି ଥରେ ବିଶ୍ୱର ସର୍ବାଧିକ ଆୟକାରୀ ଫୁଟବଲର ସାବ୍ୟସ୍ତ ହୋଇଛନ୍ତି। ସଦ୍ୟ ପ୍ରକାଶିତ ଫୋର୍ବ୍ସ ତାଲିକାରେ ସେ ଶୀର୍ଷ ସ୍ଥାନ ମଣ୍ଡନ କରିଛନ୍ତି। ଏହି କ୍ରମରେ ସେ କ୍ରିଷ୍ଟିଆନୋ ରୋନାଲ୍ଡୋ, ନେମାର, କିଲିଆନ ଏମ୍‌ବାପ୍ପେ, ପଲ ପୋଗ୍‌ବାଙ୍କ ଭଳି ଫୁଟବଲରଙ୍କୁ ପଛରେ ପକାଇଛନ୍ତି...**

# ମେସିଙ୍କ ଆୟ

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ସବୁବେଳେ ବିଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ସେ କେତେବେଳେ ଉଚ୍ଚକୋଟୀର ପ୍ରଦର୍ଶନ କରି ଗଣମାଧ୍ୟମଗୁଡିକର ଶୀର୍ଷ ମଣ୍ଡନ କରିଥାନ୍ତି ତ ପୁଣି କେତେବେଳେ ଆଶାନୁରୂପ ପ୍ରଦର୍ଶନ କରିପାରି ପ୍ରଶଂସକଙ୍କୁ ନିରାଶ କରିଥାନ୍ତି। ଏବେ କିନ୍ତୁ ସେ ନିଜ ଆୟ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ବାର୍ସିଲୋନାର ଏହି ତାରକା ଷ୍ଟ୍ରାଇକର ନିକଟରେ ସର୍ବାଧିକ ଆୟକାରୀ ଫୁଟବଲର ଭାବେ ଫୋର୍ବ୍ସ ତାଲିକାରେ ସ୍ଥାନ ପାଇଥିଲେ। ସେ ଏହି ତାଲିକାର ଶୀର୍ଷରେ ରହିଥିଲେ। ପ୍ରତିବର୍ଷ ସେ ୯୩୦ କୋଟି ଟଙ୍କା ରୋଜଗାର କରୁଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଗତବର୍ଷ ଏହି ପରିମାଣର ଅର୍ଥ ରୋଜଗାର କରିଛନ୍ତି। ବିଜ୍ଞାପନ ବାବଦରେ ସେ ପ୍ରତିବର୍ଷ ୨୪ ମିଲିୟନ ଟଙ୍କା ଅର୍ଥ ଉପାର୍ଜନ କରୁଛନ୍ତି। ୨୦୧୭ରେ ସେ ଜଣାଶୁଣା କ୍ରୀଡ଼ା ପ୍ରସାଧନ କମ୍ପାନୀ ଆଡିଡାସ ସହ ଆଜୀବନ ଚୁକ୍ତି କରିଛନ୍ତି। ଏଥିରୁ ସେ ପ୍ରତିବର୍ଷ ୯ ବିଲିୟନ ଟଙ୍କା ରୋଜଗାର କରୁଛନ୍ତି ବୋଲି କୁହାଯାଇଛି। ଆଡିଡାସର ଏବେ ସେ ବ୍ରାଣ୍ଡ୍ ଚେହେରା ବନିଯାଇଛନ୍ତି। ୨୦୧୫ରେ ସେ ଆଡିଡାସ୍‌ର ଅପ୍-ବ୍ରାଣ୍ଡ ଆଡିଡାସ ମେସିକୁ ରିଲିଜ୍ କରିବାରେ ପ୍ରଥମ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଏହାକୁ ବାଦ୍ ଦେଲେ ସେ ପେପ୍‌ସୀ, ଗେଟୋରେଡ, ହୁଆୱେଇ, ବଡ଼ୱାଇଜର ଓ ମାଷ୍ଟରକାର୍ଡର ବ୍ରାଣ୍ଡ ରହିଛନ୍ତି। ଗତବର୍ଷ ମେସି ପର୍ତ୍ତୁଗୀଜ୍ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଭଳି ଫେଶନ ଦୁନିଆରେ ପ୍ରଥମଥର ପାଇଁ ପ୍ରବେଶ କରିଥିଲେ। ସେ ନିଜ ପୋଷାକର ଲିବେଲ ଜାରି କରିଥିଲେ। ଗିନ୍ନୀ ହିଲଫିଗର ସହିତ ଚୁକ୍ତି କରି ସେ ନିଜର ଦୋକାନ 'ଦି ମେସି ଷ୍ଟୋର' ଖୋଲିଥିଲେ। ଏଥିରେ ଦାମୀ ପୋଷାକ ପ୍ରଶଂସକମାନେ କ୍ରୟ କରିବାର ସୁଯୋଗ ପାଉଛନ୍ତି। ମେସିଙ୍କ ଭଉଣୀ ମାରିଆ ଏହି ବ୍ୟବସାୟ ଚଳାଉଛନ୍ତି।

ପୁଣି ୨୦୧୭ରେ ମେସି ହେଟେଲ ବ୍ୟବସାୟରେ ପାଦ ଦେଇଥିଲେ। ୨୬ ମିଲିୟନ ଟଙ୍କା ବିନିମୟରେ ସେ ବାର୍ସିଲୋନା ନିକଟରେ ଏକ ସମୁଦ୍ରକୂଳରେ ଥିବା ରିସୋର୍ଟ କ୍ରୟ କରିଥିଲେ। ଏହି ରିସୋର୍ଟର ଛାତ ଉପରେ ରେଷ୍ଟୁରାଣ୍ଟ ରହିଛି ଓ ସମୁଦ୍ରର ମନୋରମ ଦୃଶ୍ୟ ଦେଖିବାର ସୁଯୋଗ ରହିଛି। ମେସିଙ୍କର ଏହି ୪ ତାରକା ବିଶିଷ୍ଟ ହୋଟେଲରେ ୭୭ଟି କୋଠରି ରହିଛି। ପ୍ରତି କୋଠରିକୁ ରାତି ପିଛା ୧୨୦ ପାଉଣ୍ଡ ଦେବାକୁ ହୋଇଥାଏ। ରିୟଲ ଇଷ୍ଟେଟ ବ୍ୟବସାୟ ଉପରେ ମଧ୍ୟ ତାଙ୍କର ନଜର ରହିଛି।



କେବଳ ସେତିକି ନୁହେଁ, ମେସି ପ୍ରତିବର୍ଷ ୭୧ ମିଲିୟନ ପାଉଣ୍ଡରୁ ଅଧିକ ପାଉଣା ପାଇଥାନ୍ତି। ଏଥିରେ ଟ୍ରଫି ଜିତିବା ପୁରସ୍କାର ରାଶି ସାମିଲ ନାହିଁ। ୨୦୨୧ ପର୍ଯ୍ୟନ୍ତ ଯଦି ସେ ବାର୍ସିଲୋନା ପାଇଁ ୬୦ ପ୍ରତିଶତ ମ୍ୟାଚ୍ ଖେଳନ୍ତି ତେବେ ସେ ୯୮ ମିଲିୟନ ପାଉଣ୍ଡ ଅର୍ଥ ଉପାର୍ଜନ କରିପାରିବେ। ଆଉ ଏକ ବାଲନ ଡି'ଅର ପୁରସ୍କାର ଜିତିଲେ ସେ ପ୍ରତିବର୍ଷ ୧୧୦ ମିଲିୟନ ପାଉଣ୍ଡ ଅର୍ଥ ଉପାର୍ଜନ କରିବେ।

# ଧୋନୀ ବନାମ ୱାର୍ନର

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ମ୍ୟାଚ୍‌ରେ ଶୁକ୍ରବାର ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ ଡେଭିଡ୍ ୱାର୍ନରଙ୍କ ନେତୃତ୍ୱାଧୀନ ସନ୍‌ରାଇଜର୍ସ ହାଇଦ୍ରାବଦ୍ ପରସ୍ପରକୁ ଭେଟିବେ। ଏପର୍ଯ୍ୟନ୍ତ ଦୁଇ ଦଳ ୩ଟି ମ୍ୟାଚ୍ ଖେଳିଛନ୍ତି। ଚେନ୍ନାଇ ଗୋଟିଏରେ ବିଜୟୀ ହୋଇଥିବା ବେଳେ ବାକି ୨ଟି ମ୍ୟାଚ୍‌ରେ ପରାସ୍ତ ହୋଇ ୨ ପଏଣ୍ଟ ହାସଲ କରିଛି। ସେହିପରି ହାଇଦ୍ରାବାଦ ମଧ୍ୟ ଗୋଟିଏରେ ବିଜୟୀ ହୋଇ ୨ଟିରେ ପରାଜୟବରଣ କରି ୨ ପଏଣ୍ଟ ପାଇଛି। ତେଣୁ ଦୁଇ ଦଳ ସମାନ ସ୍ଥିତିରେ ରହିଛନ୍ତି।

ଅଭିଜ୍ଞ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ପ୍ରତ୍ୟାବର୍ତ୍ତନ କରିବେ। ଫଳରେ ଚାପରେ ଥିବା ଚେନ୍ନାଇ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଅନ୍ୟପଟେ ଆରମ୍ଭରୁ ସେତେଟା ଭଲ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ହାଇଦ୍ରାବାଦ ପରେ ପ୍ରଭାବୀ ପ୍ରଦର୍ଶନ କରିଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଚେନ୍ନାଇ ବିଜୟୀ ହୋଇଥିଲା। ଏହି ମୁକାବିଲାରେ ରାୟୁଡୁ ହିରୋ ସାବ୍ୟସ୍ତ ହୋଇଥିଲେ। ତେବେ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇ ଦଳରୁ ବାଦ୍ ପଡିଥିଲେ। ସେହିପରି ଡ୍ୱେନ ବ୍ରାଭୋ କାରିବିୟାନ ପ୍ରିମିୟର ଲିଗ୍ ଖେଳିବାଠାରୁ ଆହତ ହୋଇ ଗତ ୨ଟି ମ୍ୟାଚ୍‌ରେ ବୋଲିଂ କରିପାରି ନାହାନ୍ତି। ଏବେ ଦୁଇଜଣ ଦଳରେ ସାମିଲ ହେବା ପାଇଁ ଫିଟ୍ ଥିବା ଚେନ୍ନାଇ ଟିମ୍ ମ୍ୟାନେଜମେଣ୍ଟ ତରଫରୁ କୁହାଯାଇଛି।

ଏକାଧିକ ଆଇପିଏଲ୍ ସଂସ୍କରଣରେ ଚେନ୍ନାଇ ଓ ହାଇଦ୍ରାବାଦ ପାରମ୍ପରିକ ଭାବେ ସନ୍ତୁଳିତ ରହିଆସିଛି। କିନ୍ତୁ ଏଥର ଏହି ଦୁଇ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ମିଡିଲ ଅର୍ଡରରେ ସନ୍ତୁଳନ ନ ଥିବାରୁ ପ୍ରଦର୍ଶନ ଭଲ ହୋଇପାରିନାହିଁ। ରାୟୁଡୁ ଦଳକୁ ଫେରିଲେ ଖରାପ୍ ଫର୍ମ ଦେଇ ଗତି କରୁଥିବା ମୁରଲୀ ବିଜୟ ବାଦ୍ ପଡିବେ। ତେବେ ବ୍ରାଭୋ ଦଳରେ ସାମିଲ ହେବାପରେ ପୂରା ଦଳର ଲାଇନ୍ ଅପ୍ ନେଇ ଚିନ୍ତା କରିବାକୁ ହେବ। କେଦାର ଯାଦବଙ୍କ ଦୁର୍ବଳ ପ୍ରଦର୍ଶନ ଧୋନୀଙ୍କ ପାଇଁ ଚିନ୍ତା ସୃଷ୍ଟି କରିଛି। କିନ୍ତୁ କେଦାରଙ୍କୁ ଦଳରୁ ବାଦ୍ ଦେବା ପାଇଁ ଧୋନୀଙ୍କ ପାଖରେ ବିକଳ୍ପ ମଧ୍ୟ ନାହିଁ। ନିକଟ ଅତୀତରେ କେଦାର କୌଣସି ଉଲ୍ଲେଖନୀୟ ପ୍ରଦର୍ଶନ କରିନାହାନ୍ତି। ବ୍ରାଭୋଙ୍କ ବଦଳରେ ଦଳରେ ସାମିଲ ହୋଇଥିବା ଟମ୍ କୁରାନ ପ୍ରଥମ ୩ଟି ମ୍ୟାଚ୍‌ରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଛନ୍ତି। ଉପଯୋଗୀ ଦ୍ରୁତ ବୋଲିଂ କରି କୁରାନ ବ୍ୟାଟିଂରେ ନିଜର ଚମକ ଦେଖାଇଛନ୍ତି। ତେଣୁ ବ୍ରାଭୋଙ୍କୁ ଦଳରେ ସାମିଲ କରିବାକୁ ହେଲେ ଧୋନୀଙ୍କୁ ଓପନର ଶେନ୍ ୱାଟସନ କିମ୍ବା ଦ୍ରୁତ ବୋଲର ଜୋଶ ହାଜେଲଉଡ୍‌ଙ୍କୁ ବାଦ୍ ଦେବାକୁ ହେବ। ତେବେ ଦୁବାଇର ଏହି ଟ୍ରାକ୍‌ରେ ଏହା ସମ୍ଭବ ହେବ ନାହିଁ।

ଅପରପକ୍ଷରେ ହାଇଦ୍ରାବାଦ୍ ପାଇଁ କେନ୍ ୱିଲିୟମସନଙ୍କ ଉପସ୍ଥିତି ବେଶ୍ ଲାଭଦାୟକ ହୋଇଛି। ଜନି ବେୟାରଷ୍ଟୋ ଓ ଅଧିନାୟକ ଡେଭିଡ୍ ୱାର୍ନରଙ୍କ ସମେତ ଭାରତୀୟଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍ ବେଶ୍ ଦୃଢ ମନେହେଉଛି। ବେୟାରଷ୍ଟୋ ଓ ୱାର୍ନର ବ୍ୟାଟିଂରେ ଭଲ ପ୍ରଦର୍ଶନ କରିଛନ୍ତି। ଯଦି ଟପ୍ ଅର୍ଡରରେ ବେୟାରଷ୍ଟୋ, ୱାର୍ନର ଓ ୱିଲିୟମସନ ଫେଲ୍ ମାରିନ୍ତି ତା'ହେଲେ ହାଇଦ୍ରାବାଦ ମିଡିଲ ଅର୍ଡରରେ ଜଣେ ଭାରତୀୟ ନିର୍ଭରଯୋଗ୍ୟ ବିଗ୍-ହିଟରଙ୍କୁ ଆବଶ୍ୟକ କରିବ।

**ଆଇପିଏଲ୍**
(ଶୁକ୍ରବାର ମ୍ୟାଚ)
**ଚେନ୍ନାଇ ସୁପରକିଙ୍ଗ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ**
**ସ୍ଥାନ:** ଦୁବାଇ,
**ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ




# ବଲ୍‌ରେ ସାଲିଭା ବ୍ୟବହାର କରିଥିଲେ ରବିନ ଉଥାପ୍ପା

**ଦୁବାଇ, ୧।୧୦ (ପି.ଟି.):** ରାଜସ୍ଥାନ ରୟାଲ୍ସ ଓ କୋଲକାତା ନାଇଟ ରାଇଡର୍ସ (କେକେଆର୍) ମଧ୍ୟରେ ବୁଧବାର ଖେଳାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର କୋଭିଡ୍-୧୯ ପ୍ରୋଟୋକଲ ଉଲ୍ଲଂଘନ କରାଯାଇଛି। ମ୍ୟାଚ୍ ବେଳେ ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ ରବିନ ଉଥାପ୍ପା ବଲ୍‌ରେ ସାଲିଭା (ଛେପ)ବ୍ୟବହାର କରିଥିବା ଲକ୍ଷ୍ୟ କରାଯାଇଥିଲା। ମ୍ୟାଚର ତୃତୀୟ ଓଭର ୫ମ ବଲ୍‌ରେ ସୁନୀଲ ନାରିନ୍‌ଙ୍କ ଏକ କ୍ୟାଚ ଡ୍ରପ୍ କରିବା ପରେ ମିଡ୍ ଅନ୍ ଅଞ୍ଚଳରେ ବଲ୍ ସଂଗ୍ରହ କରିବା ପରେ ଉଥପ୍ପା ବଲ୍‌ରେ ସାଲିଭା ବ୍ୟବହାର କରୁଥିବା ଲକ୍ଷ୍ୟ କରାଯାଇଥିଲା। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କୋଭିଡ୍-୧୯ ମହାମାରୀ ଯୋଗୁ ବଲ୍‌କୁ ଚକ୍‌ଚକ୍ କରିବା କ୍ଷେତ୍ରରେ ସାଲିଭା ବ୍ୟବହାର ଉପରେ କଟକଣା ଗତ ଜୁନ୍‌ରୁ ଲାଗୁ କରାଯାଇଛି। ନୂଆ ନିୟମ ସହିତ ଅଭ୍ୟସ୍ତ ନ ଥିବାରୁ ଯଦି ଜଣେ ଖେଳାଳି ସାଲିଭା ବ୍ୟବହାର କରେ ତେବେ ଅମ୍ପାୟର ତାଙ୍କୁ ମନେ ପକାଇ ଦେବେ। ଏହାର ପୁନରାବୃତ୍ତି ଦେଖିବାକୁ ମିଳିଲେ ଟିମ୍‌କୁ ଚେତାବନୀ ଦିଆଯିବ। ଖେଳର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର୍ (ଏସଓପି)ରେ ଏହା ଉଲ୍ଲେଖ ରହିଛି। ଦୁଇଥର ଚେତାବନୀ ପରେ ଏହି ଭୁଲ୍ କଲେ ୫ରନ ପେନାଲ୍ଟିର ବ୍ୟବସ୍ଥା ରହିଛି। ଯେତେବେଳେ ବଲ୍‌ରେ ସାଲିବା ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିବ ସେତେବେଳେ ଖେଳ ପୂର୍ବରୁ ବଲ୍‌କୁ ପରିଷ୍କାର କରିବା ଲାଗି ଅମ୍ପାୟର ନିର୍ଦ୍ଦେଶ ଦେବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ଅକ୍ଟୋବର ୨/୨୦୨୦ Friday, October 2/ 2020



ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ୍ ମ୍ୟାଚ୍‌ରେ ରିଟର୍ନ ଶଟ୍ ଖେଳୁଛନ୍ତି ନୋଭାକ ଜୋକୋଭିଚ୍।

# ଓଷ୍ଟାପେଙ୍କୋ, କ୍ୱିଟୋଭା ୩ୟ ରାଉଣ୍ଡରେ

**ପ୍ୟାରିସ, ୧।୧୦(ଏପି)**

ପୂର୍ବତନ ଚାମ୍ପିୟନ ଲାଟ୍‌ଭିଆର ଜେଲେନା ଓଷ୍ଟାପେଙ୍କୋ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ଦ୍ୱିତୀୟ ସିଡ୍ ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭାଙ୍କୁ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଓଷ୍ଟାପେଙ୍କୋ ପୂର୍ବରୁ କ୍ୟାରିୟରର ଏକମାତ୍ର ଗ୍ରାଣ୍ଡସ୍ଲାମ ଟାଇଟଲ ଏଠାରେ ୨୦୧୭ରେ

**ଫ୍ରେଞ୍ଚ୍ ଓପନ୍ ଟେନିସ୍**

ଜିତିଥିଲେ। ସେହିବର୍ଷ ପ୍ଲିସ୍‌କୋଭା ସେମିଫାଇନାଲରେ ପ୍ରବେଶ କରିଥିଲେ ଏବଂ ସିମୋନା ହାଲେପଙ୍କଠାରୁ ହାରି ଯାଇଥିଲେ। ଅଣସିଡେଡ ଲାଟ୍‌ଭିଆର ଓଷ୍ଟାପେଙ୍କୋ ପରବର୍ତ୍ତୀ ରାଉଣ୍ଡରେ ୨୯ତମ ସିଡ୍ ସ୍ଲୋଆନେ ଷ୍ଟିଫେନ୍ସ କିମ୍ବା ପାଉଲା ବାଡୋସାଙ୍କୁ ଭେଟିବେ। ଅନ୍ୟ ମହିଳା ସିଙ୍ଗଲ୍ସ ମ୍ୟାଚରେ ପେଟ୍ରା କ୍ୱିଟୋଭା ୬-୩, ୬-୩ ସେଟ୍‌ରେ ଜସମିନ୍ ପାଓଲିନି, ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ସୋଫିଆ କେନିନ ୩-୬, ୬-୩, ୬-୨ରେ ଆନା ବୋଗ୍‌ଡାନ, ଡାନିଏଲ ରୋଜ୍ କଲିନ୍ସ ୬-୨, ୬-୩ରେ କ୍ଲାରା ଟୌସନ, ଆରିନା ସାବାଲେଙ୍କା ୭-୬(୮/୬), ୬-୦ ସେଟ୍‌ରେ ଡାରିଆ କାସାଟକିନାଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆମେରିକାର କଲିନ୍ସଙ୍କଠାରୁ ହାରିଥିବା ଡେନ୍‌ମାର୍କର ୧୭ ବର୍ଷୀୟା କ୍ଲାରା କ୍ୱାଲିଫାଇଂ ରାଉଣ୍ଡ ମଧ୍ୟଦେଇ ଆସିଥିଲେ ହେଁ ପ୍ରଥମ ରାଉଣ୍ଡରେ ୨୧ତମ ସିଡ୍ ଜେନିଫର ବ୍ରାଡିଙ୍କୁ ହରାଇ ଉଲ୍ଲେଖନୀୟ ସଫଳତା ପାଇଥିଲେ। ୧୯୮୯ ପରେ କୌଣସି ଡେନମାର୍କ ମହିଳାଭାବେ ସେ ପ୍ରଥମଥର ପାଇଁ କୌଣସି ବଡ଼ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।



ଜେଲେନା ଓଷ୍ଟାପେଙ୍କୋ

## ଜୋକୋଭିଚ୍, ଡିମିଟ୍ରୋଭ୍‌ଙ୍କ ଅଗ୍ରଗତି

ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସର୍ବିୟାର ନୋଭାକ୍ ଜୋକୋଭିଚ୍ ୬-୧, ୬-୨, ୬-୨ ସେଟ୍‌ରେ ରିକାର୍ଡ୍ସ ବେରାନ୍‌କିସ୍‌ଙ୍କୁ ହରାଇ ହରାଇ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିପରି କ୍ରିଷ୍ଟିଆନ ଗର୍ସିନ ୬-୭(୫/୭), ୬-୨, ୭-୬(୭/୩), ୬-୪ ସେଟ୍‌ରେ ମାକ୍ସ ପୋଲମାନ୍ସଙ୍କୁ ଏବଂ ଗ୍ରିଗୋର ଡିମିଟ୍ରୋଭ୍ ୬-୪, ୭-୬(୭/୫), ୬-୧ ସେଟ୍‌ରେ ଆନ୍ଦ୍ରେଜ ମାର୍ଟିନଙ୍କୁ ହରାଇ ଦେଇଛନ୍ତି। ଅନ୍ୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ମଧ୍ୟରେ କରେନ ଖାଚାନୋଭ ୬-୧, ୬-୭(୪/୭), ୭-୬(୯/୭), ୭-୬(୭/୨) ସେଟ୍‌ରେ ଜିରି ଭେସ୍‌ଲି, ଟିଆଗୋ ମଣ୍ଟେରିଓ ୭-୬(୭/୫), ୬-୪, ୬-୧ ସେଟ୍‌ରେ ମାର୍କୋସ ଗିରନ, ପାବ୍‌ଲୋ କାରେନୋ ବୁଷ୍ଟା ୬-୩, ୬-୨, ୬-୧ ସେଟ୍‌ରେ ଗୁଇଡୋ ପିଲ୍ଲା, ମାର୍ଟିନ ଫୁକ୍ସୋଭିକ୍ସ ୭-୬(୭/୨), ୬-୩, ୭-୫ ସେଟ୍‌ରେ ଆଲବର୍ଟ ରାମୋସଙ୍କୁ ପରାସ୍ତ କରିଛନ୍ତି।

# ପୁରୁଷ ଡବଲ୍ସରେ ସରନ ପରାସ୍ତ

**ପ୍ୟାରିସ, ୧।୧୦(ପିଟି):** ଦକ୍ଷିଣ କୋରିଆର କ୍ୱନ ସୁନ୍-ଉଙ୍କୁ ସାଥିକରି ଖେଳିଥିବା ଭାରତର ଦିଭିଜ ସରନ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅଣସିଡେଡ ସରନ-କ୍ୱନ ଯୋଡ଼ି ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ୧୬ତମ ସିଡେଡ୍ କ୍ରୋଏସିଆ-ଆମେରିକା ଯୋଡ଼ି ଫ୍ରାଙ୍କୋ ସ୍କୁଗୋର ଓ ଅଷ୍ଟିନ କ୍ରାଜିସେକ୍‌ଙ୍କଠାରୁ ୨-୬, ୬-୪, ୪-୬ ସେଟ୍‌ରେ ହାରି ଯାଇଥିଲେ। ୟୁଏସ୍ ଓପନ ପରେ ଏଠାରେ କ୍ରମାଗତ ଦ୍ୱିତୀୟ ଥରପାଇ ଦିଭିଜ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି। ଅନ୍ୟତମ ଭାରତୀୟ ରୋହନ ବୋପାନ୍ନା କାନାଡ଼ାର ଡେନିସ ଶାପୋଭାଲୋଭଙ୍କୁ ପାର୍ଟନର କରି ପ୍ରଥମ ରାଉଣ୍ଡରେ ଜ୍ୟାକ ସୋକ୍ ଓ ଭାସେକ ପୋସପିସିଲଙ୍କୁ ଭେଟିବାକୁ ଯାଉଛନ୍ତି।

# ୧କୋଟି ଜରିମାନା, ୨ପଏଣ୍ଟ କାଟ୍

**ନୂଆଦିଲ୍ଲୀ, ୧।୧୦ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ବାୟୋ-ବବଲ (କ୍ରିକେଟ ଟିମ୍‌କୁ ଅନ୍ୟମାନଙ୍କଠାରୁ ଦୂରରେ ରଖିବା) ନିୟମକୁ କଡ଼ାକଡ଼ି ପାଳନ କରାଯାଉଛି। ଏହାର ଉଲ୍ଲଂଘନ କଲେ ଦଳକୁ ଏକ କୋଟି ଟଙ୍କା ଜରିମାନା ବ୍ୟତୀତ ୨ ପଏଣ୍ଟ କାଟ୍ ବ୍ୟବସ୍ଥା ରହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପ୍ରତିଯୋଗିତାରେ ଭାଗ ନେଉଥିବା ସମସ୍ତ ୮ ଫ୍ରାଞ୍ଚାଇଜ୍‌କୁ ଏବିଷୟରେ ଅବଗତ କରାଇ ଦିଆଯାଇଛି। ବବଲ ଅଞ୍ଚଳରୁ ଯଦି କୌଣସି ଖେଳାଳି ବିନା ଅନୁମତିରେ ବାହାରକୁ ଯାଇଥାନ୍ତି ତେବେ ସମ୍ପୃକ୍ତ ଖେଳାଳିଙ୍କୁ ୬ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଏହି ଅପରାଧ ଦୋହରାଇଲେ ଖେଳାଳି ଜଣଙ୍କୁ ଗୋଟିଏ ମ୍ୟାଚ୍‌ରୁ ସସ୍‌ପେଣ୍ଡ କରାଯିବ। ତୃତୀୟ ଥର ଏହି ଭୁଲ କଲେ ସମ୍ପୃକ୍ତ ଖେଳାଳିଙ୍କୁ ଟୁର୍ନାମେଣ୍ଟରୁ ସମ୍ପୂର୍ଣ୍ଣ ବିଦା କରିଦିଆଯିବ। ତାଙ୍କ ସ୍ଥାନରେ କୌଣସି ଖେଳାଳିଙ୍କୁ ବଦଳ କରାଯାଇ ପାରିବ ନାହିଁ। ଯଦି କୌଣସି ଖେଳାଳି ତାଙ୍କ ଦୈନିକ ସ୍ୱାସ୍ଥ୍ୟ ପାସ୍‌ପୋର୍ଟ ପ୍ରସ୍ତୁତ ରଖି ନ ଥାନ୍ତି, ଜିପିଏସ୍ ଟ୍ରାକ୍‌ର ପରିଧାନ ନ କରିଥାନ୍ତି ଅବା କୋଭିଡ୍-୧୯ ଟେଷ୍ଟକୁ ଏଡାଇ ଦିଅନ୍ତି ତେବେ ଭାରତୀୟ ମୁଦ୍ରାରେ ୬୦,୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ସମାନ ନିୟମ ପରିବାର ସଦସ୍ୟ ଏବଂ ଟିମ୍ ଅଫିସିଆଲଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ। ୟୁଏଇରେ ପ୍ରତି ୫ମ ଦିବସରେ ସମସ୍ତ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କର କୋଭିଡ୍ ଟେଷ୍ଟ ହେଉଛି। ବାୟୋ-ବବଲ ନିୟମ ପ୍ରତି ଯତ୍ନବାନ ହେବାକୁ ଟିମ୍ ଅଫସିଆଲମାନଙ୍କୁ କୁହାଯାଇଛି। ଯଦି ଏକ ଫ୍ରାଞ୍ଚାଇଜ୍ ଖେଳାଳି/ ସପୋର୍ଟ ଷ୍ଟାଫ୍‌ଙ୍କ ସହିତ କଥାବାର୍ତ୍ତା ହେବା ଲାଗି କୌଣସି ବ୍ୟକ୍ତିଙ୍କୁ ବବ୍‌ଲ ଭିତରକୁ ପ୍ରବେଶ ପାଇଁ ସୁଯୋଗ ଦିଅନ୍ତି ତେବେ ପ୍ରଥମ ଭୁଲ ପାଇଁ ୧ କୋଟି ଟଙ୍କା ଜରିମାନା, ଦ୍ୱିତୀୟ ଥର ଏହି କାର୍ଯ୍ୟପାଇଁ ଗୋଟିଏ ପଏଣ୍ଟ କାଟ୍‌ର ବ୍ୟବସ୍ଥା ରହିଛି। ତୃତୀୟ ଥର ଏହି ଅପରାଧ ପାଇଁ ୨ ପଏଣ୍ଟ କାଟ୍‌ର ବ୍ୟବସ୍ଥା ରାହିଛି, ଯାହାକି ଏକ ମ୍ୟାଚରେ ବିଜୟ ସହ ସମାନ। କରୋନା ମହାମାରୀ ସମୟରେ ଇଭେଣ୍ଟର ଆୟୋଜନ କରାଯାଉଥିବାରୁ ଏକାଧିକ ଥର ସ୍ୱାସ୍ଥ୍ୟ ଓ ସୁରକ୍ଷା ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ

**ବାୟୋ-ବବଲ ନିୟମ ଉଲ୍ଲଂଘନ**

ଟିମ୍‌କୁ ବିସିସିଆଇ ତଦନ୍ତର ସାମ୍ନା କରିବାକୁ ପଡ଼ିବ। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟ ଆରମ୍ଭ ହେବାପୂର୍ବରୁ କୋଭିଡ୍ ଟେଷ୍ଟରେ ୨ ଖେଳାଳିଙ୍କ ସମେତ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର୧୩ଜଣ ସଦସ୍ୟ ବିଫଳ ହାଇଥିଲେ। ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ ପରେ ସେମାନେ ସମସ୍ତେ ସୁସ୍ଥ ହୋଇଥିଲେ।

# ସ୍ପେନ୍ ଟେନିସ ଖେଳାଳି ୪ ବର୍ଷ ବାସନ୍ଦ

**ଲଣ୍ଡନ,୧।୧୦(ଏପି)**

ପ୍ରଥମଥର ଏକ ଭିନ୍ନ କାରଣ ପାଇଁ ସ୍ପେନର ଜଣେ ଟେନିସ ଖେଳାଳି ଗେରାର୍ଡ ଜୋଶେଫ୍ ପ୍ଲଟେରୋ ରୋଡ୍ରିଗ୍ୱେଜ ୪ ବର୍ଷ ପାଇଁ ବାସନ୍ଦ ହୋଇଛନ୍ତି। କୋର୍ଟସାଇଡିଂ ଅଭିଯୋଗରେ ସେ ପ୍ରଥମ ଖେଳାଳିଭାବେ ବାସନ୍ଦ ହୋଇଛନ୍ତି। କୋର୍ଟସାଇଡିଂ ଅର୍ଥ ହେଲା ଏକ ଲାଇଭ୍ ମ୍ୟାଚ୍‌ର ସ୍କୋରିଂ ଡାଟା ଅନ୍ୟ ଜଣକୁ ପ୍ରଦାନ କରିବା। ଖାସ୍ କରି ବେଟିଂ କରିବା ଲକ୍ଷ୍ୟରେ ଏହା କରାଯାଇଥାଏ। ତେବେ ଏହାକୁ ବହୁ ପୂର୍ବରୁ ବାରଣ କରାଯାଇଛି। ବାସନ୍ଦ ହେବା ସହ ରୋଡ୍ରିଗ୍ୱେଜ୍ ୧୫ ହଜାର ଆମେରିକୀୟ ଡଲାର ଜରିମାନାର ସମ୍ମୁଖୀନ ହୋଇଛନ୍ତି। ଯଦି ସେ ଟେନିସ ଆଣ୍ଟି କରପଶନ ପ୍ରୋଗ୍ରାମର କୌଣସି ଆଚରଣ ବିଧି ଉଲ୍ଲଂଘନ ନ କରନ୍ତି ତେବେ ତାଙ୍କ ବାସନ୍ଦ ଅବଧିର ୬ ମାସ ସମୟକୁ ବାତିଲ କରାଯିବ ବୋଲି ଟେନିସ ଇନଟିଗ୍ରିଟି ୟୁନିଟ୍ ତରଫରୁ କୁହାଯାଇଛି। ୨୦୧୯ ଜୁଲାଇରେ ପେନ୍‌ସିଲଭାନିଆର ପିଟ୍ସବର୍ଗଠାରେ ଅନୁଷ୍ଠିତ ଆଇଟିଏଫ୍ ଟୁର୍ନାମେଣ୍ଟରେ ସେ କୋର୍ଟସାଇଡିଂ କରିଥିଲେ। ଏ ନେଇ ତଦନ୍ତ ମଧ୍ୟ ହୋଇଥିଲା ଓ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୯ ଜୁନ୍‌ରେ ରୋଡ୍ରିଗ୍ୱେଜ ଟେନିସ ମ୍ୟାଚ୍ ଅବସରରେ ୭୫ଟି ଅନ୍‌ଲାଇନ୍ ବେଟ୍‌ରେ ସାମିଲ ରହିଥିଲେ। ସେ ମଧ୍ୟ ତଦନ୍ତରେ କୌଣସି ସହଯୋଗ କରି ନ ଥିଲେ ବୋଲି ଟେନିସ ଇଣ୍ଟିଗ୍ରିଟି ୟୁନିଟ୍ ତରଫରୁ କୁହାଯାଇଛି।




# ମୁମ୍ବାଇ ଇଣ୍ଡିଆନ୍ସର ଦ୍ୱିତୀୟ ବିଜୟ

**ଆବୁଧାବି, ୧।୧୦**

ଅଧିନାୟକ ରୋହିତ ଶର୍ମା, କିରନ ପୋଲାର୍ଡ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିସ୍ଫୋରକ ବ୍ୟାଟିଂ ପରେ ବୋଲରଙ୍କ ସଫଳତା ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗୁରୁବାର କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୪୮ ରନରେ ପରାସ୍ତ କରିଛି। ବିଜୟ ପାଇଁ ୧୯୨ ରନ ଧାର୍ଯ୍ୟ ଥିବାବେଳେ ପଞ୍ଜାବ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ କରି ପାରିଥିଲା। ଚଳିତ ସିଜନରେ ୪ ମ୍ୟାଚରୁ ମୁମ୍ବାଇର ଏହା ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ପଞ୍ଜାବର ୪ ମ୍ୟାଚରୁ ତୃତୀୟ ପରାଜୟ।

**କିରନ ପୋଲାର୍ଡ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ପଞ୍ଜାବର ବଡ଼ ପାର୍ଟନରଶିପ୍ ହୋଇପାରି ନ ଥିଲା। ମୟଙ୍କ ଅଗ୍ରୱାଲ ୨୫, କରୁଣ ନାୟାର (୦), ଅଧିନାୟକ ଲୋକେଶ ରାହୁଲ (୧୭), ଗ୍ଲେନ ମ୍ୟାକ୍ସୱେଲ ୧୧, ଜେମ୍ସ ନିସାମ ୭ ରନ କରି ଆଉଟ ହୋଇଥିବାବେଳେ ନିକୋଲାସ ପୁରନ ସର୍ବାଧିକ ୪୪(୨୭ ବଲ, ୩ ଚୌକା, ୨ ଛକା) ରନ କରି ପାରିଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମ୍‌ରା, ରାହୁଲ ଚହର, ଜେମ୍ସ ପ୍ୟାଟିନସନ ୨ଟି ଲେଖାଏ ଏବଂ କ୍ରୁନାଲ ପାଣ୍ଡ୍ୟା, ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ରୋହିତଙ୍କ ୫୦୦୦ ରନ

ଟସ୍ ଜିତି ପଞ୍ଜାବ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପୂର୍ବ ମ୍ୟାଚରେ ନିଜ ଶେଷ ଓଭରରେ ୩୦ ରନ ବ୍ୟୟ କରିଥିବା ଶେଲଡନ କଟ୍ରେଲ ଏଠାରେ କିନ୍ତୁ ଚମତ୍କାର ଆରମ୍ଭ କରିଥିଲେ। ସେ ପଞ୍ଜାବ ପକ୍ଷରୁ ନୂଆ ବଲ୍ ବୋଲିଂ କରି ପ୍ରଥମ ଓଭରକୁ ମେଡେନ ନେବା ସହିତ କ୍ୱିଣ୍ଟନ ଡିକକ୍‌ଙ୍କ ଉଇକେଟ ପାଇଥିଲେ। ଦ୍ୱିତୀୟ ଓଭର ବୋଲିଂ କରିଥିବା ମହମ୍ମଦ ସାମିଙ୍କ ପ୍ରଥମ ବଲ୍‌ରେ ଚୌକା ମାରି ରୋହିତ ଆଇପିଏଲ୍‌ରେ ୫୦୦୦ ରନ ପୂରଣ କରିଥିଲେ। ସେ ଏଥିପାଇଁ ୧୯୨ ମ୍ୟାଚ ଏବଂ ୧୮୭ ଇନିଂସର ସହାୟତା ନେଇଥିଲେ। ପୂର୍ବରୁ ବିରାଟ କୋହଲି (୫,୪୩୦) ଓ ସୁରେଶ ରାଇନା(୫,୩୬୮) ଏହି କ୍ଲବର ସଦସ୍ୟ ଅଛନ୍ତି। ଦଳୀୟ ସ୍କୋର ୨୧ ଥିବାବେଳେ ଯାଦବ ଦୁର୍ଭାଗ୍ୟଜନକଭାବେ ମହମ୍ମଦ ସାମିଙ୍କ ଡାଇରେକ୍ଟ ଥ୍ରୋରେ ରନଆଉଟ ହୋଇଯାଇଥିଲେ। ସେ ୭ ବଲ୍‌ରୁ ୧୦(୨ ଚୌକା) ରନ କରିଥିଲେ। ଚମତ୍କାର ଫର୍ମର ସୂଚନା ଦେଇ ପୂର୍ବ ମ୍ୟାଚରେ ୯୯ ରନ କରି ଆଉଟ ହୋଇଥିବା ଇଶାନ ଏଠାରେ ମଧ୍ୟ ଦୃଢ଼ ଆତ୍ମବିଶ୍ୱାସର ସହିତ ଆରମ୍ଭ କରିଥିଲେ। ମାତ୍ର ତୃତୀୟ ଉଇକେଟରେ ୬୨ ରନ ଯୋଗ ହେବାପରେ ସେ କ୍ରିଷ୍ଣାପ୍ପା ଗୋଥାମଙ୍କ ବଲ୍‌କୁ ସ୍ଲଗ୍ ସୁଇପ୍ ଖେଳିବାକୁ ଯାଇ ଡିପ୍ ମିଡ୍ ଉଇକେଟରେ କରୁଣ ନାୟାରଙ୍କୁ କ୍ୟାଚ ଦେଇଥିଲେ। କିଶନ ୩୨ଟି ବଲ୍ ଖେଳି ୨୮ (୧ ଚୌକା, ୧ ଛକା) ରନ ସ୍କୋର କରିଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ରୋହିତ୍ ଶର୍ମା (ଡାହାଣ)।

## ରିଲେ କ୍ୟାଚ

୧୫ ଓଭର ବେଳକୁ ମୁମ୍ବାଇ ୩ ଉଇକେଟ ହରାଇ ୧୦୨ ରନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ରୋହିତ ୧୬ତମ ଓଭର(ଜେମ୍ସ ନିସାମ)ରେ ୨ ଚୌକା ଓ ୨ ଛକା ସହ ୨୨ ରନ ସଂଗ୍ରହ କରିଥିଲେ। ତେବେ ୧୭ତମ ଓଭର ବୋଲିଂ କରିଥିବା ମହମ୍ମଦ ସାମିଙ୍କ ପ୍ରଥମ ବଲ୍‌ରେ ଏକ ଚିତ୍ତାକର୍ଷକ କ୍ୟାଚରେ ଆଉଟ ହୋଇଥିଲେ ଅଧିନାୟକ। ଚଳିତ ଆଇପିଏଲ୍‌ରେ ପ୍ରଥମଥରପାଇଁ ରିଲେ କ୍ୟାଚ ଦେଖିବାକୁ ମିଳିଥିଲା। ବାଉଣ୍ଡାରି ନିକଟରେ ଫିଲ୍ଡିଂ କରୁଥିବା ଗ୍ଲେନ ମ୍ୟାକ୍ସୱେଲ କ୍ୟାଚ ଧରିବାପରେ ନିୟନ୍ତ୍ରଣରେ ରହିପାରି ନ ଥିଲେ। ଫଳରେ ସେ ବାଉଣ୍ଡାରି ବାହାରକୁ ଚାଲିଯିବା ପୂର୍ବରୁ ବଲ୍‌କୁ ପଛକୁ ଫିଙ୍ଗିଦେଇଥିଲେ। ଲଙ୍ଗଅନ୍‌ରେ ଫିଲ୍ଡ କରୁଥିବା ନିସାମ ତାଙ୍କୁ ଅନୁଧାବନ କରୁଥିବାରୁ ବଲ୍‌କୁ ଧରିବାରେ ସକ୍ଷମ ହୋଇଥିଲେ। ଫଳରେ ୪୫ ବଲ୍‌ରୁ ୮ ଚୌକା ଓ ୩ ଛକା ସହାୟତାରେ ୭୦ ରନ କରି ରୋହିତଙ୍କୁ କ୍ରିଜ୍ ଛାଡ଼ିବାକୁ ପଡ଼ିଥିଲା। ମୁମ୍ବାଇ ୧୮ତମ ଓଭରରୁ ୧୮, ୧୯ତମ ଓଭରରୁ ୧୯ ଓ ୨୦ତମ ଓଭରରୁ ୨୫ରନ ସଂଗ୍ରହ କରିଥିଲା। ଅସମାପ୍ତ ୫ମ ଉଇକେଟ ଯୋଡ଼ିରେ କିରନ ପୋଲାର୍ଡ ଓ ହାର୍ଦ୍ଦିକ ପାଣ୍ଡ୍ୟା ୬୭ ରନ ଯୋଗ କରିବାରୁ ମୁମ୍ବାଇ ସ୍କୋର ୧୯୧ରେ ପହଞ୍ଚି ଯାଇଥିଲା। ପୋଲାର୍ଡ ୨୦ ବଲ୍‌ରୁ ୪୭(୩ ଚୌକା, ୪ ଛକା) ଓ ହାର୍ଦ୍ଦିକ ୧୧ ବଲ୍‌ରୁ ୩୦(୩ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଶେଷ ୫ ଓଭରରେ ୮୯ ରନ ସ୍କୋର ହୋଇଥିଲା। ପଞ୍ଜାବ ପକ୍ଷରୁ କଟ୍ରେଲ, ସାମି, କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୯୧/୪ (ରୋହିତ-୭୦, ପୋଲାର୍ଡ-୪୭*, ହାର୍ଦ୍ଦିକ-୩୦*, କିଶନ-୨୮, କଟ୍ରେଲ-୧/୨୦, ସାମି-୧/୩୬, ଗୋଥାମ-୧/୪୫)।
- କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୪୩/୮ (ପୁରନ-୪୪, ମୟଙ୍କ-୨୫, ବୁମ୍‌ରା-୨/୧୮, ରାହୁଲ ଚହର-୨/୨୬, ପ୍ୟାଟିନସନ-୨/୨୮, କ୍ରୁନାଲ-୧/୨୭, ବୋଲ୍ଟ-୧/୪୨)।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ